

ପଦ୍ମିନୀଙ୍କୁ ଜାତୀୟ ଚେସ୍ ଟାଇଟଲ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-265 ♦TUESDAY ♦24 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୫ ♦ମଙ୍ଗଳବାର ♦୨୪ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଜୁନ୍‌ରେ ଗଠନ ହେବ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କମିଟି

# ୭୦୦ ଟପିବ ଲୋକସଭା ଆସନ

## ୩୦ ଛୁଇଁବ ଓଡ଼ିଶାର ସଂସଦୀୟ କ୍ଷେତ୍ର, ୨୧୦ ହେବ ବିଧାନସଭା ଆସନ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୩ (ସମିସ): ଆସନ୍ତା ମାସରୁ ଦେଶରେ ଜନଗଣନା କାର୍ଯ୍ୟ ବିଧିବଦ୍ଧ ଆରମ୍ଭ ହେବ। ଏହି ଜନଗଣନା କାର୍ଯ୍ୟ କେବେ ସରିବ ଓ କେତେଦିନ ଚାଲିବ ତାହାର ନିଶ୍ଚିତତା ନାହିଁ । ତେଣୁ ଜନଗଣନା ରିପୋର୍ଟକୁ ଅପେକ୍ଷା ନ କରି ଆସନ୍ତା ୨୦୨୯ରେ ଦେଶରେ ପ୍ରସ୍ତାବିତ 'ଏକ ଦେଶ, ଏକ ନିର୍ବାଚନ' ପାଇଁ କେନ୍ଦ୍ର ସରକାର ଆରମ୍ଭ


**ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ**

**ସଂସଦର ଚଳିତ ଅଧିବେଶନରେ ଆସିବ ସମ୍ବିଧାନ ସଂଶୋଧନ ବିଧେୟକ**

**କୌଣସି ରାଜ୍ୟର ଆସନ ସଂଖ୍ୟାକୁ ପ୍ରଭାବିତ କରିବନି ଜନସଂଖ୍ୟା ହ୍ରାସବୃଦ୍ଧି**

କରିଛନ୍ତି ପ୍ରସ୍ତୁତି । ୨୦୧୧ରେ ବିଭିନ୍ନ ରାଜ୍ୟରେ ରହିଥିବା ବିଧାନସଭା ଓ ଲୋକସଭା ଆସନ ସଂଖ୍ୟା ୫୦% ବୃଦ୍ଧି ପାଇଁ କେନ୍ଦ୍ର ସରକାର ଆପାତତଃ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଆସନ୍ତା ଜୁନ୍ ମାସରୁ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ ।ତେଣୁ ସମ୍ବିଧାନ ସଂଶୋଧନ କରାଯାଇ ସୀମା ନିର୍ଦ୍ଧାରଣ ନିମନ୍ତେ କମିଶନ ଗଠନ କରାଯିବ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି ଯୋଜନା।

ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁସାରେ ସଂସଦର ଚଳିତ ଅଧିବେଶନରେ କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ କମିଶନ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିବେ। ଅନୁରୂପ ଭାବେ ୨୦୨୯ରୁ କାର୍ଯ୍ୟକାରୀ ହେବାକୁଥିବା ମହିଳା ସଂରକ୍ଷଣ ଆଇନରେ ମଧ ସଂଶୋଧନ ପ୍ରସ୍ତାବ ଆସିବ । ପ୍ରତ୍ୟେକ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନରେ ହାରାହାରି ୫୦% ବୃଦ୍ଧି କରାଯିବ ଏବଂ ସ୍ଥଳ ବିଶେଷରେ ୧୦%




ଆସନ ଏପଟସେପଟ ହୋଇପାରେ। ଏହାଦ୍ୱାରା ଜନସଂଖ୍ୟା ହ୍ରାସ ବୃଦ୍ଧି ଯୋଗୁଁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ହ୍ରାସ ନେଇ ଉପୁଜିଥିବା ଆଶଙ୍କା ଦୂର ହେବ ଏବଂ ୫୦% ଆସନ ବୃଦ୍ଧି ନୀତି ସାରା ଦେଶରେ କାର୍ଯ୍ୟକାରୀ ହେବ। ପୁନଶ୍ଚ ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଜନଗଣନା ସହ ସଂଯୋଗ କରାଯିବ ନାହିଁ । ମାତ୍ର ମହିଳାମାନଙ୍କ ପାଇଁ ଉଭୟ ଲୋକସଭା ଓ ବିଧାନସଭାରେ ୩୩% ସଂରକ୍ଷଣ ରହିବ। ଅନୁରୂପ ଭାବରେ ସଂରକ୍ଷିତ ବର୍ଗ ନିମନ୍ତେ ଆସନ ମଧ୍ୟରେ ମହିଳାଙ୍କ ପାଇଁ ସଂରକ୍ଷଣକୁ ନିଶ୍ଚିତ କରାଯିବ, ଅର୍ଥାତ୍ ଅନୁସୂଚୀତ ଜାତି ଓ ଜନଜାତି ଆସନରୁ ୩୩% ଆସନ ସେହି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷଣ କରାଯିବ। ତେବେ କେଉଁ ରାଜ୍ୟରେ କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ହେବ ସେଥିପାଇଁ ଲଟେରୀ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି ।

ସଂସଦୀୟ ଓ ବିଧାନସଭା କ୍ଷେତ୍ର ପୁନଃନିର୍ଦ୍ଧାରଣ ସ।ଥେ ଜନଗଣନା ଜାରି ରହିବ ବୋଲି ମଧ ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୀମା ନିର୍ଦ୍ଧାରଣ କମିଶନ ଆଇନ ଓ ମହିଳା ସଂରକ୍ଷଣ ଆଇନର ସଂଶୋଧନ ଆବଶ୍ୟକ ଥିବାରୁ ତାହାକୁ ଚଳିତ ଅଧିବେଶନରେ ଗୃହରେ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଏହି ବିଧେୟକ ସଂସଦରେ ଗୃହୀତ ହେବା ପରେ ଜୁନ୍ ମାସରୁ ସୀମା ନିର୍ଦ୍ଧାରଣ କମିଶନ ଗଠନ ସହ ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ ।କେନ୍ଦ୍ର ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ଲୋକସଭା ଆସନ ୧୪୭ରୁ ବୃଦ୍ଧି ପାଇ ୨୧୦ରୁ ୨୨୧ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ସେହିପରି ସଂସଦୀୟ କ୍ଷେତ୍ରଗୁଡ଼ିକର ସଂଖ୍ୟା ୨୧ରୁ ୩୧କୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି । ସେହିପରି ମହିଳାମାନଙ୍କ ପାଇଁ ବିଧାନସଭାରେ ଅନ୍ୟୂନ ୭୦ଟି ଓ ଲୋକସଭାରେ ଅନ୍ୟୂନ ୧୦ଟି ଆସନ ସଂରକ୍ଷିତ ହେବାର ସମ୍ଭାବନା ରହିଛି ।

# ଧମକ ଦେଇ ନଇଁଲେ ଟ୍ରମ୍ପ

■ ତେହରାନ/ୱାସିଂଟନ, ୨୩।୩ (ଏଜେନ୍ସି): ୪୮ ଘଣ୍ଟା ଭିତରେ ହର୍ମୁଜ ସମୁଦ୍ର ପଥ ନଖୋଲିଲେ ଇରାନର ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ଧ୍ୱଂସ କରି ଦିଆଯିବ ବୋଲି ଧମକ ଦେଇଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଆଜି ହଠାତ ନରମି ଯାଇଛନ୍ତି। ସେ କହିଛନ୍ତି ଯେ ଇରାନ ସହିତ କଥାବାର୍ତ୍ତା ଫଳପ୍ରଦ ହେଉଥିବାରୁ ଆଗାମୀ ୫ ଦିନ ପାଇଁ ଇରାନ ଶକ୍ତି ପ୍ରତିଷ୍ଠାନ ଉପରେ ଆମେରିକା ଆକ୍ରମଣ କରିବ ନାହିଁ। ଏହି




- ■ ଇରାନର ଶକ୍ତି କେନ୍ଦ୍ରରେ ୫ ଦିନ ଯାଏ ହେବନି ଆକ୍ରମଣ
- ■ ଇରାନର କଟାକ୍ଷ: ଡରିଗଲେ ଟ୍ରମ୍ପ
- ■ ସମୁଦ୍ରରେ ମାଇନ ବିଛାଇବୁ ଧମକ

କଥାବାର୍ତ୍ତା ଯୁଦ୍ଧ ବନ୍ଦ କରିବାରେ ସହାୟକ ହୋଇପାରେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଟ୍ରମ୍ପଙ୍କ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଏବେ ଆମେରିକା ସହିତ କୌଣସି ପ୍ରକାର ଆଲୋଚନା ହେଉନାହିଁ। ପଡ଼ୋଶୀ ଦେଶ ଉପରେ ଆକ୍ରମଣ କରିବା ସହିତ ସମଗ୍ର ପାରସ୍ୟ ଉପସାଗରରେ ମାଇନ୍ସ ବିଛାଇବା ଲାଗି ଇରାନର ଧମକ ପରେ ଟ୍ରମ୍ପ ନଇଁଛନ୍ତି। ଏହାସହିତ ଇରାନ ପୁଣି ଧମକ ଦେଇଛି ଯେ ଏହାର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ଉପସାଗରୀୟ ଦେଶରେ ଆମେରିକାର ସାମରିକ ଘାଟି ନିକଟରେ ଥିବା ସମସ୍ତ ବିଦ୍ୟୁତ ଯୋଗାଣ କେନ୍ଦ୍ରକୁ ଧ୍ୱଂସ କରି ଦିଆଯିବ। ଏହାସହିତ ହର୍ମୁଜକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଆଯିବ।

ହର୍ମୁଜକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ି ଚାଲିଥିବା ବେଳେ ଟ୍ରମ୍ପ ଗତକାଲି ଇରାନକୁ ଧମକ ଦେଇଥିଲେ। ଇରାନ ମଧ ଆମେରିକା ଓ ଇସ୍ରାଏଲକୁ ପାଲଟା ଧମକ ଦେଇଥିଲା। ଇରାନ କହିଥିଲା ଯେ ହର୍ମୁଜ ଦେଇ ଜାହାଜ ▶ପୃଷ୍ଠା-୭

## ହର୍ମୁଜ ମାର୍ଗ ବନ୍ଦକୁ ଗ୍ରହଣ କରାଯିବନି: ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବନ୍ଦ କରିବାକୁ ରାଜି ହେଉ ନ ଥିବାରୁ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଯୁଦ୍ଧ ସ୍ଥିତି ଉପରେ ଆଜି ଲୋକସଭାରେ



- ● ସର୍ବସାଧାରଣ ସ୍ଥାନ ଓ ଶକ୍ତି ପ୍ରତିଷ୍ଠାନ ଉପରେ ଆକ୍ରମଣକୁ ବିରୋଧ
- ● ୪୧ ଦେଶରୁ ତୈଳ-ଗ୍ୟାସ୍ ଆମଦାନୀ କରୁଛି ଭାରତ
- ● ସଙ୍କଟ ସମୟରେ ଏକଜୁଟ ହେବାକୁ ରାଜନୈତିକ ଦଳଙ୍କୁ ଅନୁରୋଧ

ତାଙ୍କର ମନ୍ତବ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆ।ରେ ଉତ୍ତେଜନା ବନ୍ଦ ହେବା ଉଚିତ। ଆଲୋଚନା ମାଧମରେ ସମସ୍ୟାର ସମାଧାନ ହେଉ। ଏହାକୁ ନେଇ ପଶ୍ଚିମ ଏସିଆର ପ୍ରମୁଖ ନେତାମାନଙ୍କ ସହ କଥା ହୋଇଛି। ସମସ୍ତଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଛି। ସର୍ବସାଧାରଣ ସ୍ଥାନ ଏବଂ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ। ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ମଧ ଗ୍ରହଣ କରାଯାଇପାରିବ ନାହିଁ। ଏହି ମାର୍ଗ ଦେଇ ଅନେକ ଜାହାଜ ଭାରତ ଆସିଛି। ଯୁଦ୍ଧ ମଧ୍ୟରେ ଏହି ଗ୍ରୀଷ୍ମ ଋତୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ▶ପୃଷ୍ଠା-୭

### ୫ ଦିନ ହେଲା ସ୍ୱାଭାବିକ ହୋଇ ପାରୁନାହିଁ ଗୃହ କାର୍ଯ୍ୟ

# ବିଧାନସଭାରେ ଥମୁନି ଏସ୍‌ସିବି ନିଆଁ

■ ଭୁବନେଶ୍ୱର,୨୩।୩(ସମିସ): ବିଧାନସଭାରେ ଜଳୁଛି ଏସ୍‌ସିବି ନିଆଁ। ପାଞ୍ଚ ଦିନ ହେଲା ଏହି ନିଆଁ ଲିଭିବାର ନାଁ ଧରୁନି। ୧୬ ତାରିଖରେ ଘଟିଥିବା ଏସସିବି ଅଗ୍ନିକାଣ୍ଡ ଘଟଣା ପରଠାରୁ ଲଗାତାର ଭାବେ ବିଧାନସଭାରେ ହଟ୍ଟଗୋଳ ଜାରି ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ରହିଛନ୍ତି। ଏପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଉ ନାହାନ୍ତି କି ସରକାର ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଯୋଗ୍ୟତା ନ ଥିବା ସ।ତ୍ତ୍ୱେ ନିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ କାହିଁକି ସରକାର ଘଣ୍ଟ ଘୋଡ଼ାଉଛନ୍ତି, ତାହା


**ଏସ୍‌ସିବି ଅଧୀକ୍ଷକଙ୍କୁ ସରକାର ସୁରକ୍ଷା ଦେଉଥିବା ସନ୍ଦେହ**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଛନ୍ତି ବିରୋଧୀ**

**ସର୍ବଦଳୀୟ ବୈଠକ ପରେ ବି ବାହାରି ପାରୁନି ନିଷ୍କର୍ଷ**

ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି । ଗତକାଲି ଉଚ୍ଚସ୍ତରୀୟ ବଦଳି ସମୟରେ ଅଭିଯୋଗ ନ ଥିବା ଅନ୍ୟ ବରିଷ୍ଠ ଡ଼ାକ୍ତରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ସୁରକ୍ଷା ଦିଆଯିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ଯାହା ଫଳରେ ବିଗତ ୪ ଦିନ ହେବ ବିଧାନସଭାରେ ଲାଗି ରହିଥିବା ସ୍ଥିତି।ରେ ଆଜି ବି ପରିବର୍ତ୍ତନ ହୋଇ ନାହିଁ। ଆଜି ମଧ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଗୃହ କମ୍ପାଇଛନ୍ତି। ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଳତବୀ ପ୍ରସ୍ତାବ ଆଲୋଚନା ଧୋଇଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବିନା ବିରୋଧୀଙ୍କ ଉପସ୍ଥିତିରେ ଦୁଇଟି ବିଭାଗର ଖର୍ଚ୍ଚଦାବି ବିଲ୍ ପାରିତ ହୋଇଛି।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ସରକାର ୪ ଜଣ ▶ପୃଷ୍ଠା-୭



## ବିଦ୍ୟୁତ ଆଘାତରେ ଶ୍ରମିକ ଦମ୍ପତି ମୃତ

■ ରାଉରକେଲା, ୨୩।୩ (ସମିସ): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ଗାଁରେ ବିଦ୍ୟୁତ୍ ଆଘାତରେ ଆଜି ଏକ ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଲେଫ୍ରିପଡ଼ା ଥାନା ଛୋଟଭଙ୍ଗା ଗାଁର ଅନନ୍ତ କଇଁସରିଆ (୬୦) ଏବଂ ତାଙ୍କ ପତ୍ନୀ ସୁମିତ୍ରା କଇଁସରିଆ(୫୮)। ସେମାନଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ସଦର ଥାନା ଅନ୍ତର୍ଗତ ଭେଡ଼ାବାହାଲ ଗାଁର ଦିଗାମ୍ବରଙ୍କ ଘର ନିର୍ମାଣ କାର୍ଯ୍ୟରେ ଅନନ୍ତ ମିସ୍ତ୍ରୀ ଭାବେ କାମ କରୁଥିଲେ। ତାଙ୍କ ପତ୍ନୀ ସୁମିତ୍ରା କଇଁସରିଆ ଏବଂ ଅନ୍ୟ ଜଣେ ମହିଳା ▶ପୃଷ୍ଠା-୭




# ସ୍ତ୍ରୀକୁ ପୋଡ଼ି ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ଦେବଗଡ଼, ୨୩।୩(ସମିସ)



କୁଣ୍ଡେଇଗୋଲା ଥାନା ଖଇରପାଲି ଫାଣ୍ଡି ଅଧୀନ ମଲାରବାହାଲ ଗାଁରେ ପାରିବାରିକ କଳହରୁ ନୃଶଂସ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ସୋମବାର ମଧ୍ୟାହ୍ନରେ ଧାନ ବିଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ କରାଯାଇଥିଲା। ଏନେଇ ୧୧୨ ଯୋଗେ ଫୋନ କଲରୁ ସୂଚନା ପାଇ ଖଇରପାଲି ମହିଳା ପୁଲିସ ନିରୀକ୍ଷିକା ବିଷ୍ଣୁପ୍ରିୟା ରଣା ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ମୃତ ମହିଳା ଜଣକ ଉକ୍ତ ଗାଁର ଯଶୋବନ୍ତ ସାହୁ (୫୫)ଙ୍କ ପତ୍ନୀ ଲକ୍ଷ୍ମୀ ସାହୁ (୫୦) ବୋଲି ଜାଣିବାକୁ ପାଇଥିଲେ। ସ୍ୱାମୀ ଯଶୋବନ୍ତ ସାହୁ (୫୫)କୁ ପୁଲିସ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ବିଗତ ୨୪ ଘଣ୍ଟାରୁ ଧାନ ବିଲରେ ମୃତଦେହ ପଡ଼ିରହିଥିବା ବେଳେ ସାଇଣ୍ଟିଫିକ ଟିମକୁ ପୁଲିସ ଅପେକ୍ଷା କରି ମୃତଦେହକୁ ଜଗି ରହିଛି। ସୂଚନା ଅନୁଯାୟୀ, ୨୦୦୦ ମସିହାରେ ମେଣ୍ଢାପାଲି ଗାଁର ବୁଧୁ ସାହୁଙ୍କ ଝିଅ ଲକ୍ଷ୍ମୀ ସାହୁ (୫୦)ଙ୍କୁ ମଲାରବାହାଲ ଗାଁର ଯଶୋବନ୍ତ ସାହୁ ବିବାହ କରିଥିଲେ। ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ କୌଣସି ସନ୍ତାନସନ୍ତତି ନ ହେବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ପ୍ରାୟ ୨ ବର୍ଷ ପୂର୍ବେ ଯଶୋବନ୍ତ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ଏକ ବର୍ଷ ପରେ ଦ୍ୱିତୀୟ ସ୍ତ୍ରୀ ଯଶୋବନ୍ତଙ୍କୁ ଛାଡି ଚାଲି ଯିବା ପରେ ସେ ପ୍ରଥମ ସ୍ତ୍ରୀ ମୃତ ଲକ୍ଷ୍ମୀ ସହ ନିଜ ଘରେ ରହିଆସୁଥିଲେ। ଗତକାଲି ସକାଳେ କୌଣସି କାରଣକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ହୋଇଥିଲା। ଏହାପରେ ରାତିରୁ ଲକ୍ଷ୍ମୀ ଘରୁ ଚାଲି ଯାଇଥିବା [illegible] ପ୍ରକାଶ କରିଛି। ତେବେ ଆସନ୍ତାକାଲି ସାଇଣ୍ଟିଫିକ ଟିମର ତଦନ୍ତ ସହ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଏସଡିପିଓ ରମେଶ ମାହାନା ପ୍ରକାଶ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟର ସମସ୍ତ ଶ୍ରେଣୀରେ ଅତିରିକ୍ତ ସେକ୍ସନ ଦାବି

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିଧାୟକଙ୍କ ଦାବିପତ୍ର

ଦେବଗଡ଼, ୨୩।୩(ସମିସ): ସ୍ଥାୟୀ କୋଠା ନଥିବାରୁ ଦେବଗଡ଼ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଦୀର୍ଘବର୍ଷ ହେଲା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥାୟୀ କୋଠରିରେ ଚାଲିଆସୁଛି। ତେବେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ କୋଠରି ଅଭାବରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ନିମନ୍ତେ କେବଳ ଗୋଟିଏ ଲେଖାଏଁ ସେକ୍ସନ ରହିଛି। ଫଳରେ ଆସନ ଅଭାବରୁ ବହୁ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭଳି ଶିକ୍ଷାନୁଷ୍ଠାନରେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ସମ୍ବଲପୁର ଲୋକସଭା ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଦେବଗଡ଼ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ଏହାପରେ ଯୁଦ୍ଧକାଳୀନ ଭିତିରେ ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠାକୁ ସ୍ଥାନାନ୍ତରିତ ହେଲେ ଆଉ ସ୍ଥାନାଭାବ କିମ୍ବା ଶ୍ରେଣୀ କୋଠରିର ଅଭାବ ରହିବ ନାହିଁ। ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ ଲେଖାଏଁ ଅତିରିକ୍ତ ଶ୍ରେଣୀ କୋଠରି ସେକ୍ସନ ଖୋଲାଗଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନର ଗୁଣବତ୍ତା ବଜାୟ ରଖିବା ସହଜସାଧ୍ୟ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଦେବଗଡ଼ ବିଧାୟକ ଗୋମାଙ୍ଗ ରାଜନ ବିଶ୍ୱାଳ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଡାକବଙ୍ଗଳାରେ ସାକ୍ଷାତ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିବାସହ ନୂତନ କୋଠାରେ ସମସ୍ତ ଶ୍ରେଣୀ ପାଇଁ ଗୋଟିଏ ଲେଖାଏଁ ଅତିରିକ୍ତ ବିଭାଗ(ସେକ୍ସନ) ଖୋଲିବାକୁ ଦାବି କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟ ଏନେଇ ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ତାଙ୍କ ଅଧୀନସ୍ଥ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବିଧାୟକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ଦେବଗଡ଼, ୨୩।୩(ସମିସ): କୁଣ୍ଡେଇଗୋଲା ଥାନା ପୁଲିସ ସୋମବାର ଧଉରାଖମନ ଗାଁର କେଶବ ହେମ୍ବ୍ରମ (୩୦) ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଏକ ସିଙ୍ଗଲ ବ୍ୟାରେଲ ଦେଶୀ



ବନ୍ଧୁକ ଓ ଗନ୍ ପାଉଡର ସହିତ ଏକ ବାଇକ ଜବତ କରିଛି। ଏଥିସହ କେଶବକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ଅନୁଯାୟୀ, ଗତକାଲି ରାତ୍ରିରେ କୁଣ୍ଡେଇଗୋଲା ଥାନା ପୁଲିସ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ (ଓଡି୧୯ବିଏଲ୪୫) ଯୋଗେ କେଶବ ଜିରୋ ପଏଣ୍ଟରୁ କୁସୁଖଲିଆ ପଟକୁ ଆସୁଥିଲା। ପାଟ୍ରୋଲିଂ ରତ ପୁଲିସ ଗାଡିକୁ ଦେଖି ସେ ପଳାଇବାକୁ ଉଦ୍ୟମ କରିଥିଲା। ସନ୍ଦେହ ହେବାରୁ ପୁଲିସ ତାକୁ ପିଛାକରି ଖଇରପାଲି ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅଟକାଇ ତଲାସୀ କରିଥିଲା। ତଲାସି ସମୟରେ କେଶବଙ୍କ ଠାରୁ ଉକ୍ତ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ ଏବଂ ଗନ୍ ପାଉଡର ବାହାରିଥିଲା। ସେହିପରି ଉକ୍ତ ବନ୍ଧୁକ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ନଥିବା ବେଳେ ଜଙ୍ଗଲୀ ଜନ୍ତୁ ଶିକାର ସମେତ ବେଆଇନ କାର୍ଯ୍ୟ ପାଇଁ କେଶବ ଏହାକୁ ନିଜ ପାଖରେ ରଖୁଥିବା ପୁଲିସ ଜାଣିବାକୁ ପାଇଥିଲା। ଫଳରେ ଉକ୍ତ ଦେଶୀ ବନ୍ଧୁକ ଓ ଗନ୍ ପାଉଡର ସମେତ ସେ ବ୍ୟବହାର କରୁଥିବା ବାଇକକୁ ମଧ୍ୟ ପୁଲିସ ଜବତ କରିଥିଲା। ଏଥିସହ କେଶବଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି।

# ବୈଦିକ ବାନପ୍ରସ୍ଥ ଯୋଗାଶ୍ରମର ବାର୍ଷିକ ଉତ୍ସବ

 କୋଲାବିରା, ୨୩।୩(ସମିସ): କୋଲାବିରା ବ୍ଲକ ଅଧୀନ ପଦମାନପୁର ପଧାନପଡ଼ା ସ୍ଥିତ ବୈଦିକ ବାନପ୍ରସ୍ଥ ଯୋଗାଶ୍ରମ ବେଦମନ୍ଦିରର ୨୬ତମ ବାର୍ଷିକ ମହୋତ୍ସବ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ମଧ୍ୟରେ ଆୟୋଜିତ ହୋଇଯାଇଛି। ଶନିବାର ଧ୍ୱଜ ଉତ୍ତୋଳନ ସହ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ରବିବାର ପ୍ରବଚନ, ଭଜନ, ପୂର୍ଣ୍ଣାହୁତି ତଥା ପ୍ରସାଦ ସେବନ ସହ ଉତ୍ସବ ସମ୍ପନ୍ନ ହୋଇଛି। ବୈଦିକ ବାନପ୍ରସ୍ଥ ଯୋଗାଶ୍ରମ ବେଦ ମନ୍ଦିରର ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଦପାଠ, ଯଜ୍ଞାଦି କାର୍ଯ୍ୟରେ ସଜ୍ଜନବୃନ୍ଦ ତଥା ଅନ୍ତେବାସୀ ଗଣଙ୍କ ସହଯୋଗରେ ସମ୍ପାଦନ ହୋଇଥିଲା। ବାର୍ଷିକ ଉତ୍ସବରେ ପୂଜାଦି କାର୍ଯ୍ୟ ଇନ୍ଦ୍ରମଣୀ ପଧାନ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ମହେନ୍ଦ୍ର ପଧାନ ସପତ୍ନୀକ ଯୋଗଦେଇ ଦାୟିତ୍ୱ ନିର୍ବାହ



କରିଥିଲେ। ଗାଁର କମଳ ପଧାନ, ସୁରେନ ପଧାନ, ଡୋଲାମଣି ପଧାନ, ମଙ୍ଗଳ ଭୋଇ, କେଶବ ଭୋଇ, ପରୁଷୋତ୍ତମ ଭୋଇ, ସତ୍ୟବାନ ପଧାନ, ଶ୍ରୀବତ୍ସ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ

ଦେବଗଡ଼, ୨୩।୩(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସ୍ଥାନୀୟ ବନ ବିଭାଗ ସମ୍ମିଳନୀ କକ୍ଷରେ ବନଖଣ୍ଡ ସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମୀ ଜିଙ୍କ ଅଧ୍ୟକ୍ଷତାରେ ସହକାରୀ ବନ ସଂରକ୍ଷକ ଅରୁଣ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଏସ୍‌ପି ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ଥନୀତି କ୍ଷେତ୍ରରେ ମହୁଲ, କେନ୍ଦୁପତ୍ର, ଝୁଣା ଓ ଏପରିକି ଚାର ମଞ୍ଜି ଆଦି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ଉପାଦେୟତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାରତୀୟ ବନ ସେବା ପାଇଁ ପ୍ରଶିକ୍ଷଣରତ ଅଧିକାରିଣୀ ମେଧା ସିହ୍ନା, ସହକାରୀ ବନ ସଂରକ୍ଷକ ଅରୁଣ ବେହେରା, ସହକାରୀ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଦେବଗଡ଼ ଜିଲ୍ଲାରେ ଜଙ୍ଗଲ ବୃଦ୍ଧି ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଏବଂ ବନବିଭାଗ ଅର୍ଥକୁ ସୁପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ସଇଡା ଏବଂ ମଧପୁର ପଞ୍ଚାୟତ ସମେତ କଂସର ସରକାରୀ ଉଚ୍ଚ ବିଦ୍ୟାଳୟ, ଝାରବେଡା ଉଚ୍ଚ ବିଦ୍ୟାଳୟ ଏବଂ ବନାଗ୍ନି ଆୟତ୍ତ ଓ ଜଙ୍ଗଲ ସୁରକ୍ଷା ପାଇଁ ମେଞ୍ଚାରିବାହାଲ, ଦେଓଝରନ, ଦମିତା, କୁର୍ଦ୍ଦିବାସପୁର ଓ ବାଲିପସି ବନ ସୁରକ୍ଷା ସମିତିକୁ ପୁରସ୍କାର ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳିଦାନ ଦିବସ ଉପଲକ୍ଷେ ରକ୍ତଦାନ ଶିବିର



ବ୍ରଜରାଜନଗର, ୨୩।୩ (ସମିସ): ବ୍ରଜରାଜନଗରରେ ସହିଦ ଭଗତ ସିଂଙ୍କ ୯୫ତମ ବଳିଦାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ରାଷ୍ଟ୍ରହିତ ରକ୍ଷା ସଂଘ ପକ୍ଷରୁ ରକ୍ତଦାନ ଶିବିର ବ୍ରଜରାଜନଗର ପୌର ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ହୋଇଛି। ଏଥିରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଲକା ମହାନ୍ତି ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ବାଣିଜ୍ୟ ସଂଘ ଅଧ୍ୟକ୍ଷ ବାବୁଲାଲ ରୁଙ୍ଗଟା, ନିର୍ମଳ ସିଂ ଚାୱଲା, ବ୍ରଜରାଜନଗର ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ସତିଶ ସିଂ, ଏମଡି ଜମିଲ ଅହେମଦ, ଭାନୁ ସିଂ, କିରନ ଦାସ, ବୁର୍ଲାରକ୍ତ ଭଣ୍ଡାରରୁ ଡାକ୍ତର ଲୋକନାଥ ପ୍ରଧାନ, ମଣ୍ଟୁ ପ୍ରଧାନ, ସୂର୍ଯ୍ୟ ନାରାୟଣ ବେହେରା, ଅଜୟ ପ୍ରଧାନ, ଗଣେଶ ଚନ୍ଦ୍ର ପ୍ରଧାନ, ରକ୍ତ ସଂଗ୍ରହ କରିଥିଲେ ସମୁଦାୟ ମୋଟ ୩୩ ୟୁନିଟ୍‌ରକ୍ତ ସଂଗ୍ରହ କରାଯାଇଥିଲା। ରାଷ୍ଟ୍ରହିତ ରକ୍ଷା ସଂଘର ସଭାପତି ରାଧାକାନ୍ତ ପ୍ରଧାନ, ମୁଖ୍ୟ ପୃଷ୍ଠପୋଷକ ରବି ସୋନି, ସମ୍ପାଦକ ରାମଜୀ ଚୌହାନ, କୋଷାଧ୍ୟକ୍ଷ ଜୟ କର୍ଜ, ଅମର ଗୋୟଲ, ରିଶୁ ରୁଙ୍ଗଟା, ରାଜେଶ ସୁନା, ଆଶିଷ ରଣା, ସାହେବ ପାସୱାନ, ମୁକେଶ ଠାକୁର, ଅମର ଚୌହାନ, ନବୀନ ସିଂ, ଜିତ୍ ସିଂ, ମୋନୁ ମହାନନ୍ଦ, ଭୀମ ମହାନନ୍ଦ, ଜିତେନ୍ଦ୍ର ଯାଦବ, ସୁରେଶ ବାରେଟ, ଗୁରୁପ୍ରିତ ସିଂ, ସଞ୍ଜୟ ବାରିକ, ଅଜୟ ବାରିକ, ଆଶିଷ, ମଧୁ ସିଂ, ମନିଶ ଜୟସ୍ୱାଲ ଓ ଅନେକ ଛାତ୍ର, ଯୁବକ, ଓ ବ୍ରଜରାଜନଗର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଶିକ୍ଷା ବିଭାଗର ନିମନ୍ତ୍ରଣ

ଝାରବନ୍ଧ, ୨୩।୩(ସମିସ): ଆସନ୍ତା ଏପ୍ରିଲ ୨ରେ ଆୟୋଜିତ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ଏଥିପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିବା ଅବସରରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେବାକୁ ଥିବା ଶିଶୁମାନଙ୍କ ଅଭିଭାବକଙ୍କୁ ଘରେ ଘରେ ପହଞ୍ଚି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି। ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ସହିତ ଏବିଇଓ ଦୟାନିଧି କୈବର୍ତ୍ତ ଓ ସିଆରସିସି ଗୋପାଳ ହରିଜନ, ଶିକ୍ଷକ ହୃଷିକେଶ ପୋଡ, ପ୍ରେମଶିଳା ପ୍ରଧାନ ନିଜେ ଗାଁଗୁଡିକୁ ଯାଇ ଘରେ ଘରେ ନିମନ୍ତ୍ରଣ ବଣ୍ଟନ କରି ଅଭିଭାବକମାନଙ୍କୁ ଉତ୍ସବରେ ସମ୍ମିଳିତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି। ଖଡିଛୁଆଁ ଓ ପ୍ରବେଶ ଉତ୍ସବରେ ନୂତନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଭର୍ତ୍ତି ହେବା ସହିତ ଶିକ୍ଷାରମ୍ଭ କରିବେ। ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ଜୋରଦାର ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ କହିଛନ୍ତି।



# ୨୮ରେ ଜିଲ୍ଲା ଓକିଲ ସଂଘ ନିର୍ବାଚନ

ଝାରସୁଗୁଡ଼ା, ୨୩।୩(ସମିସ): ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହେବ। କେବଳ ସଭାପତି ଓ ସମ୍ପାଦକ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନ ନେଇ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୋମବାର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ବି.ନାଗେଶ୍ୱରୀ ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୨୮ ସକାଳ ୭.୩ରୁ ଅପରାହ୍ଣ ୩ ପର୍ଯ୍ୟନ୍ତ ନିର୍ବାଚନ ହେବ। ଭୋଟ ଗଣତି ୪ରେ ଆରମ୍ଭ କରାଯିବ। ତେବେ ଅନ୍ୟ ପଦବୀ ଗୁଡିକ ପାଇଁ ଅନ୍ୟ କେହି ମନୋନୟନ ପତ୍ର ଦାଖଲ କରି ନ ଥିବାରୁ ସେମାନେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପଦବୀ ପାଇଁ ସାଧନା ସାମନ୍ତରାୟ, ଯୁଗ୍ମ ସମ୍ପାଦକ-୧ ଭାବେ ଅହଲ୍ୟା ନାଇକ, ଯୁଗ୍ମ ସମ୍ପାଦକ-୨ ଭାବେ ଅକ୍ଷୟ ନାଇକ, କୋଷାଧକ୍ଷ ଭାବେ ରଶ୍ମିରାଣୀ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଭାବେ ବିନୟ ଶର୍ମା, କଳ୍ପନା ସାହୁ, ନୃପତି ସାହୁ, ସନ୍ତୋଷ ଦାସ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ତ୍ରିନାଥ ଗୁଆଲ ଓ ରଘୁମଣୀ ପଟେଲ ଏବଂ ସମ୍ପାଦକ ପଦବୀ ପାଇଁ ମନୀଷ ବାଜପେୟୀ ଓ ନୀଳାଦ୍ରି ବିହାରୀ ପଣ୍ଡାଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ବି ନାଗେଶ୍ୱରୀ ଖବରଦାତା ମାନଙ୍କୁ ସୂଚନା ଦେଇଛନ୍ତି।

# ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର

ଝାରସୁଗୁଡ଼ା, ୨୩।୩(ସମିସ): ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟର ପାଖ ଅଞ୍ଚଳରେ ଘରକୁ ଘର ଯାଇ ସମସ୍ତ ୫ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ ନିମନ୍ତ୍ରଣ ପତ୍ର ବଣ୍ଟନ ହୋଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ, ଝାରସୁଗୁଡ଼ା ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଡ.ରାଧାକାନ୍ତ ଗର୍ତିଆ, ବ୍ରଜରାଜନଗର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ପାଟଯୋଷୀ ପ୍ରମୁଖ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସରକାରଙ୍କ ଏହି ପ୍ରଚେଷ୍ଟାରେ ଅଭିଭାବକ ମହଲରେ ଆସନ୍ତା ଏପ୍ରିଲ ୨ରୁ ହେବାକୁ ଥିବା ବିଦ୍ୟାଳୟ ପ୍ରବେଶ ଉତ୍ସବ ପ୍ରତି ସଚତେନତା ସୃଷ୍ଟି କରାଯାଇଛି। ଏହି ଅବସରରେ ଓରିଏଣ୍ଟ କ୍ଲଷ୍ଟର ସିଆରସିସି ବାସୁଦେବ ପଟେଲ, ଏନଏସି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକରାମ ପ୍ରସାଦ ମିଶ୍ର ଓ ସହକାରୀ ଶିକ୍ଷକ ସୁଶାନ୍ତ ବେହେରା ତଥା ଲମଟିବାହାଲ ପୌରାଞ୍ଚଳର ବିଭିନ୍ନ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହିଥିଲେ।



# ସ୍ନାତକ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା

ପାଇକମାଲ, ୨୩।୩ (ସମିସ): ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷ ଶ୍ରୀ ବାରିକଙ୍କ ସମେତ ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ପ୍ରଦୀପ ଦେୱାନ, ଅଧ୍ୟାପିକା ମୀନା ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀ ମହାବିଦ୍ୟାଳୟରେ ବିତାଇଥିବା ଅନୁଭୂତି ବଖାଣିଥିଲେ। ଶେଷ ବର୍ଷର ଛାତ୍ରଛାତ୍ରୀ ତାଙ୍କ ତିନି ବର୍ଷର ଅଭିଜ୍ଞତା ଓ ଅନୁଭୂତି ବ୍ୟକ୍ତ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ର ସୁରଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଦେବରାଜ ସାହୁ, ଦେବାଶିଷ ଭଏନା, ଅଭିନାଶ ମହାପାତ୍ର, ଅଙ୍କିତ ଦାସ, ଅଧ୍ୟାପିକା ପୁଷ୍ପ ମଞ୍ଜରୀ ପ୍ରଧାନ, ଝରଣା ପ୍ରଧାନ, ଅଞ୍ଜଳି ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବାରେ କର୍ମଚାରୀ ମାନେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀ ପ୍ରିୟଙ୍କା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୨୩।୩(ସମିସ): ତିଲେଇବଣି ବ୍ଲକ ତାଲକୁଣ୍ଡି ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୪୩ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ହାଇଟେକ ପଟ୍ଟା ସଂଶୋଧନ, ପାନୀୟ ଜଳ, ନଳକୂପ ମରାମତି, ଷ୍ଟ୍ରିଟଲାଇଟ, ଲକ୍ଷ୍ମୀ ବସ୍ ଚାଲିବା ନିମନ୍ତେ, ପ୍ରଧାନମନ୍ତ୍ରୀ ଆବାସ, ମୋବାଇଲ ନେଟୱାର୍କ ଓ ରାସ୍ତା ମରାମତି ଓ ଉନ୍ନତିକରଣ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପରଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ପ୍ରିୟଦର୍ଶିନୀ ମିର୍ଦ୍ଧା ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କଖାରୁମାଲରେ ଅଷ୍ଟପ୍ରହର ନାମଯଜ୍ଞ

ଦେବଗଡ଼, ୨୩।୩(ସମିସ): ଜିଲ୍ଲାର ରିଆମାଳ ବ୍ଲକ ଅଧୀନ କଖାରୁମାଲ ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତକାଲି ସ୍ଲପଘଟି ଶିବ ମନ୍ଦିର ଝରଣା ଠାରେ ବରୁଣ ଦେବଙ୍କୁ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ହୋଇଥିଲା। ଆଜି ସକାଳେ ସୂର୍ଯ୍ୟ ପୂଜା ପରେ ଗୁରୁ ପୂଜା, ଗୋ ପୂଜା, ଗୁରୁ ପୂଜା ଓ ଦେବଦେବୀଙ୍କ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ହୋଇଥିଲା। ବେଣୁଧର ସାହୁ ଓ ତାଙ୍କ ସୁପତ୍ନି ସୌରେନ୍ଦ୍ରି ସାହୁ ଯଜ୍ଞକର୍ତ୍ତା ହୋଇ ଦାଣ୍ଡ ତୁଲାଇଥିବା ବେଳେ ସଭାପତି ସାଧୁ ଚରଣ ପ୍ରଧାନ ଓ ସମ୍ପାଦକ ସତ୍ୟା ସାହୁଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କାଦୋପଡ଼ା, ଚନ୍ଦ୍ରପୁର, ପୁଡାଖୋଲ, କୁମାଳ, ଦଶ ଘରିଆ, ତାରଙ୍ଗ, ଝାରବେଡା ଆଦି ୪୦ରୁ ଉର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ଭକ୍ତ ମାନେ ଯୋଗ ଦେଇଥିଲେ। ପ୍ରଦୀପ ସାହୁ, ମନୋଜ ସ୍ୱାଇଁ, ବୁଲୁ ସାହୁ, ହାବିଲ ସାହୁ, ପୂର୍ଣ୍ଣ ସ୍ୱାଇଁ, ଲକ୍ଷ୍ମୀ ପ୍ରଧାନ, ଦୀପକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସ୍ୱରୁପାନନ୍ଦପୁରୀ ଏବଂ ତାଙ୍କ ସହଯୋଗୀ ସାଧୁ ସନ୍ଥ ମାନେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ

ପଦ୍ମପୁର, ୨୩।୩(ସମିସ): ବରଗଡ଼ ଜିଲ୍ଲା ବନ ବିଭାଗ ତରଫରୁ ବରଗଡ଼ ବ୍ଲକ ସଭା ଗୃହରେ ବିଶ୍ୱ ବନ ଦିବସ ପାଳିତ ହୋଇଛି। ବରଗଡ଼ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବନ ସୁରକ୍ଷା ଓ ପରିବେଶ ସଂରକ୍ଷଣ ନିମନ୍ତେ ସଚେତନତା ବାର୍ତ୍ତା ରଖିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ମାନେ ଅଂଶଗ୍ରହଣ କରିଥିବା ବେଳେ ପରିବେଶ ସୁରକ୍ଷା, ବୃକ୍ଷରୋପଣରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସମ୍ବଲପୁରୀକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟ ଅତିଥି ସମ୍ମାନିତ କରି ମାନପତ୍ର ଓ ଦଶ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିନୋଦ ବିହାରୀ ସାହୁ ଏହି ସମ୍ମାନ ଗ୍ରହଣ କରିଥିଲେ। ପୁରସ୍କାର ପାଇବା ପରେ ସମସ୍ତ ଶିକ୍ଷକ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଜିଲ୍ଲା ବନ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ସଂଘ ପରିସରରେ ବିଶ୍ୱ କବିତା ଦିବସ

ବରଗଡ଼, ୨୩।୩(ସମିସ): ବଶ୍ୱ କବିତା ଦିବସ ଅବସରରେ ବରଗଡ଼ ଭଟଲିରୋଡ ସ୍ଥିତ ସଂଘ ପରିସରରେ ସାହିତ୍ୟିକ ଅକ୍ଷୟ ଭୋଇଙ୍କ ସଭାପତିତ୍ୱରେ ବିଶ୍ୱ କବିତା ଦିବସ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ 'ଟୁଗେଦର ଫର ପ୍ଲେଜର ଗ୍ରୁପ' ଆନୁକୂଲ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ତରଣୀସେନ୍ ବୁଧୀଆ, ଦୁଖୁ ମିଶ୍ର, ବିନୋଦ ପଣ୍ଡା, ଦେବାର୍ଚ୍ଚନ ସା, ଭୁବନାନନ୍ଦ ପଧାନ, ସୁରେନ୍ଦ୍ର ଭୋଇ, ଅକ୍ଷୟ ଭୋଇ, କପିଳ ବାଗ୍ ପ୍ରମୁଖ ସଦସ୍ୟ ମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ରାଜେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଝାରସୁଗୁଡ଼ା, ୨୩।୩(ସମିସ): ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ବଡମାଲ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳନେର ସୋମବାର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀ ପାଠ୍ୟକ୍ରମ ଆଧାରିତ ଏଫ୍ଏଲ୍ଏନ୍ ଶ୍ରେଣୀ ପାଇଁ ଭାଷା ଓ ଗଣିତ ଶିକ୍ଷା ପାଇଁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀଲ ପଟେଲ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ହୋତା କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆର୍‌ସିସି ଚେମାନନ୍ଦ ଦିହିରିଆ, ପ୍ରଧାନଶିକ୍ଷୟିତ୍ରୀ କମଳା ସାହୁ, ସିଆର୍‌ସିସି ବିକାଶ ନାଏକ, ସିଆର୍‌ସିସି ସୂରଜ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ବେଲପାହାଡ଼ ଉତ୍ସବ 'ମଚାନ୍ -୨୦୨୬' ଉଦ୍‌ଘାଟିତ

ଝାରସୁଗୁଡ଼ା, ୨୩।୩(ସମିସ)




ଜିଲ୍ଲାର ବେଲପାହାଡ ଉତ୍ସବ 'ମଚାନ -୨୦୨୬' ସୋମବାର ଉଦ୍‌ଘାଟିତ ହୋଇଛି। ବେଲପାହାଡ ରତ୍ନ ମଣ୍ଡପଠାରେ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି 'ମଚାନ୍' ପାଳିତ ହେବ। ଉଦ୍‌ଘାଟନୀ ଦିବସରେ ବେଲପାହାଡ ସ୍ଥିତ ସମଲେଇ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଜାଗଜା ସଂସ୍କୃତିକ କାର୍ଯ୍ୟକ୍ରମ ସହ ସହର ପରିକ୍ରମା କରି ଶୋଭାଯାତ୍ରା ରତ୍ନ ମଣ୍ଡପରେ ପହଞ୍ଚିଥିଲା। ସନ୍ଧ୍ୟାରେ ମଚାନ ଉତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିଲା। ଉତ୍ସବ ସଭାପତି ରାଜେଶ ଭୋଇଙ୍କ ସମେତ ଅନ୍ୟ ମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ବିକାଶ ଅଗ୍ରୱାଲ, ଆରତି ପ୍ରଧାନ, ବିକାଶ କଲେତ, ପ୍ରମୋଦ ସେନାପତି, ଭାସ୍କର ପଟେଲ, କୈଳାଶ ନାୟକ ପ୍ରମୁଖ ମଚାନ ଉତ୍ସବ ଏବଂ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଅନୁଷ୍ଠାନ ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜକ ନୂତନ କମିଟିରେ ପୃଷ୍ଠପୋଷାକ ଭାବେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସଭାପତି ରାଜେଶ ଭୋଇ, କାର୍ଯ୍ୟକାରୀ ସଭାପତି ରାଜେଶ ବହିଦାର, ଉପସଭାପତି ଜ୍ଞାନରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଭାସ୍କର ପଟେଲ, ଯୁଗ୍ମ ସମ୍ପାଦକ ହେମସାଗର ପଟ୍ଟନାୟକ, ସହସମ୍ପାଦକ ପ୍ରଦୀପ ପଶାୟତ, କୋଷାଧକ୍ଷ ଦୁର୍ଗାପ୍ରସାଦ ପ୍ରଧାନ, ସହକୋଷାଧକ୍ଷ ନେତ୍ରାନନ୍ଦ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ରାଜେଶ ପଶାୟତ, ଆଶିଷ ମେହେର, ଲିଙ୍ଗରାଜ ନାଏକ, ଉପଦେଷ୍ଟା ମଣ୍ଡଳୀରେ ଦେବୀ ପ୍ରସାଦ ମିଶ୍ର, ପ୍ରମୋଦ ସେନାପତି, ଶ୍ରୀକର ଭୋଇ, ମୋତିରାମ ମେହେର, ମନୋଜ ଅଗ୍ରୱାଲଙ୍କ ସମେତ ଡ.ଦିଲୀପ ନାଏକ, ସୁରେଶ ପଧାନ, ଠାକୁର ପ୍ରଧାନ, ଗୌରୀଶଙ୍କର ବିଶି, ସୋମ୍ୟବ୍ରତ ମିଶ୍ର, ସୌଭାଗ୍ୟରଞ୍ଜନ ସାହୁ, ପ୍ରେମ ଅଗ୍ରୱାଲ, ଆଲୋକ ଖମାରୀ, କମଳ ବହିଦାର ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଛନ୍ତି।

# ସରକାରୀ ଚିଠି ଖୋଲିଲା ଦୁର୍ନୀତିର ଗୁମର

ବାଲେଶ୍ୱର,୨୩।୩ (ଅସୀମ ମହାପାତ୍ର)





ବାଲେଶ୍ୱର ଜିଲ୍ଲାରେ ବାଲି ମାଫିଆଙ୍କ ସାମ୍ରାଜ୍ୟ ସରକାରୀ ନିୟମକୁ ଅମାନ୍ୟ କରି ଚାଲିଛି। ଜଳେଶ୍ୱର ତହସିଲ ଅଧୀନରେ ଥିବା ମାଙ୍କିଡ଼ିଆ (କ) ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଜିଲ୍ଲା ପ୍ରଶାସନର ନିରବତା ସରକାରଙ୍କ 'ସ୍ୱଚ୍ଛ ଶାସନ'ର ମୁଖା ଖୋଲି ଦେଇଛି। ଯେଉଁଭଳି ଭାବେ ଦିନ ଦ୍ୱିପ୍ରହରରେ ରାଜ୍ୟର ସମ୍ପତ୍ତିକୁ ଲୁଟ୍ କରାଯାଉଛି, ତାହା ପ୍ରମାଣିତ କରୁଛି ଯେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏବେ ମାଫିଆଙ୍କ ହାତବାରିସି ପାଲଟିଛନ୍ତି। ସରକାରୀ ନିୟମକୁ 'ଫୁ' କରି ଉଡ଼ାଇ ଦେଇ ଚାଲିଥିବା ଏହି ବେଆଇନ କାରବାର ବିରୋଧରେ ଏବେ ସାଧାରଣରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ଦୈନିକ ଶହ ଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅଞ୍ଚଳ ଦେଇ ଚାଲାଣ ହେଉଛି। ଗ୍ରାମାଞ୍ଚଳ ରାସ୍ତା ଗୁଡ଼ିକରେ ଭାରୀଯାନରେ ଓଦା ବାଲି ଚାଲାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହେଲାଣି। ସରକାରୀ ଚିଠିରେ ଚାଞ୍ଚଲ୍ୟକର ତଥ୍ୟ କ୍ଲଷ୍ଟର ପରିବେଶ ମଞ୍ଜୁରୀରେ ବାଲି ସୈରାତ କେମିତି ଚାଲିଛି ତାର ଗୁମର ଖୋଲିଛି। ବାଲେଶ୍ୱର ଜିଲ୍ଲାରେ ବାଲି ମାଫିଆ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସ୍ପଷ୍ଟ ଅନୁମେୟ ହେଉଛି। ଜିଲ୍ଲା ଖଣି ଅଧିକାରୀଙ୍କ ପକ୍ଷରୁ ୨୫.୦୩.୨୦୨୫ରେ ଜାରି ହୋଇଥିବା ପତ୍ର ସଂଖ୍ୟା ୧୦୩୧/ଏମଏମ,ରେ ସ୍ପଷ୍ଟ ହେଉଛି

> ▶ ବିନା 'କ୍ଲଷ୍ଟର ପରିବେଶ ମଞ୍ଜୁରୀ'ରେ କେମିତି ଚାଲିଛି ମାଙ୍କିଡ଼ିଆ ବାଲି ସୈରାତ ?
> ▶ ପରିବେଶ ଆଇନକୁ ଭ୍ରୁକ୍ଷେପ କରି ଚାଲିଛି ମହାଲୁଟ୍
> ▶ ଚେଇଁ ଶୋଇଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ

ଯେ, ବାଲେଶ୍ୱରର ବାଲି ଉତ୍ସଗୁଡ଼ିକ ପାଇଁ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (ଡିଏସଆର)କୁ ନିକଟରେ ଅନୁମୋଦନ ମିଳିଛି। ଚିଠିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, ସମସ୍ତ ସାମ୍ବିଧାନିକ ଦଲିଲ ଓ ଆଇନଗତ ଅନୁମତି ପରେ ହିଁ ଖଣି କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ମାଙ୍କିଡ଼ିଆ(କ) ସୈରାତର ଲିଜ୍ ଅବଧି ୨୦୧୯-୨୦ରେ ଶେଷ ହୋଇସାରିଛି, ସେଠାରେ ଗତ ୫ବର୍ଷ ଧରି କେଉଁ ଆଧାରରେ ବାଲି ଉତ୍ତୋଳନ ଚାଲିଛି? ଏହା କଣ ସରକାରଙ୍କ ଅଜାଣତରେ ହେଉଛି ନା ଉଚ୍ଚପଦସ୍ଥ ଅଧିକାରୀମାନେ ନିଜ ପକେଟ୍ ଗରମ କରିବା ପାଇଁ ଆଖି ବୁଜି ଦେଇଛନ୍ତି। ପରିବେଶ ଆଇନକୁ ଅମାନ୍ୟ କରୁଛି ଜିଲ୍ଲା ପ୍ରଶାସନ। ନୂତନ ଡିଏସଆର ଅନୁଯାୟୀ, ମାଙ୍କିଡ଼ିଆ (କ) ସୈରାତକୁ (ଖ) ଏବଂ (ଗ) ୨୫.୦୩.୨୦୨୫ରୁ ସହ ମିଶାଇ ଏକ 'କ୍ଲଷ୍ଟର' କରାଯାଇଛି। ପରିବେଶ ବିଭାଗର ନିୟମ ଅନୁଯାୟୀ, ବିନା 'କ୍ଲଷ୍ଟର ପରିବେଶ ମଞ୍ଜୁରୀ'ରେ ଗୋଟିଏ ବି ମୁଠା ବାଲି ଉତ୍ତୋଳନ ହେବା କଥା ନୁହଁ। କିନ୍ତୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରିଛି। କୌଣସି ବୈଧ ପରିବେଶ ମଞ୍ଜୁରୀ ନଥାଇ ବାଲି ମାଫିଆମାନେ ନଦୀର ଛାତି ଚିରି ବାଲି ଲୁଟ୍ କରୁଛନ୍ତି । ଯାହାକି ଖଣି ଓ ଖଣିଜ ସମ୍ପଦର ନିୟମ-୧୯୫୭ର ଖୋଲା ଉଲ୍ଲଂଘନ କରୁଛି। ଶାସକ ଦଳର ହାତବାରିସୀ ସାଜି ଜିଲ୍ଲା ପ୍ରଶାସନ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଯାହାକି ଏମଏମଡିଆର ଆକ୍ଟ,୧୯୫୭ ର ଧାରା ୪ ଓ ୨୧ ର ଖୋଲା ଉଲ୍ଲଂଘନ ହୋଇଛି। ସଂଘୀୟ ଖଣି ଓ ଖଣିଜ (ଉନ୍ନୟନ ଓ ନିୟନ୍ତ୍ରଣ) ଅଧିନିୟମ, ୧୯୫୭ର ଧାରା ୪ ଅନୁଯାୟୀ, ବିନା ବୈଧ ଲିଜ୍‌ରେ ଖଣି ଖନନ କରିବା ଏକ ଦଣ୍ଡନୀୟ ଅପରାଧ। ମାଙ୍କିଡ଼ିଆ (କ) ର ଲିଜ୍ ଅବଧି ୨୦୧୯-୨୦ରେ ଶେଷ ହୋଇସାରିଛି। ଲିଜ୍ ଶେଷ ହେବାର ୫ ବର୍ଷ ପରେ ମଧ କେଉଁ ନୈତିକତା ଆଧାରରେ ଜିଲ୍ଲା ପ୍ରଶାସନ ସେଠାରେ ବାଲି ଉତ୍ତୋଳନ ପାଇଁ ଅନୁମତି ଦେଉଛି? ଏହା ସିଧାସଳଖ ଭାବେ ଧାରା ୨୧ ଅନୁଯାୟୀ ଚୋରି ଓ ଜାଲିଆତି ଶ୍ରେଣୀଭୁକ୍ତ, ଯେଉଁଥିରେ କଠୋର ଜୋରିମାନା ଓ କାରାଦଣ୍ଡର ବ୍ୟବସ୍ଥା ରହିଛି। ସେହିପରି ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମଏମସି) ନିୟମାବଳୀ, ୨୦୦୪ ଅନୁଯାୟୀ, ଯେକୌଣସି ଲିଜ୍ ଅବଧି ଶେଷ ହେବା ପରେ ତୁରନ୍ତ ଏକ ନୂତନ ଏବଂ ସ୍ୱଚ୍ଛ ନିଲାମ (ଫ୍ରେସ ଅକ୍ସନ୍) ପ୍ରକ୍ରିୟା ହେବା ବାଧ୍ୟତାମୂଳକ। ମାଙ୍କିଡ଼ିଆରେ ପାଞ୍ଚ ବର୍ଷ ଧରି ନୂତନ ନିଲାମ ନକରି ପୁରୁଣା ଲିଜ୍‌ଧାରୀଙ୍କୁ ସୁଯୋଗ ଦେବା ଅର୍ଥ ହେଉଛି ରାଜକୋଷକୁ ହଜାର ହଜାର କୋଟି ଟଙ୍କାର କ୍ଷତି ପହଞ୍ଚାଇବା। ବର୍ତ୍ତମାନର ବାଲି ଦର ପୂର୍ବ ଅପେକ୍ଷା ୪ରୁ ୫ ଗୁଣା ବୃଦ୍ଧି ପାଇଛି, କିନ୍ତୁ ପ୍ରଶାସନିକ ଅଧିକାରୀମାନେ ମାଫିଆଙ୍କ ସହ ମିଶି ପୁରୁଣା ଶସ୍ତା ଦରରେ ସରକାରୀ ସମ୍ପତ୍ତିକୁ ଲୁଟ୍ କରାଉଛନ୍ତି। ଇଆଇଏ ବିଜ୍ଞପ୍ତି, ୨୦୦୬ ଏବଂ କ୍ଲଷ୍ଟର ପରିବେଶ ମଞ୍ଜୁରୀ (ଇସି) ର ଖୋଲା ଉଲଘଂନ। ନୂତନ ନିୟମ ଅନୁଯାୟୀ, ମାଙ୍କିଡ଼ିଆ (କ), (ଖ) ଓ (ଗ) କୁ ଏକ କ୍ଲଷ୍ଟର ଭାବେ ଘୋଷଣା କରାଯାଇଛି। ପରିବେଶ ମନ୍ତ୍ରଣାଳୟର, ୨୦୦୬ ବିଜ୍ଞପ୍ତି ଅନୁଯାୟୀ, କ୍ଲଷ୍ଟର ପରିବେଶ ମଞ୍ଜୁରୀ ବିନା ଖଣି କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ଜିଲ୍ଲା ଖଣି ଅଧିକାରୀଙ୍କ ନିଜ ଚିଠି (ତା. ୨୫.୩.୨୫) ରେ କୁହାଯାଇଛି ଯେ "ସମସ୍ତ ସାମ୍ବିଧାନିକ ଦଲିଲ' ପରେ କାମ ଆରମ୍ଭ କର। କିନ୍ତୁ ବାସ୍ତବରେ କୌଣସି ଇସି ନଥାଇ ମଧ ବାଲି ଉତ୍ତୋଳନ ଚାଲିଛି। ଏହା କଣ ସୁବର୍ଣ୍ଣରେଖା ନଦୀର ପରିବେଶକୁ ଧ୍ୱଂସ କରିବା ପାଇଁ ସରକାରୀ ଯୋଜନା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବାଲେଶ୍ୱରରେ ବାଲି ଲୁଟ୍ କେବଳ ଏକ ଦୁର୍ନୀତି ନୁହେଁ, ବରଂ ଏହା ଏକ "ପ୍ରଶାସନିକ ଗୋଷ୍ଠୀଗତ ଅପରାଧ"। ସରକାର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ଏବଂ ନିୟମ ଉଲ୍ଲଂଘନକାରୀ ତହସିଲଦାର ଓ ଖଣି ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବା ଦରକାର ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## କଳାକାର ସଂଘର ବାର୍ଷିକ ଉତ୍ସବ

ଭୋଗରାଇ,୨୩।୩ (ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନା?ସାଣ (ମଟେଇବାଡ଼- ତେଘରୀ ) ପୂଜାମଣ୍ଡପ ଠାରେ ଜିଲା କଳାକାର ସଂଘ ଭୋଗରାଇ ଶାଖା ପକ୍ଷରୁ ୪ ଦିନିଆ ୯ ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘର ଉପସଭାପତି ଗୁରୁଃଶ୍ରୀ ରାଧାକୃଷ୍ଣ ଗିରି ପୌରହିତ୍ୟ କରିଥିଲେ। ସ୍ୱାଗତ ସଙ୍ଗୀତ ଗାନପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ ଓ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା। ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ଲୋକକଳା ପୁନଃରୁଦ୍ଧାର ପରିଷଦ ଓ ରାଜ୍ୟ ସମନ୍ୱୟ ସଭାପତି ଅମୀୟ ପଟେଲ, ସମ୍ପାଦକ ମୀନକେତନ ପ୍ରଧାନ, ବଲାଙ୍ଗୀର ଯୁବପରିଷଦର ସଭାପତି ନାରାୟଣ ବାରିକ,ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ଜିଲାପରିଷଦ ସଦସ୍ୟ ସନ୍ତୋଷ ଜେନା, ସରପଞ୍ଚ ସରସ୍ୱତୀ କରଣ, ସମିତି ସଦସ୍ୟ ସନ୍ଧ୍ୟାରାଣୀ ଜେନା ପ୍ରମୁଖ କଳାକାର ହେଉଛନ୍ତି ଆଧୁନିକ ସଭ୍ୟତା ଓ ଉଚ୍ଚ ସଂସ୍କୃତିର ଆଧାର ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୋଗରାଇର ୧୮ ଜଣ ବିଶିଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଶ୍ରୀକୁମାର ଘୋଷ ମଞ୍ଚ ପରିଚାଳନା କରିଥିବା ବେଳେ ସଙ୍ଘର ସଦସ୍ୟ ମାନେ ସହାୟତା କରିଥିଲେ।

## ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱାଗତ ସମାରୋହ



ବାଲେଶ୍ୱର,୨୩।୩(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପରିସରରେ ଆଜି ନବ ଶିକ୍ଷାବର୍ଷ ୨୦୨୬-୨୭ ଅବସରରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହ ଡ୍ରିମ୍ ଇଣ୍ଡିଆ ସ୍କୁଲର ନିର୍ଦ୍ଦେଶିକା ଓ ଅଧକ୍ଷା ଜ୍ୟୋତ୍ସ୍ନା ରାଣୀ ପ୍ରଧାନଙ୍କ ନିର୍ଦ୍ଦେଶନା ଓ ସୁପରିଚାଳନାରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଶିକ୍ଷକ ମଣ୍ଡଳୀଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡସିଂହ, ରତିକା ସୋମ, ଲଳିତା ପାଣ୍ଡେ, ମନୀଷା ସୋ, ଶ୍ରୀମତୀ ଦଳାଇ, ଆଦ୍ୟାଶା ପ୍ରଧାନ, କଳ୍ପନା ବେହେରା ଏବଂ ମଞ୍ଜୁ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଶାନ୍ତି ସଭାବନା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,୨୩।୩(ସମିସ): ବାଲେଶ୍ୱର ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳ ଆନୁକୂଲ୍ୟରେ ସଭାପତି ବିଧାନଚନ୍ଦ୍ର ରାୟଙ୍କ ନେତୃତ୍ୱରେ ବାସନ୍ତୀ ପୂଜାର ବାଡ଼ିଖେଳ,ଡିଜେ ବଜାଇବା, ମଦ୍ୟସେବନ ସହ ଅସାମାଜିକ ଲୋକଙ୍କର ଗଣ୍ଡଗୋଳ ଏବଂ ସାମ୍ପ୍ରଦାୟିକ ଦଙ୍ଗାକୁ ନିୟନ୍ତ୍ରଣ ଏବଂ ପ୍ରତ୍ୟେକ ବ୍ୟକ୍ତି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ପ୍ରତିମା ପଣ୍ଡା, ପ୍ରଜ୍ଞାପାରମିତା ବିଶ୍ୱାଳ, ବିଧାନ ଜେନା, କହ୍ନେଇ ବେହେରା, ତୁଷାରକାନ୍ତ ମହାପାତ୍ର, ବେଣୁଧର ବାରିକ, ପଦ୍ମଲୋଚନ ଦତ୍ତ, ଅଚ୍ୟୁତ ନନ୍ଦ, ଜୟକୃଷ୍ଣ ନାୟକ ପ୍ରମୁଖ ବହୁ ଉତ୍କଳ ସର୍ବୋଦୟ ମଣ୍ଡଳର ସଭ୍ୟମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅସଦାଚରଣ ମାମଲାରେ ଯୁବକଙ୍କୁ ୨ବର୍ଷ ଜେଲ୍

ଜଳେଶ୍ୱର, ୨୩।୩ (ସମିସ): ଜଳେଶ୍ୱର ଏ.ଡି.ଜେ ଅଜୟ କୁମାର ପ୍ରଧାନଙ୍କ ନ୍ୟାୟାଳୟରେ ଏକ ନାରୀ ଅସଦାଚରଣ ମକଦ୍ଦମାରେ ଏସ୍.ଟି. ୧୬/୨୦୨୦ କେଶର ବିଚାର ହୋଇ ମୁଦାଲା ଜଳେଶ୍ୱର ଥାନା ଅନ୍ତର୍ଗତ ତରିବତପୁର ଗ୍ରାମର କାହ୍ନୁ ଓରଫ ମୃତ୍ୟୁଞ୍ଜୟ ରଣା (୩୩)ବର୍ଷ, ମଦନ ମୋହନ ରଣା (୬୬) ଓ ମଂଜୁଲତା ରଣା(୬୨) ମଧ୍ୟରୁ ମଦନ ମୋହନ ରଣା ଓ ମଂଜୁଲତା ରଣାଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଥିବା ବେଳେ ମୁଦାଲା ମୃତ୍ୟୁଞ୍ଜୟ ରଣାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୫୪ ମୂଳେ ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ଜୋରିମାନା ବାବଦକୁ ୨୦୦୦ଟଙ୍କା, ଅଦାଦେୟ ଅଧିକ ଏକମାସ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି ଏବଂ ଧାରା ୩୪୧ ମୂଳେ ଅଧିକ ୫୦୦ଟଙ୍କା ଅଦାଦେୟ ଅଧିକ ପାଂଚଦିନ ଜେଲ ଦଣ୍ଡ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ ଗତ ତା ୨୩-୦୨-୨୦୧୭ରିଖରେ ତରିବତପୁର ଗ୍ରାମର ଜନୈକ ମହିଳାଙ୍କୁ ମୁଦାଲା କାହ୍ନୁ ଧର୍ଷଣ ଉଦ୍ୟମ କରିଥିବା ନେଇ ଜଳେଶ୍ୱର ଥାନାରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତେଲାକୁ ଭିତ୍ତିକରି ଜଳେଶ୍ୱର ଥାନା କେଶ ନଂ ୬୪/୨୪-୦୨-୨୦୧୭ ରୁଜୁ ହୋଇ ତଦନ୍ତ ପରେ ଉପରୋକ୍ତ ତିନିଜଣଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ ହୋଇଥିଲା। କୋର୍ଟଙ୍କ ଦ୍ୱାରା ବିଚାରରେ ମୋଟ ୮ ଜଣ ସାକ୍ଷୀଙ୍କ ସାକ୍ଷ ଗ୍ରହଣ ପୂର୍ବକ ୧୫ଟି ଦସ୍ତାବିଜକୁ ଭିତ୍ତିକରି କୋର୍ଟ ଗତ ୨୦ତାରିଖରେ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ସରକାରଙ୍କ ତରଫରୁ ପୂର୍ବତନ ଏଡିସନାଲ ପି.ପି ଓ ଏଡିସନାଲ ପି.ପି ଦିପ୍ତୀ ରାଣୀ ହାଁସଦା ମକର୍ଦ୍ଦମା ପରିଚାଳନା କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

ବାଲେଶ୍ୱର,୨୩।୩ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ଗେଙ୍ଗୁଟି ପଂଚାୟତ ପଳାସପୁର ୟୁ.ଜି.ୟୁ.ପି ସ୍କୁଲ୍ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱରର ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପତଞ୍ଜଳି ସାହୁ, ପ୍ୟାନେଲ୍ ଲୟର ଜ୍ଞାନ ରଂଜନ ପାଣି, ସ୍ଥାନୀୟ ସରପଞ୍ଚ, ପାରାଲିଗାଲ୍ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ବିଶ୍ୱ ଜଳ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ମୌଳିକ କାର୍ଯ୍ୟକ୍ରମ ଯଥା ଲୋକ ଅଦାଲତ, ପିଡୀତା କ୍ଷତିପୂରଣ ଯୋଜନା, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ନିଃଶୁଳ୍କ ଆଇନସେବା ପ୍ରଦାନ, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ଭାରପ୍ରାପ୍ତ ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିଲେ।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ

ବାଲେଶ୍ୱର,୨୩।୩(ସମିସ): ସହିଦ ଭଗତସିଂଙ୍କ ବଳିଦାନ ଦିବସ ଅବସରରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦେଶବ୍ୟାପୀ ସାମ୍ରାଜ୍ୟବାଦ ବିରୋଧି ଦିବସ ପାଳନ ପାଇଁ ଆହ୍ୱାନରେ ବାଲେଶ୍ୱର ସହରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏ ସଭାରେ ଅଧକ୍ଷତା କରିଥିଲେ। ସିପିଆଇର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ କହିଥିଲେ ଯେ,ସହିଦ ଭଗତ ସିଂ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦୀ ଶୋଷଣ, କଷଣ ଓ ଅତ୍ୟାଚାର ବିରୋଧରେ ଏବଂ ଦେଶମାତୃକାର ମୁକ୍ତିପାଇଁ ସାଲିସହୀନ ସଂଘର୍ଷରେ ୧୯୩୧ମସିହାରେ ଆଜିର ଦିନରେ ସହୀଦ ହୋଇଥିଲେ। ତାଙ୍କ ସହ ତାଙ୍କର ସାଥୀ ଶୁକଦେବ ଓ ରାଜଗୁରୁଙ୍କୁ ମଧ ବ୍ରିଟିଶ ସରକାର ଫାଶୀ ଦେଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ସୁଜାତା ପାତ୍ର ସଂଗୀତ ଗାନ କରିଥିଲେ। ଏହି ସଭାରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଭରତ ଚନ୍ଦ୍ର ସେଠୀ,ଶରତ ଚନ୍ଦ୍ର ଦଳାଇ,ଆଶୁତୋଷ ପରିଡ଼ା,ପୁନଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ନୀଳଗିରି ସହର ପାଦଦେଶରେ ଦୁଇ ଦନ୍ତା

ନୀଳଗିରି, ୨୩।୩ (ସମିସ): ବାଲେଶ୍ୱର ଜିଲା ନୀଳଗିରି ସହର ପାଦଦେଶକୁ ପ୍ରବେଶ କରିଛନ୍ତି ଦୁଇ ଦନ୍ତା। ଝାଡଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ଆସିଥାଆନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଆସି ଓଡିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ସୋମବାର ଭୋର ସମୟରେ ଦୁଇ ଟି ହାତୀ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁଦାଳ, କାଠପାଳ, ପାଟଣା ହୋଇ ନୀଳଗିରି ଧୋବିଶିଳା ଗାଁ ପାର ହୋଇ ସୂର୍ଣ୍ଣଚୁଡ ପାହାଡ ପାଦଦେଶ ନୀଳଗିରି ସହର ପାଖାପାଖିରେ ରହିଛନ୍ତି। ଏହି ହାତୀ ଆସିଥିବାର ଖବର ପାଇ ନୀଳଗିରି ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ନୀଳଗିରି ବନବିଭାଗ ହାତୀର ଗତିବିଧି ନୀରିକ୍ଷଣ ପାଇଁ ସୂର୍ଣ୍ଣଚୁଡ ପାହାଡ ଚତୁଃପାଶ୍ୱର୍ରେ ଜଗି ରହିବା ସହ ନୀଳଗିରି ଏନ.ଏ.ସି. ର ଘାଟଘର ସାହି, ରାଜବାଟି, ମଙ୍ଗଳା ସାହି, ହାଟଛକ ଆଦି ଜାଗାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଜାଗ ରହିବାକୁ ସଚେତନ ରହିବା ପାଇଁ ବନବିଭାଗ ସୂଚନା ଦେଇଛି।



## ପୋଷ୍ଟ ଅଫିସରେ ଅନ୍‌ଲାଇନ୍ ପେମେଣ୍ଟ ବେଳେ ହିତାଧିକାରୀ ହଟହଟା

ସୋର, ୨୩।୩ (ସମିସ): ଆଜି ସୋର ମୁଖ୍ୟ ଡାକଘରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ସୁଭଦ୍ରା ୪ର୍ଥ କିସ୍ତି, ପ୍ରଧାନମନ୍ତ୍ରୀ କିଶାନ ଯୋଜନା ଏବଂ ଚାଷୀମାନଙ୍କ ଧାନବିକ୍ରି ଟଙ୍କା ଉଠାଇବା ପାଇଁ ଶତାଧିକ ହିତାଧିକାରୀ ପହଞ୍ଚି ଥିଲେ ସୁଦ୍ଧା ଟଙ୍କା ଉଠାଣରେ ଘୋର ଅସୁବିଧା ହେବା ସହିତ ଦୀର୍ଘ ସମୟ ଧରି ଅପେକ୍ଷା କରି ଲୋକମାନେ ନିରାଶ ହେଇ ଫେରିଯିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ ପୋଷ୍ଟ ଅଫିସ ମାଇକ୍ରୋ ଏଟିଏମ୍ ଚଳାଉଥିବା କର୍ମଚାରୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ ସାରା ଭାରତରେ ଏହି ଆପ୍‌କୁ ଅପ୍‌ଡେଟ କରାଗଲା, ମାତ୍ର ପୋଷ୍ଟ ଅଫିସ୍ ମୋବାଇଲ ପୁରୁଣା ହୋଇଥିବାରୁ ଯେତେ ଚେଷ୍ଟା କଲେ ବି ଏହି ଆପ ସପୋର୍ଟ ନହେବାରୁ ଅପ୍‌ଡେଟ୍ ହୋଇପାରିଲା ନାହିଁ ଫଳରେ ଚାଷୀ ଏବଂ ହିତାଧିକାରୀମାନେ ଟଙ୍କା ପାଇପାରି ନାହାଁନ୍ତି। ଏହି ଅର୍ଥ ଆସନ୍ତା କାଲି ମିଳିବାରେ ମଧ ସନ୍ଦେହ ରହିଛି। କିନ୍ତୁ ପୋଷ୍ଟ ମାଷ୍ଟର ପ୍ରଦୀପ କୁମାର ବେହେରାଙ୍କୁ ପଚାରିବାରୁ ସେ ସରଭର୍ ଡାଉନ ଥିବା ସଫେଇ ଦେଇଛନ୍ତି।

ଟ୍ରେଲର ଧକ୍କାରେ ଚାଲିଗଲା ଜୀବନ

## ଚକ୍ଷୁଦାନ କରି ଅମର ହେଲେ ରାଜେନ୍ଦ୍ର

ସୋର,୨୩।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇ ଥିବା ବେଳେ ନିଜର ଆଖି ଦାନ କରି ଅମର ହୋଇଯାଇଥିବା ଜଣାପଡିଛି। ଅଞ୍ଜି ଗ୍ରାମର ରାଜେନ୍ଦ୍ର ରାଉତ (୪୨) ଗତକାଲି ରାତିରେ ନିଜର ବାଇକରେ ସୋରରୁ ଅଞ୍ଜି ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଟ୍ରେଲର ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିବା ବେଳେ ଟ୍ରଲର ପିଛା କରି ତଳନଗର ନିକଟରେ ଟ୍ରଲର ଟିକୁ ଜବତ କରିବା ସହିତ ଏହାର ଚାଳକ ଏବଂ ଖଲାସୀଙ୍କୁ ଥାନାରେ ଅଟକ ରଖିଛି। ଏ ବାବଦରେ ରାଜେନ୍ଦ୍ରଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବାଲେଶ୍ୱର ମେଡିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ରାଜେନ୍ଦ୍ର ଅଙ୍ଗଦାନ ପାଇଁ ସ୍ୱଇଚ୍ଛାରେ ପଞ୍ଜିକୃତ କରିଥିବାରୁ ମୃତ୍ୟୁ ପରେ ତାଙ୍କର ଦୁଇଟି ଆଖିକୁ ଦାନ କରାଯାଇଛି।

## ଜଳେଶ୍ୱର କୋର୍ଟରେ ସବ୍‌ଜଜ୍ ଭାବେ ଲୋପାମୁଦ୍ରା ପଣ୍ଡାଙ୍କ ଯୋଗଦାନ

ଜଳେଶ୍ୱର ୨୩।୩ (ସମିସ) : ଆଜି ଜଳେଶ୍ୱର କୋର୍ଟରେ ଲୋପାମୁଦ୍ରା ପଣ୍ଡା ସବ୍‌ଜଜ୍‌ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାର୍ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଜଳେଶ୍ୱର ବାର୍ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓକିଲସଂଘ ନିର୍ବାଚନ କମିଶନର ଇସାକ ବେଜ୍, ବାର୍‌ସଭାପତି କୁଂଜ ବିହାରୀ ଦାସ, ସଂପାଦକ ବିଜନ କୁମାର ଦେ ପ୍ରମୁଖ ମଂଚଳାସୀନ ହୋଇ ବାର୍ ଓ କୋର୍ଟ ମଧ୍ୟରେ ଉତ୍ତମ ସଂପର୍କ ରହିଲେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ ବୋଲି କହିଥିଲେ। ଏଥିରେ ବହୁ ଆଇନ୍‌ଜିବୀ ଉପସ୍ଥିତ ଥିଲେ।

## ସମୁଦ୍ରରୁ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୨୩।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ତାଳସାରୀ ସମୁଦ୍ରରେ ଜଣେ ଅପରିଚିତ ଶିଶୁ ପୁତ୍ରର ମୃତ ଦେହ ଭାସୁଥିଲା। ସ୍ଥାନୀୟ ମତ୍ସ୍ୟଜୀବୀ ଦେଖି ତାଳସାରୀ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ଖବର ପାଇ ସାମୁଦ୍ରିକ ଥାନା ତରଫରୁ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ପୁତ୍ରର ପରିଚୟ ମିଳିନଥିବାରୁ ଶବ ବ୍ୟବଚ୍ଛେଦ ପରେ ବାଲେଶ୍ୱରରେ ରଖାଯାଇଛି। ତାଳସାରୀ ସାମୁଦ୍ରିକ ଥାନା ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପ୍ରକାଶ କରିଛନ୍ତି।

ଗବରଘଟା ଘୂର୍ଣ୍ଣିଝଡ଼କୁ ୨୮ ବର୍ଷ ବିତିଲା

## ମନରୁ ଲିଭିନି ଭୟଙ୍କର ଦୃଶ୍ୟ, ଆଜି ବି ଝୁରୁଛନ୍ତି ପ୍ରିୟ ପରିଜନ

ଜଳେଶ୍ୱର, ୨୩।୩ (ସମିସ)



ଗବରଘଟା ଟର୍ଣ୍ଣାଡୋକୁ ୨୮ ବର୍ଷ ବିତିଲା, ଆଜିବି ମୃତକଙ୍କ ପରିବାର ମନେ ପକାଉଛନ୍ତି ସେଦିନର ଭୟଙ୍କର ଦୃଶ୍ୟ। ୨୧ଜଣ ଛାତ୍ରଛାତ୍ରୀ ସହିତ ପ୍ରଧାନ ଶିକ୍ଷକଙ୍କ ଜୀବନ ଯାଇଥିବା ବେଳେ ୨୬ଜଣ ମୃତ୍ୟୁବରଣ କରିଥିଲେ ଓ ଶତାଧିକ ଲୋକ ଖଣ୍ଡଆ ଖାବରା ହୋଇଥିବା ବେଳେ ମୃତ ପଶୁପକ୍ଷୀର ହିସାବ ନ ଥିଲା। ଶହଶହ ଲୋକ ଘରଦ୍ୱାର ହରାଇ କ୍ଷତିଗ୍ରସ୍ତ ହୋଇଥିଲେ। ଆଜକୁ ୨୮ ବର୍ଷ ପୂର୍ବେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଗବରଘଟା ଗ୍ରାମରେ ଘଟିଥିବା ଟର୍ଣ୍ଣାଡୋ (ଘୂର୍ଣ୍ଣିଝଡ) ଯାହା ସେତେବେଳେ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା। ସେଦିନ ଥିଲା ୧୯୯୮ ମସିହା ମାର୍ଚ୍ଚ ୨୪ତାରିଖ ମଙ୍ଗଳବାର ଅପରାହ୍ନ ୨ଟା ୪୩ ମିନିଟ। ଗବରଘଟା ଗ୍ରାମ ଥିଲା ଚଳଚଂଚଳ, କର୍ମଜଂଜାଳ ମଣିଷମାନେ ନିଜ ନିଜ କର୍ମରେ ବ୍ୟସ୍ତଥିଲେ। ଠିକ ସେତିକି ବେଳେ ଗ୍ରାମର ପଶ୍ଚିମଦିଗରେ ଥିବା ସୁବର୍ଣ୍ଣରେଖା ନଦୀ ଉପରେ ନୀଳ ଆକାଶରେ କଳା ମେଘ ଡାଙ୍କି ହୋଇଗଲା। ଆକାଶ ଲାଲବର୍ଣ୍ଣ ହୋଇଯିବା ସହିତ ଏକ କେହି କିଛି ବୁଝିବା ପୂର୍ବରୁ ହୁ ହୁ ହୋଇ ମାଡି ଆସିଲା ପବନ ମାତ୍ର କିଛି ମିନିଟ୍ ମଧ୍ୟରେ ପବନର ବେଗ ୫୦୦ କିମି ଅତିକ୍ରମ କରି ଏକ ଭୟଙ୍କର ଟର୍ଣ୍ଣାଡୋର ରୂପ ନେଇଥିଲା। ୧୨୦ ସେକେଣ୍ଡ ମଧ୍ୟରେ ଏହି ଘୂର୍ଣ୍ଣିଝଡ ଏତେ ପ୍ରଳୟ ରଚିଥିଲା ଯାହା ସମସ୍ତଙ୍କର କଳ୍ପନାରେ ବାହାରେ। ଗବରଘଟା ସାଧୁ ବିନୋଦିନୀ ୟୁ.ପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସ୍ଥାନୀୟ ମାଧବପୁର ଗ୍ରାମର ଶ୍ରୀକାନ୍ତ ରାଉଳଙ୍କ ସହିତ ୨୧ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ମଧ୍ୟରେ ଥିବା ବେଳେ ଟର୍ଣ୍ଣାଡୋର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଗ୍ରାମର ଲୋକଙ୍କୁ ମିଶାଇ ୨୬ଜଣ ମୃତ୍ୟୁ ବରଣ କରିଥିବା ବେଳେ ଗ୍ରାମର ଶତାଧିକ ଲୋକ ଗୁରୁତର ହୋଇଥିଲେ। ସାଧୁ ବିନୋଦିନୀ ୟୁ.ପି ସ୍କୁଲ ଓ ଯଦୁନାଥ ଉଚ୍ଚ ବିଦ୍ୟାଳୟ ମାଟିରେ ମିଶିଯାଇଥିଲା। ବିଦ୍ୟାଳୟର କଂକ୍ରିଟ ଛାତ ବହୁ ଦୂରରେ ପଡିଥିବା ବେଳେ କାଛ ତଳେ ଚାପି ହୋଇଯାଇଥିଲେ ଛାତ୍ରଛାତ୍ରୀ। ସୁବର୍ଣ୍ଣରେଖା ନଦୀରେ ବାଲି ବୋଝେଇ ହୋଇଥିବା ଏକ ଟ୍ରକ ୧୫ଫୁଟ ଉପରକୁ ଉଠାଇ ନେଇ ଦୂରକୁ ପକାଇଥିବା ବେଳେ ପୋଖରୀର ପଙ୍କ ଓ ମାଛ ୩୦ଫୁଟ ଉଚ୍ଚ ଗଛ ଉପରେ ଲାଖି ରହିଥିବାର ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ଥିବା ନଳକୂପ ପାଇପ ସହିତ ଉପରକୁ ଉଠାଇ ନେଇ କେଉଁଠି ପକାଇଥିଲା ତାର ପତ୍ତା ମିଳି ନଥିଲା। ସେହି ଅଶୁଭମୟ ମଙ୍ଗଳବାରର ଦୃଶ୍ୟ ଗଣମାଧ୍ୟମରେ ଛାଇଯାଇଥିଲା ଯାହା ସାରା ବିଶ୍ୱ ଦୁଃଖ ପ୍ରକାଶ କରିବା ସହିତ ସୁଦୂର ଆମେରିକା, ଅଷ୍ଟ୍ରେଲିଆର ଜନସାଧାରଣ ଦେଖିବାକୁ ଆସିବା ସହିତ ଗ୍ରାମର ପୁନରୁଦ୍ଧାର ପାଇଁ ସାହାଯ୍ୟର ହାତ ବଢାଇଥିଲେ। ୨୮ ବର୍ଷ ପରେ ୨୦୨୬ରେ ପଡିଛି ପୁଣି ସେହି ମାର୍ଚ୍ଚ ମାସ, ମଙ୍ଗଳବାର ଓ ୨୪ ତାରିଖ। ଆଜିବି ଭୁଲି ନାହାନ୍ତି ସେହି ଦୃଶ୍ୟ। ସେହି ଅଭୁଲା ଦିନର ସ୍ମୃତି ଚାରଣ ପାଇଁ ଗ୍ରାମବାସୀ ଓ ପ୍ରାଣ ହରାଇଥିବା ଆତ୍ମାର ପ୍ରୀୟପରିଜନ ପରିବାରବର୍ଗ ସାଧୁ ବିନୋଦିନୀ ବିଦ୍ୟାଳୟରେ ଥିବା ସ୍ମୃତିପୀଠରେ ପାଳନ ହେବାକୁ ଯାଉଛି ସ୍ମୃତିଚାରଣ ଦିବସ।

ସକାଳ
THE SAKALA



# ବିଇଏମ୍‌ସିର ୭୨୩ କୋଟି ଟଙ୍କାର ବଜେଟ ପ୍ରସ୍ତାବ






- ଗତ ୨ବର୍ଷରେ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ବିଇଏମ୍‌ସିକୁ ମିଳିନି ୨୮୦ କୋଟି ଅନୁଦାନ
- ଦରମା, ପେନ୍‌ସନ୍ ଓ ବାର୍ଷିକ ମେଣ୍ଟେନାନ୍ସ ବାବଦରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା
- ପ୍ରାକ୍ ବଜେଟ୍‌କୁ ନେଇ ସରଗରମ ଆଲୋଚନା; ଆଗାମୀ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି

ବ୍ରହ୍ମପୁର,୨୩।୩(ସମିସ)

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଇଏମ୍‌ସିର ପ୍ରସ୍ତାବିତ ବଜେଟ ୭୨୩କୋଟି ଟଙ୍କା। ଯାହା ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୫୦କୋଟି ଅଧିକା। ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମର ପ୍ରସ୍ତାବିତ ବଜେଟ ଥିଲା ୫୭୯କୋଟି ୮୧ଲକ୍ଷ ୨୦ହଜାର ଶହେ ଟଙ୍କା। ଯାହା ବର୍ତ୍ତମାନ ୭୨୩କୋଟି ୨୬ଲକ୍ଷ ୫୪ହଜାରକୁ ବୃଦ୍ଧି କରାଯାଇଛି। ସେଥିରୁ ଟ୍ୟାକ୍ସ ବାବଦରେ ୧୨କୋଟି ଆଦାୟ ହେବାକୁ ଥିବା ବେଳେ ବିଭିନ୍ନ ଭଡ଼ା ସୂତ୍ରରେ ଆଦାୟ ହେବ ୩ କୋଟି ୩ ଲକ୍ଷ। ବିଭିନ୍ନ ଫି' ଓ ବ୍ୟବହାରିକ ଦେୟ ବାବଦରେ ୧୫ କୋଟି ୫୪ ଲକ୍ଷ ୭୨ହଜାର ୬ଶହ ଟଙ୍କା ଆଦାୟ ହେବାକୁ ଥିବାବେଳେ ଭଡ଼ା ଓ ବିକ୍ରି ବାବଦରୁ ୯୦ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେବ। ସେହିଭଳି ବିଭିନ୍ନ ଯୋଜନାରେ ସରକାରୀ ସୂତ୍ରରୁ ୩୦୩ କୋଟି ୪୦ଲକ୍ଷ ୧୬ଶହ ଟଙ୍କା ମିଳିବାକୁ ଥିବା ବେଳେ ଗିରି ମାର୍କେଟ ନିର୍ମାଣ ପାଇଁ ବିଇଏମସି ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ପ୍ଲାନ୍ ପାଇଁ ୪୦କୋଟି ଓ ଅନ୍ୟ ପ୍ରକଳ୍ପ ପାଇଁ ୭କୋଟି ଏହିଭଳି ମୋଟ ୪୭ କୋଟି ଆର୍ଥିକ ଅନୁଦାନ ମିଳିବାକୁ ଥିବା ଜଣାପଡ଼ିଛି।

ତେବେ ନିଗମ ପକ୍ଷରୁ ନିଜସ୍ୱ ଆୟ ଉତ୍ସରୁ ଆଦାୟ ହେବାକୁ ଥିବା ଅର୍ଥ ଆଦାୟ ହୋଇପାରୁନଥିବାରୁ ସମସ୍ୟା ବୃଦ୍ଧି ପାଉଛି। ଗତ ଆର୍ଥିକ ବର୍ଷରେ ଏହି ବାବଦରେ ମୋଟ ୩୭କୋଟି ୪୪ଲକ୍ଷ ୨୯ହଜାର ୩ଶହ ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଆଦାୟ ହୋଇଛି ମାତ୍ର ୨୩କୋଟି ୫ଲକ୍ଷ ୧୪ହଜାର ୪୯୭ଟଙ୍କା। ଏହି ବାବଦରେ ବିଇଏମସିର ୧୪କୋଟି ୩୯ଲକ୍ଷ ୧୪ହଜାର ୮୦୩ଟଙ୍କାର ରାଜସ୍ୱ ହ୍ରାସ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବଜେଟରେ ଆୟ ଓ ବ୍ୟୟ ପ୍ରାୟତଃ ସମାନ ଥିବା ବେଳେ ଆୟର ଉତ୍ସ ବୃଦ୍ଧି ପାଉନଥିବା ବେଳେ ସରକାରୀ ଅନୁଦାନ ସଠିକ ସମୟରେ ନ ମିଳିବା ଚିନ୍ତାର କାରଣ ହୋଇଛି। ସେପଟେ ସରକାରୀ ଅନୁଦାନର ବିନିଯୋଗ ପ୍ରମାଣପତ୍ର ଦାଖଲ ହେଉ ନଥିବାରୁ ଅନୁଦାନ ମିଳିବାରେ ସମସ୍ୟା ରହିଥିବା କୁହାଯାଉଛି। ବ୍ରହ୍ମପୁର ମହାନଗର ନିଗମକୁ ବାଦ ନେଇ ଅନ୍ୟ ମହାନଗର ନିଗମ ଓ ପୌରସଂସ୍ଥାଗୁଡିକୁ ସରକାରୀ ଅନୁଦାନ ଆସୁଥିଲେ ହେଁ ବ୍ରହ୍ମପୁର ପ୍ରତି ସରକାରୀ ଅବହେଳା କରାଯାଉଥିବା ବୈଠକରେ ଅଭିଯୋଗ ହୋଇଥିଲା। ସେପଟେ ନିଗମର ରାଜସ୍ୱ ଆଦାୟ ହ୍ରାସ ପାଉଥିବା ବେଳେ କର୍ମଚାରୀଙ୍କ ଦରମା, ପେନସନ ଓ ରକ୍ଷଣାବେକ୍ଷଣ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ପାଣିଭଳି ଖର୍ଚ୍ଚ ହେଉଥିବା ଜଣାପଡିଛି।

ସବୁଠାରୁ ବଡକଥା ହେଲା ୨୦୨୪-୨୫ ଏବଂ ୨୦୨୫-୨୬ରେ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ କୌଣସି ଅନୁଦାନ ନଆସିବାରୁ ଚଳିତ ବଜେଟରେ ଅର୍ଥାତ୍ ୨୦୨୬-୨୭ ପ୍ରସ୍ତାବିତ ବଜେଟରେ ଟଙ୍କାଟିଏ ମଧ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ବ୍ୟବସ୍ଥା କରାଯାଇନଥିବା ଦେଖିବାକୁ ମିଳିଛି। ନିଗମ ପକ୍ଷରୁ ସରକାରଙ୍କ ଦିଆଯାଉଥିବା ବିଭିନ୍ନ ପ୍ରକଳ୍ପ ଓ ପ୍ରସ୍ତାବ ଅନୁମୋଦନ ଲାଭ ହେବା ଓ ସେସଂକ୍ରାନ୍ତିୟ ମାର୍ଗଦର୍ଶିକା ଆସିବାରେ ବିଳମ୍ବ ଯୋଗୁଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରି ଶେଷ କରିବାରେ ସମସ୍ୟା ହେଉଥିବା ଜଣାପଡିଛି। ଚଳିତ ବର୍ଷ ବଜେଟରେ ଥିବା ଶତକଡ଼ା ୪୦ପ୍ରତିଶତ ଆକ୍ସନପ୍ଲାନ ଅନୁମୋଦନ ହୋଇଥିବା ବେଳେ ଅବଶିଷ୍ଟ ୬୦ପ୍ରତିଶତ ପ୍ରକଳ୍ପ ବାକି ରହିଛି। ତେବେ ଆଜି ଅନୁଷ୍ଠିତ ପ୍ରାକ ବଜେଟରେ ଥିବା ବିଭିନ୍ନ ସମସ୍ୟାକୁ ସୁଧାରି ଆସନ୍ତା ବଜେଟ ବୈଠକରେ ଚୂଡାନ୍ତ ରିପୋର୍ଟ ଆଗତ କରାଯାଇ ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରାକ ବଜେଟ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ, ସିଏଫଓ ଦେବକୁମାର ସାହୁଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ସମସ୍ତ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଗୋ-ସେବକଙ୍କ ଦୌରାତ୍ମ୍ୟ

## ଫାର୍ମକୁ ଗାଈ-ବାଛୁରୀ ନେଇ ଯାଉଥିବା ୨ ଟ୍ରକ୍ ଭଙ୍ଗାରୁଜା

■ ମାମଲା ରୁଜୁ ହେବ କହିଲା ପୁଲିସ

ବ୍ରହ୍ମପୁର,୨୩।୩(ସମିସ): ଦିନକୁ ଦିନ ବଢୁଛି ଗୋ-ସେବକଙ୍କ ଦୌରାତ୍ମ୍ୟ। ଫାର୍ମକୁ ଗାଈ-ବାଛୁରୀ ନେଇ ଯାଉଥିବା ୨ଟି ଟ୍ରକ୍‌କୁ ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ବାଲୁଙ୍କେଶ୍ୱର ଛକରେ ଅଟକାଇ ଭଙ୍ଗାରୁଜା କରାଯାଇଛି। ଏନେଇ ଗତ ରାତିରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେଆଇନ ଗୋ-ଚାଲାଣ ଅଭିଯୋଗ କରି ଉପସ୍ଥିତ ଗୋସେବକମାନେ ୨ଟି ଟ୍ରକ୍‌କୁ ଭଙ୍ଗାରୁଜା କରିଥିଲେ। ତେବେ କାଗଜପତ୍ର ଯାଞ୍ଚ ପରେ ଉକ୍ତ ୨ଟି ଟ୍ରକରେ ଥିବା ଗାଈ ଓ ବାଛୁରୀ ଏକ ଫାର୍ମ ପାଇଁ ନିଆଯାଉଛି ଏବଂ ସେମାନଙ୍କ କାଗଜପତ୍ର ଠିକ ଥିବା ପୁଲିସ ଜାଣିବାକୁ ପାଇଥିଲା। ଯାଞ୍ଚପରେ ଉକ୍ତ ଟ୍ରକ ସହ ଏହାର ଚାଳକଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଘଟଣାସ୍ଥଳରେ ଟ୍ରକ୍ ଭଙ୍ଗାରୁଜା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିବା ଯୁବକଙ୍କ ନାମରେ ମାମଲା ରୁଜୁ ହେବ ବୋଲି ପୁଲିସ କହିଛି। ପ୍ରକାଶ ଥାଉକି, ରବିବାର ରାତିରେ ବ୍ରହ୍ମପୁର ସହର ଦେଇ ୨ଟି ଟ୍ରକରେ ବେଆଇନ ଗୋ-ଚାଲାଣ ହେଉଥିବା ଖବର ପାଇ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗୋ-ସେବକ ଓ ସ୍ଥାନୀୟ ବାସିନ୍ଦା ବାଲୁଙ୍କେଶ୍ୱର ଛକରେ ଏକତ୍ରିତ ହୋଇଥିଲେ। ସନ୍ଦେହରେ ୨ଟି ଟ୍ରକ୍‌କୁ ଅଟକାଇବା ସହ ଚାଳକ ଏବଂ ହେଲ୍‌ପରଙ୍କୁ ଅଟକ ରଖିଥିଲେ। ଟ୍ରକ୍‌ରେ ଗାଈ ଓ ବାଛୁରୀ ଥିବା ଦେଖିବା ପରେ ଉତ୍ତ୍ୟକ୍ତ ହୋଇ ଟ୍ରକ ଉପରକୁ ଢେଲା ମାଡ଼ କରିଥିଲେ। ଖବରପାଇ ବଡ଼ବଜାର ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ଗାଈ ଓ ବାଛୁରୀ ବୋଝେଇ ୨ଟ୍ରକକୁ ଥାନାକୁ ନିଆଯାଇଥିଲା। ଏହି ୨ଟ୍ରକରେ ୧୮ ଟି ଗାଈ ଓ ବାଛୁରୀ ରହିଥିବା ବେଳେ ସେମାନଙ୍କୁ ଆନ୍ଧ୍ରପ୍ରଦେଶ ନିଆଯାଉଥିଲା। ତେବେ ଏହି ଗାଈ ଓ ବାଛୁରୀ ଏକ ଫାର୍ମକୁ ନେବାକୁ ସମସ୍ତ କାଗଜପତ୍ର ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ବାଇକ୍ ଲୁଟେରା ଗିରଫ

ବ୍ରହ୍ମପୁର,୨୩।୩(ସମିସ): ସଦର ଥାନା ପୁଲିସ ଜଣେ ବାଇକ୍ ଲୁଟେରାକୁ ଗିରଫ କରିଛି। ଗିରଫ ଲୁଟେରା ନିକଟରୁ ଏକ ଚୋରି ବାଇକକୁ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ନିମଖଣ୍ଡି ଥାନା ଅନ୍ତର୍ଗତ ବୁରୁକୁଦି ଗ୍ରାମର ଦିବାକର ବିଷୋୟୀ (୪୨)। ତାକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୫ତାରିଖ ସକାଳେ ବାଲିପଡା ଶିବମନ୍ଦିର ନିକଟରେ ରିଣ୍ଟୁ ଗୌଡ଼ ନିଜର ବାଇକ୍ ପାର୍କିଂ କରିଥିବାବେଳେ ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଟ୍ରାକିଂ କରି ସୋମବାର ଦିବାକରକୁ କାବୁ କରିବା ସହ ତା ନିକଟରୁ ଚୋରି ବାଇକ ଜବତ କରିଥିଲା।

## ପତ୍ନୀଙ୍କୁ ସହଯୋଗ କରିବାରୁ ଆକ୍ରମଣ; ସ୍ୱାମୀ ଗିରଫ

ବ୍ରହ୍ମପୁର,୨୩।୩(ସମିସ): ଜଣେ ବରିଷ୍ଠ ନାଗରିକଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ପାଣିଗ୍ରାହୀପେଣ୍ଠ ଗଣପତିନଗର ୫ମ ଲାଇନ ନିବାସୀ ସଞ୍ଜୟ ନନ୍ଦ(୪୩)। ସୂଚନା ପ୍ରକାରେ, ଅଭିଯୁକ୍ତ ସଞ୍ଜୟ ନିଜ ପତ୍ନୀ ସଂଘମିତ୍ରା ଓ ଦୁଇ ଝିଅଙ୍କୁ ନିର୍ଯାତନା ଦେବା ସହ ଖାଇବାକୁ ଦେଉନଥିବା ଅଭିଯୋଗ ହୋଇଥିଲା। ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାପରେ ସଂଘମିତ୍ରା ବିଭିନ୍ନ ମହଲରେ ଅଭିଯୋଗ କରିବାକୁ ପ୍ରସ୍ତୁତ ହେଉଥିଲେ। ଏଭଳି ସ୍ଥିତିରେ ଶ୍ରୀରାମନଗରର ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ଡାକୁଆ(୬୫) ତାଙ୍କୁ ମାମଲା ଲଢ଼ିବାରେ ସହଯୋଗ କରୁଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ସଞ୍ଜୟ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଶ୍ରୀରାମନଗର ଛକ ନିକଟରେ ପ୍ରଦୀପଙ୍କୁ ଅମାନୁଷିକ ଭାବେ ଗୋଇଠା ଓ ବିଧା ମାରି ରକ୍ତାକ୍ତ କରିଦେଇଥିଲେ। ଆକ୍ରମଣରେ ପ୍ରଦୀପଙ୍କ ଜଂଘ ହାଡ଼ ଭାଙ୍ଗି ଯାଇଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୯୯/୨୬) ରୁଜୁ ହୋଇଛି। ଆଜି ସଞ୍ଜୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ବେଆଇନ ମଦ କାରବାର; ଜଣେ ଗିରଫ

ବ୍ରହ୍ମପୁର,୨୩।୩(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୁଲିସ ବିଜିପୁର ସାନ ବାଉରି ସାହିର ଶଙ୍କର ଦାସ(୩୯)ଙ୍କୁ ଗିରଫ କରିଛି। ଶଙ୍କର ନିକଟରୁ ପୁଲିସ ୧୮ ଲିଟର ମଦ, ୧୦ ଖାଲି ପ୍ଲାଷ୍ଟିକ ବୋତଲ ଓ ଗୋଟିଏ କାହାଳୀ ଜବତ କରିଥିଲା। ଏ ନେଇ ଟାଉନ ଥାନାରେ ମାମଲା(ନଂ.୧୧୯/୨୬) ରୁଜୁ କରାଯାଇଛି। ଶଙ୍କର ନାମରେ ପୂର୍ବରୁ ବ୍ରହ୍ମପୁର ଟାଉନ ଓ ବୈଦ୍ୟନାଥପୁର ଥାନାରେ ୫ ଅବକାରୀ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅବୈଧ ଲଘୁ ଖଣିଜ ଖନନ ଓ ପରିବହନ ଉପରେ କଡ଼ା କଟକଣା

ବ୍ରହ୍ମପୁର,୨୩।୩(ସମିସ)

ବ୍ରହ୍ମପୁର ଉପଖଣ୍ଡରେ ବିଭିନ୍ନ ତହସିଲ ଅଞ୍ଚଳରେ ଅବୈଧ ଲଘୁ ଖଣିଜ ଖନନ ଓ ପରିବହନ ଉପରେ ବ୍ରହ୍ମପୁର ଉପଜିଲ୍ଲାପାଳ କଡ଼ା କଟକଣା ଲଗାଇଛନ୍ତି। ଗଞ୍ଜାମ ଜିଲ୍ଲାର ଖଣି ଅଧିକାରୀଙ୍କ ଅନୁରୋଧ କ୍ରମେ ବ୍ରହ୍ମପୁର ଉପ ଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ ତଥା ବ୍ରହ୍ମପୁର ଉପଜିଲ୍ଲାପାଳ ଏହି ନିଷେଧାଜ୍ଞା ଜାରି କରିଛନ୍ତି। କିଛିଦିନ ପୂର୍ବେ ଖଣି, ରାଜସ୍ୱ ଏବଂ ପୁଲିସ ବିଭାଗର ଏକ ମିଳିତ ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଚିକିଟି, କୁକୁଡାଖଣ୍ଡି, କନିଷି ଏବଂ ସାନଖେମୁଣ୍ଡି ତହସିଲର ଅନେକ ସ୍ଥାନରେ ବିପୁଳ ଭାବେ ବାଲି, ପଥର ଏବଂ ମୋରମ ଚୋରା ଚାଲାଣ ହେଉଛି। ଏହା କେବଳ ସରକାରୀ ସମ୍ପତ୍ତିର କ୍ଷତି କରୁନାହିଁ, ବରଂ ଅଞ୍ଚଳରେ ସାଧାରଣ ଶୃଙ୍ଖଳା ବ୍ୟାହତ କରିବା ସହ ବଡ଼ ଧରଣର ଅଘଟଣର ସମ୍ଭାବନା ସୃଷ୍ଟି କରୁଥିବା ତଦନ୍ତକାରୀ ଦଳ ଜାଣିବାକୁ ପାଇଥିଲେ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ତହସିଲ ଅଞ୍ଚଳରେ ବିନାନୁମତିରେ କୌଣସି ପ୍ରକାରର ଖଣିଜ ଖନନ ଓ ପରିବହନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଏହି ଆଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ତହସିଲଦାର, ପୁଲିସ ଏବଂ ଖଣି ବିଭାଗର ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଉକ୍ତ ନିଷେଧାଜ୍ଞାର କୌଣସି ପ୍ରକାର ଉଲ୍ଲଂଘନ କରାଗଲେ, ଆଇନ ଅନୁସାରେ କଠୋର ଦଣ୍ଡବିଧାନ ସହ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଧାରଣ ଶୃଙ୍ଖଳା ବଜାୟ ରଖିବା ଓ ସରକାରୀ ସମ୍ପଦର ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ପ୍ରଶାସନକୁ ସହଯୋଗ କରିବାକୁ ବ୍ରହ୍ମପୁର ଉପ ଜିଲ୍ଲାପାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅନୁରୋଧ କରିଛନ୍ତି।

**ତହସିଲଦାର, ପୁଲିସ ଓ ଖଣି ଅଧିକାରୀଙ୍କୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

## ଶ୍ରମକୋଡ୍ ବାତିଲ ଦାବିରେ ଆରଡିସିଙ୍କୁ ଦାବିପତ୍ର




ବ୍ରହ୍ମପୁର,୨୩।୩(ସମିସ)

ଜିଲ୍ଲାର ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ଶ୍ରମ କୋଡ୍ ବାତିଲ ସମେତ ବିଭିନ୍ନ ଦାବି ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ କମାପଲ୍ଲୀ ଛକରୁ ଶତାଧିକ କର୍ମଚାରୀ ଶୋଭାଯାତ୍ରାରେ ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ବିକ୍ଷୋଭ କରିଥିଲେ। ଶ୍ରମିକ ଶ୍ରେଣୀଙ୍କ ବିରୋଧ ସତ୍ତ୍ୱେ ଦେଶରେ ଆସନ୍ତା ଏପ୍ରିଲ ପହିଲାରୁ କେନ୍ଦ୍ର ସରକାର ୨୯ଟି ଶ୍ରମଆଇନକୁ ସମାପ୍ତ କରି ଅଣାଯାଇଥିବା ୪ଟି ଶ୍ରମକୋଡ଼କୁ ଲାଗୁ କରିବାକୁ ଯାଉଛନ୍ତି। ସରକାରଙ୍କ ଏହି ଶ୍ରମିକ ବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ନିଷ୍ପତି ବିରୁଦ୍ଧରେ ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ (ଇଫଟୁ) ପକ୍ଷରୁ ସାରାଦେଶରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ରାଜ୍ୟରେ ଠିକା ଆଉଟସୋର୍ସିଂ କର୍ମଚାରୀମାନଙ୍କ ଭଳି ଅସ୍ଥାୟୀ କର୍ମଚାରୀମାନେ ସ୍ୱଳ୍ପ ଦରମାରେ ତଥା ନାନାଦି ଅସୁବିଧା ମଧ୍ୟରେ ସରକାରୀ ବିଭାଗକୁ ଚଳାଇ ଆସୁଥିବା ବେଳେ ଏହି କୋଡ୍ ଲାଗୁ ହେଲେ ଏହି ଶ୍ରେଣୀ ନିଜର ଦାବୀକୁ ଉଠାଇବା ପାଇଁ ସଂଘ ପଞ୍ଜୀକରଣ କରିବା କିମ୍ବା କୌଣସି ଆନ୍ଦୋଳନ କରିବା କଷ୍ଟକର ହେବ। ଏପରିକି କର୍ପୋରେଟ ସପକ୍ଷବାଦୀ ଏହି କୋଡ୍ ଜରିଆରେ ସରକାର ଅଗ୍ନିବୀର ପରି ସ୍ଥିର ଅବଧି ନିଯୁକ୍ତିର ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଥିବାରୁ ଆଗାମୀ ଦିନରେ ସ୍ଥାୟୀ ଓ ନିୟମିତ ନିଯୁକ୍ତି ସ୍ୱପ୍ନ ହୋଇଯିବ ବୋଲି ସଂଘ ଅଭିଯୋଗ କରିଛି। ରାଜ୍ୟରେ କାର୍ଯ୍ୟରତ ଠିକା, ଆଉଟସୋର୍ସିଂ, ସ୍କିମ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ବଜାର ଦର ଅନୁସାରେ ସର୍ବନିମ୍ନ ମଜୁରୀ ପ୍ରଦାନ କରୁନାହାନ୍ତି। ଏହାସହ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ସୁବିଧାକୁ ମଧ୍ୟ ଯୋଗାଇ ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ମାସିକ ଦରମା ପ୍ରଦାନରେ ସମସ୍ୟା ସହ ଶତାଧିକ କର୍ମଚାରୀଙ୍କୁ ଛଟେଇ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ଶ୍ରମିକ ବିରୋଧୀ ଭିବି ରାମଜୀ ଆଇନ ଓ ପ୍ରସ୍ତାବିତ ବିଦ୍ୟୁତ ବିଲ ୨୦୨୫କୁ ବାତିଲ କରିବାକୁ ପ୍ରତିବାଦରେ ଦାବି କରାଯାଇଛି। ବିକ୍ଷୋଭରେ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପୌର କର୍ମଚାରୀ ନେତା ଉତ୍ତମ ନାୟକ, ବିନୋଦ ନାୟକ, ଟୁନା ରଥ, ସ୍ୱାସ୍ଥ୍ୟ କର୍ମଚାରୀ ନେତା ନମିତା ନାୟକ, ହିମାଂଶୁ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ବେହେରା ଓ ସୁରଜ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଗତ ସିଂଙ୍କ ସହିଦ ଦିବସ ପାଳିତ

ବ୍ରହ୍ମପୁର,୨୩।୩(ସମିସ): ସ୍ଥାନୀୟ ପାର୍କସାହି ସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ) ପକ୍ଷରୁ ସହିଦ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ସହିଦଦ ଦିବସ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ଏହି ଦିବସକୁ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ଦେଶବ୍ୟାପି ପାଳନ କରାଯାଇଛି।

କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସମ୍ପାଦକ କାମଦେବ ନାହାକ ଯୋଗଦେଇ ଭଗତ ସିଂ ଯୁବକମାନଙ୍କ ପ୍ରେରଣା ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ଭଗତ ସିଂହଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ ସଂଘର ଜିଲ୍ଲା ସଭାପତି ସୁଶାନ୍ତ ସ୍ୱାଇଁ, ଜିଲ୍ଲା ଉପସଭାପତି ଦୈତାରି ରେଡ୍ଡୀ, ମହେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଜେନା, କୃଷ୍ଣ ମହାରଣା ଓ ମୃଷା ବେହେରା ପ୍ରମୁଖ ଅଂଶଗ୍ରହଣ କରୁଥିଲେ। ସେହିପରି ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ସହିଦ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଦେବରାଜ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ଡ. ଆନନ୍ଦ ସେଠୀ ଓ ଡ. ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶାର ଅଖ୍ୟାତ ସଂଗ୍ରାମୀଙ୍କ ବୀରତ୍ୱ ଗାଥା ଏବଂ ତ୍ୟାଗର ଆଦର୍ଶ ଓ ଶହୀଦ୍ ଦିବସ ପାଳନର ମହତ୍ୱ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ସମାଜସେବା ମୂଳକ କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସଦୁପଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇ ସହିଦଙ୍କ ବଳିଦାନକୁ ସ୍ମୃତିଚାରଣ କରିବା ଶିକ୍ଷାନୁଷ୍ଠାନର କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ଅମର ସହିଦମାନଙ୍କ ସ୍ମୃତିରେ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ୍ ଅଫିସର୍ ଡ. ରବୀନ୍ଦ୍ର କୁମାର ପଣ୍ଡା (ୟୁନିଟ୍-୧) ଓ ଡ. ଶୁଭଶ୍ରୀ ଅପରାଜିତା(ୟୁନିଟ୍-୨) ପରିଚାଳନା କରିଥିଲେ। ଶେଷରେ ପ୍ରୋଗ୍ରାମ୍ ଅଫିସର୍ ଡ. ଶୁଭଶ୍ରୀ ଅପରାଜିତା ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ଅର୍ଥନୀତି ବିଭାଗ ମୁଖ୍ୟ ଡ. ଶିବାନୀ ମିଶ୍ର, ଅର୍ଥନୀତି ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ, ଇତିହାସ ଅଧ୍ୟାପକ ଟି. ଗଣେଶ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ମହାନଗର ୨ନମ୍ବର ୱାର୍ଡ ଅନ୍ତର୍ଗତ ଭଗତ ସିଂହ ଯୁବ ସଂଘ କାର୍ଯ୍ୟାଳୟରେ ସହୀଦ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ସହୀଦ ଦିବସ ଓ ଯୁବ ସଂଘର ୩୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଯୁବ ସଂଘ ପକ୍ଷରୁ ସ୍ଥାନୀୟ ଆନନ୍ଦ ନଗର କେନାଲ ସାହିରେ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ସଂଘ ସଭାପତି ମନୋଜ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଲେଖକ ଏମଏସଭି ଗଙ୍ଗା ରାଜୁ, ବିକାଶମ୍‌ର ସଭାପତି ଏମ.ଭି କାମେଶ୍ୱର, ବରିଷ୍ଠ ସମାଜସେବୀ ଡି. ଜୀବନ କୁମାର, ବରିଷ୍ଠ ବ୍ୟାଙ୍କ କର୍ମଚାରୀ ନେତା ମାଧବ କୋଠିଆ, ଯୁବ ଆଇନଜୀବୀ ତଥା ଗଞ୍ଜାମ ଜିଲ୍ଲା ବାର ଆସୋସିଏସନ୍ ସହ ସମ୍ପାଦକ ଅସିତ କୁମାର ସାବତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ କୁମାର ଚୌଧୁରୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମୁନା ସେଠୀ, ବିମଳ ଆଚାର୍ଯ୍ୟ, ଡି. ତାରକେଶ୍ୱର ପାତ୍ର, କୁମାର ସାହୁ, ଘନ ପଣ୍ଡିତ ଓ ଜୟସେନ ନାହାକ ଉପସ୍ଥିତ ଥିଲେ।









## ଜିଲ୍ଲା କନିଷ୍ଠ ବର୍ଗ ବାସ୍କେଟବଲ୍ ଲିଗ୍ ଉଦ୍‌ଘାଟିତ

ବ୍ରହ୍ମପୁର,୨୩।୩(ସମିସ): ଏମ୍‌କେସିଜି ମେଡିକାଲ କଲେଜ କ୍ୟାମ୍ପସ ସ୍ଥିତ ବାସ୍କେଟବଲ ଏରିନାରେ ସୋମବାର ଗଞ୍ଜାମ ଜିଲ୍ଲା କନିଷ୍ଠବର୍ଗ ବାଳକ ଓ ବାଳିକା ବାସ୍କେଟବଲ ଲିଗ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଗଞ୍ଜାମ ଜିଲ୍ଲା ପୂର୍ବତନ କ୍ରିକେଟ ଖେଳାଳି ଇଂ. ସନ୍ଦୀପ ପାତ୍ର, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡାସଂଘ ଉପ ସଭାପତି କେଦାର ଚୌଧୁରୀ, ବିଜୟ ପଟ୍ଟନାୟକ, ପ୍ରମୋଦ ମହାରଣା, ବିଶ୍ୱନାଥ ପାତ୍ର ଓ ଜିଭିଜି ରବି ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା କ୍ରୀଡାସଂଘ, ଯୁବଜ୍ୟୋତି କ୍ଲବ ଏବଂ ଏମକେସିଜି ବାସ୍କେଟବଲ ପ୍ଲେୟାର କ୍ଲବ ପକ୍ଷରୁ ଟୁର୍ଣ୍ଣାମେଣ୍ଟର ଆୟୋଜନ



କରାଯାଇଛି। ଏଥିରେ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଉତ୍ତମ ଖେଳ ପ୍ରଦର୍ଶନ କରିବା ଖେଳାଳିଙ୍କୁ ଚୟନ କରାଯାଇ ଆସନ୍ତା ଏପ୍ରିଲ ୨ରୁ ୬ ପର୍ଯ୍ୟନ୍ତ କଟକ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ମ୍ୟାଚ ରେଫେରୀ ଭାବେ ରାଜ ନାରାୟଣ ପାତ୍ର, ଜିକେ. ପ୍ରସାଦ, ଭି. ନାଗେଶ୍ୱର, କାଳୀ ପ୍ରସାଦ ରଥ, ଅଭିଷେକ ପଶୁପାଳକ, ଜ୍ଞାନେନ୍ଦୁ ସାମନ୍ତ, ଦୀପକ ପାତ୍ର, ବର୍ଷା ମହାନ୍ତି, ସ୍ୱନ୍ଦନା ମହାନ୍ତି, ସ୍ୱାଗତିକା ସାହୁ, କରିସ୍ମା ବେହେରା, ପିଙ୍କି ମାଲିକ, ଶିବାନୀ ସାହୁ, ଦୀପ୍ତିରାଣୀ ସାହୁ, ସ୍ୱାଗତ ସାହୁ, ମୃତ୍ୟୁଞ୍ଜୟ ସାହୁ, ପ୍ରତ୍ୟୁଷ ଲାକ୍ରା ଓ ମୋହିତ ମହାନ୍ତି ଯୋଗ ଦେବେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

### କୋମାରେ ବ୍ରହ୍ମପୁର ସିଟି ହସ୍ପିଟାଲ୍

## ୨ ବର୍ଷ ଧରି ୧୨ ଆଇସିୟୁ ଅଚଳ; ଚିକିତ୍ସାରୁ ରୋଗୀ ବଞ୍ଚିତ

ବ୍ରହ୍ମପୁର,୨୩।୩(ସମିସ)

ବ୍ରହ୍ମପୁର ସିଟି ହସ୍ପିଟାଲରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ପଦାକୁ ଆସିଛି। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଶିଶୁ ବିଭାଗ ସମେତ ୧୨ଟି ଆଇସିୟୁ ଅଚଳ ହୋଇ ପଡ଼ି ରହିଛି। ଫଳରେ ସଂକଟାପନ୍ନ ରୋଗୀଙ୍କୁ ସମୟପୋଯୋଗୀ ଜରୁରୀ ଚିକିତ୍ସା ପ୍ରଦାନ କରିବାରେ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ପ୍ରକାର ବିଫଳ ହୋଇଛନ୍ତି। ଆବଶ୍ୟକ ସ୍ଥଳେ ରୋଗୀଙ୍କ ସମ୍ପର୍କୀୟମାନେ ବାଧ ହୋଇ ଗୁରୁତର ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରୁଛନ୍ତି। ଫଳରେ ରୋଗୀଙ୍କ ଜୀବନ ବିପଦରେ ପଡ଼ିବା ସହ ପରିବାର ଲୋକଙ୍କୁ ଉଭୟ ଆର୍ଥିକ ଓ ମାନସିକ ଚାପରେ ରହୁଛନ୍ତି। ବ୍ରହ୍ମପୁର ସମେତ ଆଖପାଖ ପ୍ରାୟ ୪୦ରୁ ୫୦କିଲୋମିଟର ଦୂର ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମର ରୋଗୀ ସିଟି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ସେହିକ୍ରମରେ ପ୍ରତିଦିନ ଏଠାକୁ ସହସ୍ରାଧିକ ରୋଗୀ ବିଭିନ୍ନ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ହସ୍ପିଟାଲ ପରିଚାଳନାରେ ତ୍ରୁଟି, ଡ଼ାକ୍ତର ଓ କର୍ମଚାରୀଙ୍କ ଅଭାବ କାରଣରୁ ବହୁ ବିଭାଗରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଉପଲବ୍ଧ ହେଉନଥିବା ଅଭିଯୋଗ ହୋଇଛି।

**ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ କାର୍ଯ୍ୟକ୍ଷମ ହେଉନି ଆଇସିୟୁ**




ପୂର୍ବ ସରକାର ଅମଳରେ ସିଟି ହସ୍ପିଟାଲକୁ ମୋଟ ୧୨ଟି ଆଇସିୟୁ ପ୍ରଦାନ କରାଯାଇଥିଲା। ସେଥିରୁ ୬ଟି ଶିଶୁରୋଗୀଙ୍କ ପାଇଁ ଏବଂ ଅବଶିଷ୍ଟ ୬ଟି ସାଧାରଣ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଆଇସିୟୁ ପରିଚାଳନା ପାଇଁ ୨ଜଣ ଡାକ୍ତର ଓ ୨ଜଣ ନର୍ସିଂ ଅଫିସର ସ୍ୱତନ୍ତ୍ର ତାଲିମ ନେଇଛନ୍ତି। କିନ୍ତୁ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ହସ୍ପିଟାଲର ସମସ୍ତ ୧୨ଟି ଆଇସିୟୁକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଫଳରେ ହସ୍ପିଟାଲକୁ ଭରସା କରି ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ଆଇସିୟୁ ସେବା ମିଳିପାରୁନାହିଁ। ବାଧ ହୋଇ ସଂକଟାପନ୍ନ ରୋଗୀଙ୍କୁ ପରିବାର ସଦସ୍ୟମାନେ ଅନ୍ୟତ୍ର ନେବାକୁ ବାଧ ହେଉଛନ୍ତି। ଆବଶ୍ୟକ ଟେକ୍ନିକାଲ ଷ୍ଟାଫ ଓ ସପୋର୍ଟ ସିଷ୍ଟମ୍‌ର ଅଭାବରୁ ମଧ୍ୟ ସିଟି ହସ୍ପିଟାଲର ଆଇସିୟୁକୁ କାର୍ଯ୍ୟକ୍ଷମ କରିବା ସମ୍ଭବପର ହେଉନଥିବା ଜଣାପଡିଛି। ଯଦ୍ୱାରା ସିଟି ହସ୍ପିଟାଲର ଆଇସିୟୁ ବ୍ୟବସ୍ଥା କୋମାକୁ ଚାଲି ଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ମେଡିକାଲ ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଆବଶ୍ୟକ ମୁତାବକ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଆଇସିୟୁକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ପ୍ରଚଣ୍ଡ ଗ୍ରୀଷ୍ମ ଓ ଇଟାଭାଟି ତାତି କଲାଣି ଅସହ୍ୟ

# ତହସିଲ ପ୍ରଶାସନ ନିରବଦ୍ରଷ୍ଟା

ରାଜକନିକା,୨୩ା୩(ସମିସ)




ଗରମର ଜ୍ୱାଳା ବଢି ବଢି ଚାଲିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଲୋକେ ଡହଳବିକଳ ହେଲେଣି। ହେଲେ ଇଟା ମାଫିଆଙ୍କ ମାଳ ମାଳ ଭାଟି ଲୋକଙ୍କ ନିଦ ହଜେଇ ଦେଇଛି। ଭାଟିରୁ ନିର୍ଗତ ଧୂଆଁ ଆଉ ତାତି ଯୋଗୁ ତ୍ରାହି ତ୍ରାହି ଡାକିଲେଣି ଲୋକେ। ଏଭଳି ସମୟରେ କିନ୍ତୁ ରାଜସ୍ୱ ବିଭାଗ ଅଧିକାରୀଙ୍କ ନିଦ ଭାଙ୍ଗୁ ନ ଥିବା ଅଭିଯୋଗ ହେବା ସହ ସେମାନଙ୍କ ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି।

କନିକା ତହସିଲ ଅନ୍ତର୍ଗତ ପଶ୍ଚିମ କନିକାର ପ୍ରାୟ ଦଶ ପଞ୍ଚାୟତ ସହିତ ଓଳାଭର ସଂଲଗ୍ନ ଅଞ୍ଚଳରେ ନାଳି ଇଟା ନିର୍ମାଣ ଜୋରସୋରରେ ଚାଲିଥିବାବେଳେ ରାଜସ୍ୱ ବିଭାଗ ବୋଧହୁଏ ଆଖିରେ ପଟି ବାନ୍ଧିଛି ବୋଲି ଲୋକେ ଆଲୋଚନା କରୁଛନ୍ତି। ନାଳି ଇଟା ପୋଡ଼ିବା ଉପରେ ସରକାରୀ ପ୍ରତିବନ୍ଧକ ରହିଛି। ଏହି କଟକଣାକୁ କିନ୍ତୁ ତହସିଲ ପ୍ରଶାସନ ପାଳନ ନ କରି ବରଂ ଇଟା ମାଫିଆଙ୍କ ସହ ହାତ ମିଳାଇ ପକେଟ ଗରମ କରୁଥିବା ଚର୍ଚ୍ଚା ହେଉଛି। କେବେ ବି କୌଣସି ଅଧିକାରୀ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ଇଟା ମାଫିଆ ବେଫିକର ଭାବେ ନିଜର ଇଟା ସାମ୍ରାଜ୍ୟ ବଢାଇ ଜନଗଣଙ୍କୁ ଏକପ୍ରକାର ବିପଦ ମୁହଁକୁ ଠେଲି ଦେଇଛନ୍ତି। ରାଜକନିକାରୁ କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଆଖି ସାମ୍ନାରେ ଇଟା ନିର୍ମାଣ କାମ ଚାଲୁଛି। ଭାଟିରେ ନିଆଁ ବିଲାଗୁଛି। ଜନବସତି ଭିତରେ ଇଟା ନିର୍ମାଣ କରିବା ଓ ପୋଡିବା ଫଳରେ ଲୋକେ ନିଶ୍ୱାସ ନେବାରେ ଅସୁବିଧା ଭୋଗୁଥିବାବେଳେ ହୃଦରୋଗୀ ନାକେଦମ ହେଉଛନ୍ତି। ସ୍କୁଲର ଅତି ନିକଟରେ ଖେଳ ପଡିଆ ପାଖରେ ଇଟାଭାଟି ଧୂଆଁରେ ପିଲାମାନେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ତହସିଲ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଉପରେ ସନ୍ଦେହ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପରିବେଶବିତ୍, ବିଭିନ୍ନ ସଂଗଠନ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

## ଦୁଇ ବାଇକ୍ ପୋଡ଼ିବା ନେଇ ଥାନାରେ ଅଭିଯୋଗ

ଡେରାବିଶ, ୨୩ା୩(ସମିସ): ଚାନ୍ଦୋଳ ଫାଣ୍ଡି ଅଧୀନସ୍ଥ ନରଣପଡ଼ା ଗ୍ରାମର ପ୍ରଦୀପ୍ତ କିଶୋର ଦାଶଙ୍କ ଘରେ ଥିବା ଦୁଇଟି ବାଇକକୁ ଗତକାଲି ରାତିରେ କେହି ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଛନ୍ତି। ସେ ଚାନ୍ଦୋଳରେ ଥିବା ତାଙ୍କ ଔଷଧ ଦୋକାନ ବନ୍ଦ କରି ରାତି ୧୦ଟା ପରେ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚିବା ପରେ ତାଙ୍କର ପାର୍ସଲ ଆସିଥିବା ନେଇ କେହି ଜଣେ ବ୍ୟକ୍ତି ଫୋନ୍ କରି ବାହାରକୁ ଡକାଇଥିଲା। ଏତେ ରାତିରେ ସେ ଯିବା ପାଇଁ ମନା କରିଥିଲେ। ରାତି ୧୨ଟା ବେଳେ ଘର ବାହାରେ କିଛି ଶବ୍ଦ ଶୁଣି ଉଠିଥିଲେ। ସେତେବେଳେ ଜଣେ କେହି ବ୍ୟକ୍ତି ତାଙ୍କ ଘର ବାହାରୁ ବାଇକ୍‌ରେ ପଳାଉଥିବା ଦେଖିଥିଲେ। ସନ୍ଦେହରେ କିଛି ସମୟ ନ ଶୋଇ ବସି ରହିଥିଲେ। ପରେ ସେ ଓ ତାଙ୍କ ପରି ପୁତ୍ରବଂର ଶୋଇ ପଡ଼ିଥିଲେ। କିଛି ସମୟ ପରେ ତାଙ୍କ ଘର ଗେଟ୍ ପାଖରେ ଥିବା ଦୁଇଟି ବାଇକ ଉପରେ କେହି ବ୍ୟକ୍ତି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବାରୁ ସେ ଓ ତାଙ୍କ ପରିବାର ଉଠି ଦେଖନ୍ତି ତ ଘର ବାହାରେ ଥିବା ୭ରୁ ୮ ଜଣ ବ୍ୟକ୍ତି ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ପରିବାର ଲୋକ ପାଣି ଓ ବାଲି ସହାୟତାରେ ବାଇକ୍ ଦୁଇଟିରୁ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଦମକଳ ବାହିନୀକୁ ଫୋନ୍ କରିଥିଲେ। ଏଥିସହ ସେ ଥାନାକୁ ଫୋନ୍ କରି ଜଣାଇଥିଲେ। ଆଜି ସକାଳେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବଳିତର ପୋଲ କାମର ସମୀକ୍ଷା କଲେ ମନ୍ତ୍ରୀ

ରାଜକନିକା,୨୩ା୩(ସମିସ): ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳିତର ଘାଟରେ ଖରସ୍ରୋତା ନଦୀ ଉପରେ ପୋଲ ନିର୍ମାଣ କାମର ତଦାରଖ କରିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟକୁ ଗୁଣବତ୍ତା ରକ୍ଷା କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ପୋଲ ନିର୍ମାଣ ଶେଷ ହେଲେ ଆଳି ଓ ରାଜକନିକା ବ୍ଲକ ମଧ୍ୟରେ ଯାତାୟାତ ଅଧିକ ସୁଗମ ଓ ସୁବିଧାଜନକ ହେବା ସହିତ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନ, ବାଣିଜ୍ୟ ଓ ଆର୍ଥିକ କାରବାରରେ ପରିବର୍ତ୍ତନ ଆସିବ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା,୨୩ା୩(ସମିସ): ପ୍ରାଥମିକ ସଡ଼କ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ବସ୍ ଓ ଟ୍ରକ୍ ମାଲିକ ସଙ୍ଘ ସହଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବସ୍, ଟ୍ରକ୍ ସମେତ ବିଭିନ୍ନ ଯାନ ଚାଳକଙ୍କ ଚକ୍ଷୁ ବିନା ମୂଲ୍ୟରେ ପରୀକ୍ଷା କରାଯିବା ସହ ସେମାନଙ୍କୁ ଆବଶ୍ୟକ ପରାମର୍ଶ ସହିତ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବାର୍ଷିକ ଉତ୍ସବ

ରାଜକନିକା,୨୩ା୩(ସମିସ): ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ରାଜକନିକା ଶାଖା ବାର୍ଷିକ ଉତ୍ସବ ନିକଟସ୍ଥ ବାଘବୁଦା ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହାସଚିବ ଗୋକୁଳାନନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ନିର୍ମଳ ଦାସ, କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ସଭାପତି ଯୋଗ ଦେଇଥିଲେ। ରାଜକନିକା ବ୍ଲକ୍ ସଭାପତି ଗଣେଶ ଲେଙ୍କା ଓ ସମ୍ପାଦକ କାଳୀପ୍ରସାଦ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ଯେଉଁ ବୈମାତୃକ ମନୋଭାବ ପୋଷଣ କରିଛନ୍ତି, ତାହାର ସମାଧାନ ନିମନ୍ତେ ଆସନ୍ତା ୨୫ ତାରିଖରେ କଟକ କାର୍ଯ୍ୟାଳୟ ବୈଠକରେ ନିଷ୍ପତ୍ତି ନିଆଯିବ। ୧୮ ଦଫା ଦାବିରେ ସରକାର ନିକଟରେ କିପରି ସରକାର ଯୋଜନାରେ କର୍ମଚାରୀ ଲାଭ ପାଇବେ, ସେ ସଂକ୍ରାନ୍ତରେ ସମସ୍ତେ ମତ ରଖିଥିଲେ। ପରେ ବିଭିନ୍ନ ଜୋନର କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଯେଉଁ କର୍ମଚାରୀ ୮୦ ବର୍ଷରୁ ଅଧିକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ।

## ସୁଲୋଚନା ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୩ା୩(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ହୋମିଓପ୍ୟାଥିକ ଡାକ୍ତର ସ୍ୱର୍ଗତ ଗୋକୁଳ ସେନାପତିଙ୍କ ଧର୍ମପତ୍ନୀ ସୁଲୋଚନା ସେନାପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ




ଅବସରରେ ଶ୍ରଦ୍ଧାଞ୍ଜଳି ସଭା କଷଣଅଣ୍ଟାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବିକ୍ରମ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରେମଲତା ରାଉତ, ଶିକ୍ଷାବିତ କଣ୍ଠୁରୀ ଚରଣ ସ୍ୱାଇଁ, ସମାଜସେବୀ ରାଜେନ୍ଦ୍ର ସାହୁ, ଶେଖର ବାରିକ, ଶିକ୍ଷାବିତ ସୁରେଶ ଜେନା, ସମାଜସେବୀ ହେମନ୍ତ ଜେନା ଓ ପ୍ରାକ୍ତନ ଜୀବନବୀମା ଅଧିକାରୀ ପର୍ଶୁରାମ ସାମଲ, ଶିକ୍ଷା ବିଭାଗ ପ୍ରାକ୍ତନ ଅଧିକାରୀ ଲଳିତ ରାଉତ, ସମାଜସେବୀ ପ୍ରଫୁଲ୍ଲ ସାହୁ, ଲଲାଟେନ୍ଦୁ ସ୍ୱାଇଁ, ସୁଶାନ୍ତ ପଣ୍ଡା, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ, ସାମ୍ବାଦିକ ପତିତପାବନ ଭଦ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କବି ସେନାପତି ପ୍ରଦ୍ୟୁମ୍ନ କେଶରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ରଞ୍ଜିତ ସେନାପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମ ସେନାପତି, ପ୍ରତାପ ସେନାପତି, କବୟତ୍ରୀ ନର୍ମଦା ନିଳୋତ୍ପଳା ସୁଷମା ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ଇଦ୍ ପାଳିତ

ପଟ୍ଟାମୁଣ୍ଡାଇ,୨୩ା୩(ସମିସ): ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ଇଦ୍ ପାଳିତ ହୋଇଯାଇଛି। ଇଦଗାହା ପଡ଼ିଆରେ ସମୂହ ନମାଜ ପାଠ କରାଯାଇଥିଲା। ଏମାମ ସାହେବ ମହମଦ ଇସ୍ରାଫିଲ ଆମଜାଦି ନମାଜ ପାଠ କରାଇଥିବାବେଳେ ସହଯୋଗୀ ମୌଲାନା ୱାସିମ ଅକ୍ତର କାଦିର ଓ ହାଫିଜ ସଲ୍ଲାଉଦ୍ଦିନ ନମାଜ ସହଯୋଗ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସମସ୍ତ ମୁସଲମାନ ଭାଇଭଉଣୀଙ୍କୁ ଇଦ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଯୁବ ସଂଗଠକ ଏମଡି ପପୁଙ୍କ ନେତୃତ୍ୱରେ ଶହ ଶହ ମୁସଲମାନ ବିଧାୟକଙ୍କୁ ଟୋପି ଓ ଚାଦର ପିନ୍ଧାଇ ଭବ୍ୟ ସ୍ୱାଗତ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ଆବାହିକା ରିଜୁୱାନା ବେଗମ, ପଟ୍ଟାମୁଣ୍ଡାଇ ବ୍ଲକ୍ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବରିଷ୍ଠ ସଂଖ୍ୟାଲଘୁ ସଂଗଠକ ସେକ ଅବଦୁଲ ବାରୀ, ସେକ ଅବଦୁଲ ହଲିମ, ଶିକ୍ଷାବିତ ସେକ ସରାତୁଲ୍ଲା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଅମୂଲ୍ୟ ପ୍ରଧାନ, ୧୧ନଂ ୱାର୍ଡ କାଉନସିଲର ସାନିଆ ପରବିନ ସାହେବା, ୮ନଂ କାଉନସିଲର ପ୍ରଶାନ୍ତ ବାରିକ, ୧୩ନଂ ୱାର୍ଡ କାଉନସିଲର ପ୍ରତିନିଧି ନିରାକାର ସାହୁ, ୧ନଂ ୱାର୍ଡ କାଉନସିଲର ପ୍ରତିନିଧି ରବୀନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି କାର୍ଯ୍ୟକ୍ରମ ପରେ ବିଧାୟକ ଶ୍ରୀ ସାହୁ ସାନଜରିଆ ମୁସଲମାନ ବସ୍ତିକୁ ଯାଇ ମୁସଲମାନ ଭାଇଭଉଣୀଙ୍କୁ ପବିତ୍ର ଇଦ ଅବସରରେ ଶୁଭେଚ୍ଛା ଜଣାଇଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର, ୩୦୧ ଜଣଙ୍କୁ ତାଲିମ



ଡେରାବିଶ, ୨୩ା୩(ସମସ): ଡେରାବିଶ ବ୍ଲକ୍ ସଭାଗୃହରେ ଜନଗଣନାରେ ନିୟୋଜିତ ଅଧିକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତହସିଲଦାର ସରୋଜକାନ୍ତ ନାୟକ ଏହି ତାଲିମ ଶିବିରକୁ ଉଦଘାଟନ କରିଥିଲେ। ବିଡିଓ ନମିତା ବାରିକ, ଜିଲ୍ଲା ଏନଆଇସି ଅଧିକାରୀ ଶୁଭେନ୍ଦୁ ସାହୁ ଯୋଗ ଦେଇଥିବାବେଳେ ତାଲିମଦାତା ଭାବେ ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ବ୍ଲକ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ପ୍ରକାଶ ନାୟକ ଓ ଅଯେସ କାନ୍ତ ରାଉତ ଉପସ୍ଥିତ ରହି କିପରି ଜନଗଣନା କାର୍ଯ୍ୟ ସୂଚାରୁରୂପେ ସମ୍ପନ୍ନ ହେବ ଓ ସଠିକ ଉପାୟରେ ସମସ୍ତ ତଥ୍ୟ ନିର୍ଭୁଲ ଭାବେ ଉପସ୍ଥାପିତ ହୋଇପାରିବ, ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତ ଓ ୩୯୦ଟି ୱାର୍ଡରେ ଜନଗଣନା ପାଇଁ ୩୦୧ ଜଣଙ୍କୁ ନିୟୋଜିତ କରାଯାଇଥିବାବେଳେ ତଦାରଖ ପାଇଁ ୪୫ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ୩୧ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ତାଲିମ ପ୍ରଦାନ କରାଯାଉଥିବାବେଳେ ଆସନ୍ତା ମାସ ୧୫ରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।

### ହୋଟେଲରେ ଚଢ଼ଉ

## ୪ ଗ୍ୟାସ୍ ସିଲିଣ୍ଡର ଜବତ, ମାମଲା ରୁଜୁ




ରାଜକନିକା,୨୩ା୩(ସମିସ): ଗ୍ୟାସ ସିଲିଣ୍ଡର ପାଇବାକୁ ଗ୍ରାହକ ହୀନସ୍ତା ହେଉଥିବାବେଳେ ହୋଟେଲରେ ଘରୋଇ ଗ୍ୟାସ ବ୍ୟବହାର ହେଉଛି। ବ୍ୟବସାୟୀଙ୍କ ପାଇଁ କମର୍ସିଆଲ ଗ୍ୟାସ ସିଲିଣ୍ଡର ବ୍ୟବହାର ପାଇଁ ନିୟମ ଥିବାବେଳେ ରାଜକନିକାର ଏକ ହୋଟେଲରେ ଘରୋଇ ଗ୍ୟାସ ବ୍ୟବହାର ହେଉଥିବାବେଳେ ଆଜି ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ ବେଳେ ୪ଟି ସିଲିଣ୍ଡର ଜବତ ହେବା ସହ ମାମଲା ରୁଜୁ ହୋଇଛି। ଗତ ମାସେ ହେବ ଘରୋଇ ଗ୍ୟାସ୍ ସିଲିଣ୍ଡର ମିଳୁ ନ ଥିବାବେଳେ ପ୍ରତି ଗ୍ୟାସ ଏଜେନ୍ସି ପାଖରେ ରାତିଦିନ ଲାଇନ ଲାଗିଛି। କିନ୍ତୁ ଗ୍ରାହକଙ୍କୁ ନ ଦେଇ ଏସବୁ ଗ୍ୟାସ ହୋଟେଲକୁ ଯୋଗାଇ ଦିଆଯାଉଥିବା ଖବର ପାଇ ବିଭିନ୍ନ ସ୍ଥାନରେ ଯୋଗାଣ ବିଭାଗର ଚଢ଼ଉ ଜାରି ରହିଛି। ଆଜି ଚନ୍ଦନପୋଖରୀ ଛକରେ ଥିବା ଏ ମାର୍ଟ ହୋଟେଲରେ ଯୋଗାଣ ବିଭାଗ ଚଢ଼ଉ କରି ୪ଟି ସିଲିଣ୍ଡର ଜବତ କରିଛି। ଅତ୍ୟାବଶ୍ୟକ ସାମଗ୍ରୀର ଚୋରା କାରବାର କରିବା ଓ ମହଜୁଦ କରିବା ଅପରାଧରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜିର ଚଢ଼ଉରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ଦେବଶ୍ରୀ ମାର୍ଥା, କନିକା ଆଡସିନାଲ ତହସିଲଦାର ଦିନେଶ ପ୍ରଧାନ, ଯୋଗାଣ ନିରୀକ୍ଷକ ପ୍ରଦୀପ ପ୍ରୀତମ କର ପ୍ରମୁଖ ସାମିଲ ଥାଇ ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଏହି ହୋଟେଲରେ କେମିତି ଏତେ ପରିମାଣରେ ଘରୋଇ ଗ୍ୟାସ ସିଲିଣ୍ଡର କାରବାର ହେଉଛି, ସେ ନେଇ ଜିଲ୍ଲାପାଳ ସମୀକ୍ଷା କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

### ■ ନବମ ଶ୍ରେଣୀ ଛାତ୍ରୀ ଅପହରଣ ଘଟଣା

## ଗାଡ଼ି ସହ ନାବାଳିକାକୁ ଧରିଲା ପୁଲିସ, ଅଭିଯୁକ୍ତ ଫେରାର

ରାଜନଗର, ୨୩ା୩(ସମିସ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ପଶ୍ଚିମବଙ୍ଗକୁ ଅପହରଣ କରି ନିଆଯାଉଥିଲା। ପଶ୍ଚିମବଙ୍ଗ ନମ୍ବର ଥିବା ଗାଡ଼ିରେ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆଁପାଳ ପଞ୍ଚାୟତ ଅନନ୍ତକେଶରୀ ଗ୍ରାମର କୁନ୍ଦ ବେରାଙ୍କ ପୁଅ ଗୌରାଙ୍ଗ ବେରା (୨୨) ବାଘମାରୀ ପଞ୍ଚାୟତର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର କଣ୍ଟାଇକୁ ଯାଉଥିଲେ। ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ସହ ପୁଲିସ ଟିମ୍ ଗୋଡାଇବା ସହ ରାଜନଗର ଥାନାକୁ ଖବର ଦେଇଥିଲେ। ରାଜନଗର ଆଇଆଇସି ନରେଶ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁଲିସ କର୍ମଚାରୀ ଦୁଇଟି ଟିମରେ ବିଭକ୍ତ ହୋଇ ଅନୁଧ୍ୟାନ କରିଥିଲେ। ଗୋଟିଏ ଟିମ୍ ହଂସୁଆ ସେତୁ ନିକଟରେ ଜଗି ରହିଥିବାବେଳେ ଅନ୍ୟ ଟିମ୍ ଜରିମୂଳ ବଜାରକୁ ଯାଇଥିଲା। ତାଳଚୁଆ ପୁଲିସ ଓ ରାଜନଗର ପୁଲିସ ମିଳିତ ଭାବେ ଚଢ଼ଉ କରି ଏକ ଲୁଗା ଦୋକାନ ନିକଟରେ ଥିବା ଗାଡ଼ିକୁ ଜବତ କରିଥିଲେ। ନାବାଳିକା ସହ ଗୌରାଙ୍ଗ ଶାଢୀ ଶଙ୍ଖା କିଣୁଥିବା ଡ୍ରାଇଭରଠାରୁ ଖବର ପାଇ ପୁଲିସ ଟିମ୍ ଚଢ଼ଉ କରିବା ସମୟରେ ଗୌରାଙ୍ଗ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲା। ପୁଲିସ ଗାଡ଼ିକୁ ନାବାଳିକା ସହ ଥାନାକୁ ନେଇଥିଲା। ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିଲା। ଅପରପକ୍ଷରେ ଗାଡ଼ି ଚଳାଉଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲ୍ଲାର ତିଲଙ୍ଗପୁର ଗ୍ରାମର ଅପୂର୍ବ ଡିଙ୍ଗାଲ (ଡ୍ରାଇଭର)ଙ୍କ ନାମରେ ୫୭/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ଶ୍ରୀମତୀ ଜେନା ସୂଚନା ଦେଇଛନ୍ତି।

### ଗ୍ରାମବାସୀଙ୍କ ଦ୍ୱାରା ମଦ ଜବତ ଘଟଣା

## ଚୋରାମଦ ବେପାରୀଙ୍କ ବିରୋଧରେ ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୨୩ା୩(ସମିସ): ଶନିବାର ଦିନ ମାଳିପୁର ଗ୍ରାମରେ ଚୋରାମଦ କାରବାର ହେଉଥିବା ସମୟରେ ଗ୍ରାମବାସୀଙ୍କ ଦ୍ୱାରା ବିପୁଳ ପରିମାଣରେ ମଦ ଜବତ କରାଯାଇ ପୁଲିସ ଜିମା ଦିଆଯାଇଥିଲା। ସେହି ଗ୍ରାମରେ ଚୋରାମଦ ବିକ୍ରୟ କରୁଥିବା ସୁଶୀଳ ମଲିକଙ୍କ ନାମରେ ଗ୍ରାମବାସୀଙ୍କ ତରଫରୁ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି। ମାଳିପୁର ଗ୍ରାମବାସୀ ୨୦୧୧ରେ ଗ୍ରାମରେ ମଦ ବିକ୍ରିକୁ ନିଷେଧ କରିଥିଲେ। ଫଳରେ ମାଳିପୁର ଗ୍ରାମ ଓ ବଜାରରେ ମଦ ବିକ୍ରି ବନ୍ଦ ରହିଥିଲା। କିଛି ଦିନ ହେବ ଗ୍ରାମର ସୁଶୀଳ ମଲିକ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ବେଖାତିର କରି ଚୋରାମଦ ବେପାର ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ସୁଶୀଳ ନ ମାନି ମଦ ବିକ୍ରି ଜାରି ରଖିଥିଲେ। ଗତ ୬ ତାରିଖରେ ଗ୍ରାମବାସୀ ଗ୍ରାମାଞ୍ଚଳ ଥାନାରେ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ଶନିବାର ଦିନ ଏକାଠି ହୋଇ ସୁଶୀଲଙ୍କ ଘରକୁ ଚୋରା ମଦ ପେଟି ଦେବାକୁ ଆସିଥିବା ଜଣେ ଯୁବକଠାରୁ ୫ପେଟି ମଦ ଜବତ କରି ପୁଲିସ ଜିମା ଦେଇଥିଲେ। ଆଜି ସେମାନେ ସୁଶୀଲ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ବେଣୀପୁର ଘାଟରୁ ଦିନରାତି ଚାଲିଛି ବେଆଇନ ବାଲି ଚାଲାଣ

ପଞ୍ଚୁପାଣ୍ଡବ,୨୩ା୩(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବିରୂପା ନଦୀର ବେଣୀପୁର ଘାଟରୁ ଦିନରାତି ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହି ଘାଟ ନିଲାମ ହୋଇ ନ ଥିଲେ ମଧ୍ୟ କେତେକ ବାଲି ମାଫିଆ ପୁଲିସ ଓ ତହସିଲ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଦିନରାତି ବାଲି ଲୁଟ୍ କରି ମଲେମାଲ ହେଉଥିବା ଅଭିଯୋଗ ହେଉଛି। ଶନିବାର ଓ ରବିବାର ଛୁଟିଦିନରେ ମାଫିଆମାନେ ବେଆଇନ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଟ୍ରାକ୍ଟର କେମିତି ଯିବ ଓ କେଉଁ ବାଟରେ ଯିବ, ସେଥିପାଇଁ ମାଲିକମାନେ କିଛି ଲୋକଙ୍କୁ ବାଟରେ ଜଗାଇଥିବା ଦେଖିବାକୁ ମିଳୁଛି। ଏହାର ତଦନ୍ତ କରାଯାଇ ଚୋରା ବାଲି ଚାଲାଣ ରୋକିବାକୁ ନିକିରାଇ ଥାନା ଅଧିକାରୀ ଓ ଡେରାବିଶ ତହସିଲ ଅଧିକାରୀଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜୟହିନ୍ଦ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ




ପଟ୍ଟାମୁଣ୍ଡାଇ,୨୩ା୩(ସମିସ): ଧୋୟାଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ସମ୍ମିଳନୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାସ୍କର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ରଞ୍ଜିତ ରାଉତ, ପ୍ରାକ୍ତନ ଶିକ୍ଷକ ଚତୁର୍ଭୁଜ ରାଉଳ, କେଦାର ପ୍ରଧାନ, ସୁରେଶ ନାୟକ, ଦୁଃଶାସନ ଜେନା ଓ ଭଗବାନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକଙ୍କୁ ଛାତ୍ରଛାତ୍ରୀ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ବ୍ୟାଚ୍ ପକ୍ଷରୁ ସ୍ଥାପନ କରାଯାଇଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ପୁରାତନ ଛାତ୍ର ସୁବ୍ରତ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅଶୋକ ରାଉତ ସ୍ୱାଗତ ଭାଷଣ ଓ ଅଶ୍ୱିନୀ ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ। ସୁବ୍ରତ ପ୍ରଧାନ ଧନ୍ୟବାଦ ଦେଇଥିବାବେଳେ ବିପ୍ଳବ ବିଶ୍ୱାଳ, ରଶ୍ମିରଞ୍ଜନ ରାଉତ, ପର୍ଶୁରାମ ପରିଡା, ରଞ୍ଜନ ମହାନ୍ତି, କଲ୍ୟାଣୀ ମଲ୍ଲିକ, ଅଞ୍ଜନା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅପରେସନ ସାଗର କବଚ ପ୍ରସ୍ତୁତି ବୈଠକ



ରାଜନଗର,୨୩ା୩(ସମିସ): ରାଜନଗର ବ୍ଲକର ଶେଷ ପ୍ରାନ୍ତରେ ଥିବା ବଙ୍ଗୋପସାଗର ତଟବର୍ତ୍ତୀ ବ୍ଲକର ଏକମାତ୍ର ସାମୁଦ୍ରିକ ଥାନା ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଅପରେସନ ସାଗର କବଚ ପାଇଁ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଗର କବଚ କାର୍ଯ୍ୟକ୍ରମ ଚଳିତ ମାସ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି। ଏହି ଦୁଇଦିନ ମେରାଇନ ପୁଲିସ, କୋଷ୍ଟଗାର୍ଡ ଓ ସାଗର ମିତ୍ରଙ୍କ ଦ୍ୱାରା ତାଳଚୁଆ ଜେଟି, ଫେରିଘାଟ ଓ ଗଭୀର ସମୁଦ୍ର ଦେଇ ଆସୁଥିବା ଲୋକଙ୍କୁ ଚେକିଂ କରାଯିବା ସହିତ ସାମୁଦ୍ରିକ ପଥରେ ଆତଙ୍କବାଦୀଙ୍କୁ ମୁକାବିଲା କରିବା ଓ ସେମାନଙ୍କ ଗତିବିଧି ଉପରେ ନଜର ରଖି କୌଣସି ଆତଙ୍କବାଦୀ ଘଟଣା ଘଟିଲେ ସେମାନଙ୍କ ବିରୁଦ୍ଧରେ କିପରି ଦୃଢ଼ ପଦକ୍ଷେପ ନିଆଯିବ, ସେ ନେଇ ତାଳଚୁଆ ସାମୁଦ୍ରିକ ଥାନା ପରିସରରେ ପ୍ରଶିକ୍ଷଣ ଦିଆଯାଇଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ଜଳ ଭାଗରେ ଯୁଦ୍ଧକୁ ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଆଇଆଇସି ଶ୍ରୀମତୀ ଜେନା ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ପରଲୋକ



ଡେରାବିଶ, ୨୩ା୩(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ କଣିପଡ଼ା ଗ୍ରାମର ସମାଜସେବୀ ମିର ହାରୁନ ଅଲ୍ଲୀ (୫୭)ଙ୍କ ଆଜି ପରଲୋକ ହୋଇଯାଇଛି। ଶ୍ରୀ ଅଲ୍ଲୀ ଗତକିଛି ଦିନ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ କଂଗ୍ରେସ ଦଳର ଜଣେ ଦୃଢ଼ ସମର୍ଥକ ଥିଲେ। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଫକିର ଖଟୁଆ, କୈଳାସ କର, ଉମେଶ ତ୍ରିପାଠୀ, ରାଜୀବଲୋଚନ ମିଶ୍ର, ଚିତ୍ତରଞ୍ଜନ ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଗ୍ରାମରେ ତାଙ୍କୁ କବର ଦିଆଯାଇଥିଲା।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୧୨୭ଟି ଅଭିଯୋଗର ଶୁଣାଣି କଲା ପ୍ରଶାସନ

ରାଜକନିକା,୨୩ା୩(ସମିସ)



ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୭ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଇଛି। ଏଥିରେ ୨୦ଟି ସାମୂହିକ ଓ ୧୦୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା।

ଆଜିର ଏହି ଜ ଶୁଣାଣିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା, ରାଜକନିକା ଥାନା ଅଧିକାରୀ, ବିଡିଓ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଅଭିଯୋଗକାରୀଙ୍କ ନିମନ୍ତେ ମୁଖ୍ୟ ଅଧିକାରୀଙ୍କ ସମ୍ମୁଖରେ ବସି ନିଜର ଅଭିଯୋଗ ପତ୍ର ଦେବାକୁ ଚେୟାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ଏହି ବ୍ଲକ୍‌ର ଓଳାଭର ଅଞ୍ଚଳରେ ଗାଁ ଗାଁରେ ଚୋରାମଦ ବିକ୍ରି, ଗ୍ରୀଷ୍ମ ଆରମ୍ଭରୁ ପାନୀୟଜଳ ସଙ୍କଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନ ବ୍ୟବସ୍ଥା, ଜମିବାଡ଼ି ବିବାଦ, ପୁଲିସ ବ୍ୟବସ୍ଥା ଉପରେ ଅଧିକ ଅଭିଯୋଗ କରାଯାଇଥିବାବେଳେ ଭାରିଗଦା ସମିତି ସଭ୍ୟ ଶରତ ରାଉତ ଗାଁ ଗାଁରେ ଚୋରାମଦ ବିକ୍ରି ରୋକିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସେହିପରି ୨୯ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ରାଜକନିକା ବ୍ଲକରେ ପୋତି ହୋଇଯାଇଥିବା କେନାଲକୁ ଖନନ କରିବାକୁ ଅଭିଯୋଗ କରିଥିବା ଜଣାପଡ଼ିଛି।

୨୩/୩/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୯,୨୫୪/- ସୁନା:୦୨.୦୦୦ ଗ୍ରାମ୍ ରୁପା: ୬୨.୪୦୦ ଗ୍ରାମ୍



### ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା

# ଓଡ଼ିଶା ଦିବସରୁ ଆରମ୍ଭ ହେବ ସଚେତନତା ଯାତ୍ରା

ପୁରୀ,୨୩।୩(ସମିସ)



ପୁରୀ ସହର ଏବଂ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ସୋମବାର ସାଲବେଗ ସମାଧି ପାଠରେ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆବାହକ ସ୍ୱାଧୀନ କୁମାର ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ସହରର ଅନେକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ। ପୂର୍ବ ବୈଠକର ନିର୍ଦ୍ଧାରଣ ଅନୁଯାୟୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆଲୋଚନା ପାଇଁ ସମୟ ଦେବାକୁ ଅନୁରୋଧ କରାଯାଇଥିଲେ ବି ସେ ସମୟ ନ ଦେବା ସମସ୍ତଙ୍କୁ ଆଚମ୍ବିତ କରିଥିଲା। ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉପସ୍ଥିତ ବ୍ୟକ୍ତିମାନେ ବିଭିନ୍ନ ପ୍ରସ୍ତାବ ଦେବା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା ଯେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳଙ୍କୁ ମଞ୍ଚ ସହ ୭ ଦିନ ମଧ୍ୟରେ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରିବାକୁ ଦ୍ୱିତୀୟ ଅନୁରୋଧ ପତ୍ର ଦିଆଯିବ।


ଆଗାମୀ ଏପ୍ରିଲ୍ ପହିଲା ଓଡ଼ିଶା ଦିବସ ଅପରାହ୍ନ ୫ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଏକ ସଚେତନତା ପଦଯାତ୍ରା ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବ। ପରବର୍ତ୍ତୀ ଦିନଠାରୁ ନିରବଚ୍ଛିନ୍ନ ଭାବେ ଏହି ପଦଯାତ୍ରା ଅପରାହ୍ନ ୫ଟାରୁ ସାଲବେଗ ସ୍ମୃତି ପୀଠରୁ ଆରମ୍ଭ ହୋଇ ଶ୍ରୀମନ୍ଦିରଠାରେ ଶେଷ ହେବ। ଏହାସହିତ ପୁରୀ ସହର ଓ ସହରର ପ୍ରତ୍ୟେକ ଅଞ୍ଚଳରେ ସାକ୍ଷରତା ଅଭିଯାନ ମଧ୍ୟ ଆରମ୍ଭ ହେବ। ସେହିପରି ସହର ଓ ସହରର ପ୍ରତ୍ୟେକ ଅନୁଷ୍ଠାନ, ଜାଗା ଆଖଡ଼ା ପ୍ରମୁଖଙ୍କ ସହ ଯୋଗାଯୋଗ କରାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ପୁରୀ ସହରବାସୀ ଶ୍ରୀଗୁଣ୍ଡିଚା ଯାତ୍ରା ଭଳି ଅନେକ ସମୟରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଥିଲେ ମଧ୍ୟ ସେମାନଙ୍କର ଜରୁରୀ ଆବଶ୍ୟକତା ସମୟରେ ପୂର୍ବପରି ସ୍ୱତନ୍ତ୍ର ଭାବେ ଶ୍ରୀମନ୍ଦିର ପ୍ରବେଶ ନିଷେଧ ନିଷ୍ପତ୍ତି ଭାବରେ ଅସନ୍ତୋଷର ଦାନା ବାନ୍ଧୁଛି ଏବଂ ଭବିଷ୍ୟତରେ ଯେକୌଣସି ଅଘଟଣ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଏପରିକି ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମତପ୍ରକାଶ ପାଇଥିଲା।

## ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ କାମ ଦେଖିଲେ ଆଇନ ମନ୍ତ୍ରୀ

ପୁରୀ,୨୩।୩(ସମିସ): ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ କାମ ବୁଲି ଦେଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କାମର ମାନ ଓ ସମୟକୁ ନେଇ ବିଶେଷକରି ରଥଯାତ୍ରା ପୂର୍ବରୁ ସାରିବା ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀ ଓ ଓବିସିସି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମ୍ପ୍ରତି ରୋଷଶାଳା ସଂଲଗ୍ନ କିଚେନ ଆନେକ୍ସର ନବୀକରଣ ସହ ପଣ୍ଡା ଦ୍ୱାରକୁ ଭାଙ୍ଗି ସମ୍ପ୍ରସାରିତ କରାଯାଉଛି। ଅନ୍ୟ ତିନି ପାର୍ଶ୍ୱ ପ୍ରାଚୀରକୁ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଭାଗ ସଦୃଶ ରୂପ ଦିଆଯାଉଛି। ମନ୍ଦିରର ମରାମତି, ଉନ୍ନତୀକରଣ ପାଇଁ ୧୬କୋଟି ଟଙ୍କା ଖର୍ଚ୍ଚ ହେଉଛି। ବାହ୍ୟ ପାର୍ଶ୍ୱ ପାଚେରି ମରାମତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୩ କୋଟି ୯୬ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହାବ୍ୟତୀତ ସର ଘର, ତୁଣିଆ ଘର, ବଲ୍ଲଭ ଘର ନୂତନ ଭାବେ ତିଆରି କରାଯାଉଛି। ସେହିପରି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ମାର୍କେଟ, ବଡ଼ଦାଣ୍ଡ ସମେତ ସହରର ପ୍ରମୁଖ ୧୫ଟି ଜନଗହଳିପୂର୍ଣ୍ଣ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ୍ ଲଗାଇବାକୁ ଆଲୋଚନା ହୋଇଛି। ଏଥିରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ବନ୍ଧୀୟ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ମରାଳିକା'ର ଲୋକାର୍ପଣ ଉତ୍ସବ

ପୁରୀ,୨୩।୩(ସମିସ)



ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ୱଦେଶ ଛାତ୍ରାବାସର ସାରସ୍ୱତ ମୁଖପତ୍ର 'ମରାଳିକା'ର ଲୋକାର୍ପଣ ଉତ୍ସବ ନୂତନ ଭାବେ ଉଦ୍‌ଘାଟିତ ଛାତ୍ରାବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖପତ୍ରକୁ ଉନ୍ମୋଚନ କରିବା ସହିତ ନୂତନ କକ୍ଷକୁ ଉଦ୍‌ଘାଟନ କରି ଛାତ୍ରାବାସ ହେଉଛି ଏକ ବିକଳ୍ପ ଘର। ଏଠି ମାଆ ବାପା ନ ଥା'ନ୍ତି, କିନ୍ତୁ ଥାଆନ୍ତି ଈଶ୍ୱର। ଭବିଷ୍ୟତ ନିର୍ମାଣରେ ଏହି ଛାତ୍ରାବାସ ସାହାଯ୍ୟ କରିବ ବୋଲି ପ୍ରକାଶ କରିବା ସହିତ 'ମରାଳିକା'ର ସମସ୍ତ ଲେଖକ ଓ ସମ୍ପାଦନା ମଣ୍ଡଳୀଙ୍କୁ ଅଶେଷ ଶୁଭକାମନା ଜଣାଇଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନ, ଉମାକାନ୍ତ ମହାପାତ୍ର, ଚିନ୍ମୟ ବିବେକ, ସନ୍ନ୍ୟାସୀ ନାୟକ, ଆଲୋକ ପ୍ରଧାନ, କାମଦେବ ମହାରଣା ପ୍ରମୁଖ ଅତିଥି କବି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହିତ ସ୍ୱରଚିତ କବିତାପାଠ କରିଥିଲେ। 'ଅଭିନନ୍ଦନିକା' ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପତ୍ରିକା ସମ୍ପାଦକ ଶୁଭ୍ରଜିତ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରାବାସର ଅନ୍ତେବାସୀ ଉପସ୍ଥିତ ଥିଲେ।

## ଚନ୍ଦ୍ରଶେଖର ଏକାଡେମୀର ବାର୍ଷିକ ଉତ୍ସବ

ପୁରୀ,୨୩।୩(ସମିସ): ବାଲିଘାଇସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ୍‌ର ସିଆର୍‌ସିସି ସନ୍ତୋଷ କୁମାର ପ୍ରଧାନ, ଏକାଡେମୀର ଚେୟାରମ୍ୟାନ୍ ଶ୍ରୀମନ୍ତ କୁମାର ଦାସ ଏବଂ ଅମିତା ପଟ୍ଟନାୟକ, ବିଦ୍ୟାଳୟର ସମ୍ପାଦକ ସଞ୍ଜୀବ କୁମାର ନାୟକ, ପ୍ରଧାନଶିକ୍ଷକ ତାପସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହପ୍ରଦ ଓ ପ୍ରେରଣାମୂଳକ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ବିବିଧ ନୃତ୍ୟ ଓ ନାଟ୍ୟ ପ୍ରଦର୍ଶନ କରିଥିଲେ। ବିଶେଷକରି ପ୍ରି-ପ୍ରାଇମେରୀ ଛାତ୍ରଛାତ୍ରୀମାନଙ୍କର ପ୍ରଦର୍ଶନ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟର ସଫଳତା, ଶିକ୍ଷା ପ୍ରଦାନ ଓ ସହ ପାଠ୍ୟକ୍ରମୀୟ କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ



ଉତ୍କୃଷ୍ଟ ଫଳାଫଳ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ବିକାଶ ଦାସ, ଅଭିଳାଷ ମିଶ୍ର, ରଜତ ପାଣି, ଚନ୍ଦନ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ, ଶକୁନ୍ତଳା ରଥ, ପାର୍ବତୀ ସୋରେନ୍, ସସ୍ମିତା ପ୍ରଧାନ, ଶର୍ମିଷ୍ଠା ଦଳାଇ, ଦିବ୍ୟାନି ପଟ୍ଟନାୟକ, ରଶ୍ମିତା ସ୍ୱାଇଁ, ସତ୍ୟଭାମା ସ୍ୱାଇଁ, ସୁମିତ୍ରା ମହାନ୍ତି, ଅଲିଭା ମିଶ୍ର, ରଞ୍ଜନ ରଶ୍ମି ମହାନ୍ତି, ଶ୍ୱେତପଦ୍ମା ବେହେରା, ମଧୁସ୍ମିତା ସ୍ୱାଇଁ, ସୁଚିତ୍ରା ପ୍ରଧାନ, ଧରିତ୍ରୀ ମଲ୍ଲିକ, ବିଦ୍ୟାଳୟର ଡ୍ରାଇଭର ଉପବ ନାୟକ, ପ୍ରଦିପ୍ତ ନାୟକ, ବିଷ୍ଣୁ ମହାନ୍ତ, କର୍ମଚାରୀ ରିଙ୍କି ଗୋଚ୍ଛାୟତ, ସୌଦାମିନୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଏଥିରେ ବହୁସଂଖ୍ୟାରେ ଅଭିଭାବକ ଯୋଗଦେଇଥିଲେ।

## ବସ୍‌ଷ୍ଟାଣ୍ଡରେ ଜଳିଗଲା ବସ୍

ପୁରୀ,୨୩।୩(ସମିସ): ରବିବାର ବିଳମ୍ବିତ ରାତିରେ ପୁରୀ ବସ୍‌ଷ୍ଟାଣ୍ଡରେ ଘଟିଛି ଅଘଟଣ। କୌଣସି କାରଣରୁ ଏକ ଘରୋଇ ବସ୍‌ରେ ନିଆଁ ଲାଗିଯିବାରୁ ତାହା ଜଳିଯାଇଛି। ହଠାତ୍ ବସ୍‌ଟି ଜଳୁଥିବା ଦେଖି ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ତିନିଟି ଦମକଳ ଗାଡ଼ି ତୁରନ୍ତ ବସ୍‌ଷ୍ଟାଣ୍ଡରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି କିମ୍ବା କୌଣସି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ବଡ଼କଥା ହେଉଛି ବସ୍‌ଷ୍ଟାଣ୍ଡରେ ଅନେକ ବସ୍ ରହୁଥିବାବେଳେ ଅଗ୍ନିଶମ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଛି। ଘଟଣାକୁ ନେଇ ଉଭୟ ଅଗ୍ନିଶମ ବିଭାଗ ଏବଂ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି ଅଗ୍ନିଶମ ବିଭାଗ ଅଧିକାରୀ। ସେପଟେ ଅଗ୍ନିଶମ ବିଭାଗର ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ପ୍ରତ୍ୟକ୍ଷଦର୍ଶୀ। ପୁରୀ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, "ରବିବାର ବିଳମ୍ବିତ ରାତିରେ ବସ୍‌ଷ୍ଟାଣ୍ଡରେ ଏକ ବସ୍‌ରେ ନିଆଁ ଲାଗିଥିବା ଖବର ପାଇବା ପରେ ସଙ୍ଗେ ସଙ୍ଗେ ୩ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ପାଖରେ ଥିବା ଅନ୍ୟ ବସ୍‌କୁ ନିଆଁ ବ୍ୟାପି ନ ଥିଲା। ଯାହାଫଳରେ ଏକ ବଡ଼ ଅଘଟଣକୁ ରୋକାଯାଇପାରିଛି। ଏହି ଘଟଣାରେ କେବଳ ବସ୍‌ଟି ଜଳିଯାଇଛି।

■ ସହିଦ ଦିବସରେ 'ସମ୍ପର୍କ'ର ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା

## ଯୁବପିଢ଼ିଙ୍କ ମଧ୍ୟରେ ଦେଶଭକ୍ତି ଜାଗୃତିକୁ ଗୁରୁତ୍ୱ

ପୁରୀ,୨୩।୩(ସମିସ): ସହିଦ ଦିବସ ଅବସରରେ 'ସମ୍ପର୍କ' ଓ 'ମାଇଁ ଭାରତ' ତରଫରୁ ସୋମବାର 'ମୋର ଭାରତ, ମୋର ଦାୟିତ୍ୱ' ଶୀର୍ଷକ ଏକ ବିଶାଳ ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶର ଅମର ସହିଦମାନେ ଭଗତ ସିଂହ, ଶିବରାମ ହରି ରାଜଗୁରୁ ଓ ସୁଖଦେବ ଥାପ୍ପରଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଅପୂର୍ବ ବଳିଦାନକୁ ସ୍ମରଣ କରାଯାଇଥିଲା। ଏଥିସହ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ଗୋପବନ୍ଧୁ ଦାସ, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ଜୟୀ ରାଜଗୁରୁ, ଆଚାର୍ଯ୍ୟ ହରିହର, ସୁଭାଷ ଚନ୍ଦ୍ର ବୋଷ ଓ ମଧୁସୂଦନ ଦାସ ପ୍ରଭୃତି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଦଯାତ୍ରା ସରକାରୀ ମହିଳା ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିବାବେଳେ ବହୁ ସଂଖ୍ୟକ ଯୁବକ ଯୁବତୀ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଏଥିରେ ସାମିଲ୍ ହୋଇଥିଲେ। ପରେ ସନ୍ଧ୍ୟାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଦେଶଭକ୍ତି, ନାଗରିକ କର୍ତ୍ତବ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧକୁ ଜାଗୃତ କରାଯାଇଥିଲା। ସେଥିସହ 'ମାଇଁ ଭାରତ' ଅଭିଯାନ ଅଧୀନରେ ସ୍ୱେଚ୍ଛାସେବୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହା ଏକ ସଫଳ ପଦକ୍ଷେପ ରୂପେ ପ୍ରମାଣିତ ହୋଇଛି। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସକ୍ରିୟ ଭାଗିଦାରୀ କାର୍ଯ୍ୟକ୍ରମକୁ ସଫଳ କରିଥିବାବେଳେ ଯୁବପିଢ଼ିଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ହୋଇଥିଲା।

'ସମ୍ପର୍କ'ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟକ ରୂପେ ଯୋଗଦେଇଥିଲେ। ଦର୍ଶନ ବିଭାଗର ମୁଖ୍ୟ ଡ. ଜ୍ୟୋତି ପ୍ରକାଶ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭ ପ୍ରକାଶ ଶର୍ମା, ବିଶ୍ୱଜିତ୍ ମିଶ୍ର, ଆଶୁତୋଷ ସ୍ୱାଇଁ, ସରୋଜ ଦାସ ଓ ସିଧାଂଶୁ ଶେଖର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ସଫଳ ସମ୍ପାଦନାରେ ସହଯୋଗ କରିଥିଲେ। ଉଲ୍ଲେଖ୍ୟ ଯେ, ପ୍ରତିବର୍ଷ ମାର୍ଚ୍ଚ ୨୩ରେ ଭାରତରେ ସହିଦ ଦିବସ ପାଳନ କରାଯାଏ। ୧୯୩୧ରେ ଏହି ଦିନ ଭଗତ ସିଂହ, ଶିବରାମ ହରି ରାଜଗୁରୁ ଓ ସୁଖଦେବ ଥାପ୍ପରଙ୍କୁ ବ୍ରିଟିଶ ସରକାର ଫାଶୀ ଦେଇଥିଲା। ସେମାନଙ୍କ ଅପୂର୍ବ ବଳିଦାନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ନୂତନ ଦିଗ ଦେଇଥିଲା ଏବଂ ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ମୂଳ ସ୍ରୋତ ରହିଛି।

## ୧୨.୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ପୁରୀ,୨୩।୩(ସମିସ): ବଳିଆପଣ୍ଡା ଥାନା ପୁଲିସ ୧୨.୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦାମୋଦର ରୋଡ୍ ହରଚଣ୍ଡୀ ଲେନ୍‌ର ବଳଭଦ୍ର ଜେନା (୨୨), ଗୌଡ଼ବାଡ଼ ସାହି ଜମେଶ୍ୱର ମନ୍ଦିର ନିକଟ ବଳଭଦ୍ର ମହାନ୍ତି (୩୫)। ପୁଲିସ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ବଳିଆପଣ୍ଡା ଥାନା ପୁଲିସ ଷ୍ଟର୍ଲିଂ ଛକ ନିକଟ ଜୟ ଜଗନ୍ନାଥ ଗୋଲେଇରୁ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୧୨.୫ ଗ୍ରାମ୍ ବ୍ରାଉନ୍‌ସୁଗର ସହ ଗୋଟିଏ ବାଇକ୍, ଦୁଇଟି ମୋବାଇଲ୍ ଏବଂ ୫୫୦ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (୭୩/୨୬) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭକ୍ତଙ୍କ ବେକରୁ ସୁନାଚେନ୍ ଲୁଟ୍; ମାଆ-ପୁଅ ଗିରଫ

ପୁରୀ,୨୩।୩(ସମିସ): ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିବାବେଳେ ଜଣେ ମହିଳାଙ୍କ ବେକରୁ ସୁନାଚେଟ୍ ଲୁଟ୍ କରିବା ଅଭିଯୋଗରେ ଧରାପଡ଼ିଛନ୍ତି ପଶ୍ଚିମବଙ୍ଗର ମାଆ-ପୁଅ। ସେମାନଙ୍କୁ ସିଂହଦ୍ୱାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ହୁଗୁଳି ଜିଲ୍ଲା ବଣ୍ଡିଲ୍ ଗ୍ରାମର ମାଆ ଲଳିତା ମୁଦୁଲିଆ (୬୬) ଏବଂ ପୁଅ ଦେବ ମୁଦୁଲିଆ (୩୪)। ଅଭିଯୋଗ ଅନୁଯାୟୀ, ଗଜପତି ଜିଲ୍ଲା କାଶୀନଗରର କେ. ଚନ୍ଦନାମ (୫୬) ପରିବାର ସଦସ୍ୟଙ୍କ ସହ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସୋମବାର ସକାଳ ପ୍ରାୟ ୯ଟା ୩୫ ସମୟରେ ସେମାନେ ଧାଡ଼ିରେ ଥିଲେ। ଏହି ସମୟରେ ଗହଳି ଥିଲା। ଅଭିଯୁକ୍ତ ଧାଡ଼ି ମଝିକୁ ପଶିଆସି ଚନ୍ଦନାମଙ୍କ ବେକରେ ଥିବା ୨୪ ଗ୍ରାମ୍‌ର ଏକ ସୁନାଚେନ୍‌କୁ କାଟି ନେଇ ପଳାଇ ଯାଉଥିଲେ। ଚନ୍ଦନା ଏବଂ ତାଙ୍କ ସମ୍ପର୍କୀୟ ପାଟି କରିବାରୁ ଡ୍ୟୁଟିରେ ଥିବା ପୁଲିସ ଅଭିଯୁକ୍ତ ଦ୍ୱୟଙ୍କୁ ମାଡ଼ି ବସିଥିଲେ। ଯାଞ୍ଚବେଳେ ତାଙ୍କ ନିକଟରୁ ଚୋରି ସୁନାଚେନ୍ ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ପରେ ମାଆ-ପୁଅଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ପୁରୀ,୨୩।୩(ସମିସ): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ଓଡ଼ିଶା ଯୁବ ଚେତନା ସଂଗଠନର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଚୈତନ୍ୟ ବିହାରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ, ଡା. ସୂର୍ଯ୍ୟକାନ୍ତ ପୃଷ୍ଟି, ଡା. ସୋନାଲିକା ଜେନା, ନମ୍ରତା ଦାସ ଏବଂ ଓଡ଼ିଶା ଯୁବ ଚେତନା ସଂଗଠନର ଆବାହକ ଦେବାଶିଷ ଦାସ, ଶିବରାମ ପ୍ରଧାନ ଓ ଶ୍ୟାମସୁନ୍ଦର ଛୋଟରାୟ ପରିଚାଳନା କରିଥିଲେ। ଶିବିରରେ ଅନୁଭବୀ ଡାକ୍ତରମାନେ ଓ ସ୍ୱାସ୍ଥ୍ୟକର୍ମୀ ବିଭିନ୍ନ ପରୀକ୍ଷା ଯେପରିକି ରକ୍ତଚାପ, ରକ୍ତରେ ସୁଗାର ଓ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆବଶ୍ୟକ ଅନୁଯାୟୀ ଔଷଧ ମଧ୍ୟ ବଣ୍ଟନ କରିଥିଲେ। ଆୟୋଜକମାନେ କହିଥିଲେ ଯେ, ବୃଦ୍ଧମାନେ ମଧୁମେହ, ରକ୍ତଚାପ ଓ ସନ୍ଧିବାତ ଭଳି ରୋଗରେ ଅଧିକ ପ୍ରଭାବିତ ହୋଇଥା'ନ୍ତି। ସେଥିପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ସୁସ୍ଥ ଜୀବନଯାପନ ପାଇଁ ଠିକ୍ ଖାଦ୍ୟାହାର ଓ ବ୍ୟାୟାମ ଆବଶ୍ୟକ।

## ଆଇନ ସଚେତନତା ଶିବିର

ପୁରୀ,୨୩।୩(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ଅଧ୍ୟକ୍ଷା ତଥା ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ମିସ୍ ଚିନ୍ମୟୀ ଦେହୁରିଙ୍କ ନିର୍ଦ୍ଦେଶ ଅନୁଯାୟୀ ରବିବାର ବିଶ୍ୱ ଜଳ ଦିବସ ଅବସରରେ ସିଭିଲ୍ କୋର୍ଟ ପରିସର ବିକଳ୍ପ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର କାର୍ଯ୍ୟକାରୀ ସଚିବ ପ୍ରଜ୍ଞା ପଣ୍ଡା ଏହି ଶିବିରକୁ ଉଦ୍‌ଘାଟନ କରି କହିଥିଲେ ଯେ, ଜଳ ହିଁ ଜୀବନ। ବିନା ଜଳରେ ଜୀବଜଗତ ତିଷ୍ଠିରହିବା କଷ୍ଟକର। ବିଶ୍ୱରେ କିଭଳି ଭାବେ ଦିନକୁ ଦିନ ଜଳସଙ୍କଟ ଦେଖାଦେଉଛି ଓ କ'ଣ କଲେ ଏହି ସଙ୍କଟରୁ ମୁକ୍ତି ମିଳିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଏହା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଭିଲ୍ କୋର୍ଟର ବିଚାର ବିଭାଗୀୟ ବିଚାରପତି ଓ ସମସ୍ତ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଉପଯୋଗୀ ହୋଇପାରିବ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀ ସହଯୋଗ କରିଥିଲେ।

## ୨୯ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୨୩।୩(ସମିସ): ସହିଦ ଦିବସ ଅବସରରେ ରବିବାର କୁମ୍ଭାରପଡ଼ା ବଡ଼ ଜାଗା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ପୁରୀ ବକ୍ସିଂ ଏକାଡେମୀ ଆନୁକୂଲ୍ୟରେ ଶକ୍ତି ଓ କଲ୍ୟାଣୀ ଆରୋଗ୍ୟ ମହିଳା ସମିତି ସହଯୋଗରେ ଆୟୋଜିତ ହୋଇଥିଲା। ଶିବିରକୁ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ସ୍ମିତାଞ୍ଜଳି ପତି, ସନ୍ତୋଷ ମିଶ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୨୯ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରକୁ ମନୋଜ ମହାପାତ୍ର, ମନୋଜ ବେହେରା, ଜାବିର୍ ଖାଁ, ସଂଯୁକ୍ତା ସ୍ୱାଇଁ, ମାମିନା ସିହ୍ନା, ପ୍ରକାଶ ଗୋଚ୍ଛାୟତ ପ୍ରମୁଖ ପରିଚାଳନା କରିଥିଲେ।

## ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ଉଦ୍‌ଯାପିତ

ପୁରୀ,୨୩।୩(ସମିସ): ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ତିନିଦିନିଆ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇଥିଲେ। ଆମେ ସୁସ୍ଥ ରହିଲେ ରାଜ୍ୟ ଓ ଦେଶ ସୁସ୍ଥ ରହିବ। ଦେଶ ସୁସ୍ଥ ରହିଲେ ସମୃଦ୍ଧି ସହଜ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ବର୍ତ୍ତମାନ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିବିଧ ଚାପରେ ରହୁଥିବାରୁ ମାନସିକ, ଶାରୀରିକ ଭାବେ ପ୍ରଭାବିତ ହେଉଛନ୍ତି। ଏହାକୁ ପରିଚାଳନା ପାଇଁ ସୁସ୍ଥ ରହିବା ଓ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ। ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ ଯୋଗ, କ୍ରୀଡ଼ା, ମନୋରଞ୍ଜନ ଇତ୍ୟାଦି ବିବିଧ କ୍ଷେତ୍ରରେ ଆମକୁ ଆଗେଇ ନେଇଥାଏ। ଏହାକୁ ନିତ୍ୟ ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ ଆଥ୍‌ଲେଟ୍ ଦୂତୀ ଚାନ୍ଦ, ଯୁବ ଅଭିନେତା ଶୁଭମ୍ ନାୟକ, ସାଇର ସହଯୋଗୀ ପାର୍ଟନର ତଥା ସିଇଓ ସୁଜିତ୍ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ। ସାଇ ବା ଭାରତୀୟ କ୍ରୀଡ଼ା ପ୍ରାଧିକରଣର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପନିର୍ଦ୍ଦେଶକ ତୈଲୋକ୍ୟନାଥ ସାହୁ ପ୍ରମୁଖ ଯୋଗଦେଇ ଫିଟ୍ ଇଣ୍ଡିଆର ଏଭଳି କାର୍ଯ୍ୟକ୍ରମ ଏକ ସୁନ୍ଦର ଓ ସଫଳ ପଦକ୍ଷେପ ବୋଲି କହିଥିଲେ। ଏହାର ସୁଫଳ ଲୋକେ ନିଶ୍ଚିତ ପାଇବେ ଓ ସୁସ୍ଥ ରହିବେ ବୋଲି ସେମାନେ ଆଶା କରିଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ପ୍ରତି ଦିନ ଯୋଗ, ଜୁମ୍ବା, ବିଚ୍ ଭଲି, ବିଚ୍ କ୍ରିକେଟ, କବାଡ଼ି, କୁସ୍ତି, ମାଲଖମ୍ବ, ପାଇକ ଆଖଡ଼ା ସହ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପଞ୍ଚମ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା

# ଶିକ୍ଷକଙ୍କ ବିରୋଧରେ ଡିଇଓଙ୍କୁ ଦାବିପତ୍ର ଦେଲା ଆପ୍

ପୁରୀ,୨୩।୩(ସମିସ)

ଗତ ଶୁକ୍ରବାର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ଶିକ୍ଷକ ଜଣକ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ପୀଡ଼ିତା ଛାତ୍ରୀ ପରିବାର ଲୋକଙ୍କୁ କହିଥିଲେ। ପରିବାର ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରାଯାଇଥିଲା। ହେଲେ ଏଭଳି ଏକ ଲଜ୍ଜାଜନକ ଘଟଣା ଯେପରି ବାହାରକୁ ପ୍ରଘଟ ନ ହେବ ସେଥିଲାଗି ସୁଚିନ୍ତିତ ଯୋଜନା କରାଯାଇଥିଲା। ଥାନାକୁ ଅଭିଯୋଗ ଆସି ନ ଥିଲା। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ସୋମବାର ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ଘଟକୁଦି ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିବା ପରେ ଏହାକୁ ଚାପିଦେବା ପାଇଁ ଯୋଜନା କରାଯାଇଥିଲା। ଗାଁ କମିଟି, ସମ୍ପୃକ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ କିଛି ମୁଷ୍ଟିମେୟ ବ୍ୟକ୍ତି ଏହାକୁ ଦବାଇ ଦେଉଛନ୍ତି। ଏଥିରେ ୩ ଲକ୍ଷ ଟଙ୍କାର

### ବିଇଓଙ୍କୁ ରିପୋର୍ଟ ମାଗିଲେ ଡିଇଓ

କାରବାର ହୋଇଥିବା ଶୁଣିବାକୁ ମିଳୁଛି। ଏହାଦ୍ୱାରା ଜଣେ କୁନିଝିଅର ଇଜ୍ଜତ ସଉଦା ଚାଲିବା ସଭ୍ୟ ସମାଜ ପାଇଁ କେତେଦୂର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ତାଙ୍କ ପାଖରେ ଏହାର ରେକର୍ଡିଂ ରହିଛି। ତେଣୁ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଦୋଷୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି ସଞ୍ଜୀବ।



ଏ ସଂକ୍ରାନ୍ତରେ ଡିଇଓ ଦୀପକ କୁମାର ପାଢ଼ୀଙ୍କୁ ପଚାରିବାରେ, ବିଭିନ୍ନ ଗଣମାଧ୍ୟମରୁ ଏ ବିଷୟରେ ଜାଣିବାକୁ ପାଇଥିଲି। ଏହାର ସତ୍ୟାସତ୍ୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ବ୍ରହ୍ମଗିରି ବିଇଓଙ୍କୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍ ଚାଲିଛି ଜଳାଶୟ

# ଆଗକୁ ବର୍ଷାଦିନ; ବୁଡ଼ିଯିବ ଭଦ୍ରକ ସହର

ଭଦ୍ରକ,୨୩।୩(ସମିସ)

ଭଦ୍ରକ ସହରରେ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍ ଚାଲିଛି ଜଳାଶୟ। ଏ ଦିଗରେ ପ୍ରଶାସନକୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କିଛି ବି ପଦକ୍ଷେପ ଗ୍ରହଣ କରା ନ ଯିବା ଯୋଗୁଁ ଆଗକୁ ବର୍ଷାଦିନେ ଭଦ୍ରକ ସହର ବୁଡ଼ିବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁବଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ସରକାରୀ ଜଳାଶୟ କିସମ ଜମି ଅବରୋଧ ନେଇ ୪ଟି ପ୍ରମୁଖ ବିଭାଗ- ଭଦ୍ରକ ତହସିଲ୍ କର୍ତ୍ତୃପକ୍ଷ, ପୌରପାଳିକା, ଖଣି ବିଭାଗ ଓ ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ଚୁପ୍ ରହିବା ଘଟଣା ସେମାନଙ୍କ କାର୍ଯ୍ୟଧାରାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଭଦ୍ରକ ତହସିଲ୍ ଅଧୀନ ମଠସାହି ମୌଜାସ୍ଥିତ ଡାହାଣିଗଡ଼ିଆ ଖାତା ନମ୍ବର- ୯୦୦, ପ୍ଲଟ୍ ନମ୍ବର-୧୨୩୭, କିସମ-ନୟନ ଯୋର(ଜଳାଶୟ) ଜମି ଯାହା ପ୍ରମୁଖ ନାଳ ଅଟେ। ଏହି ନାଳରେ ବର୍ଷାଜଳ ପ୍ରବାହିତ ହୋଇଥାଏ। ତେବେ କେହି ପ୍ରଭାଶାଳୀ ବ୍ୟକ୍ତି ବେଆଇନ ଭାବେ ମାଟି ପକାଇ ଉକ୍ତ ନାଳ ବା ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି। ପ୍ରାୟ ୪ଶହରୁ ଅଧିକ ଟ୍ରିପ୍ ମାଟି ପକାଇ ଏହି ନାଳକୁ ପୋତି ଦେଇଛନ୍ତି। ଫଳରେ ବହୁ ପ୍ରାଚୀନ ଜଳ ନିଷ୍କାସନ ପଥ(ଡ୍ରେନେଜ୍ ଚ୍ୟାନେଲ)ଟି ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଏହି ଘଟଣାକୁ ନେଇ ଗତ ୧୬ ତାରିଖରେ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଭଦ୍ରକ ତହସିଲଦାର ଏହାର କ୍ଷେତ୍ରୀୟ ତଦନ୍ତ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଉକ୍ତ ଜଳ ନିଷ୍କାସନ ପଥରେ ପୂର୍ବ ଭଳି ମାଟି ପକାଯାଇ ଜେସିବିରେ ସମତଳ କରିବା ଭଳି ବେଆଇନ କାର୍ଯ୍ୟ ବଳବତ୍ତର ରହିଛି। ଏଭଳି ବେଆଇନ କାର୍ଯ୍ୟ ନେଇ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ତହସିଲ୍ କର୍ତ୍ତୃପକ୍ଷ, ଖଣି ବିଭାଗ(ଡେପୁଟି ଡାଇରେକ୍ଟର ମାଇନ୍ସ, ଭଦ୍ରକ) ଓ ଭଦ୍ରକ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଉକ୍ତ ମାଟି ପକାଇବା କାର୍ଯ୍ୟକୁ ବନ୍ଦ କରିବା ସହ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାୟକଙ୍କ ତାଗିଦ୍ ପରେ ବି କିଛି ପଦକ୍ଷେପ ଗ୍ରହଣ କରାଗଲାନି। ଆଉ ଏହି ନାଳକୁ ଲାଗି ଅନ୍ୟ ପ୍ଲଟ୍‌ଗୁଡ଼ିକୁ ବି ବେଆଇନଭାବେ ପୋତାଯାଇ ଯାତାୟାତ କରାଯାଉଛି। ଫଳରେ ଜଳ ନିଷ୍କାସନ ପଥ ଅବରୋଧ ହେଲେ ଭଦ୍ରକ ସହରାଞ୍ଚଳର ପ୍ରମୁଖ ଅଞ୍ଚଳରେ କୃତ୍ରିମ ବନ୍ୟାରେ ବୁଡ଼ିବା ସହ ଲୋକଙ୍କ ଘରଦ୍ୱାର, ରାସ୍ତାଘାଟ ପାଣି ଘେରକୁ ଯିବା ସୁନିଶ୍ଚିତ। ଅନ୍ୟପକ୍ଷରେ ଏନେଇ ଭଦ୍ରକ ସଦର ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ଭଦ୍ରକ ତହସିଲ୍‌ଦାରଙ୍କୁ ସୂଚନା ଦିଆଯାଇ ଅବରୋଧମୁକ୍ତ ପାଇଁ ନିବେଦନ କରାଯାଇଛି। ତେବେ ଏଭଳି ଜନବିରୋଧୀ କାର୍ଯ୍ୟକୁ କାହିଁକି ଉକ୍ତ ୪ବିଭାଗ(ତହସିଲ୍, ପୌରପାଳିକା, ଖଣି ଓ ପୂର୍ତ୍ତ ବିଭାଗ) ହାଲୁକା ଭାବେ ନେଇ ଚୁପ୍ ରହିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।



- ୪ ବିଭାଗର କାର୍ଯ୍ୟଧାରା ସନ୍ଦେହଘେରରେ
- ବିଧାୟକଙ୍କ ତାଗିଦ୍ ପରେ ବି ଫଳ ଶୂନ୍

## ସହିଦ୍ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ପାଳନ



ଭଦ୍ରକ,୨୩।୩(ସମିସ): ନୌଯବାନ ଭାରତ ସଭା ଓ ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ୍ ଆଦି ସଂଗଠନ ମାଧ୍ୟମରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ଲଢ଼ିଥିବା ଭାରତର ମହାନ ବିପ୍ଳବୀ ସହିଦ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କୁ ୧୯୩୧ ମାର୍ଚ୍ଚ ୨୩ ତାରିଖରେ ବ୍ରିଟିଶ୍ ଲାହୋର କେନ୍ଦ୍ରୀୟ ଜେଲ୍‌ରେ ଫାଶୀ ଦେଇଥିଲେ। ସାମ୍ରାଜ୍ୟବାଦ-ଉପନିବେଶବାଦ ବଦଳରେ ସାର୍ବଭୌମ-ସମାଜବାଦୀ-ଧର୍ମନିରପେକ୍ଷ-ଗଣତାନ୍ତ୍ରିକ-ସାଧାରଣତନ୍ତ୍ର ଭାରତବର୍ଷ ଗଠନ ପାଇଁ ଲଢ଼େଇ କରି ସହିଦ ହୋଇଥିବା ମହାନ କ୍ରାନ୍ତିକାରୀ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ଭଦ୍ରକ ସହରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ସହିଦ ଭଗତ୍ ସିଂ ସ୍ମୃତି ସଂସଦ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ପକ୍ଷରୁ ମିଳିତ ଭାବେ ସ୍ମୃତି ସଂସଦର ସଭାପତି ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାସମାରୋହରେ ସ୍ମୃତି ସଂସଦର ସମ୍ପାଦକ ବିକାଶ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ପାର୍ଥସାରଥି ଦାଶ ଯୋଗଦେଇ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ନବ୍ୟଫାଶୀବାଦ ଶାସନ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦୀପକ ମହାପାତ୍ର, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲ୍‌ମକି ଦଲୱାଜି ହବିବ୍, ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ଅଶୋକ ନାୟକ, ପ୍ରଫେସର କ୍ଷୀରୋଦ ସାମଲ, ଶିକ୍ଷାବିତ୍ ବିପ୍ଳବୀ ମହାନ୍ତି, ପ୍ରଫେସର କୃଷ୍ଣମୋହନ ମହାପାତ୍ର, ଉଜ୍ଜ୍ୱଳ ଜେନା, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଜିର ଯୁବପିଢ଼ି ଭଗତ୍ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ସାମ୍ରାଜ୍ୟବାଦ ଓ ଯୁଦ୍ଧଖୋର୍ ନୀତି ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସ୍ମୃତି ସମାରୋହରେ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବକ ଯୁବତୀ, ଓକିଲ, ଚାଷୀ, ମୂଲିଆ ଯୋଗଦେଇଥିଲେ।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍; ହରିଲୁଟ୍ ହେଉଛି ପଞ୍ଚାୟତ ପାଣ୍ଠି



ଦୋଳସାହି,୨୩।୩(ସମିସ): ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତର ପ୍ରତି ଗ୍ରାମକୁ ଆଲୋକିତ କରିବା ପାଇଁ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏହି ଲାଇଟ୍ ବିଭିନ୍ନ ସ୍ଥାନରେ ଅଚଳ ହୋଇ ପଡ଼ିରହିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ଏହି ଷ୍ଟ୍ରିଟ୍ ଲାଇଟ୍‌ର ବିଦ୍ୟୁତ୍ ବିଲ୍ ଭରିବା ପାଇଁ ପ୍ରତି ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲାବେଳେ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଉ ନ ଥିବା ଜଣାଯାଇଛି। ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଅଚଳ ହେଉଥିବା ଷ୍ଟ୍ରିଟ୍ ଲାଇଟ୍ ପଞ୍ଚାୟତ ପାଣ୍ଠିରୁ ମରାମତି ହେଉଥିବା ଜଣାଯାଇଛି। ଏହି ଷ୍ଟ୍ରିଟ୍ ଲାଇଟ୍ ମରାମତି ନାମରେ ପଞ୍ଚାୟତ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଗୁଆମାଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏହି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳୁଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ବିଦ୍ୟାଳୟ ଥିବାବେଳେ ଏହି ରାସ୍ତାରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ଅନ୍ଧାରରେ ଯାତାୟାତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହି ଷ୍ଟ୍ରିଟ୍ ଲାଇଟ୍ ତୁରନ୍ତ ସଚଳ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ● ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୧୭ ଅଭିଯୋଗ ପଞ୍ଜିକୃତ

## ନାଳର ପୁନରୁଦ୍ଧାର ଓ ପାନୀୟ ଜଳ ସମସ୍ୟାର ସମାଧାନ ଦାବି

ଭଣ୍ଡାରିପୋଖରୀ/ବାରିକପୁର,୨୩।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୧୭ଟି ଅଭିଯୋଗ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ଡ୍ରେନେଜ, ଜଳସମ୍ପଦ କ୍ରୀଡ଼ା ଓ ଶିକ୍ଷା ବାବଦରେ ବିଭିନ୍ନ ଅଭିଯୋଗମାନ ହୋଇଥିଲା। ବିଶେଷକରି ମାଳଦା ମଣିପୁର ପୂର୍ତ୍ତ ରାସ୍ତା ମରାମତି, ବିରୋଳି ଚତୁର୍ଭୁଜପୁର ଡ୍ରେନେଜ୍ ନାଳର ପୁନରୁଦ୍ଧାର ସହିତ ଉତ୍କଟ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ମାଧ୍ୟମରେ ଦାବି ହୋଇଥିଲା। ଜିଲ୍ଲାପାଳ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଶୁଣିଲା ପରେ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଅଭିଯୋଗ ଶିବିରରୁ ଆସିଥିବା ଦାବିଗୁଡ଼ିକ ଉପରେ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ମୋଟାମୋଟି ଭାବେ ତତ୍କାଳୀନ ନ୍ୟାୟିକ ପ୍ରଦାନ ପାଇଁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଆୟୋଜିତ ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଏସ୍‌ପି ମନୋଜ ରାଉତ, ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ତହସିଲ୍‌ଦାର ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ବିଭିନ୍ନ ପଦାଧିକାରୀମାନେ ଏଥିରେ ଯୋଗଦେଇଥିଲେ। ସମ୍ପ୍ରତି ପ୍ରଶାସନ ନିକଟରେ ହେଉଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କିଛି ଅଭିଯୋଗର ସମାଧାନ ପାଇଁ ଅନେକ ବିଳମ୍ବ ହେଉଛି। ଯାହାକୁ ନେଇ ଜନସାଧାରଣ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



## ସୋସାଇଟିର ସମ୍ପାଦକଙ୍କ ବିୟୋଗରେ ଶୋକସଭା



ବାସୁଦେବପୁର,୨୩।୩(ସମିସ): ବାସୁଦେବପୁର ବ୍ଲକ୍‌ର ଇରମ ସେବା ସମବାୟ ସମିତିର ସମ୍ପାଦକ ରଶ୍ମିରଞ୍ଜନ କବାଟଙ୍କ ବିୟୋଗରେ ବିବିସିସି ବ୍ୟାଙ୍କ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଆୟୋଜିତ ଶୋକସଭାରେ ବିବିସିସି ବ୍ୟାଙ୍କ ବାସୁଦେବପୁର ଶାଖାର ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ, ବିବିସିସି ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, ସେବା ସମବାୟ ସମିତି ସମ୍ପାଦକ ସଂଘ ସଭାପତି ଅନିରୁଦ୍ଧ ନାୟକ, ସଂଘର ସମ୍ପାଦକ ତନ୍ମୟ ମଳିକ, ଇରମ ସୋସାଇଟି ସଭାପତି ନିରଞ୍ଜନ ନାୟକ, ସଭ୍ୟ ରଞ୍ଜନ ନାୟକ, ମାଟିପକା ସୋସାଇଟି ସମ୍ପାଦକ ଧର୍ମନାରାୟଣ ଜେନା, ଶଙ୍ଖାରୁ ସୋସାଇଟି ସମ୍ପାଦକ ଗଜେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ। ବିଦେଇପୁର ସୋସାଇଟି ସମ୍ପାଦକ ରତିକାନ୍ତ ରାଉତ, କୁମାରପୁର ସୋସାଇଟି ସମ୍ପାଦକ ଡମ୍ବରୁଧର ରାଉତ, ମୁକେଶ ମଲ୍ଲିକ, ସହକାରୀ ଶାଖା ପରିଚାଳକ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସହିଦ ଭଗତ ସେନା ପକ୍ଷରୁ ୩୪୦ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୨୩।୩(ସମିସ): ଅମର ସହିଦ୍ ଭଗତ୍ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ବଳିଦାନ ଦିବସ ଅବସରରେ ଭଦ୍ରକ "ସହିଦ୍ ଭଗତ୍ ସେନା' ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ସହର ଶନିମନ୍ଦିରଠାରୁ ଚରମ୍ପା ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସୁସଜ୍ଜିତ ଗାଡ଼ିରେ ପରିକ୍ରମା କରିଥିଲେ। ପରେ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନଠାରେ ଏକ ବିଶାଳ ରକ୍ତଦାନ ଶିବିର ଓ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଦ୍ରକ ଟାଉନ୍ ଥାନା ଆଇଆଇସି ପ୍ରଭାଂଶୁ ଶେଖର ପଣ୍ଡା ଓ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରୀ ଲକ୍ସିତା ପଣ୍ଡା (ୟିଏ ୨୦୨୬ ଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସରେ ଭାଗ ନେଇ ରାଜ୍ୟକୁ ଗୌରବ ଆଣିଛନ୍ତି)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏହି ଅବସରରେ ସହିଦ ଭଗତ ସେନା ପକ୍ଷରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଜେ ବିଧାୟକ ଶ୍ରୀ ମହାପାତ୍ର ରକ୍ତଦାନ କରିଥିଲେ।





## ୪ର୍ଥ ବାର୍ଷିକ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

ଧାମନଗର,୨୩।୩(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧୀନସ୍ଥ ପଶୁ ମେଡିକାଲ ପଡ଼ିଆଠାରେ ୪ର୍ଥ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ଣ ୧୦ଟା ୩୦ରେ କଳାକାର ଚନ୍ଦନଶ୍ରୀ ମହାପାତ୍ରଙ୍କ ସଭା ସଞ୍ଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସେଠୀ ଜାଗୁଲାଇ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, କଳା ଶିକ୍ଷକ ଜିତନ ପଣ୍ଡା ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ନୃତ୍ୟାଙ୍ଗନା ସାଂସ୍କୃତିକ ଟ୍ରଷ୍ଟର ସଭାପତି ଦୀପକ ନାୟକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହିତ ପରିଚୟ ପ୍ରଦାନ କରିଥିଲେ। ପରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଶ୍ରୀ ଚନ୍ଦନଶ୍ରୀ ମହାପାତ୍ରଙ୍କ ସଞ୍ଚାଳନାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସୁଧାକର ନନ୍ଦ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସରୋଜ ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଶିକ୍ଷକ ବିଶ୍ୱଜିତ୍ ବାରିକ, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଧାମନଗର ହେଉଛି କଳା ଓ ସଂସ୍କୃତି ବଳିଦାନ ଉତ୍ସର୍ଗ ଏବଂ ନୃତ୍ୟ ପରିବେଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅଧ୍ୟାପିକା ଡ. ହରିପ୍ରିୟା ସେଠୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଚନ୍ଦନ ମହାପାତ୍ରଙ୍କ ସମେତ ନୃତ୍ୟ କଳାକାର ଓ ଚିତ୍ରଶିଳ୍ପୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଛାତ୍ରଛାତ୍ରୀ, ଅଭିଭାବକ, କଳାକାର, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଯୋଗଦେଇଥିଲେ। କଳାକାର ଓ ନୃତ୍ୟ ସଙ୍ଗୀତ ଶିକ୍ଷକ ଗଣେଶ୍ୱର ସାହୁ, ମୀନକେତନ ସାହୁ, ପ୍ରଭୁରଞ୍ଜନ ଉପାଧ୍ୟାୟ, ହରପ୍ରିୟା ଖିଲାର, ଆଲୋକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଗୁଆମାଳ ସେବା ସମବାୟ ସମିତିର ଅଡିଟ୍

ସକାଳ ପ୍ରଭାବ



ଦୋଳସାହି,୨୩।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ଗୁଆମାଳ ସେବା ସମବାୟ ସମିତିର ୮ବର୍ଷ ଧରି ଅଡିଟ୍ ହେଉ ନ ଥିବା ନେଇ ଦୈନିକ "ସକାଳ'ରେ ବହୁବାର ଖବର ପ୍ରକାଶିତ ପରେ ଶେଷରେ ଅଡିଟ୍ ହେଉଛି। ସୂଚନାଯୋଗ୍ୟ, ଗୁଆମାଳ ସେବା ସମବାୟ ସମିତିରେ ହୋଇଥିବା ୫୦ଲକ୍ଷ ଟଙ୍କାର ଘୋଟଲା ମାମଲା ବିଚାରାଧୀନ ରହିଛି। ଏହି ସମିତିରେ ୮ଶହରୁ ଅଧିକ ଚାଷୀ ଋଣ ଖିଲାପ କରୁଥିବା ଜଣାଯାଇଥିଲା ବେଳେ ଏହି ସମିତିରେ ଦୀର୍ଘ ବର୍ଷ ଧରି ଜମାକାରୀ ଟଙ୍କା ଜମା କରିବା ପରିବର୍ତ୍ତେ ଡିପୋଜିଟ୍ ଟଙ୍କା ଉଠାଇ ନେଉଥିବା ଜଣାଯାଇଛି। ସେହିପରି ଏହି ସମିତିରେ ୮ ବର୍ଷ ଧରି ହିସାବନିକାଶ ହେଉ ନ ଥିବା ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ବାଲେଶ୍ୱର ସେବା ସମବାୟ ବ୍ୟାଙ୍କ ପକ୍ଷରୁ ଅଡିଟ୍ କରିବା ପାଇଁ ସୁକାନ୍ତ ମିଶ୍ରଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ସମିତିର ସମ୍ପାଦକ ଅମରେନ୍ଦ୍ର ନାୟକ ୨ଟି ସମବାୟ ସମିତି ଦାୟିତ୍ୱରେ ଥିବା ଜଣାଯାଇଥିଲା। ଏଠାରେ ବିଭିନ୍ନ ପଦ ଖାଲି ପଡ଼ିଥିବା ମଧ୍ୟ ଜଣାଯାଇଛି।

## ଶ୍ରୀରାମ ବିଜୟା ଦଶମୀ ପାଳନ ନିମନ୍ତେ ଶାନ୍ତି କମିଟି ବୈଠକ

ଧାମନଗର,୨୩।୩(ସମିସ): ଧାମନଗର ମାଟିର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ-୨୦୨୬ ଭବ୍ୟ ଓ ଦିବ୍ୟ ରୂପରେ ଚଳିତ ମାସ ୨୭, ୨୮, ୨୯, ୩୦ ଓ ୩୧ ତାରିଖ ୫ଦିନ ଧରି ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ପାଳନ ହେବା ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ଣ ୪ଟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଧାମନଗର ଶାନ୍ତି କମିଟି ଆବାହକ ତଥା ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ୍ ଏବଂ ନଗର ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସରୋଜ ମହାପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଏମ୍‌ଡି ଇସ୍ରାଇଲ୍ ହବିବି, ଏମ୍‌ଡି ଫଜଲେ ବାରି, ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରୀରାମ ବିଜୟା ଦଶମୀ ଶାନ୍ତି ଶୃଙ୍ଖଳା ରକ୍ଷା କରି କିପରି ପାଳନ ହେବ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନିମନ୍ତେ ବ୍ୟାପକ ଆଲୋଚନା କରାଯାଇଥିଲା। ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବା ସହିତ ସିସିଟିଭି, ଡ୍ରୋନ୍ ଏବଂ ଡିଜେରେ ଭାଇବ୍ରେଟର ଲାଗିବନି, ମଦ ଦୋକାନ ସରକାରୀ ନିୟମ ଓ ସମୟ ଅନୁଯାୟୀ ଖୋଲାଯିବା, ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟକୁ ବାରଣ କରାଯାଇଛି। ଅସାମାଜିକ ଯୁବକଙ୍କ ଉପରେ ନଜର ରଖିବା ପାଇଁ ବାଇନାକୁଲାର ବ୍ୟବସ୍ଥା କରିବା ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ। ଶେଷରେ ଧାମନଗର ଥାନାର ନୂତନ ଅଧିକାରୀ ସୁବ୍ରଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## ସୋସାଇଟି ଫାଟକ ଆଗରେ ଧାନ ରଖି ଚାଷୀଙ୍କ ବିକ୍ଷୋଭ

ବାସୁଦେବପୁର,୨୩।୩(ସମିସ):

ବାସୁଦେବପୁର ବ୍ଲକ୍‌ର ନାୟକାଣୀଡିହି ସେବା ସମବାୟ ସମିତି ଫାଟକରେ ତାଲା ପକାଇ ଚାଷୀମାନେ ଧାନ ରଖି ବିକ୍ଷୋଭ କରିଥିଲେ। ଧାନ ବିକ୍ରିକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବାବେଳେ ଧାନ ଅମଳ ପରେ ଦୀର୍ଘ ୪ ମାସ ହେବ ଧାନ ବସ୍ତା ଖଳାରେ ଗଡୁଛି। କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ତ ପୁଣି କେତେବେଳେ ସାର ଅଭାବ। ପୁଣି ନକଲି ସାରର ଭୟ ତ ରୋଗ ପୋକ। ଚାଷୀ ଖରା-ବର୍ଷା-ଶୀତକୁ ଖାତିର୍ ନ କରି କ୍ଷେତରେ ଫଳାଇଲା ସୁନାର ଫସଲ। ମାସ ମାସ ଅପେକ୍ଷା ପରେ ଡେରିରେ ଖୋଲିଲା ମଣ୍ଡି। ଦୀର୍ଘ ଚାରି ମାସ ହେଲା ମୂଷା, ଗୋରୁଗାଈ, ଷଣ୍ଢ ଓ ଛେଳି ଆଦି ଖାଇ ଯାଉଛନ୍ତି। ଏପାଖେ ଅଦିନିଆ ବର୍ଷା ଦାଉ ସାଧୁଛି। ମୁକ୍ତ ଆକାଶ ତଳେ ଭିଜୁଛି ଧାନ ବସ୍ତା।

ଆଉ ଦିନ କେଇଟା ପରେ ମାର୍ଚ୍ଚ ମାସ ଶେଷ ହେବାକୁ ବସିଛି। ସରକାରଙ୍କ ନିର୍ଦ୍ଧାରିତ ଦିନ ଅନୁସାରେ ଧାନ ମଣ୍ଡି ବନ୍ଦ ହେବ। ନାୟକାଣୀଡିହି ସୋସାଇଟିର ବୋର୍ଡ ମେମ୍ବରଙ୍କ ମନମାନୀର ଚାଲିଛି ମଣ୍ଡି। କ୍ରୟ କମିଟିରୁ ସୋସାଇଟିର ସମ୍ପାଦକଙ୍କୁ ବାଦ୍ ଦେଇ ଚାଲିଛି ମନମୁଖୀ ଧାନ କିଣା। ବୋର୍ଡ ମେମ୍ବର ଓ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଆଗ ଚାଲିଛି ଧାନ କିଣା। ମିଲରଙ୍କ ଟ୍ରକ୍ ମଣ୍ଡିକୁ ନ ଆସି ବାଟରୁ ବୋର୍ଡ ସମ୍ପର୍କୀୟଙ୍କଠାରୁ ଧାନ କ୍ରୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଚାଷୀମାନେ। ବହୁ ପୂର୍ବରୁ ଧାନ ବସ୍ତା ମଣ୍ଡିର ଗଡୁଥିଲେ ମଧ୍ୟ ପ୍ରିୟାପ୍ରୀତି ତୋଷଣ କରି ପଛରେ ଟୋକନ୍ ଥିବା ଚାଷୀଙ୍କଠାରୁ ଧାନ ଉଠାଉଛନ୍ତି। ବୋର୍ଡ ମେମ୍ବରଙ୍କ ଏକଛତ୍ରବାଦ ଶାସନକୁ ବିରୋଧ କରି ସୋସାଇଟିର ଫାଟକରେ ତାଲା ପକାଇ ଦେଇଛନ୍ତି ଚାଷୀ। ଫାଟକ ସମ୍ମୁଖରେ ଧାନ ବସ୍ତା ପକାଇ ଅବରୋଧ କରିଥିଲେ। ଫଳରେ ସୋମବାର ଦିନଯାକ ସୋସାଇଟି ବନ୍ଦ ଥିଲା। ଯେପର୍ଯ୍ୟନ୍ତ ଚାଷୀଙ୍କ ଧାନ ନ ଉଠିବ, ସେପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ ବୋଲି ଚାଷୀ କହିଛନ୍ତି।



# ପ୍ରଥମା ଫାଉଣ୍ଡେସନର ସାରସ୍ୱତ ଉତ୍ସବ 'ଶବ୍ଦରାସ'

ଜଗତସିଂହପୁର,୨୩।୩(ସମିସ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପ୍ରଥମା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଳାପ, କଥା, କବିତା, ଗୀତ, ଗଜଲ୍ ଓ ନୃତ୍ୟକୁ ନେଇ ଆୟୋଜିତ ଭିନ୍ନ ଏକ କାର୍ଯ୍ୟକ୍ରମ "ଶବ୍ଦରାସ-୨୦୨୬' ଆଦିକବି ସାରଳା ଦାସ ସଂସ୍କୃତି ଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମା ଫାଉଣ୍ଡେସନର ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ ଓଡ଼ିଶା ସାରସ୍ୱତ ଜଗତର ସୁନାମଧନ୍ୟ ବିଶିଷ୍ଟ ବ୍ୟକ୍ତି ଓ ଗୁଣଗ୍ରାହୀ ଦର୍ଶକମାନଙ୍କୁ ସ୍ୱାଗତ କରିଥିଲେ। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ "କଥାରେ ତରୁଣ ଓ ପ୍ରବୀଣ' ବିଷୟ ଉପରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ଇଂ. ବିଷ୍ଣୁ ସାହୁ ଓ ଯୁବ କଥାକାର ଦେବବ୍ରତ ଦାସ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନ "କଥା, କବିତା ଓ ଅଳାପ'ରେ କବି ଓ କଥାକାର ସରୋଜ ବଳ, ଯୁବ କବି ଓ କଥାକାର ଡ. ସୁବ୍ରତ କୁମାର ସେନାପତି ସାହିତ୍ୟର ବିଭିନ୍ନ ବିଭବକୁ ନେଇ ଆଲୋଚନା କରିଥିଲେ। ଯୁବ କବି ଓ କଥାକାର ଇଂ. ନିହାର ରଞ୍ଜନ ପରିଡ଼ା, ବେଦପ୍ରକାଶ ନାୟକ ଓ ଅଂଶୁମାନ ସାହୁ ସ୍ୱରଚିତ କବିତାକୁ ନିଆରା ଶୈଳୀରେ ପାଠ କରିଥିଲେ। ପ୍ରଥମା ଫାଉଣ୍ଡେସନର ଅଧ୍ୟକ୍ଷ ସୋମନାଥ ପରିଡ଼ାଙ୍କ ସଂଯୋଜନାରେ ତିନି "ଣ' ଶୀର୍ଷକ ଅଧିବେଶନ ବେଶ୍ ଆଦରଣୀୟ ହୋଇଥିଲା। ଗୀତିକାର ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, ଭାଷ୍ୟକାର ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା ନିଜ ସଂଘର୍ଷ ସଫଳତା ଓ ମା' ଶାରଳାଙ୍କ ମହିମା ସମ୍ପର୍କରେ କହିଥିଲେ। ଚତୁର୍ଥ ଅଧିବେଶନ ଥିଲା ବେଶ୍ ଆକର୍ଷଣୀୟ। କବିତା, ଗଜଲ ଓ କଥାକୁ ଖୁବ୍ ସୁନ୍ଦର ଭାବେ କବି ଓ କଥାକାର ଡ. ତୃପ୍ତି ରଂଜନ ଦାସ, ସୁମିତ ପଣ୍ଡା, ସ୍ୱରୂପ କୁମାର ନାୟକ, ପ୍ରଣୟ ସୁଧା ପରିବେଷଣ କରିଥିଲେ। କବି, ଗାଳ୍ପିକା ଓ ବେତାର ଅଭିନେତ୍ରୀ ପ୍ରଫେସର ଚିନ୍ମୟୀ ମହାନ୍ତି ଗଳ୍ପ ପରିବେଷଣ କରିଥିବା ବେଳେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି ଓ କଣ୍ଠଶିଳ୍ପୀ ସଂଗ୍ରାମ ମହାନ୍ତିଙ୍କ ସଙ୍ଗୀତରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ସେହିପରି ସାହତ୍ୟକୁ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟକରୁଥିବା ଦୁଇଟି ସାହିତ୍ୟାନୁଷ୍ଠାନ 'ଜଗତସିଂହପୁର ସାଂସ୍କୃତିକ ପରିଷଦ' ଏବଂ ଜଗତସିଂହପୁର ସାହିତ୍ୟ ପରିଷଦ'କୁ 'ପ୍ରଥମା ସାହିତ୍ୟାନୁଷ୍ଠାନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାରସ୍ୱତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ସୁଭାଷ ରାଉତ ଓ ସୁଶ୍ରୀ ସଙ୍ଗୀତା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ପ୍ରଥମାର ଉପଦେଷ୍ଟା ଅଜୟ କୁମାର ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ। ଶେଷରେ ଓଡ଼ିଆ ପରମ୍ପରା ଆଧାରରେ ପଣା ସରବତ ସହ ପ୍ରଭୁ ବଳଦେବ ଜୀଉଙ୍କ ପୁଟୁଳି ପିଠାରେ ଦର୍ଶକଙ୍କୁ ଆପାୟିତ କରାଯାଇଥିଲା। ଅନୀଲ ବରାଳ, ସିପୁନ୍ ବିଶ୍ୱାଳ ସହଯୋଗ କରିଥିଲେ।

## ଅମାନିଆ ଗାଡ଼ି ଚାଳକଙ୍କୁ ଯାଞ୍ଚ



ଜଗତସିଂହପୁର,୨୩।୩(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ପାଇଁ ଅଭିଯାନ ଚାଲିଛି। ଏହିକ୍ରମରେ ଜଗତସିଂହପୁର ଯୋଗଧାରୀ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ୫୫ ଜଣ ଅମାନିଆ ଗାଡ଼ି ଚାଳକଙ୍କୁ ଅନୁବନ୍ଧିତ ବିଜ୍ଞପ୍ତି ସତ୍ତ୍ୱେ ଅବମାନନା କରିଥିବାରୁ ଚାଲାଣ କଟାଯାଇଛି। ଏହା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ ଜାରି ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସୁଚନା ଦେବା ସହ ଜନସାଧାରଣ ସଚେତନ ରହି ଦୁର୍ଘଟଣା କମାଇବାରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ମୋଟରଯାନ ନିରୀକ୍ଷକ ପ୍ରତାପ କୁମାର ବେହେରାଙ୍କ ସମେତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଯାଞ୍ଚ କାର୍ଯ୍ୟରେ ସହଯୋଗ କରିଥିଲେ।

## ଗୁହାଳରୁ ୬ଟି ଛେଳି ଚୋରି

ନାଉଗାଁ,୨୩।୩(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ଗ୍ରାମର ପ୍ରଶାନ୍ତ ସାହୁ ପଶୁସମ୍ପଦ ବିଭାଗରୁ ଏକ ଛେଳି ଋଣ ନେଇ ତାର ନିଜ ବାଡ଼ିରେ ଛେଳି ଫାର୍ମ କରିଥିଲେ। ତାର ଫାର୍ମରେ ୫୦ଟି ଛେଳି ଥିବା ବେଳେ ଗତ ୨୧ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଫାର୍ମର ତାର ଜାଲି କାଟି ଫାର୍ମ ମଧ୍ୟରୁ ୬ଟି ଛେଳି ନେଇ ଯାଇଥିବା ପ୍ରଶାନ୍ତ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମର ଆଖପାଖ ଖୋଜାଖୋଜି କରିବାରୁ ଜାମୁଗାଁ ଗ୍ରାମର ପଛପଟେ ଏକ ଜଙ୍ଗଲିଆ ସ୍ଥାନରେ ଦୁର୍ବୃତ୍ତ ମାନେ ଦୁଇଟି ଛେଳିକୁ ମାରି ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରଶାନ୍ତ ଏ ସମ୍ପର୍କରେ ନାଉଗାଁ ଥାନାରେ ଅବଗତ କରାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବା ଦେଖାଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ନାଉଗାଁ,୨୩।୩(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତ ସ୍ଥିତ ଅରଖ କୁଦ ଶିଡିସାଇ ମନ୍ଦିର ନିକଟରେ ବାଇକ୍‌ରୁ ପଡି ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ମହିରା ଗ୍ରାମର ହୁରିଆ ବେହେରା (୪୫) ରାଜମିସ୍ତ୍ରି ଭାବେ କାମ କରି ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଅରଖକୁଦ ଶିରିଡିସାଇ ମନ୍ଦିର ନିକଟରେ ଏକ ଛୋଟ ପିଲା ହଠାତ ରାସ୍ତା ପାସ୍ କରିବା ସମୟରେ ହୁରିଆ ବାଇକ୍‌କୁ ବ୍ରେକ୍ ଦେବା ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇଥିଲା। ଫଳରେ ହୁରିଆର ମୁହଁ, ଗୋଡ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା। ଅରଖକୁଦ ଗ୍ରାମର କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ୧୦୮ ଯୋଗେ ହୁରିଆକୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଦେଖାଯାଇଛି।

## ଏସି ବସ୍‌ରେ ଲାଗିଲା ନିଆଁ

କୁଜଙ୍ଗ,୨୩।୩(ସମିସ): କଟକ ପାରାଦୀପ ରାସ୍ତାରେ ଶତାଧିକ ବସ୍ ଯାତାୟାତ କରୁଛି। ଅଧିକାଂଶ ବସ୍‌ରେ ଏକ୍ସିଟ ଝରକା ସଠିକ୍ ଭାବରେ କାମ କରୁ ନଥିବା ବେଳେ ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ହୋଇନି। ଆଜି ସକାଳେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ଏକ ଘରୋଇ ଏସି ବସ୍‌ରେ ଭୁତୁମୁଣ୍ଡେଇ ନିକଟରେ ଧୂଆଁ ଉଠିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏହି ସମୟ ରେ ବସ୍‌ଟି ଛିଡା ହୋଇଥିଲା। ଏହି ଘଟଣା ପରେ ବସ୍‌ରେ ପ୍ରାୟ ସମସ୍ତ ଯାତ୍ରୀ ସୁରକ୍ଷିତ ଉଦ୍ଧାର ହୋଇଥିବା ବେଳେ କୁଜଙ୍ଗ ଅଗ୍ନି ନିରାପତ୍ତା ବିହୀନ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ବ୍ୟାଟେରି ପାଇଁ ସର୍ଟସର୍କିଟ ଯୋଗୁଁ ଏହା ହୋଇଛି ବୋଲି ସୂଚନା ମିଳିଛି।

## ମହିମା ଅଲେଖ ମଠ ଭୋଗ ମଣ୍ଡପ ଉଦ୍‌ଘାଟିତ



ପାରାଦୀପ,୨୩।୩(ସମିସ): ପାରାଦୀପ ଗଡ ପଞ୍ଚାୟତର ପାରାଦୀପ ଗଡ଼ ଗ୍ରାମରେ ଥିବା ପୁରାତନ ମହିମା ଅଲେଖ ମଠରେ ଏକ ଆନନ୍ଦ ବଜାର ଭୋଗ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ଉକ୍ତ ମଠର ଅନ୍ତେବାସୀ ମାନେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ପାରାଦୀପ ଗଡ ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ତୁରନ୍ତ ଏହାର ନିର୍ମାଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚାରି ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଆଜି ବିଧିବଦ୍ଧ ଭାବେ ଏହାର ଉଦ†ାଟନ କରାଯାଇଅଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଟ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ମହିମା ଅଲେଖ ମଠର ଅନ୍ତେବାସୀ ଓ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନେ ଖୁସି ବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ଯଯାତି ସାମନ୍ତରାୟ, ସତ୍ୟାନନ୍ଦ ରାଉତ, ପଦନ ମଙ୍ଗରାଜ, ଆଦିକନ୍ଦ ମଙ୍ଗରାଜ, ପ୍ରହଲ୍ଲାଦ ମଙ୍ଗରାଜ, ଶୁଭସ୍ମିତା ମଙ୍ଗରାଜ, ହୃଷୀକେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସାମ୍ବାଦିକଙ୍କୁ ମାଟିମାଫିଆଙ୍କ ଆକ୍ରମଣ



କୁଜଙ୍ଗ,୨୩।୩(ସମିସ): କୁଜଙ୍ଗ ପ୍ରେସ୍ କ୍ଲବ ସମ୍ପାଦକ ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କୁ ସୋମବାର ସକାଳେ ଦୁଇଜଣ ମାଟିମାଫିଆ ଆକ୍ରମଣ କରିଥିବା ଜଣାପଡିଛି। ଏହି ଆକ୍ରମଣ ଘଟଣାରେ ଆହତ ସାମ୍ବାଦିକ ଶ୍ରୀ ମାଝୀ କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଦୁର୍ବୃତ୍ତମାନଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ୮୭/୨୬ରେ ମାମଲା ରୁଜୁ ହୋଇଛି। ସେହିପରି ଏହି ଆକ୍ରମଣ ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ବରିଷ୍ଠ ନାଗରିକ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ସେମାନଙ୍କ ଆକ୍ରମଣରେ ସେ ମଧ୍ୟ ଆହତ ହୋଇଛନ୍ତି ଓ ତାଙ୍କ ହାତ ଭାଙ୍ଗି ଯାଇଛି। ଫଳରେ ସେ ପୃଥକ ଭାବେ ମଧ୍ୟ ଆକ୍ରମଣକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ସାମ୍ବାଦିକ ଦୁଷ୍ମନ୍ତ ମାଝୀ ପ୍ରତିଦିନ କୁଜଙ୍ଗ ବଳରାମପୁର ଠାରୁ ସାଗର ରୋଡ୍ ଷଣ୍ଢଛକ ପର୍ଯ୍ୟନ୍ତ ନିୟମିତ ଭାବେ ଯାଇଥାନ୍ତି। ଆଜି ଭୋର ପ୍ରାୟ ୫ଟା ସମୟରେ ସେ ଓ ତାଙ୍କ ସହିତ ଅନ୍ୟ ଜଣେ ଅଶୋକ ସାହୁ (ବାବାଜୀ) ଯାଇଥିବା ବେଳେ ଷଣ୍ଢଛକ ରାସ୍ତା ଦେଇ ୫ ରୁ ଅଧିକ ଟ୍ରାକ୍ଟର ମାଟି ଚାଲାଣ କରୁଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଶ୍ରୀଯୁକ୍ତ ମାଝୀ ନିଜ ମୋବାଇଲ ଯୋଗେ ଭିଡିଓ ରେକର୍ଡ କରିଥିଲେ। ଏଥିରେ ପ୍ରତିକ୍ରିୟା ପରାୟଣ ହୋଇ ଟ୍ରାକ୍ଟରଗୁଡିକ ମାଟି ଅନଲୋଡ କରି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗୋପିଆକୁଦ ପଞ୍ଚାୟତ ବରୁଣିକନ୍ଧା ଗ୍ରାମର ପଦିଆ ସାହୁଙ୍କ ପୁତ୍ର ମଳୟ (ଗଉରା) ଓ ରମେଶ ପ୍ରଧାନ ମୋବାଇଲରେ କାହିଁ ରେକର୍ଡ କଲୁ କହି ତାଙ୍କୁ ଗାଳି ଦେଇଥିଲା। ତାଙ୍କ ମୋବାଇଲ୍ ଛଡ଼ାଇ ନେଇ ଭାଙ୍ଗି ଦେଇଥିଲା। ଏଥି ସହିତ ଦୁଇଜଣ ଦୁଇଟି ଲାଠି ସହାୟତାରେ ତାଙ୍କୁ ପିଟିଥିଲେ। ଏହି ସମୟରେ ଅଭିଯୁକ୍ତ ମଳୟ ଓରଫ ଗଉରା ମୁଣ୍ଡକୁ ମାରିଦେବା ଉଦେଶ୍ୟରେ ଏକ ଶକ୍ତ ପ୍ରହାର ଦେବା ସମୟରେ ସେଠିକାର ବୟସ୍କ ମୁରବୀ ଯଜ୍ଞେଶ୍ୱର ପଣ୍ଡା(୭୫) ଅଟକାଇବା ବେଳେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଡାହାଣ ହାତ ପାପୁଲିରେ ଆଘାତ ଲାଗିଛି। ତେବେ ସେଠାରେ ୧୦ରୁ ଅଧିକ ସ୍ଥାନୀୟ ଲୋକ ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ସାମ୍ବାଦିକଙ୍କୁ ମାଟି ମାଫିଆଙ୍କ ଆକ୍ରମଣକୁ କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁ, ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀ, କବି ପିତାମ୍ବର ତରାଇ, ଓକିଲ ସଙ୍ଘ ସଭାପତି ଏଏନ୍‌ଡି ଯାଦବ ତୀବ୍ର ନିନ୍ଦା କରିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି। ଏହି ଘଟଣାରେ ଆଜି କୁଜଙ୍ଗର ୨୦ ରୁ ଅଧିକ ସାମ୍ବାଦିକ ଜିଲ୍ଲାପାଳ ଜେ ସୋନାଲଙ୍କୁ ସାକ୍ଷାତ କରି ତୁରନ୍ତ ମାଟି ମାଫିଆ ଗିରଫ ଦାବି କରିଥିଲେ। ଏଥି ସହିତ କୁଜଙ୍ଗ ଅଞ୍ଚଳରେ କ୍ରମାଗତ ଭାବେ ହେଉଥିବା ମାଟି ଓ ବାଲି ଚୋରି ରୋକିବାକୁ ଦାବି କରିଥିଲେ। ଜିଲ୍ଲାପାଳ ତୁରନ୍ତ ସ୍ଥାନୀୟ ଥାନା ଅଧିକାରୀ ଓ ଖଣି ଅଧିକାରୀଙ୍କୁ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନେଇ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର


ତିର୍ତ୍ତୋଲ, ୨୩।୩(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଳିପଦା ସ୍ଥିତ ସାରଳା ଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୌମିକ ଚକ୍ଷୁ ଚିକିତ୍ସାଳୟ ଜଗତସିଂହପୁର ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଜଣ ଚକ୍ଷୁ ରୋଗୀ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ୮ ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ସେମାନଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଭୌମିକ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଚକ୍ଷୁ ପରୀକ୍ଷକ ଦୀପାଞ୍ଜଳି ସାହୁ, ମୌସୁମୀ ମଲ୍ଲିକ, ସହାୟକ ପରିଚାଳକ ଅଜୟ ଦାସ, ତ୍ରିଲୋଚନ ଦ୍ୱିବେଦୀ ଏହି ଶିବିରକୁ ପରିଚାଳନା କରିଥିଲେ। ସାରଳା ଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ସୂର୍ଯ୍ୟମଣି ପରିଜା, ସମ୍ପାଦକ ଚିତ୍ତରଞ୍ଜନ ପରିଜା, ଉପସଭାପତି ବିରଜା ପ୍ରସନ୍ନ ପରିଜା, ଆର୍ଶୀବାଦ ପରିଜା, ଜ୍ୟୋତି ପ୍ରକାଶ ପରିଜା ପ୍ରମୁଖ ସହଯୋଗ କରିଥିଲେ।

## ହରିଶପୁର ଯାଦବ ସମିତିର ସାଧାରଣ ପରିଷଦ ବୈଠକ




ଜଗତସିଂହପୁର/ବାଲିକୁଦା,୨୩।୩ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ନିକଟସ୍ଥ ପାଳଧୁଆବନ୍ଧ ଅବଧୂତ ଗାଦିବ୍ରହ୍ମଙ୍କ ପୀଠରେ ହରିଶପୁର ଯାଦବ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ବାଇଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଥମେ ସୁଶାନ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ବାଲିକୁଦା ବ୍ଲକ ଯାଦବ ମହାସଭାର କର୍ମକର୍ତ୍ତା ମାନେ ଯୋଗଦେବା ସହିତ ହରିଶପୁର ଅଞ୍ଚଳର ୧୨ ଗୋଠ, ବରଗୁଡ଼ିପଡ଼ା, ରାମତୋଳ, ଓରଡାଙ୍ଗ, ଦରଡ଼ା, ଓଳାଶ, ରାହାଣ, କୋରଛନ୍ଦା, ବରହୁରା, ବରବେଦା, ପ୍ରଧାନଡିଆ, କାହାଳିଆ, ଜଅଁରା ପ୍ରଭୃତି ଗୋଠର ଗୋପାଳ ଭାଇ ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ୍ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ସଭାପତି ଅଜୟ କୁମାର ଦାସ, କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ଦାସ, ବାଇଧର ପ୍ରଧାନ, ବୈରାଗୀ ଚରଣ ବେହେରା, ରବୀନ୍ଦ୍ର ଦାସ, ବାବାଜୀ ଚରଣ ଦାସ, ଝଟୁ ଦାସ, ପ୍ରତାପ କୁମାର ଦାସ, ଉପସଭାପତି ନିରଞ୍ଜନ ଦାସ, ତ୍ରିଲୋଚନ ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, ସହ ସମ୍ପାଦକ ପଦ୍ମନାଭ ଦାସ, ଜାପାନୀ ଦାସ, କୋଷାଧ୍ୟକ୍ଷ ସୁବୋଧ କୁମାର ଦାସ, ଅରବିନ୍ଦ ଦାସ, ଶମ୍ଭୁ ଦାସ, ବେନୁ ଦାସ, ବ୍ରହ୍ମାନନ୍ଦ ଦାସ, ମାୟାଧର ଦାସ, କ୍ଷେତ୍ରମୋହନ ଦାସ, କୃଷ୍ଣଚନ୍ଦ୍ର ବେହେରା, ଅମୂଲ୍ୟ ଦାସ, ହାଡିବନ୍ଧୁ ଦାସ, ବିଭୂତି ଭୂଷଣ ଦାସ ପ୍ରମୁଖଙ୍କ ସହିତ ହରିଶପୁରର ବିଭିନ୍ନ ଗୋଠର ଗୋପାଳ ଭାଇ ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହରିଶପୁର ଯାଦବ ସମିତିର ଗୋପାଳ ଭାଇ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତି ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ଶେଷରେ ସମ୍ପାଦକ ସୁଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/କୁଜଙ୍ଗ,୨୩।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୧୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨୦ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ପାଇଁ ୨୦ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୫ଟି, ଭତ୍ତା ପାଇବା ପାଇଁ ୪ଟି, ପୁଲିସ ସହାୟତା ପାଇଁ ୭ଟି ଏବଂ ଅନ୍ୟାନ୍ୟ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଆରକ୍ଷୀ ଅଧିକ୍ଷକ, କୁଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ ଓ କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ମଦ ବେପାରୀକୁ ଉଠାଇ ନେଲା ପୁଲିସ

ପାରାଦୀପ,୨୩।୩(ସମିସ): ପାରାଦୀପ ଲକ୍ ଥାନା ଅଧୀନ ପାରାଦୀପ ଗଡ଼ ବଜାରରୁ ଆଜି ସନ୍ଧ୍ୟାରେ ଜଣେ ଚୋରା ମଦ ବେପାରିକୁ ପୁଲିସ ଉଠାଇ ଥାନାକୁ ଆଣି ନୋଟିସ୍ ଦେଇ ଛାଡି ଦେଇଥିବା ଜଣାପଡିଛି। ଏଭଳି ଆଉ ଚୋରା ମଦ ବେପାର ନ କରିବାକୁ ନୋଟିସ୍ ମାଧ୍ୟମରେ ଯୁବକକୁ ଜଣାଇଦିଆଯାଇଛି। ତେବେ ତା'ନିକଟରୁ ୫ ଲିଟର ଚୋରା ମଦ ଜବତ କରାଯାଇଛି। ତାର ନାମ ସାଗର ସାମଲ ଓ ଘର କୋଲଦିଆ ଗ୍ରାମରେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଏନ୍‌ସିସି ଆଲୁମିନି ଆସୋସିଏସନ ପାଳିଲା ସହିଦ ଦିବସ

ପାରାଦୀପ, ୨୩।୩ (ସମିସ): ପାରାଦୀପ ମହାବିଦ୍ୟାଳୟ ପରିସରରେ ଏନ୍‌ସିସି ଆଲୁମନି ଆସୋସିଏସନ ପକ୍ଷରୁ ସହିଦ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦରର କ୍ୟାପଟେନ ସୁରେନ୍ଦୁ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥି, ପୂର୍ବତନ ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଭାରପ୍ରାପ୍ତ ଏନ୍‌ସିସି ଅଧିକାରୀ ଅଭିଷେକ ବିଶ୍ୱାଳ, ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଗଣେଶ୍ୱର ପାତ୍ର, ଏନସିସି ଆଲୁମନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏନସିସି ଆଲୁମନି ଆସୋସିଏସନର ପଦ୍ମନାଭ ଦାସ, ଦେବାଶିଷ ମହାନ୍ତି, ସୋମନାଥ ମହାପାତ୍ର, ଜିତେନ୍ଦ୍ର ବାରିକ, ଲିପୁନା ବାରିକ, ଧର୍ମପଦ ବାଡେଇ, ପିକୁନ ସେନାପତି, ବିଜୟ ଘଡେଇ, କୋମଳିକା ଦାସ, ସୌଦାମିନୀ ସାହୁ, ତେଜସ୍ୱିନୀ ମହାନ୍ତି, ବିନାୟକ ଚନ୍ଦ୍ର ମହାରଣା, ବିଶ୍ୱଜିତ ସାହୁ ଓ କଲେଜର ଅଧ୍ୟାପକ-ଅଧ୍ୟାପିକା, ଏନସିସି କ୍ୟାଡେଟ ଓ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ମତ୍ସ୍ୟଜୀବୀ ସ୍କୋୟାର ମେଶ୍ କର୍ଡଏଣ୍ଡ ବ୍ୟବହାର କରିବା ଉପରେ ଚୁକ୍ତିନାମା

ପାରାଦୀପ,୨୩।୩(ସମିସ): ଆଜି ପାରାଦୀପରେ ଏମ୍‌ପିଇଡିଏ-ନେଟଫିସ ଓ ଓମ୍ଫା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ପିପିଏ-ସିଏସଆର୍ ପରିକଳ୍ପନା ଅନୁସାରେ ମାଛ ଧରା ବୋଟଗୁଡ଼ିକରେ ସ୍କୋୟାର ମେଶ କର୍ଡଏଣ୍ଡ ବ୍ୟବହାର କରିବା ଓ ଟଏଲେଟ୍ ସୁବିଧା ସ୍ଥାପନ କରିବା ପାଇଁ କରାଯାଇଛି। ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁସ୍ଥାୟୀ ଭାବରେ ମାଛ ଧରା ପ୍ରଥାକୁ ବୃଦ୍ଧି କରିବା, ଛୋଟ ମାଛ ବା ମାଛର ଛୁଆ ଧରାକୁ କମାଇବା ଏବଂ ବୋଟ ଭିତରେ ସ୍ୱଚ୍ଛତା ଓ ପରିଷ୍କାରତା ବୃଦ୍ଧି କରିବା। ବିଶେଷକରି ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟରେ ମାଛ ମାରିବା ବେଳେ ଜାଲରେ ଛୋଟ ମାଛ ଛୁଆ ବହୁଳ ପରିମାଣରେ ଧରା ଦେଇଥାନ୍ତି। ଏହି ସ୍କୋୟାର ମେଶ କର୍ଡଏଣ୍ଡ ବ୍ୟବହାର କରିବା ଦ୍ୱାରା ଛୋଟ ମାଛ ଗୁଡିକ ଜାଲରେ ପଡି ସହଜରେ ବହାରିଯାନ୍ତି। ଏହା ବ୍ୟବହାର ଦ୍ୱାରା ପାରାଦୀପରୁ ଚାଲୁଥିବା ମାଛ ଧରା ବୋଟମାନଙ୍କର ମାଛର ଗୁଣ ଓ ମାନ ବଢ଼ି ପାରିବ। ଏହି ସ୍ୱାକ୍ଷର କାର୍ଯ୍ୟକ୍ରମରେ ନେଟ୍‌ଫିସ ପକ୍ଷରୁ ଏସସିଓ ଏସ୍‌କେ ମହାପାତ୍ର, ଓମ୍ଫା ପକ୍ଷରୁ ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁଙ୍କ ସମେତ ଓମ୍ଫାର ଅନ୍ୟ କର୍ମକର୍ତ୍ତା, ସଦସ୍ୟମାନେ, ମାଛ ଧରୁଥିବା ମତ୍ସ୍ୟଜୀବୀ ଭାଇମାନେ ଓ ଏମପିଇଡିଏ-ନେଟଫିସ୍‌ର ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ଏହି ପଦକ୍ଷେପ ଗୁଡିକୁ ମାନିବା ଦ୍ୱାରା ପାରାଦୀପ ଅଞ୍ଚଳରେ ଚାଲୁଥିବା ବୋଟ ଗୁଡିକରେ ସ୍ୱଚ୍ଛତା ବୃଦ୍ଧି ଏବଂ ମାଛ ଧରୁଥିବା ଲୋକମାନଙ୍କର ଜୀବିକାକୁ ଆହୁରି ଭଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।




## ଦୁର୍ଘଟଣାରେ ସାମ୍ବାଦିକ ରଶ୍ମିରଞ୍ଜନ ରାଉତରାୟ ମୃତ

ପାରାଦୀପ,୨୩।୩(ସମିସ)



ଏକ ଘରୋଇ ଟିଭି ଚ୍ୟାନେଲର ପାରାଦୀପ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟ (ବାପି) ଆଉନାହାନ୍ତି। ଗତକାଲି ରାତିରେ ପାରାଦୀପ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାଙ୍କର ୪୫ ବର୍ଷ ବୟସରେ ମୃତ୍ୟୁ ଘଟିଛି। ପାରାଦୀପ ପୋର୍ଟ ହାଇସ୍କୁଲ ନିକଟ ରାସ୍ତା ଦେଇ ଘରକୁ ଫେରୁଥିବା ସମୟରେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ତୁରନ୍ତ ପାରାଦୀପ ପୋର୍ଟ ହସ୍ପିଟାଲକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଠାରେ ଆଇସିୟୁ ସୁବିଧା ଉପଲବ୍ଧ ନ ଥିବାରୁ, ତାଙ୍କୁ ପରେ ପାରାଦୀପର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ଆଜି ସକାଳେ ତାଙ୍କୁ ଏସ୍‌ସିବି ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସାରା ପାରାଦୀପ ସମେତ କୁଜଙ୍ଗ ଏବଂ ଜଗତସିଂପୁର ଜିଲ୍ଲାର ସାମ୍ବାଦିକ ଭାଇଚାରାଙ୍କୁ ମର୍ମାହତ କରିବା ସହିତ ଶୋକର ଛାୟା ଖେଳିଯାଇଛି। ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ସହକର୍ମୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ତାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି।

ଗତବର୍ଷ ଏପ୍ରିଲ ମାସରେ ସେ ତାଙ୍କର ଭଉଣୀଙ୍କୁ ନିଜ ବାଇକ୍‌ରେ ନେଇ ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କ ଭଉଣୀ ଆଖି ବୁଜିଥିଲେ। ସେହି ଦୁଃଖ ପରିବାର ଲୋକେ ଏଯାଏ ବି ସମ୍ଭାଳି ପାରିନାହାନ୍ତି, ଭଉଣୀ ଯିବାର ବର୍ଷେ ବି ପୂରିନି ଆଜି ପୁଣି ଏକ ଦୁର୍ଘଟଣା ରଶ୍ମିକୁ ଛଡାଇନେଲା। ରଶ୍ମିଙ୍କ ମର ଶରୀରକୁ ପାରାଦୀପକୁ ଅଣାଯାଇଥିଲା। ତାଙ୍କର ୪ ବର୍ଷର ଏକମାତ୍ର ଝିଅ ରହିଛି। ତାଙ୍କ ଅକାଳ ବିୟୋଗ ରେ ସାରା ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

### ଯୁବ ସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର,୨୩।୩ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ଅଞ୍ଚଳର ସାମ୍ବାଦିକ ତଥା ଏକ ଘରୋଇ ଟିଭି ଚାନେଲର ପାରାଦୀପ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟଙ୍କ ଅକାଳ ବିୟୋଗରେ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ଶୋକସଭା ତଥା ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରଶ୍ମିରଞ୍ଜନଙ୍କର ଏହି ଅକାଳ ବିୟୋଗରେ ଜଗତସିଂହପୁର ଜିଲ୍ଲାର ସାମ୍ବାଦିକ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ଏହି ପରିପେକ୍ଷିରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକମାନେ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମିତ୍ତ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି କରାଯାଇଛି।





## ସିଟି କଟକ

### ହୋଇପାରିଲା ନାହିଁ ପୁଲିସ ଯାଞ୍ଚ

# ବଢ଼ି ଚାଲିଛି ସିମ୍ କାର୍ଡ ଡିଲରଙ୍କ ବେଆଇନ କାରବାର

କଟକ,୨୩।୩(ସମିସ):

ସହରରେ ଥିବା ସିମ୍ ଡିଲରମାନଙ୍କ ଉପରେ କମିଶନରେଟ୍ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

> ଗାଇଡ୍ ଲାଇନ୍ ଅବମାନନା କଲେ ୧୦ଲକ୍ଷ ଟଙ୍କା ଜରିମାନା ଧୂଆଁବାଣ
>
> କଟକ ସାଇବର ଥାନା ପୁଲିସର ପଦକ୍ଷେପ ଶୂନ



ବିଭିନ୍ନ କମ୍ପାନୀର ସିମ୍ ବିକ୍ରୟ କରୁଥିବା ଡିଲର୍‌ମାନଙ୍କ ନିମନ୍ତେ ପୁଲିସ ଯାଞ୍ଚ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମନଇଚ୍ଛାରେ ସହର ମଧ୍ୟରେ କୌଣସି ଡିଲର୍ ଏବଂ ଖୁଚୁରା ବ୍ୟବସାୟ ସିମ୍ ବ୍ୟବସାୟ କରୁଥିଲେ, ସେମାନଙ୍କର ଡିଲରସିପ୍ ସାର୍ଟିଫିକେଟ୍, ସିମ୍ ବିକ୍ରୟ ସମୟରେ ଗ୍ରାହକଙ୍କ ଠାରୁ ଆଣିଥିବା ଆଧାରକାର୍ଡ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ୍ ପୁଲିସ ଯାଞ୍ଚ କରିବେ। ଡିଲର୍‌ମାନେ ବିକ୍ରୟ କରୁଥିବା ପ୍ରତ୍ୟେକ ସିମ୍‌ର ବାବଦରେ ଗ୍ରାହକଙ୍କ ପକ୍ଷରୁ ଦାଖଲ ହେଉଥିବା ଡକ୍ୟୁମେଣ୍ଟ୍ ଅସଲି କି ନକଲି ତାହାର ମଧ୍ୟ ଯାଞ୍ଚ କରାଯିବ। ଏ ସମ୍ପର୍କରେ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ସାଇବର ଥାନା ପକ୍ଷରୁ ସିମ୍ ଡିଲର୍‌ମାନଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଥାନାୱାରୀ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ତତ୍କାଳୀନ ଡିସିପି କହିଥିଲେ। ହେଲେ ଦୀର୍ଘ ଦିନ ବିତିଯାଇଥିବା ବେଳେ କଟକ ସହରରେ ସିମ୍ ଯାଞ୍ଚ ପ୍ରକ୍ରିୟା କରାଯାଇ ପାରିଲା ନାହିଁ।

ପୁଲିସ ସୂଚନା ଅନୁସାରେ, ଟେଲିକମ୍ ବିଭାଗ ଏବଂ ସରକାରଙ୍କ ପକ୍ଷରୁ ଗତ ଦେଢ଼ ବର୍ଷରେ ସମଗ୍ର ଦେଶରୁ ୧କୋଟି ୫୦ଲକ୍ଷରୁ ଅଧିକ ଫୋନ୍ ନମ୍ବରକୁ କାଟି ଦିଆଯାଇଛି। ଅନ୍ୟପକ୍ଷେ ୯୦ହଜାର ଡିଲର୍‌ଙ୍କୁ କଳା ତାଲିକାଭୁକ୍ତ କରାଯାଇଛି। ଏହିକ୍ରମରେ କଟକ ସହରରେ ପୂର୍ବରୁ ୪୫ଜଣ ଡିଲର୍‌ଙ୍କୁ ସାଇବର ଥାନା ପକ୍ଷରୁ ନୋଟିସ୍ କରାଯାଇଥିଲା। ପୁଲିସ କହିଥିଲା ଯେ, ଯଦି କୌଣସି ଡିଲର୍ ସିମ୍ ବିକ୍ରୟ ନିମନ୍ତେ ସରକାର ଜାରି କରିଥିବା ନିୟମାବଳୀକୁ ଉଲ୍ଲଙ୍ଘନ କରନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ସ୍ଥଳେ ଡିଲର୍‌ଙ୍କୁ ୧୦ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଗ୍ରାହକଙ୍କ ଠାରୁ ଆଧାର, ଭୋଟର ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସର ହାର୍ଡକପିର ନକଲ ନିଆଯାଇ ସିମ୍ କାର୍ଡ ପ୍ରଦାନ କରାଯାଏ ଏବଂ ପରବର୍ତ୍ତି ସମୟରେ ଉକ୍ତ କାଗଜପତ୍ର ବ୍ୟବହାର କରି ଅସାଧୁ ଦୋକାନୀମାନେ ସଂଖ୍ୟାଧିକ ସିମ୍ କାର୍ଡ ଆକ୍ଟିଭେଟ୍ କରି ଥାଆନ୍ତି। କେତେକ ଅସାଧୁ ଦୋକାନୀ ସାଧାରଣ ଗ୍ରାହକଙ୍କ ଡକ୍ୟୁମେଣ୍ଟ୍ ହାସଲ କରି ପ୍ରି-ଆକ୍ଟିଭେଟ୍ ସିମ୍ କାରବାର କରୁଥିବା ଦେଖିବାକୁ ମିଳୁଛି। ଏସବୁ ଅପରାଧମୂଳକ କାର୍ଯ୍ୟକୁ ରୋକିବାରେ ଏବେ ପୁଲିସ ଫେଲ୍ ମାରିଛି।

ପ୍ରତ୍ୟେକ ଗ୍ରାହକମାନେ ସତର୍କତାର ସହିତ ନିଜର ବ୍ୟକ୍ତିଗତ ତଥ୍ୟ ସିମ୍ କାର୍ଡ କ୍ରୟ କରିବା ସମୟରେ ଦୋକାନୀଙ୍କ ନିକଟରେ ଦାଖଲ କରିବାକୁ ସାଇବର ପୁଲିସ ପକ୍ଷରୁ ସଚେତନ କରାଯାଉଛି ସତ କିନ୍ତୁ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ କମ୍ପାନୀର କ୍ଷମତାପ୍ରାପ୍ତ ରିଟେଲ୍ ଷ୍ଟୋରରୁ ସିମ୍ କ୍ରୟ କରିବା ନିରାପଦ। ଏ ସମ୍ପର୍କରେ ସାଇବର ଥାନା ପକ୍ଷରୁ କୁହାଯାଇଛି ଯେ, ପ୍ରଥମ ପର୍ଯ୍ୟାୟରେ ସିମ୍ ଡିଲର୍‌ଙ୍କ କାଗଜପତ୍ର ଯାଞ୍ଚ କରାଯାଇଛି। ଗ୍ରାହକମାନେ ଏ କ୍ଷେତ୍ରରେ ସେଚତନ ହେବା ଆବଶ୍ୟକ। କୌଣସି ରିଟେଲ୍‌ର ପାଖରୁ ସିମ୍ କାର୍ଡ କ୍ରୟ କରୁଥିଲେ ସେମାନଙ୍କ ରସିଦ୍ ଓ ଠିକଣା ନିଜ ପାଖରେ ରଖିବା ଉଚିତ। ଏବେ ପ୍ରି-ଆକ୍ଟିଭେଟ୍ ସିମ୍ କାରବାର ବଢୁଥିବାରୁ ସାଧାରଣ ଗ୍ରାହକମାନେ ଏ କ୍ଷେତ୍ରରେ ଅବଗତ ହେବା ଜରୁରୀ। ସାଧାରଣ ଗ୍ରାହକଟିଏ ଆବଶ୍ୟକୀୟ ଡକ୍ୟୁମେଣ୍ଟ୍ ଦାଖଲ କରି ସିମ୍ କ୍ରୟ କରୁଛି। ପରବର୍ତ୍ତି ସମୟରେ ଉକ୍ତ ଗ୍ରାହକଙ୍କ ନାମରେ ବିଭିନ୍ନ କମ୍ପାନୀର ମାଳ ମାଳ ସିମ୍ କାର୍ଡକୁ ଆକ୍ଟିଭେଟ୍ କରାଇ ବିଭିନ୍ନ ଅସାଧୁ କାରବାରରେ ବ୍ୟବହାର କରାଯାଉଛି। ଗ୍ରାହକ ଜଣକ ଏସବୁ କାରସାଦୀ ବୁଝିବା ପୂର୍ବରୁ ପୁଲିସ ଆଗରେ ସେ ଅଭିଯୁକ୍ତ ପାଲଟି ଯାଉଛି। ସିମ୍ କଳାବଜାରୀକୁ ରୋକିବା ନିମନ୍ତେ ପୁଲିସ ଯଦି ଉଚିତ ସମୟରେ ପଦକ୍ଷେପ ନ ନିଏ, ତେବେ ଆଗକୁ ଏହି ବେଆଇନ କାରବାର ବୃଦ୍ଧି ପାଇବ।

# ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ



କଟକ,୨୩।୩(ସମିସ): କଟକ ଛତ୍ରବଜାରସ୍ଥିତ ଶ୍ରୀ ଗଣେଶଜୀଉ ମନ୍ଦିର ପରିସରରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ପ୍ରଥମ ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଅବହେଳିତ ଓ ଅନଗ୍ରସର ମହିଳାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ମଧୁବୈଶ୍ୟ ମହିଳା ଯୋଗଦେଇ ସାମାଜିକ ଉନ୍ନତି ଓ କୌଳିକ ବୃତ୍ତିର ବିକାଶ ଉପରେ ଆଲୋଚନା କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାବାନ ମହିଳାଙ୍କୁ ଏହି ଅବସରରେ ସମ୍ମାନିତ କରାଯିବା ସହ ସ୍ୱଜାତିର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମାଜର ସଭାପତି ଦେବେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଚିକିତ୍ସିକା ଡା. ସେବା ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ମେୟର ସୁବାସ ସିଂହ, ବିଜେପି ନେତା ନୟନ କିଶୋର ମହାନ୍ତି, ପୂର୍ବତନ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ରଶ୍ମିମୟୀ ପଟ୍ଟନାୟକ ଓ ପ୍ରଫେସର ସାବିତ୍ରୀ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମଧୁବୈଶ୍ୟ ସମାଜର ସଭାନେତ୍ରୀ ସୁଷମା ସାହୁ, ସମ୍ପାଦିକା ଅପର୍ଣ୍ଣା ସାହୁ, ପ୍ରଶାନ୍ତ ସାହୁ, ବିନୋଦ ଚନ୍ଦ୍ର ସାହୁ ଓ ଭୀମସେନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମିଡିଆ ସଂଯୋଜକ ପ୍ରଭାତ ବିଷୋୟୀ ଧନ୍ୟବାଦ ଦେଇଥିଲେ।

# ଚେନ୍ ଛିନ୍‌ତାଇ ଘଟଣାରେ ୩ ଗିରଫ

କଟକ,୨୩।୩(ସମିସ): ଜଗତପୁର ଥାନା ପୁଲିସ ଜଣେ ମହିଳାଙ୍କ ବେକରୁ ହୋଇଥିବା ସୁନା ଚେନ୍ ଛିନ୍‌ତାଇ ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ପୁରୀଘାଟ ଅଞ୍ଚଳର ଏସ୍. କେ ୱାସିଫ୍(୨୮), ମଙ୍ଗଳାବାଗ ଅଞ୍ଚଳର ଅଲ୍ଲୀ ଖାନ୍(୨୧), ଗହ୍ମାଡ଼ିଆ ଅଞ୍ଚଳର ଏସ୍.କେ ବାବା(୨୪)। ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ୩ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କାର ୪ଟି ସୁନା ଚେନ୍ ଓ ଏକ ବାଇକ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ମଙ୍ଗଳାବାଗ ଅଞ୍ଚଳର ଲୀନାରାଣୀ ବେହେରା ଗତ ୧୮ ତାରିଖରେ ଜଗତପୁର ଥାନାରେ ତାଙ୍କ ବେକରୁ ସୁନା ଚେନ୍ ଛିନତାଇ ହୋଇଥିବା ଅଭିଯୋଗ କରିଥିଲେ। ସେ ଜଣାଇଥିଲେ ଯେ, ମଙ୍ଗଳାବାଗରୁ ଜଗତପୁର ଡେଲ୍ଟା କଲୋନୀରେ ଥିବା ବାପ ଘରକୁ ତାଙ୍କ ଦିଅରଙ୍କ ସହ ଯାଉଥିବା ସମୟରେ, ଜଗତପୁର ଆଇବି ରୋଡ୍‌ରେ କୃଷ୍ଣଗୋପାଳ ସ୍ୱିଟ୍ସ ନିକଟରେ ୨ଜଣ ଅଜଣା ଦୁର୍ବୃତ୍ତ ତାଙ୍କ ଗଳାରୁ ପ୍ରାୟ ୧୫ ଗ୍ରାମ ଓଜନର ସୁନାର ଚେନ୍ ଛିନତାଇ କରି ଫେରାର୍ ହୋଇଯାଇଥିଲେ। ପୁଲିସ ତଦନ୍ତ ଚଳାଇ ସିସି କ୍ୟାମେରା ଫୁଟେଜ୍ ଆଧାରରେ ୩ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଚଢ଼ଉ ଜାରି ରଖିଥିଲା। ଆଜି ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି।

### ● ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୧୬୬ଟି ଅଭିଯୋଗରୁ ୪୯ଟିର ତତ୍କାଳ ସମାଧାନ



କଟକ,୨୩।୩(ସମିସ): କଟକ ଜିଲ୍ଲା ଡମପଡ଼ା ବ୍ଲକ୍‌ର ଜାତମୁଣ୍ଡିଆ ସ୍ଥିତ ପଞ୍ଚାୟତ ଭବନଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବହୁ ସଂଖ୍ୟାରେ ଅଭିଯୋଗକାରୀ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ସମୁଦାୟ ୧୬୬ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିମଧ୍ୟରୁ ୧୫୭ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ୪୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଏହି ଶୁଣାଣି କାଳରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ସହାୟତା, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ଆବେଦନ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାଶ ଓ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୩୦ ତାରିଖରେ କଟକ ସଦର ବ୍ଲକ୍ କାର୍ଯ୍ୟାଳୟଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତି ସଭା


କଟକ,୨୩।୩(ସମିସ): ସିକିମ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ୨୮ ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ସାରଳା ଭବନଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା



ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜଷ୍ଟିସ ମହାନ୍ତିଙ୍କୁ ଜଣେ ଅତ୍ୟନ୍ତ ହୃଦୟବାନ ବ୍ୟକ୍ତି ଭାବେ ଅଭିହିତ କରିଥିଲେ। ତାଙ୍କ ଭଳି ବ୍ୟକ୍ତିତ୍ୱ ଆଜିର ସମାଜରେ ବିରଳ ଏବଂ ତାଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଖାରବେଳ ମହାନ୍ତି ଯୋଗଦେଇ ଜଷ୍ଟିସ ମହାନ୍ତିଙ୍କ ମାନବିକତା ଓ ଉଚ୍ଚକୋଟୀର ଆଦର୍ଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଡ. ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ବିଭାଗୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହିନ୍ଦୁ ନବବର୍ଷ ଓ ନବରାତ୍ର ପାଳିତ

କଟକ,୨୩।୩(ସମିସ): ସ୍ଥାନୀୟ ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର "ଚୈତନ୍ୟ ପସରା' ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଓ ନବରାତ୍ର ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ



ମନ୍ଦିର ପରିଚାଳନା କମିଟିର ସଭାପତି ଶୁଭେନ୍ଦୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଳକାନନ୍ଦା ମହାନ୍ତିଙ୍କ ଦ୍ୱାରା "ବନ୍ଦେ ମାତରମ୍' ଗାନ କରାଯାଇ ଏକ ଦେଶଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଭାଗିରଥୀ ସାମନ୍ତରାୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ହିନ୍ଦୁ ନବବର୍ଷର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମନ୍ଦିର ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟ ଓ ସ୍ଥାନୀୟ ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନବରାତ୍ରର ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ।

# ଶୈଳବାଳା ମହିଳା ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

କଟକ,୨୩।୩(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ପ୍ରଶିକ୍ଷଣ ବିଭାଗ ଆନୁକୂଲ୍ୟରେ "ସାମାଜିକ ସୁରକ୍ଷା ଓ ସାର୍ବଜନୀନ ମଙ୍ଗଳ ଉପଲକ୍ଷେ ଶିକ୍ଷା' ଶୀର୍ଷକ ଏକଦିବସୀୟ ଜାତୀୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ବି.ଏନ୍. ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ପ୍ରସନ୍ନ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଗୁଜରାଟର ପ୍ରଫେସର ସୁଦର୍ଶନ ଚକ୍ର ପାଣିଗ୍ରାହୀ ଓ ତାମିଲନାଡୁର ପ୍ରଫେସର ଏସ୍. ମଣି ଉପସ୍ଥିତ ରହି ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଆଭାସୀ ଓ ପ୍ରତ୍ୟକ୍ଷ ମାଧ୍ୟମରେ ମୋଟ ୩୫ଟି ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ଏହି ଅବସରରେ ଧାରଣୀୟ ବିକାଶ, ନୂତନ ଶିକ୍ଷା ନୀତି, ଅନ୍ତର୍ନିବେଶୀ ଶିକ୍ଷା, ଜନଜାତି ଶିକ୍ଷା ଏବଂ ବିଶ୍ୱଶାନ୍ତି ନିମନ୍ତେ ଆଧ୍ୟାତ୍ମିକ



ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସାରଗର୍ଭକ ଆଲୋଚନା କରାଯାଇଥିଲା, ଯାହା ମହାବିଦ୍ୟାଳୟର ଭାବୀ ଶିକ୍ଷାର୍ଥୀଙ୍କୁ ବହୁ ଭାବେ ଅନୁପ୍ରାଣିତ କରିଥିଲା। କର୍ମଶାଳାରେ ଡ. ବିଦ୍ୟୁଲତା ସାହୁ ଆବାହକ, ନିହାରବାଳା ମାଝୀ ସହ-ଆବାହକ, ଗିରୀଶ ଚନ୍ଦ୍ର ବେହେରା ସଂଯୋଜକ ରୂପେ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷଣ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ପ୍ରଣତି ପ୍ରିୟଦର୍ଶିନୀ, ସୁଜାତା ବିଶ୍ୱାଳ, ଜ୍ୟୋତିର୍ମୟୀ ପତି, ରଶ୍ମିତା ସାହୁ, ଶ୍ୱେତା ମହାନ୍ତି, ମେଘାଶ୍ରୀ ଦାସ ଏବଂ ବ୍ରଜେଶ ପୁଷ୍ଟି ଯୋଗଦାନ କରି କର୍ମଶାଳାଟିକୁ ସାଫଲ୍ୟ କରିଥିଲେ।

# ଜୟ ଭାରତ କ୍ଲବ୍‌କୁ ହରାଇ ସେମିଫାଇନାଲରେ ୟଙ୍ଗ ଉତ୍କଳ



କଟକ,୨୩।୩(ସମିସ): ୟଙ୍ଗ ଉତ୍କଳ କ୍ଲବ ଆନୁକୂଲ୍ୟରେ ଚାଲିଥିବା "ୟଙ୍ଗ ଉତ୍କଳ ଫୁଟବଲ୍ ଧମାକା'ର ଦ୍ୱିତୀୟ ଦିବସରେ ଆୟୋଜକ ୟଙ୍ଗ ଉତ୍କଳ କ୍ଲବ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ୟଙ୍ଗ ଉତ୍କଳ କ୍ଲବ ୬-୨ ଗୋଲ୍‌ରେ ଭୁବନେଶ୍ୱରର ଜୟ ଭାରତ କ୍ଲବକୁ ପରାସ୍ତ କରିଛି। ୟଙ୍ଗ ଉତ୍କଳ ଦଳର ଗଣେଶ ସେଠୀଙ୍କୁ ଉନ୍ନତ ଖେଳ ପାଇଁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ଏହି ମ୍ୟାଚକୁ ସେକ୍ ହାୟତ୍ ପରିଚାଳନା କରିଥିବା ବେଳେ ଦୈତାରୀ କାରୁଆ ଓ ରାମଚନ୍ଦ୍ର ମୁର୍ମୁ ଲାଇନ୍‌ରେ ସହାୟତା କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ପଞ୍ଚମୁଖୀ ହନୁମାନ ମନ୍ଦିରର ମୁଖ୍ୟ ପୂଜକ ସୁନୀଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶରତ ମହାଳିକ ଓ ବରିଷ୍ଠ ଖେଳାଳି ଅଶୋକ ରାଉତରାୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମ୍ପାଦକ ପ୍ରଦୀପ ମହାନ୍ତିଙ୍କ ସମେତ ମନୋରଞ୍ଜନ ସାହୁ, ଜଗଦୀଶ ସାହୁ, ଶେଷଦେବ ବେହେରା, କାହ୍ନୁଚରଣ ସାହୁ, ରାକେଶ ସେଠୀ ଏବଂ ରାଜୀବ ନାୟକ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର



କଟକ,୨୩।୩(ସମିସ): ସ୍ଥାନୀୟ ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର "ପରିବର୍ତ୍ତିତ ବିଶ୍ୱରେ ଭାରତର ବୈଦେଶିକ ନୀତିର ପ୍ରାସଙ୍ଗିକତା' ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାତୀ ଦାଶ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଦୀପକ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜେଏନ୍‌ୟୁ ଆନ୍ତର୍ଜାତୀୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ. ପ୍ରଶାନ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନିଜ ବକ୍ତବ୍ୟରେ ଡଃ ସାହୁ କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଭାରତର ବୈଦେଶିକ ନୀତି ଏତେ ପ୍ରଭାବଶାଳୀ ହୋଇଛି ଯେ ସମଗ୍ର ବିଶ୍ୱରେ ଭାରତ "ବିଶ୍ୱଗୁରୁ' ହେବାର ସମ୍ଭାବନା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ରତ୍ନାକର ରାୟ ଯୋଗଦେଇ ଭାରତୀୟ ବୈଦେଶିକ ନୀତିର ବିଭିନ୍ନ ଦିଗ ଉପରେ ଗଭୀର ଆଲୋକପାତ କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର ବାରିକ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପିକା ରିଙ୍କୁ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପାଠଚକ୍ରରେ ବିଭାଗର ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମଙ୍ଗଳାବାଗ ଥାନାରେ ହାଇଡ୍ରାମା

# ଥାନା ଛାତରେ ଚଢ଼ି ନିଶାସକ୍ତ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ,୨୩।୩(ସମିସ):

ମଙ୍ଗଳାବାଗ ଥାନା ପରିସରରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଥିଲା। ସକାଳ ୮ଟାରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭର ନିଜ ଅଭିଯୋଗ ନେଇ ଥାନାକୁ ଆସିଥିଲେ। ସେ' ନିଶାଶକ୍ତ ଅବସ୍ଥାରେ ଥିବା ବେଳେ

> ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ ଓ ପୁଲିସ

ଥାନା ଭିତରେ ପୁଲିସକୁ ଗାଳିଗୁଲଜ କରୁଥିଲେ। ନିଜ ଅଭିଯୋଗ ଜଣାଇବା ଭିତରେ ସୁଯୋଗ ଦେଖି ଆଖି ପିଛୁଳାକେ ଥାନା ଭିତରୁ ଛାତ ଉପରକୁ ଚଢ଼ିଯାଇଥିଲେ। ଥାନା କର୍ମଚାରୀ କେହି କିଛି ବୁଝିବା ପୂର୍ବରୁ ଡ୍ରାଇଭର ଜଣକ ଥାନାର ଛାତ ଉପରେ ଚଢ଼ି ତଳକୁ ଡେଇଁବାକୁ ଧମକ ଦେଇଥିଲେ। ପୁଲିସକୁ ବ୍ଲାକ୍‌ମେଲ୍ କରିବାକୁ ଲାଗିଥିଲେ। ଯେତେ ଯିଏ ଡାକିଥିଲେ ମଧ୍ୟ ସେ କର୍ଣ୍ଣପାତ କରିନଥିଲେ। ପୁଲିସ



ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିବା ବେଳେ ଏକ ଅଗ୍ନିଶମ ଟିମ୍ ଥାନାରେ ପହଞ୍ଚି ଚତୁରତାର ସହିତ କୋଠାରୁ ଉକ୍ତ ଡ୍ରାଇଭରକୁ ଉଦ୍ଧାର କରିଥିଲା। ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଏହି ହାଇଡ୍ରାମା ଆଜି ମଙ୍ଗଳାବାଗ ଥାନାରେ ଦେଖିବାକୁ ମିଳିଥିଲା।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଥାନା ଅନ୍ତର୍ଗତ କୋରା ଅଞ୍ଚଳର କାଳିଆ ଓରଫ ଶ୍ରୀଚନ୍ଦନ ଦାସ ଏସ୍‌ସିବି ପାଖରେ କିଛି ଆମ୍ବୁଲାନ୍ସରେ ଡ୍ରାଇଭର କାମ କରନ୍ତି। ତେବେ କାଳିଆର ହାତରେ କିଛି କଟା ଦାଗ ଥାଇ ଆଜି ହଠାତ୍ ସକାଳେ ଆସି ଥାନାରେ ପହଞ୍ଚିଯାଇଥିଲା। ମୋର ଟଙ୍କା କିଛି ଲୋକ ଦେଉନାହାନ୍ତି ବୋଲି କହିବାକୁ ଲାଗଥିଲା। ଏହି ସମୟରେ ସେ'ପ୍ରଚୁର ମଦ୍ୟପାନ କରିଥିଲା। ଥାନାରେ ଥିବା କର୍ମଚାରୀଙ୍କୁ ସେ' ନିଜର ଅଭିଯୋଗ ଜଣାଇଥିଲା। ପୁଲିସ କର୍ମଚାରୀ ତାଙ୍କୁ ଲିଖିତ ଦେବାକୁ କହିଥିଲେ। ହେଲେ ସେ' ବିଲ୍‌କୁଲ୍ ଶୁଣିନଥିଲା। ତୁରନ୍ତ ମୋର ଟଙ୍କା ଆଣି ଦିଅ ବୋଲି ଜିଦ୍ ଧରିଥିଲା। ଏଭଳି କିଛି ସମୟ କଥାବାର୍ତ୍ତା ଚାଲିବା ଭିତରେ ଥାନାରେ ଥିବା ସେଣ୍ଟ୍ରି ବା ପୁଲିସ କର୍ମଚାରୀ ଅନ୍ୟ ଏକ କାମରେ ବ୍ୟସ୍ତ ହୋଇଯାଇଥିଲେ। ହଠାତ୍ ଡ୍ରାଇଭର କାଳିଆ ଥାନାର ଶିଢ଼ି ଉପରକୁ ଚଢ଼ିଯାଇଥିଲା। ଏହା ପରେ ସେ ଦୌଡ଼ି ଦୌଡ଼ି ପ୍ରଥମ ମହଲାର ଛାତ ଉପରେ ପହଞ୍ଚିଯାଇଥିଲା। ଥାନା କର୍ମଚାରୀ ତାର ପଛରେ ଦୌଡଥିଲେ ମଧ୍ୟ ତାକୁ କାବୁ କରି ପାରିନଥିଲେ। କିଛି ମିନିଟ୍ ଭିତରେ ସେ ଛାତରୁ ଯାଇ ସୁଉଚ୍ଚ ପୋଟିକର ଛାତ ଉପରେ ଚଢ଼ିଯାଇ ତଳକୁ ଡେଇଁ ପଡ଼ିବେ ବୋଲି ଧମକାଇଥିଲେ। ମୋର କଥା ତୁରନ୍ତ ନ ଶୁଣିଲେ, ତୁରନ୍ତ ଟଙ୍କା ନ ଦେଲେ ଛାତରୁ ଡେଇଁପଡ଼ିବି ବୋଲି କହିଥିଲେ। ଏମିତିକି ଥାନାକୁ ହୋଇଥିବା ବଦ୍ୟୁତ୍ ସଂଯୋଗ କେବୁଲ୍‌କୁ ହାତରେ ଧରି ଛିଡ଼ାହୋଇ ଚିତ୍କାର କରିଥିଲେ। ଏହା ମଧ୍ୟରେ ଥାନା କର୍ମଚାରୀ, ସାଧାରଣ ଲୋକ ଓ ଅଗ୍ନିଶମ ଟିମ୍ ଆସି ଥାନା ପରିସରରେ ରୁଣ୍ଡ ହୋଇଯାଇଥିଲେ। ଲଗାତାର ଭାବେ ପୁଲିସ ଓ ଲୋକ ତାକୁ ଛାତ ଉପରୁ ଆସିବାକୁ କହିଥିବା ବେଳେ ସେ ଶୁଣି ନ ଥିଲା। ଏହା ପରେ ଅଗ୍ନିଶମ ଟିମ୍ ସେହି ପୋଟିକ ଉପରକୁ ଶିଢ଼ି ସାହାର୍ଯ୍ୟରେ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଏସସିବିରେ ତାଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କ ପରିବାର ଲୋକ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଥାନାକୁ ଡକାଯାଇଥିବା ସୂଚନା ମିଳିଛି।

ସକାଳ
THE SAKALA



www.sakalaepaper.com

# ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଣ୍ଟ ଅଚଳ, ରୋଗୀଙ୍କୁ ଭଗବାନ ଭରସା

ଆନନ୍ଦପୁର ପୁର,୨୩।୩(ସମିସ):



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଅନେକସୁବିଧା ଥାଇ ମଧ ଉତ୍ତମ ଚିକିତ୍ସା ସେବା ନପାଇ ରୋଗୀ କଲବଲ ହେଉଛନ୍ତି। ଡାକ୍ତରଖାନା ସୁପରିଚାଳନା ପାଇଁ ଜଣେ ମେଡିକାଲ ମ୍ୟାନେଜର ନିଯୁକ୍ତି ହୋଇଥିଲେ ମଧ ଅନେକ ସମୟରେ ପରିଚାଳନାରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଡାକ୍ତରଖାନା ପରିସରରେ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ପ୍ଲାଣ୍ଟ ଆଜକୁ କିଛିଦିନ ହେବ ଅଚଳ ହୋଇପଡ଼ିଥିଲେ ମଧ ତାହାର ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ପରିତାପର ବିଷୟ। ୨୦୨୦ ମସିହାରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହୋଇଥିଲା। ଏକ ସମୟରେ ୨୭୦ଟି ବେଡ୍‌କୁ ଅକ୍ସିଜେନ ଯୋଗାଇବା କ୍ଷମତା ଥିବା ଏହି ପ୍ଲାଣ୍ଟରେ ଦୁଇଟି ବୃହତ ସିଲିଣ୍ଡର ରହିଛି। ଗୋଟିଏ ସିଲିଣ୍ଡରର କମ୍ପ୍ରେସର ପୋଡ଼ିଯାଇ ଅଚଳ ହୋଇପଡିଛି। ଦ୍ୱିତୀୟ ସିଲିଣ୍ଡର ରକ୍ଷଣାବେକ୍ଷଣ ଅଭାବରୁ ସ୍ୱାଭାବିକ ପ୍ରକ୍ରିୟାରେ ଚାଲୁନଥିବା ଜଣାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କ ଜୀବନ ରକ୍ଷା ପାଇଁ ଥିବା ଅକ୍ସିଜେନ ପ୍ଲାଣ୍ଟ ଅଚଳ ହୋଇଥିବାରୁ ଆନନ୍ଦପୁର ରୋଗୀଙ୍କୁ ଭଗବାନ ଭରସା ବୋଲି ଜଣେ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୨୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳର ଲୋକେ ସରକାରୀ ଡାକ୍ତରଖାନାରୁ ମାଗଣା ଚିକିତ୍ସାସେବା ପାଇବା ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ଅନେକ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଡାକ୍ତର ନ ଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଅନେକ ସମୟରେ ସାଧାରଣ ରୋଗପାଇଁ ରୋଗୀଙ୍କୁ କଟକ ନଚେତ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି।

ପ୍ରତିଦିନ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଆଉଟ୍‌ଡୋରକୁ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଅସ୍ଥିଶଲ୍ୟ, କର୍ଣ୍ଣ, ନାଶା ଓ ଗଳା (ଇଏନ୍‌ଟି), ନିଶ୍ଚେତକ ଡାକ୍ତର ପଦବୀ ଖାଲି ପଡ଼ିଛି। ଯାହା ରୋଗୀଙ୍କ ଯନ୍ତ୍ରଣାକୁ ଦୁଇଗୁଣ କରୁଛି। ସାମାନ୍ୟ ରୋଗର ଚିକିତ୍ସା ପାଇଁ ଆସି ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଟିକଟ କାଉଣ୍ଟର, ଆଉଟ୍‌ଡୋର, ପରୀକ୍ଷାଗାର, ଏକ୍ସ-ରେ କେନ୍ଦ୍ର, ଔଷଧ କାଉଣ୍ଟରରେ ଲମ୍ବାଧାଡ଼ି ଲାଗୁଛି। ଫାର୍ମାସିଷ୍ଟ ଓ କର୍ମଚାରୀ ଅଭାବ ଯୋଗୁଁ ଔଷଧ ବଣ୍ଟନରେ ସମସ୍ୟା ହେଉଛି। ଔଷଧ ନେବାକୁ ଲୋକେ ଖରାରେ ଲମ୍ବାଧାଡ଼ି ଲଗାଉଛନ୍ତି। ଆବଶ୍ୟକ କର୍ମଚାରୀ ନ ଥିବାରୁ ୨୪ଘଣ୍ଟିଆ ଔଷଧ ବିତରଣ ବାଧାପ୍ରାପ୍ତ ହେଉଛି। ରାତିରେ ରୋଗୀଙ୍କୁ ଔଷଧ ମିଳୁନି। ସେହିପରି ଗୁରୁତର ରୋଗୀ ଓ ଆଉଟଡୋରକୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଡାକ୍ତରମାନେ ଗୋଟିଏ ସ୍ଥାନରେ କରୁଥିବାରୁ ଗୁରୁତର ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ଡାକ୍ତରଖାନାର ପରିଚାଳକ ଅବିନାଶ ଧଳ କହିଛନ୍ତି ଯେ, ଡାକ୍ତର ଓ କର୍ମଚାରୀ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏ ବିଷୟରେ କେନ୍ଦୁଝର ସିଡିଏମ୍‌ଓଙ୍କୁ ଅବଗତ କରାଯାଇଛି।

## ବ୍ୟକ୍ତିଗତ ଘର ପରିସରରେ ସରକାରୀ ନଳକୂପ

ତେଲକୋଇ,୨୩।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଖୁଣ୍ଟାପଡ଼ା ପଞ୍ଚାୟତରେ ପାନୀୟଜଳ ସଙ୍କଟ ଦେଖିବାକୁ ମିଳିଛି। ଖୁଣ୍ଟାପଡ଼ା ପଞ୍ଚାୟତର ଅରବିନ୍ଦ ଆଧାମିକ ସ୍କୁଲ ନିକଟରେ ଥିବା ବସ୍ତି ପାଇଁ ଏକ ନୂତନ ନଳକୂପ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଥିଲା। ନଳକୂପ ଖୋଳିବା ଦାୟିତ୍ୱ ତେଲକୋଇ ବ୍ଲକ ପାନୀୟଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ଥିଲା। ତେବେ ସଂପୃକ୍ତ ଯନ୍ତ୍ରୀ ବସ୍ତି ବାସିନ୍ଦାଙ୍କୁ ନ ଜଣାଇ ଜଣେ ମୁଷ୍ଟିମେୟ ରାଜନେତାଙ୍କ



ଗୃହ ପରିସରରେ ନଳକୂପ ବସାଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ବସ୍ତି କିମ୍ବା ୱାର୍ଡରେ ନଳକୂପ ଖୋଳିବା ସମୟରେ ସେହି ବସ୍ତି କିମ୍ବା ୱାର୍ଡବାସୀ ମତାମତ ନେବା କଥା। ହେଲେ ଏଠି ମୁଷ୍ଟିମେୟ ରାଜନେତାଙ୍କ ଚାପରେ ସାହି ମୁଣ୍ଡରେ ଥିବା ଜନୈକ ବ୍ୟକ୍ତିଙ୍କ ଘର ପରିସରରେ ନୂତନ ନଳକୂପ ବସାଯାଇଛି। ଏପଟେ ଖରାଦିନେ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ନିଜ ସୁବିଧା ପାଇଁ କିଛି ରାଜନେତା ଲୋକଙ୍କ ହକକୁ ହଡ଼ପ କରୁଥିବା ଏହା ସ୍ପଷ୍ଟ କରୁଛି। ଏଥିରେ ବିଭାଗୀୟ ଯନ୍ତ୍ରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଥିବା ବେଳେ ଏ ନେଇ ଖୁଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚଙ୍କୁ ପଚାରିବାରୁ ସେ କହିଲେ ମୁଁ ଏ ସମ୍ପର୍କରେ ଅବଗତ ନାହିଁ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏ ସମ୍ପର୍କରେ କହିପାରିବେ।

# ପୁଅର ସନ୍ଦେହଜନକ ମୃତ୍ୟୁ; ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କୁ ଫେରାଦ

ଆନନ୍ଦପୁର,୨୩।୩ (ସମିସ): ପୁଅ ପାଠପଢ଼ି ଇଞ୍ଜିନିୟର ହୋଇ ପରିବାରର ଦୁଃଖ ଦୂର କରିବାର ଅନେକ ସ୍ୱପ୍ନ ଦେଖିଥିବା ବାପାଙ୍କ ହୃଦୟ ଆଜି ଭାଙ୍ଗି ଚୁରମାର ହୋଇଯାଇଛି। ପାଠ ପଢ଼ିବା ବୟସରେ ପୁଅର ଅସ୍ୱାଭାବିକ ମୃତ୍ୟୁକୁ ଭୁଲି ପାରୁନାହାନ୍ତି ମୃତକଙ୍କ ବାପା। ଦୁଃଖରେ ଭାଙ୍ଗିପଡ଼ିଥିବା ସେଇ ବାପା ନ୍ୟାୟ ପାଇଁ ବାରଦୁଆର ହେଉଛନ୍ତି। ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ତାଙ୍କ ଯନ୍ତ୍ରଣା ଓ ଅଭିଯୋଗ ଜଣାଇଛନ୍ତି। ହେଲେ ସବୁଠାରୁ ନିରାଶ ହୋଇ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଶରଣ ପଶିଛନ୍ତି।



ସୂଚନାଯୋଗ୍ୟ, ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍ ବଞ୍ଚୋ ଗ୍ରାମର ଆଲୋକ କୁମାର ପଟ୍ଟନାୟକଙ୍କ ବଡ଼ ପୁଅ ପ୍ରୀତିପ୍ରଭୁ ପଟ୍ଟନାୟକ(୧୭)ଢେଙ୍କାନାଳ ଜିଲ୍ଲା ସିଆରିଆସ୍ଥିତ ବାଜିରାଉତ ଇଞ୍ଜିନିୟରିଂ କଲେଜ ଛାତ୍ରାବାସରେ ରହି ପାଠପଢୁଥିଲେ। ଗତ ୨୦୨୫ ମସିହା ମାର୍ଚ୍ଚ ମାସ ୨ ତାରିଖ ଅପରାହ୍ନରେ ଆଲୋକ ତାଙ୍କ ବଡ଼ଭାଇଙ୍କ ଫୋନ କଲ୍‌ରୁ ତାଙ୍କ ପୁଅ ହଷ୍ଟେଲ୍ ବାହାରେ ଥିବା ଏକ ପୋଖରୀରେ ବୁଡ଼ିଯାଇଥିବା ଖବର ପାଇଥିଲେ। ହେଲେ କଲେଜ ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇନଥିଲା। ପୁଅର ଏଭଳି ଖବର ଶୁଣି ମନ ବିଚଳିତ ଥିବା ବାପା ନିଜର ସମ୍ପର୍କୀୟଙ୍କ ସହିତ ସେହିଦିନ ସନ୍ଧ୍ୟାରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ପୁଅକୁ ଶବାଗାର ଭିତରେ ରଖାଯାଇଥିଲା। ସନ୍ଧ୍ୟା ହେବାରୁ ପୁଅକୁ ଆଉ ଦେଖିନପାରି ବାପା ଆଲୋକ ସିଧାସଳଖ ଢେଙ୍କାନାଳ ସଦର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ହେଲେ ଦାୟିତ୍ୱରେ ଥିବା ଥାନା ଅଧିକାରୀ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇ ପର ଦିନ କଲେଜକୁ ଯାଇ ଘଟଣା କ'ଣ ହୋଇଛି ଜାଣିବା ବୋଲି କହିଥିଲେ। ପରଦିନ ଥାନା ଅଧିକାରୀ ଛାତ୍ରଙ୍କ ବାପା ଓ ସେମାନଙ୍କ ସମ୍ପର୍କୀୟମାନେ କଲେଜକୁ ଆସିଲେ ସତ ସେଠାରେ ଘଟଣାର ଭିନ୍ନ ଚିତ୍ର ରହିଥିଲା। କଲେଜର ମାଲିକ ଓ ଅଧକ୍ଷ ଅନୁପସ୍ଥିତ ରହିଥିଲେ। ପୁଅର ମୃତ୍ୟୁ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ ପରିବାରକୁ ସୂଚନା ନଦେବା, ବିନା ଅନୁମତିରେ ହଷ୍ଟେଲ ବାହାର ପୋଖରୀକୁ ଗାଧୋଇ ଯିବା, ପୁଅ ପୋଖରୀରେ ବୁଡ଼ିଯିବା ସମୟରେ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗର ସହାୟତା ନିଆନଯିବା, କଲେଜର ସିସିଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରା ନଯିବା କି ବାପାଙ୍କୁ ଦେଖା ନଯିବା, ଥାନା ଅଧିକାରଙ୍କ ଦ୍ୱାରା ଅର୍ଥ ପ୍ରଲୋଭନ ଦେଖାଇବା, ଘରୋଇ ଇଞ୍ଜିନିୟରିଂ କଲେଜର ମାଲିକ ଫୋନ କଲ୍ ରିସିଭ ନ କରିବା, ପ୍ରାଥମିକ ପର୍ଯ୍ୟାୟରେ ବାପାଙ୍କ ଅଭିଯୋଗକୁ ଥାନାରେ ଗ୍ରହଣ କରା ନଯିବା ଓ ପର ଦିନ ଅର୍ଥାତ୍ ୩.୩.୨୦୨୫ ରେ ଅଭିଯୋଗକୁ ଗ୍ରହଣ କରିବା, ହଷ୍ଟେଲର ଅନ୍ୟ ଛାତ୍ରମାନଙ୍କ ବୟାନକୁ ଗୁରୁତ୍ୱ ଦିଆନଯିବା ଭଳି କେତେକ ଘଟଣାକ୍ରମକୁ ଦେଖି ବାପା ଆଲୋକ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଘଟଣାକୁ ନେଇ ଢେଙ୍କାନାଳ ସଦର ଥାନାରେ ୧୬୦/୩.୩.୨୦୨୫ ଭାରତୀୟ ନ୍ୟାୟ ସଂହିତା ୧୦୩(୧), ୩(୫) ରେ ମାମଲା ରୁଜୁ ହୋଇଛି। ପୁଅ ପୋଖରାରରେ ନିଜେ ବୁଡି ମୃତ୍ୟୁବରଣ କରିଛି ନା ତାଙ୍କୁ କିଏ ହତ୍ୟା କରିଛି ତାହା ତଦନ୍ତ କଲେ ପର୍ଦ୍ଦାଫାସ ହୋଇପାରିବ ବୋଲି ସେ ଅଭିଯୋଗ କରିଛନ୍ତି।

## ଖବର ପ୍ରସାରଣ ପରେ ବିଡିଓଙ୍କ ତାଗିଦ; ମରାମତି ହେଲା ରାସ୍ତା

ଚମ୍ପୁଆ,୨୩।୩(ସମିସ): ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହେବା ପରେ ଖାଲଖମା ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଥିବା ଦେଖିବାକୁ ମିଳିଛି। ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ୪ନଂ ୱାର୍ଡର ପାତ୍ର ସାହି ଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସିଏଫ୍‌ସି ଅନୁଦାନରେ ୨ଲକ୍ଷ ୮୪ ହଜାର ୮୭୧ ଟଙ୍କା ବ୍ୟୟରେ ରାସ୍ତା କାମକୁ ସମ୍ପୂର୍ଣ୍ଣ କରାଯାଇଥିଲା। କାମ ସରିବାର ୧ମାସ ଭିତରେ ଉକ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ପାଣି ଜମି ରହୁଥିଲା। ଏ ନେଇ ସାହିବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରି ଆସୁଥିଲେ। ଏ ବାବଦରେ ପ୍ରଥମେ ସଂପୃକ୍ତ ଜେଇ ସୁବୋଧ କୁମାର ବେଉରିଆଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏହା ମୋର କାମ ନୁହେଁ। ପରେ ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ବିଡିଓ ଉକ୍ତ ଜେଇଙ୍କୁ ତାଗିଦ୍ କଲାପରେ ରବିବାର ଛୁଟିଥିବା ସତ୍ତ୍ୱେ ଯୁଦ୍ଧକାଳୀନ ଭିତ୍ତିରେ ସନ୍ଧ୍ୟା ସମୟ ଭିତରେ ଖାଲଖମା ରାସ୍ତାକୁ କଂକ୍ରିଟ କରଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଅଭିଯୋଗକାରୀଙ୍କ ଉପସ୍ଥିତିରେ ଯେଉଁ ସ୍ଥାନରେ ନିମ୍ନମାନର କାମ ହୋଇଥିଲା ଓ ପାଣି ଜମି ରହୁଥିଲା ସେ ସ୍ଥାନକୁ ପୁନଃ ମରାମତି କରାଯାଇଥିବା ଦେଖିବାକୁ ମିଳିଛି।

## ଆଇଆଇଟି-ଜାମ୍ ପ୍ରବେଶିକା ପରୀକ୍ଷାରେ ଚମ୍ପୁଆ କୈରାଳି କଲେଜର ସଫଳତା

ଚମ୍ପୁଆ,୨୩।୩(ସମିସ): ଚଳିତ ବର୍ଷ ଆଇଆଇଟି, ମୁମ୍ବାଇ ଦ୍ୱାରା ପରିଚାଳିତ ଜାମ୍-୨୦୨୬ର ପରୀକ୍ଷା ଫଳ ୧୯ ମାର୍ଚ୍ଚରେ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ କେରଳ ୱେଲଫେୟାର ଆଣ୍ଡ ଏଜୁକେଶନାଲ ଡେଭଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଚମ୍ପୁଆ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟରେ ଚଳିତ ବର୍ଷ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ର ତପନ କୁମାର ବେହେରା (ସର୍ବ ଭାରତୀୟ ସ୍ତରରେ ୫୦୨ସ୍ଥାନ), ଛାତ୍ରୀ ଉଷାରାଣୀ ନାଏକ(୭୪୭ ସ୍ଥାନ) ଏବଂ ପଦାର୍ଥ ବିଜ୍ଞାନର ଛାତ୍ର ଉମର ମହମ୍ମଦ(୨୨୭୦ ସ୍ଥାନ), ଓ ଅଥର ମୁସାରଫ (୩୭୪୮ ସ୍ଥାନ) ଅଧିକାର କରି ମହାବିଦ୍ୟାଳୟର ଗାରିମା ବୃଦ୍ଧି କରିଛନ୍ତି। ଏହି ସଫଳତାର ଶ୍ରେୟ ପାଇଁ ଭୂତତ୍ତ୍ୱ ବିଭାଗର ଅଧ୍ୟାପିକା ଡଃ.ଶୁଭସ୍ମିତା ବରାଡ଼, ଅଧ୍ୟାପକ ଦୀପ୍ତିରଞ୍ଜନ ମହାନ୍ତ ଏବଂ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ମାନସୀ ଓଝାଙ୍କୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସଫଳତାରେ ପରିଚାଳନା କମିଟିର ସଭାଧ୍ୟକ୍ଷ ଡଃ.ରାଜମୋହନ ପି.ଏସ୍, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ କେ.ଏସ, କାର୍ଯ୍ୟାଳୟ ସଭାଧ୍ୟକ୍ଷ ଦୈତାରୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ.ଡି.ରାମାରାଜୁ, ପ୍ରଧ୍ୟାପକ ଗିରିଜା ଶଙ୍କର କରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସାର୍‌ନା ଧର୍ମ କୋଡ୍ ପ୍ରଦାନ, ଦେବଦେବୀଙ୍କ ପାଷାଣ ଚୋରି ମାମଲାର ସିବିଆଇ ତଦନ୍ତ ଦାବି




କେନ୍ଦୁଝର,୨୩।୩(ସମିସ): ଆଦିବାସୀ ସିଙ୍ଗେଲ ଅଭିୟାଁ ସଂଗଠନ ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାର୍ନାଧର୍ମ କୋର୍ଡ ପ୍ରଦାନ ଓ ଦେବାଦେବୀଙ୍କ ପାଷାଣ ଚୋରୀ ମାମଲାର ସିବିଆଇ ତଦନ୍ତ ଦାବି ନେଇ ଆନ୍ଦୋଳନ କରାଯାଇଛି। ଏହି ଅବସରରେ ୯ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କର ଦାବି ଅନୁଯାୟୀ ସମ୍ବିଧାନର ଅନୁଚ୍ଛେଦ ୨୫ ଅନୁଯାୟୀ ସାର୍ନାଧର୍ମ କୋର୍ଡ ପ୍ରଦାନ କରାଯାଇନାହିଁ। ଏଣୁ ୨୦୨୧ ରୁ ୨୭ ମଧ୍ୟରେ ହେବାକୁ ଥିବା ଜଣଗଣନା ବର୍ଷରେ ସେମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରି ସାର୍ନାଧର୍ମକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ ସଂଗଠନ ଦାବି କରିଛି। ସେମାନେ ପ୍ରକୃତି ପୂଜା କରୁଥିବାରୁ ତାଙ୍କର ପୂଜାପଦ୍ଧତି ଓ ସଂସ୍କୃତି ଉପରେ ଆଧାରିତ ଏହି ଧର୍ମକୁ ସ୍ୱୀକୃତି ପ୍ରଦାନ କରିବାକୁ ଦାବି କରିଛନ୍ତି। ସାର୍ନାଧର୍ମ କୋର୍ଡ ପାଇବା ପାଇଁ ପୂର୍ବରୁ ସେଙ୍ଗଲ ଅଭିୟାଁ ରାଷ୍ଟ୍ର ସଭାପତି ପୂର୍ବତନ ସାଂସଦ ସାଲଖାନଙ୍କ ଦ୍ୱାରା ବହୁବାର ରାଷ୍ଟ୍ରମନ୍ତ୍ରୀ ସମେତ ଅନ୍ୟମାନଙ୍କୁ ଚିଠି ଦେଇ ଆସିଛନ୍ତି। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ତଥା କେନ୍ଦ୍ରଗୃହ ମନ୍ତ୍ରାଳୟ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଛି। କିନ୍ତୁ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ। ସେହିପରି ଝାଡ଼ଖଣ୍ଡର ଗିରିଡିହି ଜିଲ୍ଲାରେ ଅବସ୍ଥିତ ପୂଜକ ଆଦିବାସୀଙ୍କର ବାରାଂବୁରୁ ଧାର୍ମିକ କେନ୍ଦ୍ରକୁ ଝାଡ଼ଖଣ୍ଡ ସରକାର ଗତ ଜାନୁଆରୀ ୫ରେ ଜୈନମାନଙ୍କୁ ହସ୍ତାନ୍ତର କରିଛନ୍ତି। ଏହାକୁ ତୁରନ୍ତ ଆଦିବାସୀଙ୍କୁ ଫେରାଇଦେବା ସହ ଝାଡ଼ଖଣ୍ଡର ବୋକାରୋ ଜିଲ୍ଲାର ଅବସ୍ଥିତ ଲୁଗୁବୁରୁ, ପଶ୍ଚିମବଙ୍ଗର ପୁରୁଲିଆରେ ଅବସ୍ଥିତ ଅଯୋଧ୍ୟାବୁରୁ ସହିତ କେତେକ ପର୍ବତର ଆଦିବାସୀଙ୍କ ଧାର୍ମିକ ସ୍ଥଳକୁ ମୁକ୍ତ କରିବାକୁ ଦାବି ହୋଇଛି। ଗତ ଫେବୃୟାରୀ ୧୬ ରୁ ୨୧ ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ପ୍ରାୟ ୧୨ଟି ଆଦିବାସୀଙ୍କ ଧାର୍ମିକ ସ୍ଥଳ ଜାହେରଗାଳରୁ ଦେବଦେବୀଙ୍କ ପାଷାଣ ଚୋରି କରି ସେଠାରେ ଅନ୍ୟ ଧର୍ମର ଦେବତାଙ୍କ ଫଟୋ ରଖାଯାଇ ଆଦିବାସୀଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ସିବିଆଇ ଦତନ୍ତ କରାଯିବାକୁ ଓଡ଼ିଶା ପ୍ରଦେଶ ଯୁବସଭାପତି କଲ୍ୟାଣ ବାସ୍କେଙ୍କ ସମେତ ସଂଗଠନର ଅନ୍ୟମାନେ ଦାବି କରିଛନ୍ତି।

# ମହିଳା ଆୟୋଗଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ



କେନ୍ଦୁଝର,୨୩।୩(ସମିସ): ମହିଳାଙ୍କ ବିରୋଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ ନିର୍ଯାତନା, ସମ୍ପତ୍ତି ବିବାଦ, କାର୍ଯ୍ୟାସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡ଼ିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କେନ୍ଦୁଝର ଏବଂ ଦେବଗଡ ଜିଲ୍ଲା ସକାଶେ ଦରବାର ହଲ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୩୪ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥି ମଧ୍ୟରୁ ମୋଟ ୧୩ ଗୋଟି ମାମଲାରେ ଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ଥିଲେ। ଅଭିଯୋଗ ଗୁଡିକର ଶୁଣାଣି ହୋଇ ୭ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ୩ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଗୋଟିଏ ମାମଲାରେ ଅନ୍ୟ କର୍ତ୍ତୃପକ୍ଷକୁ ପ୍ରେରଣ କରାଯାଇଥିଲା, ଅନ୍ୟ ୨ଗୋଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଆଜିର ଜନ ଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଓ ଦେବଗଡ଼ ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୮ଟି ନୂତନ ମାମଲାର ପଞ୍ଜୀକରଣ ମଧ ହୋଇଥିଲା। ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଏବଂ ଆୟୋଗର ସଦସ୍ୟା ପ୍ରତିଭା ଶତପଥିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ, ଦେବଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, କେନ୍ଦୁଝରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝର ଅତିରିକ୍ତ ଉପ-ଆରକ୍ଷୀ ଅଧୀକ୍ଷକ ପୂଜା ଧାମ, କେନ୍ଦୁଝର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷ ତରଫରରୁ ଅକ୍ଷୟ କୁମାର ଚକ୍ର, କେନ୍ଦୁଝରେ ପରିବାର ପରାମର୍ଶ କେନ୍ଦ୍ରର କାଉନ୍ସେଲର ଜୟଶ୍ରୀ ଦାଶ ଏବଂ ବିନୋଦ ବିହାରୀ ରାଉତ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅରବିନ୍ଦ ପଟ୍ଟନାୟକ, ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ଅନ୍ତର୍ଯାମୀ ରାଉତ ଏବଂ ରାମଚନ୍ଦ୍ର ବେହେରା ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମା' ପାର୍ବତୀ ପାଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଧାତିକା ଚାମ୍ପିଅନ



କେନ୍ଦୁଝର,୨୩।୩(ସମିସ): କେନ୍ଦୁଝର ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତ ମହଦେଇଯୋଡ଼ା ମହାନ୍ତସାହି ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା ମା'ପାର୍ବତୀ ପାଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପୋଇପାଣି ଏବଂ ଧାତିକା ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ନିର୍ଦ୍ଧାରିତ ୧୦ ଓଭରରେ ଧାତିକା ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ପୋଇପାଣି ସମସ୍ତ ୱିକେଟ୍ ହରାଇ ୭୦ ରନ୍ କରିବାରେ ସକ୍ଷମ ହୋଇଥିଲା। ରୋହିତ କୁମାର ମହାନ୍ତ ଓ ତପନ ଖୁଣ୍ଟିଆ ଖେଳ ପରିଚାଳନା କରିଥିଲେ। ଶୁଭମ୍ କୁମାର ମହାନ୍ତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦେବବ୍ରତ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାଦେଇଯୋଡ଼ା ସରପଞ୍ଚ ରମେଶ ମୁଣ୍ଡା, ମୁଖ୍ୟବକ୍ତା ସମାଜସେବୀ ସଞ୍ଜୀବ କୁମାର ସାହୁ ଯୋଗଦେଇ ଚାମ୍ପିଅନ ଦଳକୁ ୬ ହଜାର ୬ ଶହ ୬୬ଟଙ୍କା ସହ ଟ୍ରଫି, ରନର୍ସ ଅପ୍ ଦଳକୁ ୪ ହଜାର ୪ଶହ ୪୪ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମା'ପାର୍ବତୀ ପାଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସଭାପତି ରୋହିତ କୁମାର ମହାନ୍ତ, ସମ୍ପାଦକ ପଦ୍ମଲୋଚନ ମହାନ୍ତ, ସଦସ୍ୟ ପରେଶ ମହାନ୍ତ, ଲଳିତ ମହାନ୍ତ, ସରୋଜ କୁମାର ମହାନ୍ତ, ଚିରଞ୍ଜୀବ ମହାନ୍ତ, ମଙ୍ଗୁଲୁ ମହାନ୍ତ, ଅଜିତ୍ କୁମାର ମହାନ୍ତ, ସପନ ମହାନ୍ତ, ବିଭୂତି ମହାନ୍ତ, ପ୍ରକାଶ ମହାନ୍ତ, ବାଦଲ ମହାନ୍ତ, ନେତ୍ରାନନ୍ଦ ମହାନ୍ତ, ଗିରିଧାରୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ 'ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମ

କେନ୍ଦୁଝର,୨୩।୩(ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଛି "ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬'। ଏହି କ୍ରମରେ କେନ୍ଦୁଝର ଜିଲ୍ଲାର ପାଞ୍ଚଟି ପ୍ରମୁଖ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନରେ "ଖୋ-ଖୋ' କ୍ରୀଡ଼ା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ଖୋ-ଖୋ ଖେଳ ପ୍ରତି ଥିବା ଆଗ୍ରହ ଦେଖିବାକୁ ମିଳିଥିଲା। ଅଭିଭାବକମାନେ ମଧ ବହୁ ସଂଖ୍ୟାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ କ୍ରୀଡ଼ା ପ୍ରଶିକ୍ଷକ ଓ ଅଧିକାରୀମାନେ ପିଲାମାନଙ୍କର ଶାରୀରିକ ସାମର୍ଥ୍ୟ ଏବଂ ଖେଳ କୌଶଳର ପରୀକ୍ଷା କରିଥିଲେ। ଡି.ଡି. ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶଙ୍କରପୁର, ନେହେରୁ ଷ୍ଟାଡିୟମ



ଚମ୍ପୁଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି।ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟ ପାଇଁ ଦକ୍ଷ ଖୋ-ଖୋ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ା ବିଭାଗ ଆଶା ପ୍ରକାଶ କରିଛି।

# ହଟହଟା ହେଉଛନ୍ତି 'ସୁଭଦ୍ରା'ରୁ ବଞ୍ଚିତ ଆଦିବାସୀ ମହିଳା

ଆନନ୍ଦପୁର,୨୩।୩(ସମିସ): 'ସୁଭଦ୍ରା' ଯୋଜନାରୁ କେହି ଯୋଗ୍ୟ ହିତାଧିକାରୀ ଯେଭଳି ବଞ୍ଚିତ ନ ହୁଅନ୍ତି ସେଥିପାଇଁ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି। ତେବେ ଆନନ୍ଦପୁର ବ୍ଲକ୍ ମନୋହରପୁର ପଞ୍ଚାୟତର ବହୁ ଆଦିବାସୀ ମହିଳା ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏପରିକି ସେମାନେ କିଭଳି ଏହି ଯୋଜନାରେ ସାମିଲ ହେବେ ଏକଥା ଜାଣି ନପାରି ହଟହଟା ହେଉଥିବା ଅଭିଯୋଗ ହୋଇଛି।



ମନୋହରପୁର କେନ୍ଦୁସାହିର ଡୁଙ୍ଗା ହାଁସଦା ଅତ୍ୟନ୍ତ ଗରିବ ଶ୍ରେଣୀର। ଦିନ ମଜୁରିଆଭାବେ କାର୍ଯ୍ୟକରି ନିଜର ପରିବାର ଚଳାଇଥାନ୍ତି। ତାଙ୍କ ପତ୍ନୀ ବାସନ୍ତୀ ହେମ୍ବ୍ରମ ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି। ହେଲେ ତାଙ୍କ ପାଖକୁ ଏବେ ବି ପ୍ରଥମ କିସ୍ତି ପହଞ୍ଚିନାହିଁ। ସୁଭଦ୍ରା ଯୋଜନାକୁ ନେଇ ବାସନ୍ତୀଙ୍କର ବହୁ ଆଶା ରହିଥିଲା। ଟଙ୍କା ମିଳିଥିଲେ ସ୍ୱାବଲମ୍ବୀ ହେବାପାଇଁ କିଛି ବ୍ୟବସାୟ କରିବାକୁ ମନରେ ଭାବିଥିଲେ। ହେଲେ ତାଙ୍କ ଆଶା ଆଶାରେ ରହିଯାଇଛି। ସେହିପରି କେନ୍ଦୁସାହିର ଚୁନାରାମ ହାଁସଦାଙ୍କ ପତ୍ନୀ ହିସି ହାଁସଦା ମଧ ସୁଭଦ୍ରା ପୋର୍ଟାଲରେ ଆବେଦନ କରିଥିଲେ। ହେଲେ ସେ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ସେମାନେ ଏଥିପାଇଁ ଅନେକ ଥର ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟକୁ ଆସି ଜଣାଇଥିଲେ ମଧ ତାଙ୍କ କଥା କେହି ଶୁଣୁନାହାନ୍ତି। ଏ ନେଇ ବିଡିଓ ମନୋଜ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ହିତାଧିକାରୀଙ୍କ ସମ୍ପର୍କରେ ଅନୁଧାନ କରାଯାଇ ସେମାନଙ୍କୁ ସାମିଲ କରାଯିବ ବୋଲି କହିଛନ୍ତି।

## ଜିଲ୍ଲା ମହୋତ୍ସବରେ ପୁଲିସ ନିଷ୍କ୍ରିୟ

# ଧାନ ବସ୍ତା ଧରି ମଞ୍ଚକୁ ଉଠିଗଲେ ଆନ୍ଦୋଳନକାରୀ ଚାଷୀ





**ଯାଜପୁର, ୨୩।୩(ସମିସ)**

ଯାଜପୁର ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଜି ବିରାଟ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଆନ୍ଦୋଳନକାରୀ ଚାଷୀମାନେ ମହୋତ୍ସବ ମଞ୍ଚକୁ ଧାନ ବସ୍ତା ଧରି ଉଠିଯିବା ସହ ବିକ୍ଷୋଭ କରିଥିଲେ। ଫଳରେ ପୁଲିସ୍ ସେମାନଙ୍କୁ ତଣ୍ଟିଆମାରି ବିଦା କରିବାକୁ ବାଧ୍ୟ ହୋଇଥିଲା।

ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ। ମନ୍ତ୍ରୀ ଉତ୍ସବ ସ୍ଥଳକୁ ଆସିବାର କିଛି ସମୟ ପୂର୍ବରୁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଚାଷୀମାନେ ୨୫ରୁ ଊର୍ଦ୍ଧ୍ୱ ବସ୍ତା ମୁଣ୍ଡେଇ ଓ ଭାର ବାହୁଙ୍ଗିରେ ଧାନ ବୋହି ମଞ୍ଚ ଉପରକୁ ଉଠିଯାଇଥିଲେ। ସେମାନେ 'ଚାଷୀ ମାରଣ ନୀତି ଚଳିବ ନାହିଁ', 'ମିଲର ପ୍ରଶାସନ ମଧୁଚନ୍ଦ୍ରିକା ବନ୍ଦ ହେଉ', 'କଟନୀଛଟନୀ ଓ ଅଭାବୀ ଧାନ ବିକ୍ରି ବନ୍ଦ କର' ଇତ୍ୟାଦି ସ୍ଲୋଗାନ ଦେଇ ସିଧାସଳଖ ଭିଆଇପି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଦ୍ୱାର ଦେଇ ପଶି ଆସିଥିଲେ। କେବଳ ସେତିକି ନୁହେଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ମଞ୍ଚକୁ ମଧ୍ୟ ଉଠିଯାଇ ଧାନ ଫିଙ୍ଗିଥିଲେ। ଆଜି ସନ୍ଧ୍ୟାରେ ମନ୍ତ୍ରୀ, ବିଧାୟକଙ୍କ ବଲିଉଡର ବିଶିଷ୍ଟ କଣ୍ଠଶିଳ୍ପୀ ନିତି ମୋହନ ଏବଂ ଓଲିଉଡ କଳାକାରମାନେ ଉତ୍ସବରେ ଯୋଗ ଦେବାକୁ ଆସି ପହଞ୍ଚିଛନ୍ତି। ସେହି ଅନୁସାରେ ଏହି ଭିଆଇପି ଏବଂ ଅତିଥି ଓ ଦର୍ଶକ ମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା କଥା। ଆଇନ ଶୃଙ୍ଖଳା ତଦାରଖ କରିବାକୁ ସ୍ଥାନୀୟ ଥାନା ଅଧିକାରୀଙ୍କ ସମେତ ଅନେକ ବରିଷ୍ଠ ପୁଲିସ ପଦାଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ମହୋତ୍ସବ ପଡ଼ିଆ ଅନୁଷ୍ଠିତ ହେଉଥିବା କୁସୁମା ମୁଖ୍ୟ ରାସ୍ତାକୁ ଦୁଇ ପାର୍ଶ୍ୱରୁ ସିଲ୍ କରାଯାଇ ବହୁ ସଂଖ୍ୟକ ପୁଲିସ ମୁତୟନ କରାଯାଇଛି। ସେହିପରି ମେଳାପଡ଼ିଆକୁ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ମଧ୍ୟ କରାଯାଇଛି। ସେଠାରେ ବି ୭/୮ ଜଣ ପୁଲିସ କର୍ମଚାରୀ ଜଗି ରହିଛନ୍ତି। ଏହାପରେ ଗଣମାଧ୍ୟମ ଏବଂ ପ୍ରମୁଖ ନିମନ୍ତ୍ରିତ ବ୍ୟକ୍ତିବିଶେଷ ଓ ଭିଆଇପିମାନଙ୍କ ପ୍ରବେଶ ପଥରେ ବହୁ ସଂଖ୍ୟାରେ ପୁଲିସ କର୍ମଚାରୀ ଜଗି ରହିଛନ୍ତି। କେବଳ କନଷ୍ଟେବଲ କି ସାଧାରଣ କର୍ମଚାରୀ ନୁହଁନ୍ତି, କିଛି ସବଇନ୍ସପେକ୍ଟର, ଏଏସଆଇମାନେ ମଧ୍ୟ ଏହି ସବୁ ଗେଟ୍‌ରେ ଉପସ୍ଥିତ ରହିଛନ୍ତି। ପାସ୍ ଦେଖାଇଲେ ଯାଇ ଗଣମାଧ୍ୟମ ପ୍ରତିନିଧି ହୁଅନ୍ତୁ କି ଅନ୍ୟ କାହାକୁ ଭିତରକୁ ଛଡ଼ା ଯାଉଛି। ଏପରି ତିନିଥାକିଆ ସୁରକ୍ଷା ବ୍ୟବସ୍ଥାକୁ ଭେଦି ଆନ୍ଦୋଳନକାରୀ ଚାଷୀମାନେ ପ୍ଲାକାର୍ଡ, ଧାନ ବସ୍ତା, ଗୌଣୀ, ଟୋକେଇ, ବାହୁଙ୍ଗି ଧରି ମଞ୍ଚକୁ କିପରି ଉଠିଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ପ୍ରଶାସନର ଦାୟିତ୍ୱହୀନତାକୁ ଯୋଗୁଁ ଏଭଳି ଏକ ଅଘଟଣ ଘଟିଲା ବୋଲି ଅଭିଯୋଗ ହେଉଛି।

ଅନ୍ୟ ପକ୍ଷରେ ୪ ଦିନ ପୂର୍ବରୁ ଏହି ସଂଗଠନର କର୍ମକର୍ତ୍ତାମାନେ ସାମ୍ବାଦିକ ସମ୍ମିଳନୀ କରି ଏହିପରି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ପ୍ରଶାସନ କ'ଣ ପାଇଁ ଚାଷୀ ସଂଗଠନର ଆନ୍ଦୋଳନ ଚେତାବନୀକୁ ହେୟ ମଣିଥିଲା ସେ ନେଇ ପ୍ରଶ୍ନ ଉଠିଛି। ଚତୁର୍ଥ ସନ୍ଧ୍ୟାରେ ଘଟିଥିବା ଏହି ଅଘଟଣାକୁ ଆଦୌ ଛୋଟ କଥା ମଣି ଏଡ଼ାଇ ଦିଆଯିବା ଉଚିତ ନୁହେଁ। ତେବେ ଏହି ଘଟଣା ନେଇ ସୂଚନା ମିଳିବା ମାତ୍ରେ ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋଙ୍କ ସମେତ ପୁଲିସ ଅଧିକାରୀ, କର୍ମଚାରୀ ମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମଞ୍ଚରୁ ଆନ୍ଦୋଳନକାରୀ ଚାଷୀ ମାନଙ୍କୁ ଓହ୍ଲାଇବା ପାଇଁ ୫/୭ ମିନିଟ୍ ଲାଗିଥିଲା। କେତେକ ମଧ୍ୟ ଏହା କେଉଁ କଳାକାର ଗ୍ରୁପର ନାଟକ ପ୍ରଦର୍ଶନ ମନେ କରି ଏହାକୁ ଉପଭୋଗ କରୁଥିଲେ। ପୁଲିସ ମଧ୍ୟ ଏସବୁ ଜାଣିପାରି ନଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ପୁଲିସ ଫୋନ୍ ଯୋଗେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀ ମଧ୍ୟରୁ କେତେକ ଅଭିଯୋଗ କରିଛନ୍ତି ଯେ କିଛି ପୁଲିସ କର୍ମଚାରୀ ସେମାନଙ୍କୁ ତଣ୍ଟିଆ ମାରି ଧକ୍କା ମାରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରି ଥାନାକୁ ନେଇଯାଇଛି। ଅନ୍ୟ ପକ୍ଷରେ ଆଜିର ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସରକାରଙ୍କ ପ୍ରତିନିଧି ଭାବେ ମହୋତ୍ସବକୁ ଆସିଥିବା ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ବୋଲି ଜନୈକ ଚାଷୀ ନେତା କହିଛନ୍ତି। ଏହି ଚର୍ଚ୍ଚିତ ଘଟଣାଟି ଯାଜପୁର ଜିଲ୍ଲାରେ ଧାନ କିଣା ଓ ବିଭିନ୍ନ ଭାବେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଘଟଣାର ସରକାରଙ୍କୁ ସତର୍କ ଘଣ୍ଟି ବୋଲି କୁହାଯାଉଛି।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ




**ବ୍ୟାସନଗର, ୨୩।୩(ସମିସ):** ମହାନ ବିପ୍ଳବୀ ସହିଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ପରିପ୍ରେକ୍ଷୀରେ ବ୍ୟାସନଗରର ଭଗତ ସିଂ ସ୍ମୃତି ସଂସଦ ତରଫରୁ ଏକ ଆଲୋଚନାସଭା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ସଭାକୁ ଶିକ୍ଷକ ନେତା ଡ. ଦୁଷ୍ମନ୍ତ କୁମାର ନାୟକ ଉଦଘାଟନ କରିଥିଲେ। ପରେ ସଂସଦ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ଉକ୍ତ ଆଲୋଚନା ସଭାରେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ନଗରପାଳିକା ସବିତା ରାଉତ, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ, ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି, ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ, କାଉନସିଲର କୁମୁଦିନୀ ରାଉତ, ତ୍ରିଲୋଚନ ରାଉତ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭ୍ୟା ରଶ୍ମିରେଖା ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିବା ବେଳେ ସଂସଦ ତରଫରୁ ୧୦ଜଣ ଶ୍ରମିକ ଲକ୍ଷ୍ମୀ ହେମ୍ବ୍ରମ, ଗୌରୀ ନାୟକ, ଅଭିମନ୍ୟୁ ବିଶ୍ୱାଳ, ପ୍ରମିଳା ନାୟକ, ନୀତିମା ଟିପ୍ପୁ, ଆଶା ସାମାଡ଼, ରସାଇ ବଦ୍ରା, ବାସନ୍ତୀ ନାୟକ, ଜଗା ମୁଣ୍ଡା, ଗଙ୍ଗା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣବ ଜୀ, ଫନି କିସ୍କୁ, ମାଳତୀ ହାଁସଦା, ଜସ୍ମିତା ବିନ୍ଧାଣି, ଗୋବିନ୍ଦ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସହିଦଙ୍କ ସ୍ମୃତିରେ ଗଣଦୌଡ଼



**ଧର୍ମଶାଳା, ୨୩।୩(ସମିସ):** ଧର୍ମଶାଳା ଫିଜିକାଲ୍ ଏକାଡେମୀ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ଆଜି ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ ଘଟିକାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇ ପତାକା ହଲାଇବା ପରେ ଗଣଦୌଡ଼ ଆରମ୍ଭ ହୋଇଥିଲା। ଫିଜିକାଲ ଏକାଡେମୀର ନିର୍ଦ୍ଦେଶକ ଚନ୍ଦ୍ରମଣି ନାୟକଙ୍କ ତତ୍ତ୍ୱାବଧାନରେ କାଏମା ଲାଲବାହାଦୂର ହାଇସ୍କୁଲରେ ପଡ଼ିଆରେ ପ୍ରତିଯୋଗିମାନେ ଏକତ୍ରିତ ହେବା ପରେ ଗଣଦୌଡରେ ଆସି ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏହି ଗଣଦୌଡ଼ରେ ଜାରକା, ବଡ଼ଚଣା, ସୁକିନ୍ଦା ଆଦି ବ୍ଲକର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦେଶ ପାଇଁ ସହିଦ ଭଗତ ସିଂ, ରାଜଗୁରୁ ଓ ଶୁକଦେବଙ୍କ ବଳିଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏକାଡେମୀ ପକ୍ଷରୁ ଏଭଳି ଗଣଦୌଡର ଆୟୋଜନ କରାଯାଇଛି ବୋଲି ଏକାଡେମୀର ନିର୍ଦ୍ଦେଶକ ସୂଚନା ଦେଇ କହିଥିଲେ। ଗଣଦୌଡ ସମାପ୍ତି ପରେ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ସମାଜସେବୀ ଶ୍ରୀମତୀ ସାହୁ ଓ ସାମ୍ବାଦିକ ବିମଳ ପତି ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବାଳକ ବିଭାଗରେ ତିନିଜଣ ଓ ବାଳିକା ବିଭାଗରେ ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥିସହ ଏହି ଦୌଡରେ ଅଂଶଗ୍ରହଣ କରିଥିବା ସମସ୍ତ ବାଳକ ଓ ବାଳିକମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରାକ୍ତନ ବନ୍ଦର ପ୍ରଶାସକ ରବି ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର, ୨୩।୩(ସମିସ):** ଆଣ୍ଡାମାନ ନିକୋବର ଦ୍ୱୀପକୁ ସପରିବାର ପରିଭ୍ରମଣରେ ଯାଇଥିବା ବେଳେ ସେଠାରେ ଆକସ୍ମିକ ଭାବେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ପାରାଦୀପ ପୋର୍ଟର ପ୍ରାକ୍ତନ ଅର୍ଥପରାମର୍ଶଦାତା ରବିନାରାୟଣ ରାଉତରାୟଙ୍କୁ ତାଙ୍କ ନିଜ ଗ୍ରାମ ଯାଜପୁର ହୀରାପୁରଠାରେ ଶବଦାହ କରାଯାଇଛି। ଶନିବାର ରାତିରେ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରସୁଲଗଡ଼ସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରୁ ନିଜ ଗ୍ରାମ ହୀରାପୁରକୁ ଆସିବା ପରେ ଏକ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ରାଉତରାୟ ୧୯୭୮ମସିହାରୁ ୨୦୧୧ମସିହା ପର୍ଯ୍ୟନ୍ତ ପରାଦୀପ ବନ୍ଦରର ଅର୍ଥପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ତାଙ୍କର ସାନଭାଇ କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ହୃଦ୍‌ରୋଗ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ମୁଖ୍ୟ ପ୍ରଫେସର ଡା. ସସ୍ମିତା ସ୍ୱାଇଁ ଓ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ହିମାଂଶୁ ଶେଖର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ସୁଜାତା ସାହୁ, ପ୍ରାକ୍ତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲ୍ଲାପରିଷଦର ପୂର୍ବତନ ଅଧ୍ୟକ୍ଷ ଗୌତମ ରାୟ, ସମାଜସେବୀ ଡା. ଗୋପାଳ ଚନ୍ଦ୍ର ମିଶ୍ର, ସାହିତ୍ୟିକ ଘନ ପରିଡ଼ା, ସାମ୍ବାଦିକ ଅରୁଣ କୁମାର ରାଉତରାୟ, ସମାଜସେବୀ ସନ୍ତୋଷ କୁମାର ନନ୍ଦ, ଦେବେନ୍ଦ୍ର କୁମାର ପଣ୍ଡା, ନିରାକାର ସାହୁ, ରାମଚନ୍ଦ୍ର ଜେନା, ଶିକ୍ଷାବିତ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ଅଭିମନ୍ୟୁ ରାଉତରାୟ, ଦେବେନ୍ଦ୍ର କୁମାର ରାଉତରାୟ ଓ ରମେଶ ପଣ୍ଡା ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି।

## ଟିଚର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ




**ସିଂହପୁର, ୨୩।୩(ସମିସ):** ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବର ଷୋଡ଼ଶ ବାର୍ଷିକ ଉତ୍ସବ ସୟଦପୁରସ୍ଥ ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ଚରଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକ, ମୁଖ୍ୟବକ୍ତା ଡ. ନୃସିଂହ ଚରଣ ବେହେରା, ବିଶିଷ୍ଟ ବକ୍ତା ସୁରେନ୍ଦ୍ର କୁମାର ରାୟ ଓ ସମ୍ମାନିତ ଅତିଥି ଭାବେ ସାଗରିକା ନାଥ ଯୋଗ ଦେଇଥିଲେ। ଉପସଭାପତି ଅକ୍ଷୟ କୁମାର ସେଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଟିଚର୍ସ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ରଖିଥିବା ବେଳେ ସମ୍ପାଦକ ଭାରତ ଭୂଷଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। 'ବିଦ୍ୟାଳୟରେ ନୈତିକ ଶିକ୍ଷା' ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରକୁ ଶିକ୍ଷାବିତ ପ୍ରମୋଦ କୁମାର ସାମଲ, ସୁରେନ୍ଦ୍ର କୁମାର ପତି ଓ ଦୀନବନ୍ଧୁ ଧଳ ପରିଚାଳନା କରିଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାବିତ ରବିନାରାୟଣ ସାମଲ, ସୁବୋଧ କୁମାର ସାହୁ ବୀଣାପାଣି ଧଳ, ଛାୟାପତି ଜେନା ଓ ବାସୁଦେବ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ମାଟ୍ରିକ ଟପ୍ପରମାନଙ୍କୁ ପୁରୁଷୋତ୍ତମ ସାହୁ ମେଧା ସମ୍ମାନ, ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାଧବାନନ୍ଦ ଗୁରୁ ମେଧା ସମ୍ମାନ, ବ୍ଲକସ୍ତରୀୟ ପ୍ରତିଭା ପ୍ରତିଯୋଗିତାରେ ସଫଳତାପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ପଦ୍ମନାଭ ଦାସ ମେଧା ସମ୍ମାନ, ଭବାନୀ ପ୍ରସାଦ ସ୍ମୃତି ସମ୍ମାନ, ମନୋରଞ୍ଜନ ସାହୁ ମେଧା ସମ୍ମାନ ଓ ରଶ୍ମିରଞ୍ଜନ ସ୍ମୃତି ସମ୍ମାନ ଆଦି ପ୍ରଦାନ କରାଯାଇଥିଲା। ପୃଷ୍ଠପୋଷକ ସଚ୍ଚିଦାନନ୍ଦ ଗୁରୁ, ପ୍ରମଥେସ ଦାସ, ଭାଗ୍ୟଶ୍ରୀ ସାହୁ ଓ ଅର୍ଚ୍ଚନା ଆଚାର୍ଯ୍ୟ ଉପସ୍ଥିତ ରହି ଏହିସବୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ଉମେଶ ଚନ୍ଦ୍ର ସାମଲ, ଅର୍ଜୁନୀ ଦାଶ, ରବୀନ୍ଦ୍ର କୁମାର ଦାସ, ଚନ୍ଦ୍ରଭାନୁ ଜେନା, ଗୌରାଙ୍ଗ ଚରଣ ସ୍ୱାଇଁ ଓ ସୁବାସ ଚନ୍ଦ୍ର ନାୟକ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷାବିତ ନିରଞ୍ଜନ ଦାସ, ରାମଚନ୍ଦ୍ର ନାୟକ, ମେଘନାଦ ମହାଳିକ, ଚନ୍ଦ୍ରମଣି ନାୟକ, ଅମ୍ବୁଜ ଦାସ ଓ ମିନତୀ ସାହୁ ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ଅନ୍ତର୍ଯ୍ୟାମୀ ମହାପାତ୍ର, ସାଉଁଟି ଚରଣ ମଲ୍ଲିକ ଓ ପଦ୍ମାକର ଗୁରୁ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦାୟକାଳୀନ ସଭା ଓ ଅଭିଭାବକ ସମ୍ମିଳନୀ

**ବରୀ, ୨୩।୩(ସମିସ):** ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ ପରିସରରେ ଦୁଇଦିନ ଧରି ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଓ ଅଭିଭାବକ ସମ୍ମିଳନୀ ଶିକ୍ଷାଶ୍ରମର ମୁଖ୍ୟସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମରେ ଅଧ୍ୟୟନରତ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ଦେବା ଅବସରରେ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ବିଦ୍ୟାଳୟ ତଥା ଗୁରୁଜୀ ଗୁରୁମା'ମାନଙ୍କୁ ମନେ ରଖିବା ସହିତ ପିଲାମାନେ ଆଗକୁ ଆଗେଇ ଉଜ୍ଜଳ ଭବିଷ୍ୟତ ଗଢ଼ି ଜୀବନରେ ଭଲ ମଣିଷ ହୋଇପାରିବେ ସେଥିପାଇଁ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ। ଏଥିରେ ଅବସରପ୍ରାପ୍ତ ସେବା ଅଧିକାରୀ ଦିବାକର ଜେନା, ଶିକ୍ଷାବିତ ମକରଧ୍ୱଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗଣିତ ବିଶାରଦ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଗୋକୁଳାନନ୍ଦ ଦାସଙ୍କ ସ୍ମୃତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଅମୃତ ମଣୋହୀ ଗ୍ରାମର ବିଶିଷ୍ଟ କବି, ସାରସ୍ୱତ ସାଧକ ଶୈଳଜା ଶଙ୍କର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ଅଭୟ କୁମାର ଶତପଥୀ ଛାତ୍ରଛାତ୍ରୀଙ୍କର ଗଠନରେ ମାଆ ମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଡାକ୍ତର ଶଶିକାନ୍ତ ସାହୁ ପିଲାଙ୍କର ଶାରୀରିକ, ବୌଦ୍ଧିକ, ମାନସିକ, ନୈତିକ, ସାମାଜିକ ଶିକ୍ଷା ସହିତ କମ୍ପ୍ୟୁଟର ତଥା ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷାଦାନ କରାଇବା ପାଇଁ ମତାମତ ପ୍ରଦାନ କରିଥିଲେ। ଶିକ୍ଷକ ମିହିର କୁମାର ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।

## ମା' ସିଂହାରଶୁଣୀଙ୍କ ବାର୍ଷିକ ଯଜ୍ଞ

**ଧର୍ମଶାଳା, ୨୩।୩(ସମିସ):** ଧର୍ମଶାଳା ବ୍ଲକ ସିଂହାରସାହିସ୍ଥିତ ସିଂହାରଶୁଣୀ ମଠ ପରିସରରେ ମା' ସିଂହାରଶୁଣୀଙ୍କ ୫ମ ବାର୍ଷିକ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଯଜ୍ଞ ଉତ୍ସବରେ ୨୨ ତାରିଖରେ ଅଙ୍କୁର ରୋପଣ ଓ କୁଣ୍ଡମଣ୍ଡଳୀ ନିର୍ମାଣ କରାଯାଇଥିଲା। ୨୩ ତାରିଖ ପ୍ରାତଃ ୭ଟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞବେଦୀରେ କଳସ ସ୍ଥାପନ ପରେ ମଣ୍ଡଳାଦି ପୂଜା, ଯଜ୍ଞବେଦୀରେ ଅଗ୍ନିସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳାଦି ପୂଜା ଓ ରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ୨୫ ତାରିଖ ବେଦ ପାଠ, ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳାଦୀ ପୂଜା ଓ ଶହରୀ ଯଜ୍ଞ କରାଯିବ। ସେହିପରି ୨୫ ତାରିଖ ଚଣ୍ଡପାଠ କରାଯାଇ ପୂର୍ଣ୍ଣାହୁତି କରାଯିବ।

## ଆଇନଜୀବୀଙ୍କ ମାତୃ ବିୟୋଗ



**ପ୍ରୀତିପୁର, ୨୩।୩(ସମିସ):** ବିଞ୍ଝାରପୁରର ଆଇନଜୀବୀ ହରେଶ ରଞ୍ଜନ ଦାସଙ୍କ ମାତୃଦେବୀ ରାଜଲକ୍ଷ୍ମୀ ଦାସ(୭୨)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ୱାମୀ, ଦୁଇପୁତ୍ର, ତିନି ପୁତ୍ରବଧୂ, କନ୍ୟା ତଥା ନାତିନାତୁଣୀ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ସମୟରେ ଗ୍ରାମବାସୀ, ବନ୍ଧୁବାନ୍ଧବ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମା' ହିଙ୍ଗୁଳାଙ୍କ ପୂର୍ଣ୍ଣାହୁତି ମହୋତ୍ସବ

**ଯଖପୁରା, ୨୩।୩(ସମିସ):** ନୀଳମଣିଦେଇପୁର ଶାସନରେ ପବିତ୍ର ଓ ଭକ୍ତିମୟ ପରିବେଶରେ ମା' ହିଙ୍ଗୁଳାଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟା ୭ ଘଟିକା ସମୟରେ ମା' ହିଙ୍ଗୁଳା ମଣ୍ଡପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତିକ ପରିବେଶରେରେ ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ପୂର୍ଣ୍ଣାହୁତି ଅବସରରେ କର୍ତ୍ତା ଓ କର୍ତ୍ତି ଭାବେ ସତ୍ୟବ୍ରତ ଶତପଥୀ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ନିଜ ଦାୟିତ୍ୱ ପାଳନ କରିଥିଲେ। ଏହାସହ ମା' ହିଙ୍ଗୁଳା କମିଟିର ସଭାପତି ଭାସ୍କର ଚନ୍ଦ୍ର ଶତପଥୀ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଓ ସମାଜର ବିଭିନ୍ନ ସ୍ତରର ସମ୍ମାନୀୟ ବ୍ୟକ୍ତିବର୍ଗ ଜିତେନ୍ଦ୍ର ଶତପଥୀ, ଆଲୋକ କୁମାର ଭୂତିଆ, ଅରୁଣ କୁମାର ମଲ୍ଲିକ, ନରହରି ଜେନା, ମନୋଜ ବେହେରା ଓ ଗୋକୁଳ ଚନ୍ଦ୍ର ସାହୁ, ପଙ୍କଜ ଜେନା ଓ ହିମାଂଶୁ ପୃଷ୍ଟି ଉପସ୍ଥିତ ଥିଲେ।



## ଶିଶୁ ଓ କିଶୋର ଶ୍ରମ ନିଷେଧ ଅଧିନିୟମ ପ୍ରଶିକ୍ଷଣ

**ଯାଜପୁର, ୨୩।୩(ସମିସ)**

ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଯାଜପୁରଠାରେ ଜିଲ୍ଲାସ୍ତରୀୟ ଏକଦିବସୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ ସମ୍ପର୍କୀତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ଯାଜପୁର ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଅଭିମୁଖୀକରଣ ପ୍ରଶିକ୍ଷଣରେ ମୁଖ୍ୟଅତିଥି ରୂପେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅଧିକାରୀ ଭାବେ ବରିଷ୍ଠ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସ୍ମୃତିରଞ୍ଜନ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଯୋଗଦେଇ ଶିଶୁ ନିରୋଧ ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ଯାଜପୁର ସନ୍ତୋଷ କୁମାର ଜେନା ଯୋଗ ଦେଇ ଶିକ୍ଷାୟତନ ଛାଡ଼ିଥିବା ପିଲାମାନଙ୍କୁ ପୁନଃ ଶିକ୍ଷାକ୍ଷେତ୍ରକୁ ଆଣିବା ପାଇଁ ସରକାରଙ୍କ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ରୂପେ ସାମାଜିକ କର୍ମୀ ମଣ୍ଟୁ ଦାସ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ସିଏସିଏଲ୍‌ର ଆଞ୍ଚଳିକ ଆବାହକ ହୃଷିକେଷ ପଣ୍ଡା ଓ ଜିଲ୍ଲା ଆବାହକ ଚନ୍ଦ୍ରଶେଖର ବେହେରା ଶିଶୁ ଶ୍ରମରୁ ଉଦ୍ଧାର ହୋଇଥିବା ପିଲାଙ୍କ ଥଇଥାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଷୟ ବିଶାରଦ ରୂପେ ଆଇନଜୀବୀ ପ୍ରମୋଦ କିଶୋର ଆଚାର୍ଯ୍ୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ ର ବିଭିନ୍ନ ଧାରା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଭାବରେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ରୋଜାଲିନ ପଣ୍ଡା, ପରାମର୍ଶଦାତା ଶିଶିର କୁମାର ମଲ୍ଲିକ, ରବୀନ୍ଦ୍ରନାଥ ସେଠୀ, ଚାଇଲ୍ଡ ହେଲ୍ପଲାଇନର ଜିଲ୍ଲା ସଂଯୋଜକ ବରେନ୍ଦ୍ରକୃଷ୍ଣ ଦାସ, ସାଇପ୍ରଭା ପଣ୍ଡା, ରୁଚିକା ସାମାଜିକ ସଂଗଠନର କର୍ମକର୍ତ୍ତା ଅରୁଣା ଦାସ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା, ବିଶ୍ୱଭୂଷଣ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ରବୀନ୍ଦ୍ରନାଥ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



## ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକ

**ପ୍ରୀତିପୁର, ୨୩।୩(ସମିସ):** ବିଞ୍ଝାରପୁର ବ୍ଲକର ରଣପୁର ପଞ୍ଚାୟତ ଅନ୍ତର୍ଗତ ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ବଟେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟମାସିକ ସହଭାଗୀତା ବୈଠକ ଅନୁଷ୍ଠିତ ହୋଇଯାଇଛିଫ ଏହି ବୈଠକର ଉଦଘାଟନୀ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେଫ ବରିଷ୍ଠ ଶିକ୍ଷକ ରତନଲାଲ ଭୂୟାଁ ଉଦଘାଟନ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ, ଟିକିଲତା ବେହେରା, ସଂଯୁକ୍ତା ସାମଲ, ଅମୂଲ୍ୟ ସାମଲ, ତାପସ କୁମାର ସାହୁ, ରତିକାନ୍ତ ଯେନା, ଜ୍ୟୋତ୍ସ୍ନାରାଣୀ ଜେନା, କୈଳାସ ବେହେରୋ, ସୁପ୍ରଭା ମଲ୍ଲିକ, ସୁଧୀର ସାମଲ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଝରଣା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ଚଳିତ ଶିକ୍ଷାବର୍ଷର ବିଭିନ୍ନ ଆବଶ୍ୟକ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମାନ ଅନୁଷ୍ଠିତ ହୋଇଥିଲା।

# ଗାଡ଼ି ସହ ଚାଉଳ ଜବତ, ଡ୍ରାଇଭର ଅଟକ

କୋରାପୁଟ,୨୩।୩ (ସମିସ):



କୋରାପୁଟ ସଦର ଥାନା ପୁଲିସ ସୋମବାର ଅପରାହ୍ଣରେ ଏକ କମାଣ୍ଡର ଜିପ୍ ସହ ୨୨ ବସ୍ତା ତଥା ୧୧ କ୍ୱିଣ୍ଟାଲ ସରକାରୀ ଚାଉଳ ଜବତ କରିଥିବା ବେଳେ କମାଣ୍ଡର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ ଥାନା ଅଧିକାରୀ ରୁନୁ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ସୁଧାଂଶୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଅପରାହ୍ଣରେ ବାଗ୍ରାଗୁଡ଼ା ମହାଦେଇପୁଟ ରାସ୍ତାର ରାଉତପୁଟ ଛକରେ ଯାନବାହାନ ଯାଞ୍ଚ କରୁଥିଲେ। ସେହି ସମୟରେ ଚାଉଳ ବୋଝେଇ କମାଣ୍ଡର ଆସିବାରୁ ତାକୁ ଅଟକାଇ ଯାଞ୍ଚ କରିବା ବେଳେ ଉକ୍ତ ଗାଡ଼ିର କୌଣସି କାଗଜପତ୍ର ନଥିବା ଜଣା ପଡିଥିଲା। ଅନ୍ୟ ପକ୍ଷରେ କମାଣ୍ଡରରେ ଥିବା ଚାଉଳ ସମ୍ପର୍କରେ ମଧ୍ୟ ଡ୍ରାଇଭର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ। ତାହା ଏକ ଆଶ୍ରମ ବିଦ୍ୟାଳୟର ଚାଉଳ ବୋଲି କହିଥିଲେ ମଧ୍ୟ ଚାଉଳ ସମ୍ପର୍କିତ କାଗଜ ପତ୍ର କିଛି ଦେଖାଇ ପାରି ନଥିଲେ। ତେଣୁ ପୁଲିସ ଚାଉଳ ସହ ଉକ୍ତ କମାଣ୍ଡରକୁ ଜବତ କରି ସଦର ଥାନାରେ ରଖିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ସବ ଇନ୍ସପେକ୍ଟର ସୁଧାଂଶୁ ନାୟକ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଚୋରି ବୋଲେରୋ ମାଲିକଙ୍କୁ ହସ୍ତାନ୍ତର



ନନ୍ଦପୁର, ୨୩।୩ (ସମିସ): ଗତ ସପ୍ତାହରେ ନନ୍ଦପୁର ଥାନା ଅନ୍ତର୍ଗତ ଗୁଣ୍ଡାପୁଟ ଓ ସୁବାଇ ଗ୍ରାମରୁ ଗୋଟିଏ ରାତିରେ ବାଇକ୍, ବୋଲେରୋ ଚୋରି ହୋଇଥିଲା। ଚୋରି ଘଟଣାର ସପ୍ତାହ ପରେ ନନ୍ଦପୁର ପୁଲିସକୁ ମିଳିଛି ସଫଳତା। ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତରୁ ଚୋରି ବୋଲେର ଗାଡ ରବିବାର ରାତ୍ରରେ ଉଦ୍ଧାର ପରେ ସୋମବାର ଗାଡି ମାଲିକ ଝାଲେନ୍ଦ୍ର ହନ୍ତାଳଙ୍କୁ ବୋଲେର ହସ୍ତାନ୍ତର କରିଛି ପୁଲିସ । ସୂଚନା ଅନୁସାରେ ନନ୍ଦପୁର ଥାନା ଅନ୍ତର୍ଗତ ପିତାଗୁଡା ଗ୍ରାମରୁ ଶନିବାର ରାତିରେ ଘର ଆଗରେ ରଖା ହୋଇଥିବା ବୋଲେରୋ ନେଇ ଦୁର୍ବୃତ୍ତ ମାନେ ଫେରାର ହୋଇ ଯାଇଥିଲେ। ପର ଦିନ ସକାଳୁ ଗାଡି ମାଲିକ ଥାନାରେ ଅଭିଯୋଗ ପରେ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟା ପାଡିଆ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ସନ୍ଧ୍ୟା ସମୟରେ ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ପୁକାଲି ପଞ୍ଚାୟତ ଆନ୍ଧ୍ର ସୀମାନ୍ତର ଏକ ନିର୍ଜନ ଜଙ୍ଗଲ ମଧ୍ୟରୁ ଗାଡିକୁ ଉଦ୍ଧାର କରିଥିଲା ନନ୍ଦପୁର ପୁଲିସ। ରାତିରେ ଉଦ୍ଧାର ବୋଲେରୋ ଥାନାକୁ ଆଣିଥିବା ବେଳେ ସୋମବାର ସକାଳୁ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିବା କହିଛନ୍ତି ଆଇଆଇସି ତ୍ରିନାଥ ତୋଟାପାଡିଆ । ଖୁବ ଶୀଘ୍ର ଚୋରା ବାଇକ୍ ଜବତ ହେବା ସହ ଦୁର୍ବୃତ୍ତମାନେ ମଧ୍ୟ ଆଇନର ଲମ୍ବା ହାତରେ ଛନ୍ଦି ହେବେ ବୋଲି କହିଛନ୍ତି ଶ୍ରୀ ତୋଟା ପାଡିଆ। ଚୋରି ବୋଲେରୋ ପାଇଁ ନନ୍ଦପୁର ପୁଲିସକୁ ଧନ୍ୟବାଦ୍ ଜଣାଇଛନ୍ତି ଗାଡ଼ି ମାଲିକ।

# 'ହାଲ୍'ର ସିଏସ୍‌ଆର ପାଣ୍ଠିରେ ପ୍ରକଳ୍ପ ମଞ୍ଜୁର ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସାଂସଦଙ୍କ ଅନୁରୋଧ



ସୁନାବେଡା,୨୩।୩(ସମିସ): କୋରାପୁଟ ଜିଲ୍ଲା ସୁନାବେଡା ହାଲ୍‌ର ସିଏସଆର ପାଣ୍ଠି ଅଧୀନରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ମଞ୍ଜୁର ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କୁ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ଲୋକଙ୍କ ଦୀର୍ଘକାଳୀନ ଦାବିକୁ ପୂରଣ କରିବା ସହ ଏହି ଅଞ୍ଚଳର ମୌଳିକ ଭିତ୍ତିଭୂମି, କ୍ରୀଡା ସୁବିଧା ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଉଲ୍ଲାକା ଉଲ୍ଲେଖ କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ନିମ୍ନଲିଖିତ ଭାବରେ ରହିଛି। ସୁନାବେଡା ୧ ସ୍ଥିତ ଦଶହରା ପଡ଼ିଆ ନିକଟରେ ମିନି ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇଁ ୧ କୋଟି ଟଙ୍କାର ଅନୁଦାନ, ସୁନାବେଡା ଆରଜୋନ୍‌ରୁ ସିସିବିଏଫ୍ ଫାର୍ମ ରୋଡ୍ ୧ କିଲୋମିଟର ପର୍ଯ୍ୟନ୍ତ ବିଟି ରାସ୍ତାର ନିର୍ମାଣ, ସୁନାବେଡା ନର୍ସରୀରୁ ଚକରଲିପୁଟ ପର୍ଯ୍ୟନ୍ତ ବିଟି ରାସ୍ତାର ନିର୍ମାଣ, ସୁନାବେଡା ଏନ୍ଏସି ହସ୍ପିଟାଲ ପାଇଁ ଫ୍ରିଜର ସ୍ଥାପନ (୧୦ ଲକ୍ଷ ଟଙ୍କା), ସେମଲିଗୁଡ଼ା ମିନି ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇ ୧ କୋଟି ରହିଛି। ସୁନାବେଡା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ବର୍ଷ ବର୍ଷ ଧରି ଏହି ଉନ୍ନତି ପାଇଁ ଅପେକ୍ଷା କରିଆସୁଛନ୍ତି। ହାଲର ସିଏସ୍ଆର ପଦକ୍ଷେପ ଅଧୀନରେ ସମୟୋଚିତ ମଞ୍ଜୁରୀ ଆଦିବାସୀ ଅଞ୍ଚଳରେ ସମାନ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାରେ ପ୍ରକୃତ ପ୍ରଗତି ଏବଂ ନୂତନ ବିଶ୍ୱାସ ଆଣିବ ବୋଲି ସାଂସଦ ସପ୍ତଗିରୀ ଉଲ୍ଲାକା ମତ ବ୍ୟକ୍ତ କରିଛନ୍ତି। ତେଣୁ, ସେ ହାଲ୍ କର୍ତ୍ତୃପକ୍ଷଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିର୍ଦ୍ଦେଶ ପାଇଁ ଅନୁରୋଧ କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

ଡାବୁଗାଁ, ୨୩।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଘନ ଭତ୍ରା (୩୫) ରବିବାର ସନ୍ଧ୍ୟା ସମୟରେ ଶୌଚ ପାଇଁ ଗାଁ ପାଖ ପୋଖରୀକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ। ପରେ ପୋଖରୀକୁ ଯାଇ ଦେଖିବା ବେଳେ ତାର ମୃତ ଦେହ ଭାସୁଥିଲା। ଏନେଇ ସୋମବାର ସକାଳୁ ମୃତକର ଭାଇ ଲକିନାଥ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର



ବୈପାରୀଗଡ଼ା,୨୩।୩(ସମିସ): ବୈପାରୀଗୁଡା ବନାଞ୍ଚଳ ଅନ୍ତର୍ଗତ ବାତ୍ରୀପୁଟ ଠାରେ ଓଡିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବ୍ଲକସ୍ତରୀୟ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୈପାରୀଗୁଡା ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଜୟପୁର ଉପଖଣ୍ଡ ବନାଞ୍ଚଳ ଏସିଏଫ ପ୍ରସନ୍ନ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ବ୍ଲକ ଉପଦକ୍ଷା ପୂର୍ଣ୍ଣମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ଥାନା ଅଧିକାରୀ ଡମ୍ବରୁ ଧର ବାର୍ତିଆ, ଅଗ୍ନିଶମ ଅଧିକାରୀ ଜୟକିଶର ସ୍ୱାଇଁ, ରେଞ୍ଜର ସନ୍ଦୀପ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଗ୍ରୀଷ୍ମ ଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା, ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବା ସହିତ ପରିବେଶ, ଜଳବାୟୁ ଓ ମଣିଷ ସମାଜ ଉପରେ ଏହାର କୁପ୍ରଭାବ ପଡୁଥିବା କଥା ସମସ୍ତ ଅତିଥିମାନେ କହିଥିବା ବେଳେ କେମିତି ଏହାର ନିରାକରଣ କରାଯାଇପାରିବ, ନିଆଁ ଦାଉରୁ କିଭଳି ଭାବରେ ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ, ଜଙ୍ଗଲ ନିକଟସ୍ଥ ଗ୍ରାମର ଲୋକମାନଙ୍କୁ ସଚେତନ କରାଇବା ପାଇଁ ଓ ବନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରିବା ପାଇଁ ଏସିଏଫ୍ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଲୋକମାନଙ୍କୁ ସଚେତନ କରିବା ପାଇଁ ବନପାଳ ରଞ୍ଜିତା ନାୟକ ସଚେତନ କରିଥିଲେ। ଏହି ଅବସରରେ ଜଟିଆଗୁଡା ବନ ସୁରକ୍ଷା ସମିତି ସଦସ୍ୟ ନରହରି ଉଡୁଲୁବାଡିଆ, ଦଶମନ୍ତପୁର ପଞ୍ଚାୟତର ଜାମଯୋଡି ବନସୁରକ୍ଷା ସମିତି ସଦସ୍ୟ ପୀତବାସ ପାଙ୍ଗି ଜଙ୍ଗଲ ସୁରକ୍ଷାକୁ ନେଇ ଲୋକଙ୍କ ଦାୟିତ୍ୱ କଣ ରହିଛି ସେ ନେଇ ଆଲୋକପାତ କରିଥିଲେ।

# ନିରୀକ୍ଷଣ ଟିମ୍‌ର ସେମିଲିଗୁଡା ମହାବିଦ୍ୟାଳୟ ପରିଦର୍ଶନ




ସେମିଲିଗୁଡ଼ା,୨୩।୩ (ସମିସ):

ଜୟପୁରସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ନିରୀକ୍ଷଣ କମିଟି ଆଜି ସେମିଲିଗୁଡା ମହାବିଦ୍ୟାଳୟ ନିରୀକ୍ଷଣ ପାଇଁ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଚେୟାରମ୍ୟାନ୍ ଡ. ପ୍ରଶାନ୍ତ କୁମାର ପାତ୍ର, , ପିଜି କାଉନସିଲ୍, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ (ସଂଯୋଜକ), କମଳ ଲୋଚନ ମହାଲ୍ଲିକ, ପ୍ରାଣୀ ବିଜ୍ଞାନର ସହାୟକ ପ୍ରୋଫେସର ଏବଂ ଦୀପକ କୁମାର ପଟ୍ଟନାୟକ, କୋରାପୁଟ ସରକାରୀ ଡିଏଭି କଲେଜ୍, ଅଧକ୍ଷ ଅନ୍ତର୍ଭୁକ୍ତ ଥିଲେ। ମହାବିଦ୍ୟାଳୟ ପକ୍ଷରୁ ସମସ୍ତ କମିଟି ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ନିରୀକ୍ଷଣ ସମୟରେ ସମସ୍ତ ଶିକ୍ଷାଗତ, କଲେଜ ଆକାଉଣ୍ଟ୍ ଓ ପ୍ରଶାସନିକ ରେକର୍ଡ ଯଥା ବିଭିନ୍ନ ରେଜିଷ୍ଟାର, କର୍ମଚାରୀ ବିବରଣୀ, ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଢାଞ୍ଚାର ବିବରଣୀ, ଲାବୋରେଟୋରୀର ବ୍ୟବସ୍ଥା ଏବଂ ଗତ ୩ ବର୍ଷର ଛାତ୍ରଛାତ୍ରୀଙ୍କ ପାସ ହାର ରିପୋର୍ଟ ଯାଞ୍ଚ କରିଥିଲେ। ନିରୀକ୍ଷଣ ଦଳର ସଦସ୍ୟମାନେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଆଲୋଚନା କରି ଶିକ୍ଷା ପରିବେଶ, ପାଠଦାନ ପ୍ରଣାଳୀ ଓ ପ୍ରତିଷ୍ଠାନର କାର୍ଯ୍ୟପ୍ରଣାଳୀ ବିଷୟରେ ଅବଗତ ହୋଇଥିଲେ। ସେମାନେ ରେକର୍ଡ ସଂରକ୍ଷଣ ଓ ପ୍ରଶାସନିକ ଶୃଙ୍ଖଳା ପାଳନରେ କଲେଜର ପ୍ରୟାସକୁ ପ୍ରଶଂସା କରିଥିଲେ। ନିରୀକ୍ଷଣ ଟିମ୍ ସମଗ୍ର କ୍ୟାମ୍ପସ୍ ପରିଦର୍ଶନ କରି କ୍ଲାସ୍‌ରୁମ୍, ଲାବୋରେଟୋରୀ, ଲାଇବ୍ରେରୀ, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା ଓ ସମଗ୍ର ପରିଚାଳନା ନେଇ ସେମାନେ ସନ୍ତୋଷ ପ୍ରକାଶ କରିଥିଲେ। ଅଧକ୍ଷା ଡ. ଝାନ୍ସି ସିଂହ ଓ କଲେଜର୍ ସମସ୍ତ କର୍ମଚାରୀ ନିରୀକ୍ଷଣ ଦଳକୁ ପୂର୍ଣ୍ଣ ସହଯୋଗ ଯୋଗାଇ ନିରୀକ୍ଷଣ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପନ୍ନ କରିଥିଲେ। ଏହି ପରିଦର୍ଶନ ଓ ନିରୀକ୍ଷଣ ଏକ ସକାରାତ୍ମକ ଭାବନା ସହିତ ଶେଷ ହୋଇଥିଲା। ଯେଉଁଠାରେ ଦଳ ସଦସ୍ୟମାନେ କଲେଜର ଶିକ୍ଷାଗତ ଉତ୍କର୍ଷତା ଓ ପ୍ରତିଷ୍ଠାନଗତ ଉନ୍ନତି ପାଇଁ ସମସ୍ତ କର୍ମଚାରୀଙ୍କୁ ପ୍ରତିବଦ୍ଧ ରହି କାମ କରିବାକୁ ଉପଦେଶ ଦେଇଥିଲେ।

# ସାମ୍ରାଜ୍ୟବାଦ ବିରୋଧୀ ଦିବସ ପାଳିତ



ଜୟପୁର,୨୩।୩(ସମିସ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା କମିଟି, ଏଆଇଟିୟୁସି, ଏଆଇୱାଇଏଫ୍, ଉତ୍କଳ ମହିଳା ସମିତି ପକ୍ଷରୁ ମିଳିତ ଭାବେ ଦେଶର ସ୍ୱାଧୀନତା ସଂଗ୍ରାମୀ ସହିଦ ଭଗତ ସିଂହ, ରାଜଗୁରୁ ଓ ସୁଖ ଦେବଙ୍କ ସହିଦ ଦିବସ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ପାଳିତ ହୋଇଯାଇଛି। ପୂର୍ବାହ୍ଣରେ ଶ୍ରମିକ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ଜୟପୁର ସହର ପରିକ୍ରମା କରିଥିଲା। ସ୍ଥାନୀୟ ପୁରାତନ ଚିକିତ୍ସାଳୟ ସମ୍ମୁଖରେ ସହିଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନ୍ୟାନ୍ୟ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏକ ସଭା ଆୟୋଜିତ ହୋଇଥିଲା। ପୂର୍ବତନ ଜିଲ୍ଲା ସିପିଆଇ ସଭାପତି ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ ସହିଦ ଭଗତ ସିଂହ, ରାଜଗୁରୁ ଓ ସୁଖଦେବ ବ୍ରିଟିଶଙ୍କ ବିରୋଧରେ ଦେଶର ସ୍ୱାଧିନତା ପାଇଁ ଲଢେଇ ସହିତ ଦେଶାବାସୀଙ୍କୁ ସାମାଜିକ, ଅର୍ଥନୈତିକ ମୁକ୍ତି ଦାବି ନେଇ ଫାଶିଖୁଣ୍ଟରେ ଝୁଲି ସହିଦ ହୋଇଥିଲେ। ଏହି ଅବସରରେ ଆମେରିକାର ଯୌନ ବ୍ୟଭିଚାରୀ ଜେଫ୍ରି ଏପ୍‌ଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁପ୍ତ ରହସ୍ୟ ଉନ୍ମୋଚନ ଭୟରେ ଆମେରିକା ସହ ବାଣିଜ୍ୟ ଚୁକ୍ତିରେ ଭାରତର କୃଷି, କୃଷକ, ଅଣୁ, କ୍ଷୁଦ୍ର ,ମଧ୍ୟମ ଶିଳ୍ପ ଓ ଶ୍ରମିକ ସ୍ୱାର୍ଥ ବିରୋଧରେ ଦେଶର ୧୪୦ କୋଟି ଲୋକଙ୍କୁ ୧୮ ପ୍ରତିଶତ ଟାରିଫ ନାମରେ ଲୁଣ୍ଠନ ପାଇଁ ସମ୍ମତି ଦେଇଛନ୍ତି। ସେହିଭଳି ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିରେ ମଧ୍ୟ ଆମ ବଜାର ବିଦେଶୀ ବେପାରୀଙ୍କ ଦ୍ୱାରା ଲୁଣ୍ଠନ ପାଇଁ ସମର୍ପଣ କରିଛନ୍ତି। ଯୁଦ୍ଧର ଆତଙ୍କ ସହ ଧ୍ୱଂସ ଲୀଳାକୁ ତୁରନ୍ତ ବନ୍ଦ ପାଇଁ ଦାବି କରିଥିଲେ। ଏପଷ୍ଟିନ ଫାଇଲରେ ନାମିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିଜ ପଦରୁ ଇସ୍ତଫା ଦେବାକୁ ଦାବି କରିଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ପ୍ରମୋଦ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ରାମ କୃଷ୍ଣ ଦାଶ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମର ଜାନୀ, ସିପିଆଇ ଜିଲ୍ଲା ସହ ସମ୍ପାଦକ ବୁଦୁରା ବଡ଼ନାୟକ, କୁରୁମ ନାଥ ଭତ୍ରା, ପୂର୍ଣ୍ଣଚନ୍ଦ୍ର ସୁର, ତିରୁପତି ଭତ୍ରା, ବଳରାମ ନାଏକ, ମାଧବ ଜାନୀ, ସୁନୀତା ନାଗ, ନନ୍ଦ ହରିଜନ, ରୂପଧର ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ସିପିଆଇର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା।

# ତେଜରାତି ଦୋକାନରେ ତମାଖୁ ଧରପକଡ଼

ନନ୍ଦପୁର,୨୩।୩ (ସମିସ): ଗତ ଜାନୁଆରୀ ୨୦୨୬ରେ ରାଜ୍ୟରେ ସମସ୍ତ ପ୍ରକାରର ଗୁଟ୍‌ଖା, ପାନ ମସଲା ଏବଂ ଧୂମହୀନ ତମାଖୁ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। ଏହି କ୍ରମରେ



ଆଜି ନନ୍ଦପୁର ଅଞ୍ଚଳରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ କୋଟପା ବା ତମ୍ବାଖୁ ଆଇନ୍‌କୁ କଡାକଡି ଭାବେ ପ୍ରୟୋଗ କରି ବିଭିନ୍ନ ତେଜରାତି ଓ ଖାଦ୍ୟ ସାମଗ୍ରୀ ବିକ୍ରୟକେନ୍ଦ୍ର ଗୁଡ଼ିକରେ ଛାପାମାର କରାଯାଇଛି। ଏହି ଯାଞ୍ଚରେ ତମ୍ବାଖୁ ସହ ଅବଧି ଶେଷ ହୋଇଥିବା ବିଭିନ୍ନ ସାମଗ୍ରୀ ଯାଞ୍ଚ କରାଯାଇଥିଲା। ଉକ୍ତ ଅଭିଯାନରେ ଖାଦ୍ୟ ଓ ଯୋଗାଣ ବିଭାଗର ପଙ୍କଜିନୀ ଦେହୁରୀ, ତ୍ରିଲୋଚନ ବେନିଆ, ଡ୍ରଗ୍ ଇନ୍ସପେକ୍ଟର ନକ୍ଷତ୍ର ଭୂଷଣ ନାୟକ, ନନ୍ଦପୁର ଥାନା ଏସ ଆଇ ପ୍ରତ୍ୟୁଷ ପଲ୍ ତଥା ହାବିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ଅଂଶଗ୍ରହଣ କରିଥିଲେ। ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରୁଥିବା କିଛି ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ତାଗିଦ୍ ସହ ମୋଟ ୧୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏପରି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ସଂପୃକ୍ତ ଅଧିକାରୀମାନେ ମନ୍ତବ୍ୟ ଦେଇଛନ୍ତି।

# ପାରାବେଡ଼ା ଦଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଜୟପୁର,୨୩।୩(ସମିସ): ଜୟପୁର ପାରାବେଡ଼ା ଠାରେ ଆସନ୍ତା ଦଣ୍ଡଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଆସନ୍ତା ଏପ୍ରିଲ ୧୨ ତାରିଖ ରବିବାର ଦିନ ହେବାକୁ ନିଷ୍ପତି ହୋଇଥିଲା। ଚଳିତ ବର୍ଷ କୋରାପୁଟ ଦଣ୍ଡକୁ ପାରାବେଡ଼ାରେ ଉକ୍ତ ଦିବସରେ ବିଜେ କରାଯିବ। ଉକ୍ତ ଦିନ ରାତିରେ ସ୍ଥାନୀୟ ଝାଙ୍କରଦେଇ ମନ୍ଦିର ପରିସରରେ ମା'କାଳୀଙ୍କ ଆଳତୀ ହେବା ସହ ରାତ୍ରରେ ପୂଜାର୍ଚ୍ଚନା କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ରାତିରେ ପାରାବେଡ଼ାଛକରେ ଦଣ୍ଡନାଚ ଅବସରରେ ଅପେରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ବୈଠକରେ ଆୟୋଜକ କମିଟିର ଶିବ ପ୍ରସାଦ ପଣ୍ଡା, ଧ୍ରୁବ ଚରଣ ମହାନ୍ତି, ହରି ବରଡ଼, ପଞ୍ଚାନନ ନାୟକ, ଶିବ ପ୍ରସାଦ ତିଆଡି, ଜି.ସୂର୍ଯ୍ୟ ନାରାୟଣ ପାତ୍ର, ଜଗବନ୍ଧୁ ପଣ୍ଡା, ଆର୍ ବିନୋଦ ରେଡ୍ଡି, ରାଜେନ୍ଦ୍ର ପାଣିଗ୍ରାହୀ, ପବିତ୍ର କୁମାର ନାୟକ, ଲକ୍ଷ୍ମୀ ନାରାୟଣ ପାଢୀ, ରାମ ପ୍ରସାଦ ପାଢୀ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡାହାଣ୍ଡି,୨୩।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଅନ୍ତର୍ଗତ ଛୋଟାଗୁଡା (ଗୁଣ୍ଡ୍ରିଗୁଡା) ଗ୍ରାମରିଖଗପତିବିନ୍ଧାଣି(୬୦)ଆଜିସକାଳ୬ଟାରେଗ୍ରାମନିକଟସ୍ଥ ଜଙ୍ଗଲକୁ ଶୌଚ ହେବା ପାଇଁ ଯାଇଥିଲେ । ଏହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ସେ ଚିତ୍କାର କରିବାରୁ ଗ୍ରାମବାସୀ ଦୌଡ଼ି ଯାଇ ତାଙ୍କୁ ଜଙ୍ଗଲରୁ ଉଦ୍ଧାର କରି ବୋହିକି ଆଣିଲା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପାପଡାହାଣ୍ଡି ଠାରେ ତାଙ୍କର ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସୂଚନା ପ୍ରଦାନ କରିଛନ୍ତି।

# ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

କୋରାପୁଟ,୨୩।୩(ସମିସ): ସୋମବାର ସକାଳେ କୋରାପୁଟ ସହରର ଉପକଣ୍ଠରେ ଘଟିଛି ଦୁଃଖଦ ଘଟଣା। ରେଳ ଧକ୍କାରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତ ମହିଳା ଜଣକ କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତ ରେଙ୍ଗିଆଗୁଡ଼ା ଗ୍ରାମର ବତୀ କୁଲଦୀପ । କୋରାପୁଟ - ରାୟଗଡା ରେଳ ଲାଇନର ନୂଆ କଲୋନୀ ନିକଟରେ ମୃତ ମହିଳା ରେଳ ଲାଇନ ପାରି ହେବା ବେଳେ ଏହି ଦୁର୍ଘଟଣା ଘଟିଛି। ବତୀ କୁଲଦୀପ ନିଜ ସମ୍ପର୍କୀୟଙ୍କ ଘରୁ ରେଳ ଲାଇନ ପାରି ହୋଇ ନିଜ ଗ୍ରାମ ରେଙ୍ଗିଆଗୁଡାକୁ ଆସିଥାନ୍ତେ। କୋରାପୁଟରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନ୍ ଧକ୍କା ଦେଇ କିଛି ଦୂର ଘୋଷାରି ନେଇଥିଲା। ଫଳରେ ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ କୋରାପୁଟ ରେଳବାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାଇପାସ୍ ରାସ୍ତା ଓ ଦଳେଇଗୁଡ଼ାରେ ରେଳଷ୍ଟେସନ ନିର୍ମାଣ ଦାବି

## ସାଂସଦଙ୍କୁ ଗ୍ରାମ୍ୟ ନାଗରିକ କମିଟିର ଦାବିପତ୍ର

ପାପଡାହାଣ୍ଡି,୨୩।୩(ସମିସ):




ନବରଙ୍ଗପୁର ସାଂସଦ ଶ୍ରୀବଳଭଦ୍ର ମାଝୀଙ୍କୁ ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାପଡାହାଣ୍ଡି ଗ୍ରାମ ପାଇଁ ଏକ ବାଇପାସ ରାସ୍ତା ଏବଂ ପାପଡାହାଣ୍ଡି ନିକଟ ଦଳେଇଗୁଡ଼ା ଠାରେ ଥିବା ୫୦ ଏକରରୁ ଅଧିକ ସରକାରୀ ଜମିରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ରେଳ ଷ୍ଟେସନ ନିର୍ମାଣ କରିବା ସକାଶେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସାଂସଦ ତୁରନ୍ତ ଗ୍ରାମବାସୀଙ୍କ ସହିତ ଦଳେଇଗୁଡ଼ା ଠାରେ ଥିବା ସରକାରୀ ସ୍ଥାନ ପରିଦର୍ଶନ କରିଥିଲେ । ସୂଚନା ଥାଉକି ପାପଡ଼ାହାଣ୍ଡି ସହର ମୁଖ୍ୟରାସ୍ତା ଜାତୀୟ ରାଜପଥ ୨୬ ଦେଇ ପ୍ରଶାସନ ଫୋରୱେ ରାସ୍ତା ନିର୍ମାଣ କରିବା ସକାଶେ ବିଜ୍ଞପ୍ତି ଜାରି କରିବା ପରେ ପାପଡାହାଣ୍ଡି ସହରର ୧୫୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ, ୪ଟି ମନ୍ଦିର ଏବଂ ୨୦୦ରୁ ଅଧିକ ବାସଗୃହ ପ୍ରଭାବିତ ହେବାକୁ ଥିବା ବେଳେ ଗ୍ରାମବାସୀ ଏହାର ବିକଳ୍ପ ବାଇପାସ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ନବରଙ୍ଗପୁର ସାଂସଦଙ୍କୁ ଏବଂ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ କିଛି ଦିନ ପୂର୍ବରୁ ପାପଡ଼ାହାଣ୍ଡି ତହସିଲ ପକ୍ଷରୁ ରାସ୍ତାର ଉଭୟ ପଟ ମାପ ଚୁପ କରି ନାଲିରଙ୍ଗରେ ଚିହ୍ନଟ କରିବା ଫଳରେ ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସାଂସଦଙ୍କୁ ଦାବିପତ୍ର ପ୍ରଦାନ ସମୟରେ ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ବି. ଜଗନମୋହନ ରାଓ, କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ଅଗ୍ରୱାଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଜି ଅନନ୍ତ ମୂର୍ତ୍ତି, ପୂର୍ବତନ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଅଜୟ ବିଶୋଇ, ହରିମୋହନ ଶର୍ମା, ଦୀନବନ୍ଧୁ ବିଶୋଇ, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ, ରାଜକିଶୋର ରାଓ, ବବଲୁ ଖାନ, ମହେନ୍ଦ୍ର ବିଶୋଇ, ନୀଳକଣ୍ଠ ତ୍ରିପାଠୀ, ଜଗନ୍ନାଥ ନାୟକ, ବିଜୟ ବିଶୋଇ, ଶଶୀମୋହନ ଶର୍ମା, ପବନ ଅଗ୍ରୱାଲ, ପ୍ରଦୀପ ପାତ୍ର, ସୁବ୍ରତ କୁମାର ଜେନା, ଭି. ଶ୍ରୀନିବାସ ରାଓ, ତରଣୀ କଶ୍ୟପ, ରାକେଶ ଗୁପ୍ତାଙ୍କ ସହିତ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ।

# ସୁନାବେଡ଼ାରେ ଇଦ୍ ଉଲ୍ ଫିତର

ସୁନାବେଡା,୨୩।୩(ସମିସ): ସୁନାବେଡ଼ାରେ ଶାନ୍ତି ଓ ଭାଇଚାରାର ପର୍ବ ଇଦ ଉଲ୍ ଫିତର ସୌହାରାରପୂର୍ଣ୍ଣ ବାତାବରଣରେ ପାଳିତ ହୋଇଯାଇଛି। ସୁନାବେଡା ହାଲ ଏରୋନଟିକସ ମୁସଲିମ କଲଚୁରାଲ ଏସୋସିଏସନ୍ ପକ୍ଷରୁ ସ୍ଥାନୀୟ ଟି 'ଜୋନ ସ୍ଥିତ ଆରାଧନା ସ୍ଥଳୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅୟୋଜନ କରାଯାଇଥିଲା। ସୁନାବେଡା ଓ ଆଖପାଖ ଅଞ୍ଚଳର ମୁସଲମାନ ଭାଇ ମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଇଦ୍‌ର ସ୍ୱତନ୍ତ୍ର ନମାଜ ପଢ଼ିବା ପାଇଁ 'ଟି 'ଜୋନ ପହଞ୍ଚିଥିଲେ। ଏହି ଅବସର ରେ ହାଫିଜ୍ ଅସଗର ଅଲ୍ଲୀ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱତନ୍ତ୍ର ନମାଜର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ଶାନ୍ତି ଓ ସମସ୍ତଙ୍କ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ମାନେ ନିଜର ମୁସଲମାନ ଭାଇ ଭଉଣୀ ମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ କଲଚୁରାଲ ଏସୋସିଏସନ୍‌ର ସଭାପତି ଇମ୍ରାନ ହୁସନ, କୋଷାଧ୍ୟକ୍ଷ ଇନ୍ତାଖାବ୍ ଅନୱର ଓ ଆବୁ କମାଲ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୧୬ଟି ଅଭିଯୋଗର ତତ୍କାଳ ସମାଧାନ

**ଉଦଳା, ୨୩ା୩(ସମିସ)**

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଆୟୋଜିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୯୯ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରୁ ୧୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।



ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ପଞ୍ଜିକୃତ ୯୯ଟି ଅଭିଯୋଗ ମଧ୍ୟରୁ ୮୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବାବେଳେ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିମଧ୍ୟରୁ ୧୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୪ ଜଣଙ୍କୁ ଏକ ଲକ୍ଷ ୩୫ ହଜାର, ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ମୋଟ ଏକ ଲକ୍ଷ ୬୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ତହସିଲ ଅଧୀନସ୍ଥ ବିଭିନ୍ନ ଗ୍ରାମବାସୀ ଜଙ୍ଗଲ ଜମି ପଟା ପାଇ ନ ଥିବା, ଉଦଳା ହାଇସ୍କୁଲ ଜମିର ମାପ କରିବା, ସ୍କୁଲ ପଡ଼ିଆର ସୁରକ୍ଷା, କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ପଞ୍ଚାୟତ ନଟାପଡ଼ା ଗ୍ରାମରେ ନୂତନ ନଳକୂପ ଖନନ, ଜଡ଼ିଦା ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି, ରାଣୀପୋଖରୀ ପଞ୍ଚାୟତ ପ୍ରଧାନସାହିଠାରୁ ମାଦୁରାସାହିକୁ ସଂଯୋଗ କରୁଥିବା ଭାଙ୍ଗିଯାଇଥିବା ପୋଲର ପୁନଃ ନିର୍ମାଣ, ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଭାଲିଆଡିହା ଗ୍ରାମରୁ ପଥରାକୁ ସଂଯୋଗ ପାଇଁ ପୋଲ ନିର୍ମାଣ, ଡଙ୍ଗୋମ ପଞ୍ଚାୟତ ଜଡ଼ିଧର ଗ୍ରାମ ମଧ୍ୟ ଦେଇ ବନ୍ୟଜନ୍ତୁ ଚଳପ୍ରଚଳ କରୁଥିବାରୁ ଜନବସତିକୁ ଉଠାଇବା, ଧାନଘେରା ପଞ୍ଚାୟତ, ଧାନଘେରା ୱାର୍ଡ ନଂ୮ରେ ଜବରଦଖଲ ଉଚ୍ଛେଦ ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ପାର୍ବତୀ କିସ୍କୁ, ପ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଚୈତ୍ର ନବରାତ୍ର ପଞ୍ଚମ ସନ୍ଧ୍ୟା



ବାରିପଦା ମା' ଅମ୍ବିକାଙ୍କ ଭୈରବୀ ବେଶ

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

**ଉଦଳା, ୨୩ା୩(ସମିସ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କପ୍ତିପଦା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉକ୍ତ ବୈଠକରେ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ ନରେନ୍ଦ୍ର ଖମାରୀ, କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟର ପ୍ରତିନିଧି, ଉପଖଣ୍ଡର ୪ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଶ୍ରମ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ସହକାରୀ ମ୍ୟାନେଜର ୱାଟକ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଓ ପରିମଳ ବିଭାଗ, ସହକାରୀ ଯନ୍ତ୍ରୀ ଟିପିଏନଓଡିଏଲ, ଅତିରିକ୍ତ ଜିଲ୍ଲା ମଙ୍ଗଳଅଧିକାରୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଜିର ବୈଠକରେ ସର୍ବସାଧାରଣ ସ୍ଥାନ, କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଜଳଛତ୍ର ବ୍ୟବସ୍ଥା, ନଳକୂପ ମରାମତି, ଆବଶ୍ୟକ ସ୍ଥଳେ ପାନୀୟଜଳ ଯୋଗାଣ, ଶ୍ରମିକଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ, ପଶୁପକ୍ଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରିବା ସହିତ ଗୃହପାଳିତ ପଶୁଙ୍କୁ ଖରା ସମୟରେ ବାହାରକୁ ବାହାରିବାକୁ ନ ଦେବା, ବିଶେଷକରି ଉପଖଣ୍ଡର ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଶଯ୍ୟା ପ୍ରସ୍ତୁତ ରଖିବା ସହିତ ଅନ୍ୟାନ୍ୟ ଆବଶ୍ୟକ ଜରୁରୀ ବ୍ୟବସ୍ଥା କରି ପ୍ରସ୍ତୁତ ରହିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ମା' ବାସନ୍ତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବଡ଼ସାହି, ୨୩ା୩(ସମିସ):** ବଡ଼ସାହି ବ୍ଲକ ଚାନ୍ଦଡିହା କଉଡିଖଣି ଗ୍ରାମରେ ଦୀର୍ଘ ୭୪ ବର୍ଷ ଧରି ଚାଲିଥିବା ପ୍ରସିଦ୍ଧ ବାସନ୍ତୀ ପୂଜା ଓ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମାଣତ୍ରୀର ଶିବରାତ୍ରି ମେଳା ପରେ ଏହି ମେଳା ବ୍ଲକର ଦ୍ୱିତୀୟ ବୃହତମ ମେଳା। ୭୪ ବର୍ଷ ଧରି ମା' ନଡାଛପର ଆଜବେଷ୍ଟସ୍ ଓ ପରେ ଛାତ ଘରେ ପୂଜା ପାଇ ଆସୁଥିବାବେଳେ ସ୍ଥାୟୀ ମନ୍ଦିର ନ ଥିଲା। ବ୍ଲକ ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନଙ୍କ ପ୍ରଚେଷ୍ଟାରେ '୫-ଟି', ଆମ ଓଡ଼ିଶା ନବୀନ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ଅର୍ଥରୁ ମନ୍ଦିର ନିର୍ମାଣ ସରିଛି। ସେଥିପାଇଁ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ୨୨ରେ ଅଙ୍କୁରାରୋପଣ, ଧାନ୍ୟାଧିବାସ ଓ ମଣ୍ଡଳକରଣ, ୨୩ ତାରିଖରେ କଳସଯାତ୍ରା, ମଣ୍ଡଳ ପୂଜନ, ସାଲା ପୂଜା ଓ ଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ସରିଛି। ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷଙ୍କ ଗହଣରେ ଖଡିକାପଦା ଘାଟ ଗଙ୍ଗାହାର ନଦୀରୁ ଘଟ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଛି। ଏହି ସମୟରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ବାଣ, ରେଷଣୀ ବ୍ୟାଣ୍ଡବାଜା ଓ ଡିଜେରେ ମାଙ୍କ ରେକର୍ଡ ସଙ୍ଗୀତ ଓ ଜୟ ମା ବାସନ୍ତୀ ଧ୍ୱନୀରେ ଗ୍ରାମ ପ୍ରକମ୍ପିତ ହୋଇଛି। ଉତ୍ସବ ମୁଖର ହୋଇ ଉଠିଛି ମାଙ୍କ ପୀଠ ଓ ଆଖପାଖ ଅଞ୍ଚଳ। ଏହି ସମସ୍ତ ଘଟକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯିବା ପରେ ଏକ ଆଧାତ୍ମିକ ପରିବେଶରେ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। କର୍ତ୍ତାକର୍ତ୍ତୀ ଭାବେ ଗଣେଶ୍ୱର ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ବୈଜୟନ୍ତୀ ମହାନ୍ତି ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଗୁରୁଜୀ ରମାକାନ୍ତ ମହାପାତ୍ର(ପୁରୀ), ପ୍ରଚାରକ ସ୍ୱାଗତ ଦାଶ, ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବ୍ରାହ୍ମଣ ମଣ୍ଡଳୀଙ୍କ ପୂଜା ପଦ୍ଧତି ଗ୍ରାମରେ ଏକ ଆଧାତ୍ମିକ ପରିବେଶରେ ସୃଷ୍ଟି କରିଛି। ତିନି ଧରି ଏହି ପ୍ରତିଷ୍ଠା କାର୍ଯ୍ୟ ଓ ଯଜ୍ଞ ଏବଂ ବିଧିବିଧାନ ଧୂମଧାମରେ ପାଳନ ହେବ। ୨୪ ତାରିଖରେ ଯଜ୍ଞାରମ୍ଭ ସ୍ନାନ ଓ ବିଲ୍ୱାଧିବାସ, ୨୫ରେ ନୂତନ ମନ୍ଦରରେ ମାଙ୍କ ବିଗ୍ରହ ସ୍ଥାପନ ଓ ମହାସପ୍ତମୀ ପୂଜା ଓ ୨୬ ତାରିଖ ଅଶୋକାଷ୍ଟମୀରେ ମା ନୂତନ ମନ୍ଦିରରେ ପୂଜା ପାଇବେ ବୋଲି ଜଣାଯାଇଛି। ୨୭ରେ ଶ୍ରୀରାମ ନବମୀ ପୂଜା ଓ ୨୮ ତାରିଖ ଦଶମୀ ପୂଜା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପାଲା ଓ ଝୁମର ପରିବେଷଣ ହେବା ସହିତ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ 'ଯାତ୍ରାଶ୍ରୀ ବିଶ୍ୱ ଦରବାର' ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି।

## ଓଡ଼ିଶା ମୁନି ସମାଜର ବାର୍ଷିକ ଅଧିବେଶନ



**ଉଦଳା, ୨୩ା୩(ସମିସ):** ୨୧ ଓ ୨୨ ତାରିଖ ଦୁଇଦିନ ଧରି ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ବାର୍ଷିକ ଅଧିବେଶନ ଉଦଳା ତୁଳସୀ କଲ୍ୟାଣ ମଣ୍ଡପରେ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ମୁନି ସମାଜ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ବସନ୍ତ ମୁନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭୂମଣ୍ଡଳୟୀୟ ସର୍ବସିରୋମଣି ମୁନି ସମାଜ ଗୌରପୁରର ଅଧ୍ୟକ୍ଷ ମୁନିଶ୍ୱର ନିରଞ୍ଜନ ପଣ୍ଡିତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ବହୁ ଜ୍ଞାନୀ ଯୋଗାଚାର୍ଯ୍ୟ, ଦାମୁଦର୍ ମୁନି, ସୁଧାଂଶୁ ମୁନି, ଜନ୍ମଜେୟ ମୁନି, ରବୀନ୍ଦ୍ର ମୁନି, ଅଭୟ ମୁନି, ନାରାୟଣ ପଣ୍ଡା, ଅନାଦୀ ଚରଣ ବିଶ୍ୱାଳ, ଦୁଃଶାସନ ମୁନି, ପ୍ରଫୁଲ୍ଲ ମୁନି, ପ୍ରଶାନ୍ତ ମୁନି, କେନ୍ଦ୍ରୀୟ ମହାମନ୍ତ୍ରୀ ଯୋଗୀ ସୁରେଶ ପ୍ରସାଦ ମହାନ୍ତ ଯୋଗଦେଇ ଯୋଗ ଦ୍ୱାରା ସୁଖ, ଶାନ୍ତି, ଆନନ୍ଦ ଓ ନିରୋଗ ରହିବା ସାଙ୍ଗକୁ ସୁସ୍ଥ ସମାଜ ଗଠନ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ।

ଉଦଯାପନୀ ଦିବସରେ ନୂତନ ସଦସ୍ୟ ଗ୍ରହଣ କରାଯିବା ସହ ଶିବ ମୁନିଙ୍କ ସର୍ବାଙ୍ଗ ପୂର୍ଣ୍ଣ ସାଧନ ପ୍ରଦର୍ଶନ କରାଯାଇଥିଲା। ଦୁଇଦିନ ଧରି ଅଖିଳ ଭୂମଣ୍ଡଳୀୟ ସର୍ବସିରୋମଣି ମୁନି ସମାଜର ଚତୁର୍ଥ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋରଖପୁରର ଅଧ୍ୟକ୍ଷ ମୁନିଶ୍ୱର ନିରଞ୍ଜନ ପଣ୍ଡିତଙ୍କ ସମେତ ଅନ୍ୟ ମୁନି ସମାଜର ସଦସ୍ୟ ଯୋଗ ଦେଇଥିଲେ। ବିଶେଷକରି ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଯୋଗ ମାଧ୍ୟମରେ ଦୂର କରି ମଣିଷକୁ ସୁସ୍ଥ ଜୀବନଯାପନ କରିବାରେ ସହାୟକ ହୋଇଥାଏ ଓ ଆଜିର ସମାଜରେ କିପରି ଯୁବପିଢ଼ି ପଥଭ୍ରଷ୍ଟ ନ ହେବେ, ସେଥିପାଇଁ ଆଧାତ୍ମିକ ଚେତନାର ଜ୍ଞାନକୁ ପରି ପ୍ରକାଶ କରାଯାଇଥାଏ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମୁନି ସମାଜର ଭକ୍ତ ଯୋଗ ଦେଇଥିଲେ।

## ସାନ୍ତାଳୀ ସାହିତ୍ୟରେ ଦାସମାତ୍ ମୁର୍ମୁଙ୍କୁ ଡକ୍ଟରେଟ ସମ୍ମାନ



**ବିଶୋଇ, ୨୩।୩ (ସମିସ):** ମୟୂରଭଞ୍ଜ ଜିଲ୍ଲାର ସୁନାମଧନ୍ୟ ସାନ୍ତାଳୀ ଲେଖକ ତଥା କମର୍ସିଆଲ ଟ୍ୟାକ୍ସ ବିଭାଗର ଅବସରପ୍ରାପ୍ତ ଡେପୁଟି କମିଶନର ଦାସମାତ୍ ମୁର୍ମୁଙ୍କୁ ୨୨ ତାରିଖରେ ସାନ୍ତାଳୀ ସାହିତ୍ୟର ଡକ୍ଟରେଟ ଉପାଧିରେ ସମ୍ମାନରେ ସମ୍ମାନିତ କରଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥ ଆରସିଏମ୍ କଲେଜରେ ନାରୀ ସୁରକ୍ଷା ଓ ସଶକ୍ତିକରଣ ବିଶ୍ୱବ୍ୟାପୀ ପ୍ରତିଷ୍ଠାନ ନୂଆଦିଲ୍ଲୀ ଦ୍ୱାରା ଆୟୋଜନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମର ଦାସମାତ୍ ମୁର୍ମୁ ୨୦୧୪ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ବୃତ୍ତିରେ ସେ ଜଣେ ସରକାରୀ କର୍ମଚାରୀ ଥାଇବି ସାନ୍ତାଳୀ ଭାଷାରେ ପୁସ୍ତକ ଲେଖନୀକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି। ଏବେ ସୁଦ୍ଧା ଶ୍ରୀ ମୁର୍ମୁଙ୍କ ଦ୍?ାରା ଲିଖିତ ଗୋଟିଏ କ୍ଷୁଦ୍ର ଗଳ୍ପ ଓ ୮ ଗୋଟି କବିତା ସମୁଦାୟ ୯ ଗୋଟି ପୁସ୍ତକ ପ୍ରକାଶ ପାଇଛି।ପ୍ରକାଶ ପାଇଥିବା ପୁସ୍ତକ ହେଲା ସାୱତା ଘାରଳି, ଖେରୱାଳ ସାୱତା ସିକଳି, ଆବୱା ନାଗାମଗେ ଲାୟା ଆଗାମ ଡ଼ାହାର, ଦୁଲାଳ ଦୁପୁଲାଳ, ଅଲବାତୀ ଶିଖନାତ୍ ଡ଼ାହାର, କାହାନୀ ରେହଁ ସାରିଆନଗେ, ଭୁଟୁ ମାଲିବାହା, ନିରଳ ଖେରୱାଳ ସାୱତା, କୁନାମୀ ଚାନ୍ଦ।ଏହି ସମସ୍ତ ପୁସ୍ତକ 'ସାନ୍ତାଳୀ ଅଲଚିକି ଲିପି'ରେ ଲେଖାଯାଇଛି। ପ୍ରକାଶ ପାଇଥିବା ପୁସ୍ତକ ମଧ୍ୟରୁ 'ଆବୱା ନାଗାମଗେ ଲାୟା ଆଗାମ ଡାହାର' କବିତା ପୁସ୍ତକଟି ଅତି ସରସ ସୁନ୍ଦର ହୋଇଥିବାରୁ ଗତ ୨୦୨୨ରେ ବାଲେଶ୍ୱରରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖା ପକ୍ଷରୁ 'ଯଦୁମଣି ବେଶ୍ରା'ପୁରସ୍କାର, ଭୁବନେଶ୍ୱରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକ ଉତ୍ସବ ପାଳନ ଅବସରରେ ଆସେକା ପକ୍ଷରୁ ଆୟୋଜିତ ପଣ୍ଡିତ ରଘୁନାଥ ମୁର୍ମୁ ସାହିତ୍ୟ ୨୦୨୩ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୨୦୨୩ ରେ ଦୁଲାଳ ଦୁପୁଲାଳ କବିତା ପୁସ୍ତକ ପାଇଁ ବାରିପଦାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର ବାର୍ଷିକ ଉତ୍ସବ ପାଳନ ଅବସରରେ ଶ୍ରୀ ମୁର୍ମୁଙ୍କୁ ସାଧୁରାମ ଚାନ୍ଦ ମୁର୍ମୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦେବଶୋଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାସଗୋବିନ୍ଦପୁର, ୨୩ା୩(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୋଳ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଅନ୍ତେବାସୀ ଛାତ୍ରଛାତ୍ରୀ, ଅଭିଭାବକ ଓ ବହୁ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ବିଜୟ ପାଣିଗ୍ରାହୀ, ମୁଖ୍ୟବକ୍ତା ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଏଡିଡବ୍ଲ୍ୟୁଓ ପ୍ରଫୁଲ୍ଲ କୁମାର ସେଠୀ, ଏବିଓ ବିଜୟ କୁମାର ବାରିକ, ସାମ୍ବାଦିକ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି କହିଥିଲେ ଯେ, ସରକାରଙ୍କ ପକ୍ଷରୁ ଶିକ୍ଷାକ୍ଷେତ୍ରରେ ନୂତନ ସୁବିଧା ଓ ଆଧୁନିକ ପାଠ୍ୟସାମଗ୍ରୀ ଯୋଗାଇ ଦିଆଯାଉଛି। ଯାହାକୁ ଉପଯୋଗ କରି ଛାତ୍ରଛାତ୍ରୀ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବେ। ମୁଖ୍ୟ ବକ୍ତା ପ୍ରକାଶ କରିଥିଲେ ଯେ, ଆଜିର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଦେଶର ଭବିଷ୍ୟତ। ସେମାନେ ଶିକ୍ଷକ ଓ ଅଭିଭାବକଙ୍କ ଆଶୀର୍ବାଦ ନେଇ ସମୟର ସଦୁପଯୋଗ କରି ଭଲ ମଣିଷ ହେବାକୁ ପ୍ରୟାସ କରିବା ଉଚିତ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଅନାଦୀ ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ବିଭାଗର ବାର୍ଷିକ ଆଲୋଚନାଚକ୍ର




**ବାରିପଦା, ୨୩।୩(ସମିସ):** ସ୍ଥାନୀୟ ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ମେଘାସନ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା ପୁରୁଷୋତ୍ତମ ଯୋଗମ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗରମୁଖ୍ୟଅଧ୍ୟାପିକାପୁଷ୍ପଲତାକାନୁନଗୋ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ +୩ ତୃତୀୟ ବର୍ଷର ଛାତ୍ର ଅଭିନାଶ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ରାଇରଙ୍ଗପୁର, ୨୩ା୩(ସମିସ): ଯଶିପୁର ଥାନା ଅଞ୍ଚଳରେ ଦୁର୍ଘଟଣାରେ ଜଣକ ମୃତ୍ୟୁ ହୋଇଛି। ମୃତକ ଟାଙ୍ଗରବଲଦା ଗ୍ରାମର ବାବୁଲାଲ ମହାନ୍ତ। ସେ ପୋଷ୍ଟ ଅଫିସରୁ ଘରୁ ବାଇକ ଯୋଗେ ଫେରିବା ବେଳେ ଏକ ଦ୍ରୁତଗାମୀ ବାଇକ୍ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି କେନ୍ଦୁଝର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଇନ୍‌ଟାକ୍ ପକ୍ଷରୁ ଜାତୀୟ ପୋଷ୍ଟର ପ୍ରତିଯୋଗିତା

**ବାରିପଦା, ୨୩।୩ (ସମିସ):** ଐତିହ୍ୟର ସଂରକ୍ଷଣ ପାଇଁ ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଏଣ୍ଡ କଲଚୁରାଲ ହେରିଟେଜ୍ (ଇନଟାକ୍) ଆନୁକୂଲ୍ୟରେ ମୟୂରଭଞ୍ଜ ଇନଟାକ୍ ଚାପ୍ଟରର କନଭେନର ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ପୋଷ୍ଟର ପ୍ରତିଯୋଗିତା ସ୍ଥାନୀୟ ଶରତ ଚନ୍ଦ୍ର ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ 'ଟ୍ରି ଅଫ ଦି ଲାଇଫ' ଶୀର୍ଷକକୁ ନେଇ ପୋଷ୍ଟର ଅଙ୍କନ ସହ ୨୦୦ ଶବ୍ଦରେ ଆଲେଖ୍ୟ ପ୍ରସ୍ତୁତ କରିବାକୁ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୭୬ ଜଣ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ପୋଷ୍ଟର ଓ ଆଲେଖ୍ୟ ଦିଲ୍ଲୀସ୍ଥ ଇନଟାକ୍ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବାର ବ୍ୟବସ୍ଥା ହୋଇଛି। ତନ୍ମଧ୍ୟରୁ ଆଞ୍ଚଳିକ ସ୍ତରରେ ୧୦୦ ଓ ଜାତୀୟ ସ୍ତରରେ ୧୦ଟି ପୋଷ୍ଟରକୁ ଶ୍ରେଷ୍ଠ ଭାବେ ଚିହ୍ନିତ କରାଯାଇ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ପ୍ରଦୀପ କୁମାର ପାଣି, ଗୁରୁଚାନ୍ଦ ଦାସ, ଗତିକୃଷ୍ଣ ମହାନ୍ତ, ଭୀମଚରଣ ସିଂ, ଗୀତାଞ୍ଜଳି ମହାନ୍ତ ଓ ଶ୍ୟାମଳୀ ପାତ୍ର ପ୍ରମୁଖ ପୋଷ୍ଟର ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ।



# ପିଇଟି ଶିକ୍ଷକଙ୍କ ପୁନଃପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ

**ବାରିପଦା/ବୈଶିଙ୍ଗା, ୨୩।୩(ସମିସ):** ବେତନଟୀ ବ୍ଲକ ଅଧୀନ ରାଇକମାଣ୍ଡ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଶିକ୍ଷୟିତ୍ରୀଙ୍କ ପୁନଃପ୍ରଶିକ୍ଷଣ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ। ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଜିଲ୍ଲାର ମୋଟ ୧୨୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ରାଜ୍ୟସ୍ତରୀୟ ବରିଷ୍ଠ ପ୍ରଶିକ୍ଷକଗଣ କ୍ରିକେଟ, ଭଲିବଲ, ଫୁଟବଲ, ରଗବୀ, ହ୍ୟାଣ୍ଡବଲ, ବାସ୍କେଟବଲ, ହକି, ଖୋଖୋ, କବାଡି, ଉଶୁ, ଟାଏକ୍ୱୋଣ୍ଡୋ, ବ୍ୟାଡ଼ମିଣ୍ଟନ, ଯୋଗାସନ, ତୀରନ୍ଦାଜ, ଦୌଡ଼କୁଦ ଓ ବିଚ ଭଲିବଲ ଇତ୍ୟାଦି ୧୬ ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆବାସିକ ଶିବିରରେ ଶିବିରାର୍ଥୀ ଉଭୟ ତଥ୍ୟାତ୍ମକ ଓ ପ୍ରୟୋଗାତ୍ମକଭିତ୍ତିକ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ସାମୂହିକ ଉନ୍ନତି ଓ ଜାତୀୟ ଶିକ୍ଷା ନୀତି ୨୦୨୦ର ସଫଳତା ପାଇଁ ଏହି ପ୍ରଶିକ୍ଷଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶୃଙ୍ଖଳା ଓ ସାମଗ୍ରିକ ସଫଳତାରେ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲାର ମାନ୍ୟତା ଦେବାରେ ସମସ୍ତେ ସାମିଲ ହେବାକୁ ଗଠନମୂଳକ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ପରିଚାଳନା ସମ୍ପାଦକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ମଲ୍ଲିକ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ପ୍ରଶିକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଟାଏକ୍ୱୋଣ୍ଡୋ ପ୍ରଶିକ୍ଷକ ଜିତେନ୍ଦ୍ର ଜୈସୱାଲ, ଉଶୁ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ମହାନ୍ତ ଓ ଯୋଗାସନ ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରାର୍ଥୀ ପାଞ୍ଚ ଦିନରେ ଗ୍ରହଣ କରିଥିବା ଶିକ୍ଷା ଓ ଅଭିଜ୍ଞତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷା ଶିବିରାର୍ଥୀଙ୍କୁ ମୁଖ୍ୟଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିବିର କେନ୍ଦ୍ରୀୟ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ରାଉତ, ପଙ୍କଜ କୁମାର ବେହେରା, ପ୍ରଦୀପ କୁମାର ଚୌଧୁରୀ, ନୀଳକଣ୍ଠ ନାୟକ, ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ସୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲହୁଣୀପଡ଼ା, ୨୩।୩(ସମିସ):** ଲହୁଣୀପଡ଼ା ଥାନା ବଡ଼ ପୁରୁଣାପାଣି ପଞ୍ଚାୟତ ବଡ଼ବାହାଲ ଗ୍ରାମର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ହେଲେ ଦାମମୁଣ୍ଡାଙ୍କ ପୁଅ ବଂଶୀଧର ମୁଣ୍ଡା (୧୯)। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରୁ ଘରକୁ ନ ଫେରିବାରୁ ଘର ଲୋକ ତାଙ୍କୁ ଖୋଜା ଖୋଜି କରିବା ପରେ ଘର ପଛପଟ ଜମିରେ ଥିବା ଏକ ମହୁଲ ଗଛରେ ବେଲ୍ଟରେ ସେ ଫାଶୀ ହୋଇ ଝୁଲିପଡ଼ି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ଆଜି ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରାଉରକେଲାର ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

**ରାଉରକେଲା, ୨୩।୩(ସମିସ)**




ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି) ସମେତ ପାନପୋଷ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଛି ସମ୍ମାନଜନକ କାୟାକଳ୍ପ ପୁରସ୍କାର। ତନ୍ମଧ୍ୟରୁ ତିଲକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସହ ସଂକ୍ରମଣ ନିୟନ୍ତ୍ରଣ କରି ଗୁଣାତ୍ମକ ରୋଗୀ ସେବାକୁ ସୁନିଶ୍ଚିତ କରିବା ହେତୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ସହ ଡାକ୍ତରଖାନା ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟକ ଡାକ୍ତରୀ ସେବା, ସୂଚନା ଓ ସଚେତନତା ଅଭିଯାନ ମାଧ୍ୟମରେ ରୋଗୀ ତଥା କର୍ମଚାରୀମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା ଭଳି ୬ଟି ମାନଦଣ୍ଡକୁ ଆଧାର କରି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଉଛି। ଏଥିପାଇଁ ରାଉରକେଲା

**ତିଲକାନଗର ୟୁପିଏଚ୍‌ସି ଜିଲ୍ଲାରେ ଶ୍ରେଷ୍ଠ**

ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ତୃଣମୂଳସ୍ତରରେ ରୋଗୀଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ତଥା ଟୀକାକରଣକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ବ୍ରହ୍ମାକୁମାରୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ରାଉରକେଲା, ୨୩।୩(ସମିସ):** ସ୍ଥାନୀୟ ସେକ୍ଟର-୫ ଗୋଲଘର ସ୍ଥିତ ବ୍ରହ୍ମାକୁମାରୀସ୍ ରାଜଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଆଇଏମଏ ରାଉରକେଲା ସିଟି ବ୍ରାଞ୍ଚ ଏବଂ ରାଉରକେଲା ସରକାରୀ ଡାକ୍ତରଖାନାର ଡାକ୍ତରମାନଙ୍କ ସହଯୋଗରେ ଏହା ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ଶର୍କରା, ରକ୍ତଚାପ, ଚକ୍ଷୁ, ନ୍ୟୁରୋଲୋଜିକାଲ୍ ଓ ଅର୍ଥୋପେଡ଼ିକ୍ ସମସ୍ୟାର ପରୀକ୍ଷା କରାଯାଇ ପରାମର୍ଶ ଦିଆଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ମହାତୋ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର ସତ୍ୟଜିତ ପଣ୍ଡା, ମେଡିସିନ୍ ବିଶେଷଜ୍ଞ ଡାକ୍ତର ସୁରେଶ ବଂସଲ, ଆଇଏମ୍ଏ ଅଧକ୍ଷ ଡାକ୍ତର ପଣ୍ଡିତ ସାହୁ, ଆଇଏମ୍ଏ ସଚିବ ଡାକ୍ତର ଦୁଃଖିଆ ମୁର୍ମୁ, ଡାକ୍ତର ପ୍ରଦୀପ ରଥ, କ୍ୟାଜୁଆଲିଟି ଡାକ୍ତର ଅମିତ କୁମାର ମହାପାତ୍ର, ଚେଷ୍ଟ ଓ ଟିବି ବିଭାଗ ଡାକ୍ତର ଭବାନୀ ଶଙ୍କର ରାଉତ ସୋରେନ, ସର୍ଜରୀ ବିଭାଗ ଡାକ୍ତର ଜି.ବି. ବେହେରା, କ୍ୟାଜୁଆଲିଟି ଡାକ୍ତର ନିଶିଶ ସତପଥୀ, ଅର୍ଥୋପେଡ଼ିକ ଡାକ୍ତର ଅମରେଶ ଜେନା ଏବଂ ମେଡିକାଲ ଅଫିସର ଡାକ୍ତର ଅନ୍ୱେଷା ଦେ। ସହାୟକ କର୍ମଚାରୀ ଭାବେ ସିନିୟର ଫାର୍ମାସିଷ୍ଟ ହିମାଂଶୁ ଶେଖର ସାମଲ, ଅଜିତ କୁମାର, ନର୍ସି ଷ୍ଟାଫ୍ ସବିତା ଆଚାର୍ଯ୍ୟ, ନିରୁପମା ସାହୁ, ଲ୍ୟାବ ଟେକ୍ନିସିଆନ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମାକୁମାରୀସ୍ ପକ୍ଷରୁ ସମସ୍ତ ଡାକ୍ତର, ଆଇଏମ୍ଏ ସଦସ୍ୟ, ମୁଖ୍ୟ ଅତିଥି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତାନ୍ତୀଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରି ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ରାଜଯୋଗ ଧ୍ୟାନ ମାଧ୍ୟମରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ ବିଷୟରେ ସନ୍ଦେଶ ପ୍ରଦାନ କରାଯାଇଥିଲା।

**ମଦ୍ୟପଙ୍କୁ ଧରୁଛି ଆନାଲାଇଜର୍**

## ଶୁଖା ନିଶାଡ଼ିଙ୍କୁ ଧରିବ କିଏ ?

**ରାଉରକେଲା, ୨୩।୩(ସମିସ):** ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ମଦ୍ୟପମାନଙ୍କୁ ସାବାଡ଼ କରିବା ପାଇଁ ପୁଲିସ ପକ୍ଷରୁ ଆନାଲାଇଜର୍ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ମଦ୍ୟପ



ମଦ୍ୟପାନ କରି ଗାଡ଼ି ଚଳାଏ; ତେବେ ସେମାନଙ୍କୁ ପୁଲିସ ଧରି ଆନାଲାଇଜର୍ ମାଧ୍ୟମରେ ଯାଞ୍ଚ କରି ଚିହ୍ନଟ କରୁଛି। ମାତ୍ର ବ୍ରାଉନ ସୁଗାର, କଫ ସିରପ୍, ଗଞ୍ଜେଇ, ନାଇଟ୍ରୋଜେନ୍ ଟାବଲେଟ୍ ଓ ଡେନ୍‌ଡ୍ରାଇଟ୍ ଦ୍ୱାରା ନିଶାଗ୍ରସ୍ତ ହେଉଥିବା ଚାଳକଙ୍କୁ କିଏ ଧରିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ପୁଲିସ ବିଭାଗର ଆନାଲାଇଜର୍ କେବଳ ମଦ୍ୟପମାନଙ୍କୁ ଚିହ୍ନଟ କରିପାରୁଛି। ଭାଙ୍ଗ, ବ୍ରାଉନ ସୁଗାର, କଫ ସିରପ୍, ଗଞ୍ଜେଇ, ନାଇଟ୍ରୋଜେନ୍ ଟାବଲେଟ୍ ଓ ଡେନ୍‌ଡ୍ରାଇଟ୍ ଭଳି ଶୁଖା ନିଶାଗ୍ରସ୍ତ ହେଉଥିବା ନିଶାଡ଼ି ଚାଳକମାନଙ୍କୁ ଏହି ଆନାଲାଇଜର ଚିହ୍ନଟ କରିପାରୁ ନାହିଁ। ଫଳରେ ଏହି ନିଶା ସେବନ କରୁଥିବା ଗାଡ଼ି ଚାଳକମାନେ ପୁଲିସର ଆନାଲାଇଜର ପରୀକ୍ଷାରୁ ବର୍ତ୍ତି ଯାଉଛନ୍ତି। ତେଣୁ ପୁଲିସର ଏହି ଆନାଲାଇଜର୍ କେବଳ ଲୋକ ଦେଖାଣିଆ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ମଦ୍ୟପ ଚାଳକଙ୍କ ବ୍ୟତୀତ ଅନ୍ୟ ନିଶାଡ଼ିମାନଙ୍କ ପିଠିରେ କିପରି ଛାଟ ବସିବ; ସେ ବ୍ୟବସ୍ଥା ଉପରେ ପୁଲିସ ପ୍ରଶାସନ ଚିନ୍ତା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ରାଉରକେଲା ପୁଲିସ ପକ୍ଷରୁ ସହରରେ ସଡ଼କ ସୁରକ୍ଷା ଓ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନିୟମିତ ଭାବରେ ଟ୍ରାଫିକ ଚେକିଂ ଓ ନାକା ବନ୍ଦୋବସ୍ତ କରାଯାଉଛି। ଗତ ଦିନରେ ବିଭିନ୍ନ ସ୍ଥାନରେ ଚେକିଂ ସମୟରେ ଅନେକ ମଦ୍ୟପାନ କରି ଗାଡ଼ି ଚଲାଇବା ମାମଲା ଚିହ୍ନଟ ହୋଇ ପୁଲିସ ହାତରେ ଧରା ପଡ଼ିଥିବା ନଜିର ରହିଛି। ହେଲେ ଶୁଖା ନିଶାଡି ଚାଳକ ଆଜି ଯାଏଁ ଧରା ପଡ଼ି ନାହାନ୍ତି। କେବଳ ମଦ୍ୟପ ଚାଳକମାନଙ୍କୁ ଆନାଲାଇଜର୍ ଧରିବାରେ ସଫଳ ହୋଇଛି। ଏଭଳି ପରିସ୍ଥିତିରେ ଶୁଖା ନିଶାଡିମାନଙ୍କ ଉପରେ ଛାଟ କିଏ ଲଗାଇବ ବୋଲି ପ୍ରଶ୍ନ ଉଠିଛି।

# ବସନ୍ତ ଉତ୍ସବ 'ନିନାଦ' ଉଦ୍‌ଯାପିତ




ରାଉରକେଲା, ୨୩।୩(ସମିସ): ମ୍ୟୁଜିକ୍ ସର୍କଲ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ବସନ୍ତ ସମାରୋହ 'ନିନାଦ' ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଦୀପ୍ତି ରଞ୍ଜନ ପଟ୍ଟନାୟକ ଉଦ୍‌ଯାପନୀ ସଂଧ୍ୟାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର କାର୍ମିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସମ୍ମାନିତ ଅତିଥି ମାରୱାଡି ମହିଳା ଯୁବ ମଞ୍ଚର ସଭାପତି ଅନାମିକା ମିତ୍ତଲ, ଚାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ମ୍ୟୁଜିକ୍ ସର୍କଲର ଅନ୍ୟତମ ଉପାଧ୍ୟକ୍ଷ ଲାୟନ ରାକେଶ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହକୁ ମୁଖ୍ୟ ଉପଦେଷ୍ଟା ଡ. ସମର ମୁଦାଲି ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଉପାଧ୍ୟକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ମୀକାନ୍ତ ପାଲିତଙ୍କୁ 'ବସନ୍ତ ସମ୍ମାନ', ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କୁ 'ମକ୍ତିକାନ୍ତ ନାଟ୍ୟ ସମ୍ମାନ', ଡ. ଆଲୋକ ବରାଳଙ୍କୁ 'ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ', ବିଶିଷ୍ଟ ପଲମୋଲୋଜିଷ୍ଟ ଡ. ପ୍ରିୟଙ୍କା ଦାସଙ୍କୁ 'ଡ. ପ୍ରଭାତ କୁମାର ଚାନ୍ଦ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଗୁରୁ ଡ. ମନୋରଞ୍ଜନ ପ୍ରଧାନ ଏବଂ ଗୁରୁମା ମିନତି ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାତଃ ଅଧିବେଶନରେ ଅନୁଷ୍ଠିତ ହୋଇଥିବା ସାମୂହିକ ଲୋକନୃତ୍ୟ ପ୍ରତିଯୋଗିତା ଏବଂ ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ୨୦ଜଣ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ପାଲିତ ଏବଂ ନମ୍ରତା ବର୍ମା ସଙ୍ଗୀତ ପରିବେଷଣ କରିଥିବାବେଳେ କଲିକତାରୁ ଆସିଥିବା ପୁଷ୍ପିତା ମୁଖାର୍ଜୀଙ୍କ ନେତୃତ୍ୱରେ ତାଙ୍କ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ଏବଂ ମ୍ୟୁଜିକ୍ ସର୍କଲର କଳାକାରମାନେ ଅଳକା ଚାନ୍ଦଙ୍କ ରଚିତ ଏବଂ ଗୁରୁ ସୁଦେଷ୍ଣା ରାଉତଙ୍କ ନେତୃତ୍ୱରେ 'ଏଇ ଆମ ଟିକି ଗାଆଁ' ନୃତ୍ୟ ନାଟିକା ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଶେଷରେ କଲିକତାର ପୁଷ୍ପିସାର ମୁଖାର୍ଜୀଙ୍କ ଗ୍ରୁପ୍ ବସନ୍ତ ରାଗରେ ରବୀନ୍ଦ୍ର ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଦୀପ୍ତ କୁମାର ସାହୁ, ବିବେକାନନ୍ଦ ପଣ୍ଡା, ସନ୍ତୋଷ କୁମାର ମଲ୍ଲିକ, ଲକ୍ଷ୍ମଣ ନାଥ ଦାସ, ନିଖିଳେଶ୍ୱର ଦାଶ, ସଂଧ୍ୟା ଲାକ୍ରା, ସ୍ନେହଲତା ନାୟକ ପ୍ରମୁଖ କର୍ମକର୍ତ୍ତା, ସ୍ପ୍ରିଂ ଭେଲି ସ୍କୁଲର ଶିକ୍ଷୟିତ୍ରୀ ଏବଂ ଏବଂ କର୍ମଚାରୀମାନେ ସହାୟତା କରିଥିଲେ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ

**ଲହୁଣୀପଡ଼ା, ୨୩।୩(ସମିସ):** ଭାରତୀୟ ଜନତା ପାର୍ଟି(ବିଜେପି) ଖୁଣ୍ଟଗାଁ ମଣ୍ଡଳରେ ପଣ୍ଡିତ ଦୀନ ଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ ହଳଦୀ କୁଦର ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନିରାକାର ନାଏକ ଓ ମଣ୍ଡଳ ପ୍ରଭାରୀ ଶଙ୍କର ଲୋହାରଙ୍କ ସଂଯୋଜନାରେ ଏହି ପ୍ରଶିକ୍ଷଣ ହୋଇଥିଲା। ରାଉରକେଲା ବିଜେପି ସାଙ୍ଗଠନିକ ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଦିନର ପ୍ରଶିକ୍ଷଣରେ ରାଉରକେଲା ଜିଲ୍ଲା ପ୍ରଶିକ୍ଷଣ ସଂଯୋଜକ ଜଗବନ୍ଧୁ ବେହେରା ଓ ବକ୍ତା ସତ୍ୟପଦ ଶର୍ମା, ବକ୍ତା ଅଭିରାମ ମହାକୁଳ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ବକ୍ତା ଭାବେ ପ୍ରଣତାପ ଦାସ, ସତ୍ୟପ୍ରିୟ ସାହୁ ଓ ଅନିଲ କୁମାର ମାହାନ୍ତ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଖୁଣ୍ଟଗାଁ ମଣ୍ଡଳ ପ୍ରତିନିଧି ପ୍ରଦୀପ କୁମାର ସ୍ୱାଇଁ, ମହୁଲପଦା ସରପଞ୍ଚ ସୌଭାଗ୍ୟ ନାୟକ, ତାଳ ବାହାଲି ପୂର୍ବତନ ସରପଞ୍ଚ ବୁଧୁ ନାଏକ, ପୂର୍ବତନ ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ଖୁଣ୍ଟଗାଁ ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଡମ୍ବରୁ ଧର ପ୍ରଧାନ, ରତ୍ନାକର ନାଏକ, ଚୌଧୁରୀ ପ୍ରଧାନ, ବୀର ବର ନାଏକ, ଭୈରବ କିସାନ, ଆରତି ନାଏକ, ଲୀଳାବତୀ ନାଏକ, ଭକ୍ତ ଚରଣ ମାହନ୍ତ, ନକୁଳ ମାହାନ୍ତ, ପୁଣ୍ଡି ମୁଣ୍ଡାରୀ ମଙ୍ଗଳ ସିଂ ମୁଣ୍ଡାରୀ, ଲୋକନାଥ ବାରିକ, ଡୋଳାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ମଣ୍ଡଳର ସମସ୍ତ ମଣ୍ଡଳ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀ, ବୁଥ ସଭାପତି ଓ ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସାତଟି ସତ୍ରରେ ପ୍ରଶିକ୍ଷଣ ନେଇଥିଲେ।

## ଆର୍‌ଏସ୍‌ପିରେ ବିଶ୍ୱ ଜଳ ଦିବସ



**ରାଉରକେଲା, ୨୩।୩(ସମିସ):** ନଷ୍ଟ ହେଉଥିବା ପ୍ରତ୍ୟେକ ଜଳବିନ୍ଦୁକୁ ବନ୍ଦ କରିବା ଅପରିହାର୍ଯ୍ୟ, କାରଣ ଏହା ହିଁ ଜୀବନର ଅମୃତ ବୋଲି ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆଜି ଆରଏସପି ପକ୍ଷରୁ ଆୟୋଜିତ ବିଶ୍ୱ ଜଳ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଛନ୍ତି। ଏଲ୍ ଆଣ୍ଡ ଡି ସେଣ୍ଟରରେ ଆରଏସପିର ଜଳ ପରିଚାଳନା ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ବର୍ମା ପ୍ରାଚୁର୍ଯ୍ୟ ଏବଂ ସଙ୍କଟ ହେଉଛି ଆଜିର ବିଶ୍ୱ ଜଳ ପରିସ୍ଥିତିର ଦୁଇଟି ଚରମ ସ୍ଥିତି। ଆମକୁ ଦାୟିତ୍ୱପୂର୍ଣ୍ଣ ଆଚରଣ କରିବାକୁ ପଡ଼ିବ, ଯାହା ଦ୍ୱାରା ଆଜିର ଉପଲବ୍ଧ ଜଳ କାଲି ଆମ ପାଇଁ ଭୟ ସଞ୍ଚାର କରିବ ନାହିଁ ବୋଲି କହିଥିଲେ। ଆରଏସପି ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଶିଳ୍ପ କାର୍ଯ୍ୟ ଏବଂ ପରିବେଶଗତ ସନ୍ତୁଳନକୁ ବଜାୟ ରଖିବାରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଜଳ ପରିଚାଳନା ବିଭାଗର ଏସ୍‌ଓଏସ୍‌ଟି ଏସ୍. ପଣ୍ଡାଙ୍କ ବୈଦିକ ଶ୍ଳୋକ ଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଇଡି (ଏମ୍ ଡି-ସିଏମଏଲଓ) ବିକେ ଗିରି, ଇଡି (ଏମ୍‌ଏମ୍) ଅନିଲ କୁମାର, ଇଡି (ଖଣି) ଏମ୍‌ପି ସିଂହ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ କାରଖାନାର ଅନେକ ସିଜିଏମ୍, ବିଭାଗୀୟ ମୁଖ୍ୟ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବହୁ ସଂଖ୍ୟକ କର୍ମଚାରୀ, ଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଜଳ ସଂରକ୍ଷଣ ଉପରେ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସିଜିଏମ, ଇଉଟିଲିଟି ଓ ଏନଭାରନମେଣ୍ଟ ଆଶା ଏସ୍ କାର୍ଥା ସ୍ୱାଗତ ଭାଷଣ ଦେଇଥିଲେ। ଜିଏମ୍ ଇନଚାର୍ଜ (ଡବ୍ଲୁଏମଡି) ଦେବଜିତ ରାଭା ଧନ୍ୟବାଦ ଦେଇଥିଲେ। ଜିଏମ, ଡବ୍ଲୁଏମଡି ଅଜିତ କୁମାର ବେହେରା ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦୀପକ ଗର୍ଗ, ସିନିୟର ମେନେଜର (ଡବ୍ଲୁଏମଡି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉପଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଟିପ୍ପର ମାଲିକଙ୍କ ଧାରଣା

**ବଣାଇଁ, ୨୩।୩(ସମିସ):** ବଣାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକ୍ ଓ ଟିପ୍ପର ମାଲିକ ସଂଘ ପକ୍ଷରୁ ଆଜିଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ବିଭିନ୍ନ ଦାବି ପୂରଣ ନହେବାକୁ ନେଇ ସଂଘ ସଦସ୍ୟମାନେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନକୁ ବରସୁଆ ଟିପ୍ପର ଓନର୍ସ ଆସୋସିଏସନ ଓ ବଣାଇଁ ଟ୍ରକ୍ ଓନର୍ସ ଆସୋସିଏସନ ମିଳିତ ଭାବେ ଆୟୋଜନ କରିଛନ୍ତି। ଓଏମସି ଦ୍ୱାରା ପରିଚାଳିତ କୁର୍ମିତର ଲୌହ ଖଣିରେ ବାହାର ରାଜ୍ୟ ଓ ବାହାର ଏଜେନ୍ସୀମାନଙ୍କୁ ଅଧିକ ପ୍ରାଥମିକତା ଦିଆଯାଉଛି, ଯାହାର ଫଳରେ ସ୍ଥାନୀୟ ଟିପ୍ପର ମାଲିକମାନେ ଅବହେଳିତ ହେଉଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଖଣିରେ ପରିବହନ କାମରେ ସ୍ଥାନୀୟ ଟିପ୍ପର ମାଲିକଙ୍କୁ ପ୍ରାଥମିକତା ଓ ସମାନ ସୁଯୋଗ ଦିଆଯିବା, ପ୍ରାଥମିକତା ଓ ଅନୁପାତ ଆଧାରିତ ଡିଓ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକରୀ କରିବା, ଡିଓର ଅବୈଧ ବିକ୍ରୟ ବନ୍ଦ କରିବା, ରାଜନୈତିକ ହସ୍ତକ୍ଷେପ ରୋକିବା, ସ୍ଥାନୀୟ ଟିପ୍ପର ମାଲିକମାନଙ୍କୁ ସମାନ ସୁଯୋଗ ଦେବା ପାଇଁ ସଂଘ ଦାବି କରିଛି। ଅନ୍ୟପଟରେ ଏନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ଟିପ୍ପର ସଂଘର ପ୍ରତିନିଧି ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇବା ପରେ ଜିଲ୍ଲାପାଳ ଏହାକୁ ତୁରନ୍ତ ସମାଧାନ ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳ ଆସନ୍ତା ଏପ୍ରିଲ ୨ ତାରିଖ ଦିନ ଓଏମସି, ପ୍ରଶାସନିକ ଅଧିକାରୀ ଓ ସଂଘଙ୍କ ସହିତ ଆଲୋଚନା ପାଇଁ କହିବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ଯଦି ଏହାର ସମାଧାନ ନ ହୁଏ ପୁଣି ଆଉ ଥରେ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ଏହି ଧାରଣାରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସିପିଆଇଏମର ପ୍ରଭାତ ପଣ୍ଡା, ରମେଶ ସ୍ୱାଇଁ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



**ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ**

## ଅନିର୍ବାନ ଯୋଡ଼ି ଚାମ୍ପିଅନ୍

**ବଣାଇଁ, ୨୩।୩(ସମିସ):** ବଣାଇଁଗଡ଼ ସହର ସ୍ୱିଂଟୋଲା ସ୍ଥିତ ଇଣ୍ଡୋର୍ ଷ୍ଟାଡିୟମରେ ଦୁଇ ଦିନ ଧରି ଆୟୋଜିତ ହୋଇଥିବା ୧୬ତମ ୱାଇସିସି ନକଆଉଟ୍ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ପିଏଆଇଟିଡିଏ ସ୍ୱଦୀପ କୁମାର ଟପ୍ପୋ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଆଇ ଶୁଭେନ୍ଦ୍ର ନାଥ ମଲ୍ଲିକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଅନିର୍ବାନ ମଣ୍ଡଳ ଯୋଡି ଓ ଡିବିଏସ ଚାନ୍ଦୁ ଯୋଡି ମଧ୍ୟରେ ଖେଳାଯାଇଥିଲା। ଅନିର୍ବାନ ଯୋଡି ବିଜୟୀ ହୋଇ ଚଳିତବର୍ଷର ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ରବିକାନ୍ତ ମୀନା, ଏସିଏଫ ନଳିନୀକାନ୍ତ ବେହେରା, ଏସିଏଫ ଦୁର୍ଯ୍ୟୋଧନ ଜେରେଇ ଓ ବଣାଇଁ ରେଞ୍ଜର ଦେବାଶିଷ ନାୟକ ଉପସ୍ଥିତ ଥିଲେ। ଖେଳକୁ ରେଫରୀ ଭାବେ ବାବଲୁ ସାହୁ, ପ୍ରମିତ କୁମାର ମହାନ୍ତି, ରାମଚନ୍ଦ୍ର ବିଶ୍ୱାଳ, ନୀତିଶ କୁମାର ମାହାନ୍ତ, କୁନାଲ ସେନ ମାହାନ୍ତ ଓ ପ୍ରଭୁ ରଞ୍ଜନ ଦାଶ ପରିଚାଳନା କରିଥିଲେ। ସଭାକୁ ପ୍ରଭାତ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ସଭାପତିତ୍ୱ କରିଥିଲେ ଏନ୍. ଆଦି ନାରାୟଣନ। ଶେଷରେ ସମ୍ପାଦକ ସିରାଜ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

**ବଣାଇଁ, ୨୩।୩(ସମିସ):** ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣିରେ ମୋଟ ୧୧୫ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଦଳଗତ ଭାବେ ୬୨ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ୫୩ ଗୋଟି ଅଭିଯୋଗ ଆଗତ ହୋଇଥିଲା। ଦଳଗତ ଅଭିଯୋଗ ମଧ୍ୟରେ ଚାଷ ଜମି ଜବର ଦଖଲ, ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରୟସହ ଉଚିତମୂଲ୍ୟ ପ୍ରଦାନ, ଚାଷ ପାଇଁ ଜଳସେଚନର ସୁବ୍ୟବସ୍ଥା ଇତ୍ୟାଦି ଆପତ୍ତିମାନ ରହିଥିଲା। ସେହିଭଳି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିବାଡି, ବାର୍ଦ୍ଧକ୍ୟ ଭତ୍ତା ପ୍ରଭୃତି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତିନି ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ରାଉରକେଲା ଏସ୍‌ପି ନୀତେସ ୱାଧୱାନୀ, ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ର, ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଅତିରିକ୍ତ ତହସିଲଦାର ଜ୍ଞାନ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

**ଚତୁର୍ଥ କୋଇଡ଼ା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

# ବାରକୋଟ୍ ଏଫ୍‌ସିକୁ ହରାଇ କୋଇଡ଼ା ଏଫ୍‌ସି ଚାମ୍ପିଅନ୍

**କୋଇଡା, ୨୩।୩(ସମିସ)**



ବିର୍ସା ମୁଣ୍ଡା ଆଦିବାସୀ ସଂଘ ଆନୁକୂଲ୍ୟରେ ଚତୁର୍ଥ କୋଇଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ ସ୍ଥାନୀୟ କୋଇଡା ଗୋପବନ୍ଧୁ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ବର୍ଷରୁ ୮ ଗୋଟି ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତମାସ ୨୦ ତାରିଖରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି କୋଇଡା ବିଡିଓ ରଶ୍ମି ରେଖା ପାତ୍ରଙ୍କ ସମେତ ଅନ୍ୟତମ ଅତିଥି ଭାବେ କୋଇଡା ପଞ୍ଚାୟତ ସରପଞ୍ଚ ହୃଷିକେଶ ଦେହୁରୀ, ପପୁ ସିଂ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗୀରଥି ନାୟକ, ମାଇକୁଲାଲ ଜୟସ୍ୱାଲ, ମଣିଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ବାରକୋଟ୍ ଏଫ୍‌ସି ବନାମ କୋଇଡା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଇଡା ଏଫ୍‌ସି ୬-୦ ଗୋଲ୍‌ରେ ବାରକୋଟ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବଣାଇଁ ବିଧାୟକ ଭୀମସେନ ଚୌଧୁରୀ ଯୋଗଦେଇଥିବା ବେଳେ ଏସ୍ସି ମିନେରାଲ୍ସ ନିର୍ଦ୍ଦେଶକ ଦେଓ ନାରାୟଣ ସାହୁ, ସମାଜସେବୀ ପ୍ରଭାତ ପଣ୍ଡା, ଡ. ବାଦଲ ବାରିକ, ସୁଦର୍ଶନ ପାତ୍ର, ମୁନା ମାହାନା ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ୍ ଦଳକୁ ୭୧ ହଜାର ନଗଦ ସହ ଟ୍ରଫି ଓ ରନର୍ସପ ଦଳକୁ ୫୧ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର, ଗୋଲକିପର, ଖେଳାଳୀଙ୍କୁ ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିର୍ସା ମୁଣ୍ଡା ଆଦିବାସୀ ସଂଘ ପକ୍ଷରୁ ସଭାପତି ଅର୍ଜୁନ ନାଏକ, ସମ୍ପାଦକ ଜନ୍ ଡୁଙ୍ଗଡୁଙ୍ଗ, କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ, ଛୋଟରାଏ ନାଏକ, ବିରବର ବେହେରା, ତିନ୍ତୁଶ ତ୍ରିକୀ, ଜଗନ୍ନାଥ ସାହୁ, ଶ୍ୟାମ ପାତ୍ର, ଅମନ କାଣ୍ଡୁଲନା ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନ, ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା ବାଇକ୍; ୩ ଆହତ

**ରାଉରକେଲା, ୨୩।୩(ସମିସ):** ଛେଣ୍ଡ ପେଟ୍ରୋଲ ସ୍ଥିତ ରିଂରୋଡଠାରେ ଏକ ସ୍କୁଟିକୁ ବାଇକ ଧକ୍କା ଦେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ଛେଣ୍ଡ ପେଟ୍ରୋଲ ପମ୍ପ ନିକଟ ବସ୍ ଷ୍ଟପ ସମ୍ମୁଖରେ ସୋମବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ସେକ୍ଟର ପଟୁ ଡିଏଭି ଛକ ଆଡ଼କୁ ସ୍କୁଟି ଯୋଗେ ଦୁଇ ଜଣ ଯୁବକ ଆସୁଥିଲେ। ପଛପଟୁ ଆସୁଥିବା ବାଇକ୍ ଚାଳକ ହଠାତ୍ ଉକ୍ତ ସ୍ଥାନରେ ସ୍କୁଟିକୁ ଧକ୍କା ଦେଇଥିଲେ। ଉଭୟ ଗାଡ଼ିର ୩ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେକ୍ଟର -୭ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ୮୬ଟି ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲ୍ଲାପାଳ

ଗୁଣପୁର,୨୩।୩(ସମିସ): ଗୁଣୁପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଆରକ୍ଷୀ ଅଧିକ୍ଷକ ସ୍ୱାଥ୍ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲିପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୬ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୫୩ଟି ବ୍ୟକ୍ତିଗତ, ୩୩ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିରୁଆନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଏସିଏଫ ସଂଜୀବ କୁମାର ପୃଷ୍ଟି, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା କୋଠାବାଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ସୁନୀଲ କୁମାର ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଗୁଣପୁର ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁ ଧର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅତିରିକ୍ତ ତହସିଲଦାର ଲିପ୍ସା କହଁର, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର,୨୩।୩(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନବରଙ୍ଗପୁର ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ରହିଥିଲା। ୨ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୭ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ସହାୟତା କାର୍ଡ ପ୍ରଦାନ କରାଯାଇଥିଲା। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିଲା।

**● ଜିଲ୍ଲାପାଳଙ୍କ ଜନଶୁଣାଣି**

# ୮୦ ଆବେଦନରୁ ବହୁ ସମସ୍ୟାର ତୁରନ୍ତ ସମାଧାନ



ମାଲକାନଗିରି, ୨୩।୩(ସମିସ): ଜନସାଧାରଣଙ୍କ ଅଭିଯୋଗର ଦ୍ରୁତ ସମାଧାନ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କମାରପଲ୍ଲୀ ଗ୍ରାମ ପଞ୍ଚାୟତ ପରିସରରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜନ ସାଧାରଣଙ୍କ ଅଭିଯୋଗ ଶୁଣି ଥିବା ବେଳେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍. ଏବଂ ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଶିବିରରେ ମୋଟ ୮୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୫୦ଟି ସାମୂହିକ ବା ଗ୍ରାମ୍ୟ ସମସ୍ୟା ହୋଇଥିବା ବେଳେ ୨୮ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ଏକାଧିକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ ବଳକା ଆବେଦନଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପର୍ନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ଜଣ ଗୁରୁତର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ମୁଖ୍ୟତଃ ଜମିବାଡ଼ି ବିବାଦ, ରାସନ କାର୍ଡ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସଙ୍କଟ ଓ ପରିବହନ ଭଳି ମୌଳିକ ସମସ୍ୟାକୁ ନେଇ ଅଞ୍ଚଳବାସୀ ନିଜର ଦାବି ଉପସ୍ଥାପନ କରିଥିଲେ। ପ୍ରଶାସନର ଏଭଳି ପ୍ରୟାସ ଦ୍ୱାରା ଦୂରଦୂରାନ୍ତରେ ରହୁଥିବା ଗ୍ରାମବାସୀ ଉପକୃତ ହେବା ସହ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରୁଛି।

# କେଜିବିଭି ହଷ୍ଟେଲରେ ବଢୁଛି ପାଣି ସମସ୍ୟା

କୁନ୍ଦୁରା, ୨୩।୩(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗିରହିଛି ପିଇବା ପାଣି ସମସ୍ୟା। ସ୍କୁଲରେ ବାଲ ବଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୭୩ ଛାତଛାତ୍ରୀ ରହିଛନ୍ତି। କେଜିବିଭି ହଷ୍ଟେଲ ଏବଂ ସ୍କୁଲରେ ରହିଛି ପାଣି ସମସ୍ୟା। କେଜିବିଭିରେ ଥିବା ନଳକୂପରେ ପାଇପ ଜଳ ଯୋଗାଣ ସଂଯୋଗ ଦିଆଯାଇ ହଷ୍ଟେଲ ଓ ସ୍କୁଲକୁ ପାଣି ଯୋଗାଣ ହେଉଛି। ସ୍କୁଲ ପାଇଁ ରହିଛି ଏକ ବହୁ ପୁରୁଣା ନଳକୂପ ଯାହାକି ଜୁଲାଇରୁ ସେପ୍ଟେମ୍ବର ତିନି ମାସ ପାଣି ରହୁଛି ଅନ୍ୟ ଦିନମାନଙ୍କରେ ନିଅଣ୍ଟ ପଡୁଛି । ପାଣିସ୍ତର କମିଗଲେ ଗଳିଆ ପାଣି ବାହାରୁଛି।ହଷ୍ଟେଲରେ ଦୁଇବେଳା ରୋଷେଇ ଓ ସ୍କୁଲରେ ରୋଷେଇ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ବ୍ୟବହାର ହେଉଥିବାରୁ ହଷ୍ଟେଲର ନଳକୂପରେ ମଧ୍ୟ ପାଣି ନିଅଣ୍ଟ ପଡୁଛି ଓ ନୂତନ ନଳକୂପ ଯୋଗାଣ ନିମନ୍ତେ ପଞ୍ଚାୟତ ଅଭିଯୋଗ ଶୁଣାଣୀ ଠାରୁ ବ୍ଲକ ପର୍ଯ୍ୟନ୍ତ ବହୁବାର ଲିଖିତ ଅଭିଯୋଗ ହେଲାଣି ତଥାପି ସୁଫଳ ମିଳୁନାହିଁ ଓ ୧୯୨୮ ମସିହାରେ ସ୍ଥାପିତ ହୋଇଛି ଏହି ସ୍କୁଲ,ଆସନ୍ତା ୨୦୨୮ ରେ ଏହି ସ୍କୁଲକୁ ୧୦୦ ବର୍ଷ ପୂର୍ତ୍ତି ହେବ କିନ୍ତୁ ପିଇବା ପାଣି ସମସ୍ୟା ଦୂର ହୋଇପାରୁ ନାହିଁ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ନଳକୂପ ଖନନ ଦିଗରେ ପଦକ୍ଷେପ ନେବାକୁ ସ୍କୁଲ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ପିଇଓ ଗୌରାଙ୍ଗ ଚରଣ ମାଝୀଙ୍କୁ ପଚାରିବାରୁ ସେଠାରେ ଥିବା ପାଣି ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି। ସ୍କୁଲ ପାଇଁ ଏକ ନୂତନ ନଳକୂପର ବହୁ ଆବଶ୍ୟକତା ରହିଛି କ୍ଷ ବର୍ତ୍ତମାନ ନଳକୂପ ଯୋଗାଣ ନିମନ୍ତେ କିଛି ଯୋଜନା ନାହିଁ। ଚଳିତ ବର୍ଷ ବାର୍ଷିକ ଯୋଜନାରେ ପ୍ରସ୍ତାବ ଦିଆଯିବ ଓ ମଞ୍ଜୁର ହେବା ପରେ ଖନନ କରାଯିବ ବୋଲି କହିଛନ୍ତି

# 'କୋଟ୍‌ସ' ପକ୍ଷରୁ ଭତରା ଜନଜାତି ସମ୍ପର୍କିତ ଆଲୋଚନାଚକ୍ର



ନବରଙ୍ଗପୁର,୨୨।୩(ସମିସ): ଓଡିଶାର କେବିକେଅଞ୍ଚଳରଭତରାଲୋକଙ୍କ ଦେବତା, ରୀତିନୀତି, ଏବଂ ପର୍ବପର୍ବାଣୀ ଉପରେ କୋରାପୁଟସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ୍) ତରଫରୁ ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ ଗୃହରେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କୋଟସର ନିର୍ଦ୍ଦେଶକ ଡ. ପି.ସି.ମହାପାତ୍ର ସଭାପତିତ୍ୱ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ସାଇମନ ବିଡିକା, ଡ. ବିଜୟ କୁମାର ମିଶ୍ର ଓ କୋଟସ ତରଫରୁ ପ୍ରଫେସର ମାଗୁଣି ଚରଣ ବେହେରା ସମ୍ମାନିତ ଅତିଥିରୂପେ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଭତ୍ରା ସମାଜର ରୀତିନୀତି, ପର୍ବପର୍ବାଣୀ ଓ ସେମାନଙ୍କର ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଅଖିଳ ଭାରତୀୟ ଭତ୍ରା ବିକାଶ ପରିଷଦର ସଂପାଦକ ଗୋପୀନାଥ ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭତ୍ରା ସଂସ୍କୃତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଭତରା ସମାଜର ସଂପାଦକ, ସଭାପତି, କୋଷାଧ୍ୟକ୍ଷ, ଗ୍ରାମ, ପଞ୍ଚାୟତ, ବ୍ଲକର ସଂପାଦକ, ସଭାପତି ସହିତ ଭତ୍ରାସମାଜର ଦିଶାରୀ, ଗୁରୁମାଇଁ, ନାୟକ, ଭାତନାୟକ, ପାଣିଗିରି, ଶିରା ପ୍ରମୁଖ ଯୋଗଦେଇଥିଲା। ତିନୋଟି ଜିଲ୍ଲାର ଭତ୍ରା ଜନଜାତି ସମାଜର ପ୍ରମୁଖ ନେତା ଗଣ ନିଜ ନିଜ ସଂସ୍କୃତି, ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ସେମାନେ ତିନୋଟି ଜିଲ୍ଲାପାଇଁ ଅଲଗା ଅଲଗା ଭତ୍ରା ସମାଜର ନିୟମାବଳୀ ରଚନା କରିଛନ୍ତି। ଏହି ନିୟମାବଳୀ ଅନୁସାରେ ତାଙ୍କ ସମାଜ ପରିଚାଳିତ ହେଉଛି। ଏହି ଆଲୋଚନାଚକ୍ରରେ ୧୬୦ରୁ ଅଧିକ ଭତ୍ରା ସମାଜର ବ୍ୟକ୍ତି ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ଡ. ଅଶୋକ କୁମାର ନନ୍ଦ, ଡ. ସାବିତ୍ରୀ ମାଝୀ ଓ ଗୋପୀନାଥ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୋଟସର ପ୍ରାଧ୍ୟାପକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


**● ଭିନ୍ନ ଜାତିର ଝିଅକୁ ପ୍ରେମ ବିବାହ କରି ବର ଲଣ୍ଡା ହେବା ଘଟଣା**


# ଜାତି ଆଳରେ ଦଣ୍ଡ ଦେବା ଗ୍ରହଣୀୟ ନୁହେଁ: ମାଳି ସମାଜ ଯୁବ ସଭାପତି

କୋରାପୁଟ,୨୩।୩(ସମିସ): ଭିନ୍ନ ଜାତିର ଝିଅକୁ ବିବାହ କଲେ ବୋଲି ବରକୁ ଲଣ୍ଡା କରିବା ସହ ଜାତି ଭାଇ ଭୋଜି ଖାଇଲେ। ଜରିମାନା ମଧ୍ୟ ନେଲେ। ଜାତି ପ୍ରଥାକୁ ନେଇ କୋରାପୁଟ ମାଛରା ଜଙ୍ଗଲରେ ଏମିତି ରୋଚକ ଦୃଶ୍ୟ ଗତକାଲି ଦେଖିବା ପରେ ପ୍ରତିକିୟା ରଖିଛନ୍ତି ମାଳି ସମାଜର ଯୁବ ସଭାପତି ଦୁର୍ଯ୍ୟ ମାଳି। ପ୍ରେମ ବିବାହ ପାଇଁ ଏମିତି ଦଣ୍ଡ ଦେବା ଘଟଣା ଯୁବବର୍ଗଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। କୁଳ ସମାଜ ଏବଂ ଜାତି ଆଳରେ ଦଣ୍ଡ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ମତପ୍ରକାଶ କରିଛନ୍ତି।ଏପରି ପ୍ରଥା ବନ୍ଦ ହେବା ଦରକାର। ଲୋକେ ଚନ୍ଦ୍ରରେ ପାଦ ରଖିଥିବା ବେଳେ ସେହି ପୁରୁଣା ପରମ୍ପରା ଓ ପ୍ରଥାକୁ ବନ୍ଦ ନ କଲେ ସମାଜ ପ୍ରତି ବିପଦ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜୟପୁର ସହର କୁମ୍ଭାର ସାହିର ମାଳି ସମ୍ପ୍ରଦାୟର ମହେଶ୍ୱର ଖିଲ ସେହି ସାହିର ରଣା ଜାତିର ଝିଅ ଉର୍ମିଳା ଖଡ଼ାଙ୍କୁ ଦୀର୍ଘ ଦିନ ଧରି ପ୍ରେମ କରି ଆସୁଥିଲେ।। ଉଭୟ କୁଳ ସମାଜ ଏମାନଙ୍କ ବିବାହକୁ ଅନୁମତି ପ୍ରଦାନ କରୁ ନ ଥିଲେ। ବାଧ ହୋଇ କିଛି ଦିନ ପୂର୍ବେ ଉର୍ମିଳାଙ୍କୁ ନେଇ ମହେଶ୍ୱର ବାହାରକୁ ପଳାଇ ଯାଇଥିଲେ। ତେବେ ଉଭୟ ପୁଅ ଝିଅ ବାହାରେ ରହିବାରୁ ବାହାଘର ପାଇଁ ବାଟ ଖୋଜିଥିଲା ମାଳି ସମାଜ। କୁଳ ସମାଜରେ ବୈଠକ କରି ନିଷ୍ପତି ନିଆଗଲା ଯେ ମହେଶ୍ୱର ସମାଜ ଆଗରେ ଲଣ୍ଡା ହେବ କୁଳ ସମାଜକୁ ମାଂସ ଭାତ ଭୋଜି ଦେବ ତା ସହ ୯୦ ହଜାର ଟଙ୍କା ଡଣ୍ଡ ଗଣିବ। ଏଭଳି ଘଟଣା ଗତ ରବିବାର ଘଟିବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଥିଲା।

**● ଆଦର୍ଶ, ନବୋଦୟ ଓ ଏକଲବ୍ୟ ବିଦ୍ୟାଳୟ ପ୍ରବେଶ ଚୟନ**

# ଉ. ଜୁମୁରୁଗୁଡ଼ା ଛାତ୍ରଛାତ୍ରୀଙ୍କ କୃତିତ୍ୱ







ପଦ୍ମପୁର,୨୩।୩(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉପର ଜୁମୁରୁଗୁଡ଼ା ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ୫ଜଣ ମେଧାବୀ ଛାତ୍ରଛାତ୍ରୀ ଶିକ୍ଷାବର୍ଷ ୨୦୨୫-୨୦୨୬ ନିମନ୍ତେ ୬ଷ୍ଠ ଶ୍ରେଣୀରେ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ସଫଳତା ହାସଲକରିଛନ୍ତି। ସେମାନେ ହେଲେ ଛାତ୍ରୀ ବୃଷଭାନୁ ଶବର, ଧରିତ୍ରୀ ସାହୁ, ରିଙ୍କି ବେହେରା, ମିତାଲି ସାହୁ ଓ ଛାତ୍ର ସିପୁନ ସାହୁ। ସମସ୍ତ ଛାତ୍ର ଛାତ୍ରୀଙ୍କ ପିତାମାତା ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ସେମାନଙ୍କ ପୁଅଝିଅଙ୍କ ଏହି ସଫଳତା ପାଇଁ ସମସ୍ତ ଶ୍ରେୟ ବିଦ୍ୟାଳୟର ଶ୍ରେଣୀ ଶିକ୍ଷକ ଦିଲୀପ କୁମାର କରଙ୍କ ଶିକ୍ଷାଦାନ ଶୈଳୀ, ପ୍ରଧାନ ଶିକ୍ଷକ ଭୂବନାନନ୍ଦ ଖାଡ଼ଙ୍ଗା ଓ ବିଦ୍ୟାଳୟର ଅନ୍ୟାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇଥିବା ଅଭିଭାବକମାନେ କହିଛନ୍ତି।ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଗତ ୫ ବର୍ଷ ହେଲାଣି ଧାରାବାହିକ ଭାବେ ବିଭିନ୍ନ ପ୍ରତିଯୋଗିତା ଯଥା ଖେଳ, ନାଚ, ଗୀତ, ଚିତ୍ରାଙ୍କନ, କୁଇଜ୍‌ରେ କ୍ଲଷ୍ଟରସ୍ତର, ବ୍ଲକ୍‌ସ୍ତର, ଏପରିକି ଜିଲ୍ଲା ସ୍ତରରେ ସଫଳତା ସହ ୩ୟ ଓ ୫ମ ବୃତ୍ତି ପରୀକ୍ଷା, ଆଦର୍ଶ ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ବଢ଼ାଇବାରେ ସକ୍ଷମ ହୋଇ ପାରିଛନ୍ତି।

# ୫ ଏକର ଜମି ଦର୍ଶାଇ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍!

## ବିଡିଓଙ୍କୁ ଗୁହାରି ଜଣାଇଲେ କ୍ଷତିଗ୍ରସ୍ତ

ପଦ୍ମପୁର,୨୩।୩(ସମିସ): ଗରିବ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଥିବା ବେଳେ ସଠିକ୍ ଚିହ୍ନଟ ପ୍ରକ୍ରିୟା ହେଇନଥିବା ଯୋଗୁଁ ଗରିବ ଖଟିଖିଆ ମହିଳା ମାନେ ମଧ୍ୟ ସୁଭଦ୍ରା ଯୋଜନାରୁ ବାଦ୍ ପଡୁଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ଆମ୍ବାବାଡି ଗ୍ରାମର ଦୁଷ୍ମନ ଶବରଙ୍କ ପତ୍ନୀ ମମାନି୍ ଶବରଙ୍କ ଠାରେ। ତାଙ୍କ କହିବା ମୁତାବକ ଦିନ ମଜୁରିଆ ଭାବେ ସେମାନଙ୍କ ପରିବାର ଚାଲୁଛି। ସେମାନଙ୍କ କିମ୍ବା ତାଙ୍କ ବାପା ମା'ଙ୍କ ନାମରେ କୌଣସି ଜମି ବାଡ଼ି ନାହିଁ ।୍ମାତ୍ର ସୁଭଦ୍ରା ଯୋଜନା ପାଇଁ ଆଧାର କେନ୍ଦ୍ରରେ ଆବେଦନ କରିଥିଲେ ମଧ୍ୟ ବାରମ୍ବାର ୫ଏକରରୁ ଅଧିକ ଜମିବାଡ଼ି ଥିବା ଦର୍ଶାଇ ତାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯାଇଛି। ମହିଳାଙ୍କ କହିବା ଅନୁଯାୟୀ ଏହାକୁ ନେଇ ସେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀଙ୍କୁ ଲିଖିତ ଅଭିଯୋଗ କରି ତାଙ୍କର କୌଣସି ଜମିବାଡ଼ି ନଥିବା କହିଛନ୍ତି। ତଦନ୍ତ କରି ସରକାର ତାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି।

**● ଅଗ୍ନିବୀର ନିଯୁକ୍ତିକୁ ନେଇ**

# ମା'ମାର୍କମା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ବିଷମ କଟକ,୨୩।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ସୋମବାର ଦିନେ ଅଗ୍ନିବୀର ନିଯୁକ୍ତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ପରିଚାଳନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଏଲଟି. କୋଲ୍. କଲ୍ୟାଣ କୁମାର ରେଡ୍ଡି ପିଲାମାନଙ୍କୁ କିପରି ଅଗ୍ନିବିର ୱେବସାଇଟରେ ଥିବା ସେନା ନିଯୁକ୍ତି ୨୦୨୬ ଅନ୍‌ଲାଇନ ପଞ୍ଜୀକରଣ କରିପାରିବେ ତାକୁ ନେଇ ପ୍ରାଞ୍ଜଳ ଭାବରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥି ସହ ୪ଜଣ ଛାତ୍ର ଅଗ୍ନିବୀର ସେନା ୱେବସାଇଟ୍‌ରେ ନିଜେ ନିଜର ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ଏହି ପଞ୍ଜିକରଣ ସମୟ ଯାହାକି ୧୩ ଫେବୃୟାରୀ ୨୦୨୬ରୁ ୦୧ ଏପ୍ରିଲ ୨୦୨୬ ମଧ୍ୟରେ ଉପଲବ୍ଧ ରହିବ। ଏଲଟି. କୋଲ୍. ରେଡିଙ୍କ ସହ ଏନବି.ସବ. ବୀରେନ୍ଦ୍ର ସିଂ, ସିଏମ୍‌ଡି ପ୍ରଶାନ୍ତ ଶେଇ ଏବଂ ଜିଲ୍ଲା ନିଯୁକ୍ତି ଅଧିକାରୀ ଜେତେନ୍ଦ୍ର ଉପାଧ୍ୟାୟ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର

କୋଷାଗୁମୁଡ଼ା,୨୩।୩(ସମିସ): ୨୦୨୭ ମସିହାରେ ହେବାକୁ ଥିବା ଜନଗଣନା ପାଇଁ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଆଜି ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗା ନୋଡାଲ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତି ଓ ଗୃହ ଗଣନା ସମ୍ବନ୍ଧୀୟ ବିସ୍ତୃତ ଶିକ୍ଷା ଦିଆଯାଉଛି। ଏହା ମାଧ୍ୟମରେ ଆସନ୍ତା ଜନଗଣନା କାର୍ଯ୍ୟକୁ ସଠିକ୍ ଓ ସୁଚାରୁ ଭାବରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ ଶିବିର ୮ ଟି ବ୍ୟାଚ୍‌ରେ ଆୟୋଜନ କରାଯିବ। ପ୍ରତ୍ୟେକ ବ୍ୟାଚ୍‌ରେ ୫୦ ଜଣ ଗଣନାକାରୀ ପର୍ଯ୍ୟବେକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରାଯିବ। ତାଲିମ ଦେବା ପାଇଁ ୮ ଜଣ ଶିକ୍ଷକଙ୍କୁ ନିୟଜିତ କରାଯାଇଛି। କାର୍ଯ୍ୟକ୍ରମରେ କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି ଏବଂ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ ଉପସ୍ଥିତ ରହିଥିଲେ। ସେମାନେ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ନିୟମିତ ଓ ନିଷ୍ଠାପୂର୍ଣ୍ଣ ଭାବେ କାମ କରିବାକୁ ଆହ୍ୱାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତ ଓ ଗୃହ ଗଣନା ଆଗାମୀ ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହୋଇ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ତହସିଲଦାର ଶ୍ରୀ ତୁଳା ମୁଦୁଲି ମତ ଦେଇଛନ୍ତି।

# ରାୟଗଡ଼ା ଲାୟନ୍ସ କ୍ଲବର ମାଗଣା କ୍ୟାନ୍‌ସର ସ୍କ୍ରିନିଂ କ୍ୟାମ୍ପ୍

ରାୟଗଡ଼ା,୨୩।୩(ସମିସ): ଆଜି ଲାୟନ୍ସ କ୍ଲବ ରାୟଗଡ଼ା ଓ ମହାତ୍ମା ଗାନ୍ଧୀ କ୍ୟାନ୍‌ସର ହସ୍ପିଟାଲ ସହାୟତାରେ ଏକ ମାଗଣା କ୍ୟାନ୍‌ସର ସ୍କ୍ରିନିଂ କ୍ୟାମ୍ପ୍ ଆୟୋଜିତ ହୋଇଯାଇଛି। କ୍ୟାମ୍ପ୍‌ରେ ଗାନ୍ଧୀ କ୍ୟାନ୍‌ସର ହସ୍ପିଟାଲର ଦୁଇଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କର ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଲାଲବିହାରୀ ଲେଙ୍କା ଓ ସେକ୍ରେଟାରୀ କେ ଶ୍ରୀନିବାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଭି ଏଲ ରାଜୁ, ଲାୟନ ସତ୍ୟବାଦୀ ପତି, ଲାୟନ ରମେଶ ଚନ୍ଦ୍ର ଗୋଲାନି, ପ୍ରସନ୍ନ କୁମାର ଗନ୍ତାୟତ, ଟିଜୟରାମ, ବାବୁରାଓ ମହାନ୍ତି, ପ୍ରତାପ ଚନ୍ଦ୍ର ବାଉରୀ, ଦାଶରଥି ରାଜଗୁରୁ, ଏଲ ଚନ୍ଦ୍ରଶେଖର ଓ ଭିଡିଜି ୧ ଅଶ୍ୱିନୀ କୁମାର ଦାସ ଯୋଗ ଦେଇଥିଲେ। ସର୍ବ ମୋଟ ୫୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରା ଯାଇଥିଲା। ସନ୍ଧ୍ୟାରେ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଟିଏ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରେଣୀ ୬ରୁ ୧୦ ପର୍ଯ୍ୟନ୍ତ ବାଳିକାଙ୍କୁ କ୍ୟାନସର ଉପରେ ସଚେତନ କରାଗଲା। ଏଭଳି କାର୍ଯ୍ୟକ୍ରମ ସଦାସର୍ବଦା ଚାଲୁ ରହିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ବିଭିନ୍ନ ସ୍ଥାନରେ କିଶୋରୀ ମେଳା

ବୈପାରୀଗୁଡ଼ା,୨୩।୩(ସମିସ): ବୈପାରୀଗୁଡ଼ାର ବିଭିନ୍ନ ସ୍ଥାନରେ କିଶୋରୀ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ବିଭିନ୍ନ ସେକ୍ଟର ବୋଦାପୁଟ, ହଳଦୀକୁଣ୍ଡ, ଫେଦାପୋଡା, ପୂଜାରୀଗୁଡା ଏବଂ ଦଶମନ୍ତପୁର ଠାରେ ଏହି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସମ୍ମନିତ ଶିଶୁ ବିକାଶ ଯୋଜନା ଅଧିକାରୀ ସିଡିପିଓ ସବିତା ବ୍ରୋହ୍ମା ଯୋଗଦେଇ ଏହି କିଶୋରୀ ମେଳା କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ୧୧ ରୁ ୧୯ ବର୍ଷର କିଶୋରୀମାନଙ୍କ ସ୍ୱସ୍ଥ୍ୟ, ପୁଷ୍ଟିସାଧନ, ସ୍ୱଚ୍ଛତା, ଶିକ୍ଷା ଏବଂ ଆଇନଗତ ଅଧିକାର ବିଷୟରେ ସଚେତନ କରାଇବା। ଏହି ମେଳାରେ ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ ଏବଂ ପରାମର୍ଶ ଶିବିର ମାଧ୍ୟମରେ ସେମାନଙ୍କୁ ସଶକ୍ତ କରାଯାଇଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଯମୁନା ନାୟକ , ବୋଦାପୁଟ କ୍ଷେତ୍ରପରିଦର୍ଶିକା ଲାଲମୋତି ସରକାର, ପୂଜାରୀଗୁଡା ନଳିନୀ ଚୌଧୁରୀ, ହଳଦୀକୁଣ୍ଡ କ୍ଷେତ୍ର ପରିଦର୍ଶିକା ସାବିତ୍ରୀ ଗୁଣ୍ଡା ଦଶମନ୍ତପୁର କ୍ଷେତ୍ର ପରିଦର୍ଶିକା ଚାନ୍ଦା ବତୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

**ମାଲକାନଗିରିରେ ଜନଗଣନା ପ୍ରସ୍ତୁତି**

# ଏନୁମେରେଟ'ର, ସୁପରଭାଇଜରଙ୍କ ତାଲିମ ଶିବିର



ମାଲକାନଗିରି,୨୩।୩(ସମିସ): ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା-୨୦୨୭କୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଆଜି ମାଲକାନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମାଲକାନଗିରି ତହସିଲ (ଗ୍ରାମାଞ୍ଚଳ) ଅଧୀନରେ ଥିବା ଏନୁମେରେଟ'ର (ପ୍ରଗଣକ) ଏବଂ ସୁପରଭାଇଜର (ପର୍ଯ୍ୟବେକ୍ଷକ) ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଥମ ବ୍ୟାଚ୍ ତାଲିମ ଶିବିର ସଫଳତାର ସହ ଶେଷ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜନଗଣନା ଅଧିକାରୀ ମୁନା ତୁରୁକ ଏବଂ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଫିଲ୍ଡ ଟ୍ରେନର ଭାବେ ଭାଗ୍ୟରଞ୍ଜନ ଲେଙ୍କା ଓ ହରପ୍ରସାଦ ମହାପାତ୍ର ଯୋଗଦେଇ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହର ବୈଷୟିକ କୌଶଳ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସମଗ୍ର ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପାଇଁ ମୋଟ ୧୨୬୯ ଜଣ ଏନୁମେରେଟ'ର ଏବଂ ୨୨୭ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଆଜି ମାଲକାନଗିରି ତହସିଲ ପାଇଁ ଏହି ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ପର୍ଯ୍ୟାୟ କ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ତହସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୧୫ ମଧ୍ୟରେ ନାଗରିକମାନେ ନିଜେ ପୋର୍ଟାଲରେ ନିଜର ତଥ୍ୟ ପଞ୍ଜିକୃତ କରିପାରିବେ। ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଏନୁମେରେଟ'ର ମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏଥର ଜନଗଣନାରେ କୌଣସି କାଗଜ କାର୍ଯ୍ୟ ହେବ ନାହିଁ। ସମସ୍ତ ତଥ୍ୟ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ। ଆମର ଜନଗଣନା, ଆମର ବିକାଶ ବାର୍ତ୍ତା ଜରିଆରେ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସଠିକ୍ ଜନଗଣନା ହିଁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## ଆଜି ବିଶ୍ୱ ଯକ୍ଷ୍ମା ଦିବସ

# ୨୧ ବର୍ଷରେ ଯକ୍ଷ୍ମା ନେଇଛି ହଜାରେ ଜୀବନ

> ସଚେତନତା ସତ୍ତ୍ୱେ ମୂଳପୋଛ ହେଉନି ଯକ୍ଷ୍ମା
> ୧୧୦୩ ରୋଗୀ ଚିକିତ୍ସାଧୀନ

ଖୋର୍ଦ୍ଧା,୨୩।୩ (ସମିସ): ଟ୍ୟୁବରକୁଲୋସିସ୍, ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସଫୁସକୁ ଆକ୍ରାନ୍ତ କରିଥାଏ। କିନ୍ତୁ ସର୍ବଦା ଏପରି ହୋଇନଥାଏ। ବେଳେ ବେଳେ ଏହା ମସ୍ତିଷ୍କ ଏବଂ ମେରୁଦଣ୍ଡକୁ ମଧ୍ୟ ଆକ୍ରାନ୍ତ କରିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି। ଏବେ ମଧ୍ୟ ଅନେକ ଲୋକ ଏହି ରୋଗ ବାବଦରେ ସଚେତନ ନାହାନ୍ତି। ତେଣୁ ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪କୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ପାଳନ କରାଯାଉଛି। ଯକ୍ଷ୍ମା ରୋଗୀ ଚିହ୍ନଟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସିବିନାଟ, ଏକ ଟ୍ରୁନାଟ ଓ ପୋଟେବୁଲ୍ ଏକ୍ସରେ ମେସିନ ମଧ୍ୟ ରହିଛି। ଯକ୍ଷ୍ମାରୋଗ ନିରାକରଣ ପାଇଁ ଔଟସ୍ ଯୋଗାଣ କରାଯାଇଥିବାବେଳେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ମଧ୍ୟ ନିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି। ଏହା ସତ୍ତ୍ୱେ ଯକ୍ଷ୍ମାଭଳି ଭୟାବହ ରୋଗରୁ ରୋଗୀଙ୍କୁ ନିସ୍ତାର ମିଳୁନି। ଏନେଇ ପୁଳା ପୁଳା ଟଙ୍କା ଖର୍ଚ୍ଚ କରାଯାଉଥିବା ସତ୍ତ୍ୱେ ଗତ ୨୦୦୫ରୁ ୨୦୨୫ (୨୧ବର୍ଷ) ମଧ୍ୟରେ ୧୦୫୯ ରୋଗୀ ଯକ୍ଷ୍ମାରେ ପ୍ରାଣ ହରାଇଥିବା ସରକାରୀ ତଥ୍ୟ କହୁଛି। ଗତ ୨୦୦୪ ମସିହା ଠାରେ ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିଥିବାବେଳେ ଏଯାବତ୍ ଯକ୍ଷ୍ମାରୋଗୀ ମୂଳପୋଛ ସ୍ଲୋଗାନ କେବଳ କାଗଜ ପତ୍ରରେ ସୀମିତ ରହିଛି। ଏଥିସହିତ ଖୋର୍ଦ୍ଧା ମୁଣ୍ଡିଆ ଓ କ୍ରସର ଅଞ୍ଚଳ ହୋଇଥିବାବେଳେ ଏଠାରେ ଲୋକଙ୍କଠାରେ ମୁଖ୍ୟତଃ ଛାତି ରୋଗ ଦେଖାଯାଇଥାଏ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ପ୍ରତ୍ୟେକ ଦିନ ଛାତି ଓ ସନ୍ଦିଗ୍ଧ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଛି।

ବିଭାଗ ତଥ୍ୟ ଅନୁସାରେ, ୨୦୦୫ ମସିହାରେ ୧୦୮୮ ରୋଗୀ ଚିହ୍ନଟ ହୋଇଥିବା ବେଳେ ତନ୍ମଧ୍ୟରୁ ୩୮ରୋଗୀଙ୍କର ଯକ୍ଷ୍ମାରେ ମୃତ୍ୟୁ ହୋଇଛି। ୨୦୦୬ ରେ ୧୧୫୪ରୋଗୀ ଚିକିତ୍ସା ହୋଇଥିବାବେଳେ ୩୪ଜଣ ଏବଂ ୨୦୦୭ରେ ୧୧୪୯ଯକ୍ଷ୍ମାରୋଗୀଙ୍କ ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ହୋଇଛି। ୨୦୦୮ରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ୧୦୯୦ଥିବାସ୍ଥଳେ ୧୪ରୋଗୀଙ୍କ ମୃତ୍ୟୁ ହୋଇଛି।୨୦୦୯ ମସିହାରେ ୧୨୫୦ ରୋଗୀଙ୍କ ମଧ୍ୟରୁ ୨୮ଏବଂ ୨୦୧୦ରେ ୧୧୩୧ ଚିହ୍ନଟ ରୋଗୀଙ୍କ ମଧ୍ୟରୁ ୪୫ ମୃତ୍ୟୁ ହୋଇଥିଲା। ୨୦୦୫ ରୁ ୨୦୧୧ ମସିହା ମଧ୍ୟରେ ସମୁଦାୟ ୭ହଜାର ୬୭୮ଜଣ ରୋଗୀ ଜିଲ୍ଲା ବ୍ୟାପି ଚିହ୍ନଟ ହୋଇଥିବାବେଳେ୧୮୬ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୨ ମସିହାରେ ୧୧୨୬ ରୋଗୀ ଚିକିତ୍ସା ହୋଇଥିବା ବେଳେ ୨୮ ଜଣ, ୨୦୧୩ ରେ ୧୦୧୬ ରୋଗୀଙ୍କ ମଧ୍ୟରୁ ୪୨, ୨୦୧୪ରେ ୧୦୭୧ରୋଗୀଙ୍କ ମଧ୍ୟରୁ ୪୦ଜଣ, ୨୦୧୫ରେ ୧୦୩୮ଙ୍କ ମଧ୍ୟରୁ ୫୦ଜଣ ଏବଂ ୨୦୧୬ ମସିହାରେ ୧୦୨୮ ରୋଗୀମଧ୍ୟରୁ ୪୬ ଜଣଙ୍କ ଜୀବନ ଯକ୍ଷ୍ମାରେ ଯାଇଛି। ଏଥିସହିତ ୨୦୧୭ରେ ୧୩୨୯ରୋଗୀଙ୍କ ମଧ୍ୟରୁ ୪୯ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୧୮ରେ ୧୪୮୧ରୁ ୫୦, ୨୦୧୯ରେ ୧୬୬୨ଙ୍କ ମଧ୍ୟରୁ ୬୫, ୨୦୨୦ରେ ୧୪୫୧ଙ୍କ ମଧ୍ୟରୁ ୬୨ଜଣ, ୨୦୨୧ରେ ୧୫୯୫ଜଣଙ୍କ ମଧ୍ୟରୁ ୬୧ଜଣ, ୨୦୨୨ରେ ୧୮୦୫ଜଣଙ୍କ ମଧ୍ୟରୁ ୫୨ଜଣ, ୨୦୨୩ରେ ୧୭୨୭ଜଣଙ୍କ ମଧ୍ୟରୁ ୫୮ଜଣ, ୨୦୨୪ରେ ୧୭୩୯ଜଣଙ୍କ ମଧ୍ୟରୁ ୫୦ଜଣ ଏବଂ ଗତବର୍ଷ ଅର୍ଥାତ ୨୦୨୫ରେ ୧୯୪୬ଜଣ ରୋଗୀଙ୍କ ମଧ୍ୟରୁ ୩୪ଜଣଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି। ଆଜି ସୁଦ୍ଧା ୧୧୦୩ଜଣ ଯକ୍ଷ୍ମାରୋଗୀ ଚିକିତ୍ସାଧିନ ଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି।

ଜିଲ୍ଲାରେ ଯକ୍ଷ୍ମା ଜନିତ ରୋଗି ମୃତ୍ୟୁ କିନ୍ତୁ ସମ୍ପୁର୍ଣ୍ଣଭାବେ କମାଇବାରେ ସ୍ୱାସ୍ଥ୍ୟ ବିଭାଗ ସକ୍ଷମ ହୋଇପାରିନାହିଁ। ସ୍ୱାସ୍ଥ୍ୟ ବିଭାଗ ଉପସ୍ଥାପନ କରୁଥିବା ଯକ୍ଷ୍ମାରୋଗୀ ରିପୋର୍ଟ କେବଳ ସରକାରୀ ଡ଼ାକ୍ତରଖାନାର ହୋଇଥିବାବେଳେ ଘରୋଇ କ୍ଲିନିକ୍ ଏବଂ ଘରୋଇ ଡ଼ାକ୍ତରଖାନା ଚିକିତ୍ସା ରୋଗୀଙ୍କ ରିପୋର୍ଟ ଢେର ଅଧିକା ହେବା ଅନୁମାନ କରାଯାଉଛି। ଜିଲ୍ଲା ରେ କେବେ ଏହି ରୋଗ ମୂଳ ପୋଛ ହେବ ତାର ସନ୍ତୋଷ ଜନକ ଉତର କାହା ପାଖରେ ନଥିବାବେଳେ ପ୍ରକୃତ ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ର ହୃଦୟଙ୍ଗମ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀମାନେ ପ୍ରକାଶ କରିଛନ୍ତି।

## ଶହୀଦ ଦିବସରେ ବାଇକ୍ ଶୋଭାଯାତ୍ରା



ନିରାକାରପୁର, ୨୩।୩ (ସମିସ) : ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ମାଇଁ ଭାରତ ଖୋର୍ଦ୍ଧା ଏବଂ ରାମାବିଲିର ବିଜୟଲକ୍ଷ୍ମୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ଜାତୀୟ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଙ୍କିଆ ହାଇସ୍କୁଲ ଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଜେପିର ବରିଷ୍ଠ ନେତା କେଲୁ ଜଗଦେବ ଜାତୀୟ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ଜଙ୍କିଆ ବଜାର ପରିକ୍ରମା କରିବା ସହ ରାମାବିଲି ଓ ଛଣାଗିରି ଦେଇ ହଜ ଗ୍ରାମରେ ପହଞ୍ଚିଥିଲା। ହଜ ଗ୍ରାମର ଅମର ଶହୀଦ ସିଆରପିଏଫ୍ ଯବାନ କୃଷ୍ଣ ମୋହନ ପ୍ରହରାଜଙ୍କ ବାସଭବନରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଯୁବ ନେତା ଭବାନୀ ଶଙ୍କର ବରିଷଲ, ମାଧବ ମହାନ୍ତି, ଅକ୍ଷୟ ଦାସ, ପ୍ରକାଶ କୁମାର ଗୁମାନସିଂହ, ପ୍ରଦ୍ୟୁମ୍ନ ଜଗଦେବ, ବିରଞ୍ଚି ସାମନ୍ତସିଂହାର, ମହେଶ୍ୱର ବଳିୟାରସିଂହ, ମହେନ୍ଦ୍ର ରାଉତରାୟ ଓ ଭଗବାନ ନାୟକ ଥିବାବେଳେ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ପଟ୍ଟନାୟକ ଓ ତୁଷାର ନାୟକ, ବିଜୟଲକ୍ଷ୍ମୀ କ୍ଲବ୍‌ର ସ୍ୱେଚ୍ଛାସେବୀ କାର୍ତ୍ତିକ ସାମନ୍ତରାୟ, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ ଓ ଭାରତ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଶହୀଦଙ୍କ ସାନଭାଇ ବଳରାମ ପ୍ରହରାଜ ଓ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମର ଯୁବ ସ୍ୱେଚ୍ଛାସେବୀ ମହେନ୍ଦ୍ର ମାନସିଂହ ଓ ପ୍ରକାଶ ମାନସିଂହଙ୍କ ନେତୃତ୍ୱରେ ୨୦୦ରୁ ଅଧିକ ଯୁବକ ଓ ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସମଗ୍ର ହଜ ଗ୍ରାମ ପରିକ୍ରମା କରିଥିଲେ।

## ଭଗତ ସିଂ ମୁକ୍ତି ଆନ୍ଦୋଳନର ଶ୍ରେଷ୍ଠ ନାୟକ




ଖୋର୍ଦ୍ଧା,୨୩।୩ (ସମିସ): ସ୍ୱାଧୀନତା ସଂଗ୍ରାମର ଆପୋଷହୀନ ଧାରାର ମହାନ ସଂଗ୍ରାମି ଶହୀଦ୍-ଏ-ଆଜମ୍ ଭଗତ ସିଂଙ୍କ ୯୫ତମ ଫାଶି ଦିବସ ଅଲ୍ ଇଣ୍ଡିଆ ଡ଼େମୋକ୍ରାଟିକ୍ ଷ୍ଟୁଡ଼େଂଟସ୍ ଅର୍ଗାନାଇଜେସନ (ଏ.ଆଇ.ଡ଼ି.ଏସ୍.ଓ) ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ବଣିଆଟାଙ୍ଗିସ୍ଥିତ ରାୟରଙ୍ଗ ଠାରେ ପାଳନ କରାଯାଇଛି। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଏ.ଆଇ. ଡ଼ି.ଏସ୍.ଓ ଲୋକାଲ କମିଟି ସଭାପତି ଶ୍ରୀକାନ୍ତ ନାୟକ ଯୋଗଦେଇ କହିଲେ ଭଗତ ସିଂ ଥିଲେ ମୁକ୍ତି ଆନ୍ଦୋଳନର ଶ୍ରେଷ୍ଠ ନାୟକ। ତାଙ୍କ ଦେଶପ୍ରେମ ପରାଧିନ ଭାରତରେ ସୃଷ୍ଟି କରିଥିଲା ଅନେକ ଭଗତ ସିଂଙ୍କୁ। ତାଙ୍କର ଦେଶଭକ୍ତି କୁ ଆଜି ବି ସଲାମ କରୁଛି ପ୍ରତିଟି ହୃଦୟ। ଅନ୍ୟତମ ଅତିଥିଭାବେ ଛାତ୍ରନେତା ସୂର୍ଯ୍ୟକାନ୍ତ ଜେନା, ଜ୍ୟୋସ୍ନାମଣି ନାୟକ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ କିଭଳି ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରର ଅଧୀନରୁ ଭାରତକୁ ମୁକ୍ତ କରିବା ଓ ସମସ୍ତ ପ୍ରକାର ଶୋଷଣ ଅତ୍ୟା.ର ର ଅବସାନ ର ସ୍ୱପ୍ନ ନେଇ ହସି ହସି ଫାଶି ଦଉଡ଼ିକୁ ଆଲିଙ୍ଗନ କରି ଶହୀଦ ଭଗତ ସିଂ ଓ ତାଙ୍କର ଦୁଇ ସହଯୋଦ୍ଧା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟକାନ୍ତ ଜେନା, ନୀଳମଣୀ ନାୟକ, ଆଦିତ୍ୟ ନାୟକ, ଦିପ୍ତିମୟୀ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ବୈଠକ

ଟାଙ୍ଗୀ,୨୩।୩ (ସମିସ): ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ସ୍ମିତା ନାୟକ, ସବିତା ପୃଷ୍ଟି, ମିନାକ୍ଷୀ ବେହେରା, ଓମ୍ ପ୍ରକାଶିନୀ ନନ୍ଦ , ସ୍ନିଗ୍ଧାରାଣୀ ବେହେରା, ବିଷ୍ଣୁପ୍ରିୟା ଜେନା, ସଂଧ୍ୟାରାଣୀ ବେହେରା, ରଶ୍ମିତା ସେଠୀ, ଦୀପିକା ମଣ୍ଡଳ, କାଦମ୍ବିନୀ ବେହେରା, ଶ୍ରୀୟା ଦେଇ, ଯଶୋଦା ଦେଇ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଚନ୍ଦନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପୂର୍ବ ବୈଠକର ବିଷୟବସ୍ତୁ, ଶିକ୍ଷଣ ସୋପାନ ରେଜିଷ୍ଟର, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଫଳାଫଳ ବିଶ୍ଳେଷଣ ଏବଂ ପରବର୍ତ୍ତୀ ପଦକ୍ଷେପ, ଶିକ୍ଷଣ ପ୍ରସ୍ତୁତି କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିଦର୍ଶନ ପ୍ରବେଶ ଉତ୍ସବ ଖଡ଼ି ଛୁଆଁ, ଏବଂ ଗ୍ରୀଷ୍ମ କାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୱେତପଦ୍ମା ଓ କୃଷ୍ଣଚୂଡ଼ା ସାହିତ୍ୟ ସଂସଦର ସମ୍ମିଳିତ ବାର୍ଷିକ ଉତ୍ସବ



ବେଗୁନିଆ,୨୩।୩ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଭରଷା ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଶ୍ୱେତପଦ୍ମା ଓ କୃଷ୍ଣଚୂଡ଼ା ସମ୍ମିଳିତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ଭାଗିରଥି ପରିଡ଼ାଙ୍କ ଅଧ୍ୟକ୍ଷତା ଓ କୃଷ୍ଣଚୁଡ଼ା ସାହିତ୍ୟ ସଂସଦର ସମ୍ପାଦକ ଗୋପୀନାଥ ସେଠୀ, କବି ନିଶିକାନ୍ତ କହଲସିଂହ ଓ କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ତଥା ସ୍ତମ୍ଭକାର ପ୍ରଫେସର ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପବିତ୍ର ମୋହନ ସୁବୁଦ୍ଧି ମୁଖ୍ୟବକ୍ତା, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ କାଳନ୍ଦୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ସମାଜକୁ ନୂତନ ଜ୍ଞାନ ପ୍ରଦାନ କରିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଅନୁଷ୍ଠାନର ସଭାପତି ଶ୍ରୀ ପରିଡ଼ାଙ୍କ ରଚିତ ପୁସ୍ତକ "କବିତା ସଙ୍କଳନ' ଓ କବି ଗଙ୍ଗାଧର ଓଝାଙ୍କ ରଚିତ ପୁସ୍ତକ "ପ୍ରୀତି ମାଧୁରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାର ପ୍ରାରମ୍ଭରେ ଶ୍ୱେତପଦ୍ମା ସାହିତ୍ୟ ସଂସଦର ସମ୍ପାଦକ ସୁଶ୍ରୀ ପ୍ରତିମା ପ୍ରଧାନ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସ୍ଥିତ କବି/କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ଶେଷରେ କବି ଜଗଦୀଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଙ୍ଗୀ ବ୍ଲକ କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା

ଟାଙ୍ଗୀ,୨୩।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କଂଗ୍ରେସର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବ୍ଲକ କଂଗ୍ରେସ ଉପସଭାପତି ଭାବେ କୈଳାସ ପାଟଶାଣୀ, ସର୍ବେଶ୍ୱର ମଲ୍ଲିକ, ଶେଖ ରଫିକ, ଜେନେରାଲ ସେକ୍ରେଟାରୀ ଭାବେ ମନୋଜ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ଦିଲ୍ଲୀପ କୁମାର ସେଠୀ ଓ ଏସକେ ଅଜିଜ,ସଂପାଦକ ଭାବେ ଶେଖ ସାହାଯାହାନ, କାର୍ତ୍ତିକ ସ୍ୱାଇଁ, ଶ୍ରୀକାନ୍ତ ଦାସ, ରଜତ ମାଳବିହାରିଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ବ୍ଲକ କଂଗ୍ରେସ ଉପଦେଷ୍ଟା ଭାବେ ସନାତନ ବେହେରା, ସୌଭାଗ୍ୟ ବରାଡ, ଲକ୍ଷ୍ମଣ ମଙ୍ଗରାଜ, ନୀଳକଣ୍ଠ ସିଂ ଓ ରାମ ବିଶ୍ୱାଳ। ୯ ନମ୍ବର ଜୋନ ସଭାପତି ଭାବେ ଚକ୍ରଧର ବରିସଲ,୧୦ ନମ୍ବର ଜୋନ ସଭାପତି ଭାବେ ବିଭୁତି ଭୂଷଣ ମହାପାତ୍ର,୧୧ ନମ୍ବର ଜୋନ ସଭାପତି ଅଭିମନ୍ୟୁ ବେହେରା,୧୨ ନମ୍ବର ଜୋନ ସଭାପତି ସଭାପତି ଭାବେ ଶଖାବତ ଖାଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜେନେରାଲ ସେକ୍ରେଟାରୀ ସୟଦ ୟାସିର ନଓ୍ବାଜ, ସୋନାଲୀ ସାହୁ, ଜାନକୀବଲ୍ଲଭ ପଟ୍ଟନାୟକ, ଅମିତ ମହାନ୍ତି ଓ ସ୍ୱାଗତିକା ପଟ୍ଟନାୟକ ସ୍ଥାୟୀ ବରିଷ୍ଠ ନିମନ୍ତ୍ରିତ ତାଲିକାରେ ସ୍ଥାନିତ ହୋଇଥିବା ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ଶିଶିର କୁମାର ପଟ୍ଟନାୟକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## କନ୍ଧନୟାଗଡ଼ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଟାଙ୍ଗୀ,୨୩।୩ (ସମିସ): ଯୋଗସାଧନା, ପ୍ରତି ଦିନ ଚାଲିବା, ହସିବା ସହିତ ମନକୁ ଫୁର୍ତ୍ତିରଖିବା ଦ୍ୱାରା ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଥାଏ ବୋଲି ପଞ୍ଚାୟତ ବରିଷ୍ଠ ନାଗରିକ ଉପସଭାପତି ଭାଗିରଥି ମହାରଣା ମତ ପ୍ରକାଶ କରିଥିଲେ। ଆଜି କନ୍ଧନୟାଗଡ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଶ୍ରୀ ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମାନଙ୍କ ବନ୍ଧୁମିଳନ ଉତ୍ସବରେ ଅତିଥି ଭାବରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଏପରିକି ୮୦ ବର୍ଷରୁ ଉର୍ଦ୍ଧ ବରିଷ୍ଠମାନଙ୍କୁ ୩୫୦୦ ଟଙ୍କା ଭତ୍ତା ସମସ୍ତେ ପାଇବାରୁ ବଞ୍ଚିତ ହେବା, ତୀର୍ଥଯାତ୍ରା ପାଇଁ ସହାୟତା, ବରିଷ୍ଠ ମାନଙ୍କ ପରିଚୟ ପତ୍ରର ଆବଶ୍ୟକତା, ନିଜର ବ୍ୟକ୍ତିଗତ ସମସ୍ୟାକୁ ଆପୋସ ସମାଧାନ କରିବା ସହିତ ମଞ୍ଚ କର୍ମକର୍ତ୍ତା ସମ୍ପାଦକ ସୁବାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ସମସ୍ତ ବିବରଣୀ ଲିପିବଦ୍ଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗୋପବନ୍ଧୁ ରାମ, ନିମାଇଁ ଚରଣ ସାହୁ, ବ୍ରଜବନ୍ଧୁ ବେହେରା, ଜଳଧର ମହାରଣା, ଲୋଚନ ବେହେରା, ବଳରାମ ନାୟକ, କାଶୀନାଥ ପ୍ରଧାନ, ଅରୁଣ ସୁବୁଦ୍ଧି, ଦେବେନ୍ଦ୍ର ମାନସିଂ, ସୁରେଶ ଚନ୍ଦ୍ର ପ୍ରଧାନ ସୁରେଶ ପାଇକରାୟ ଓ ଗୋଦାବରୀ ପାଇକରାୟଙ୍କ ବହୁ ବରିଷ୍ଠ ସଭ୍ୟ ସହଯୋଗ କରିଥିଲେ। ଷାଠିଏ ବର୍ଷରୁ ଉର୍ଦ୍ଧ ସମସ୍ତ ବରିଷ୍ଠଙ୍କୁ ସରକାରଙ୍କ ପ୍ରତିଶୃତି ଅନୁଯାୟୀ ୩୦୦୦ ଟଙ୍କା ଭତ୍ତାପ୍ରଦାନ କରାଯିବା ପାଇଁ ଲିଖିତ ଦରଖାସ୍ତ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇ ଥିଲା।

## ସ୍କନ୍ଦମାତା ବେଶରେ ମା' ବନଦୁର୍ଗା



ନିରାକାରପୁର, ୨୩।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ନବରାତ୍ରିର ପଞ୍ଚମ ଦିବସରେ ସ୍କନ୍ଦମାତା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରୀୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ସହଯୋଗ କରିଥିଲେ।

## ଧଳାପଥର ପଞ୍ଚାୟତରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

ବୋଲଗଡ,୨୩।୩ (ସମିସ): ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ପରିସରରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ସହ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଜିଲ୍ଲା ଚିକିତ୍ସାଧିକାରୀ ସଞ୍ଜୟ ରାୟ ବିଡିଓ ସୁମନସୁଧା କୁଣ୍ଡୁ ଓ ତହସିଲଦାର ବିଜୟ କୁମାର ସେଠି, ଏବିଡ଼ିଓ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ସରପଞ୍ଚ ନାରାୟଣ ସାହୁଙ୍କ ଏବଂ କେତକ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଶିବିରରେ ୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ଏଥିରେ ୮୧ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଅଭିଯୋଗ ହୋଇଥିଲା । ଏଥରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ମନ୍ତ୍ରୀ ରିଲିଫ ପାଣ୍ଠି ୩ଜଣ ଙ୍କୁ ମୋଟ ୬୦ହଜାର ଟଙ୍କା ଏବଂ ରେଡ଼କ୍ରସ ପାଣ୍ଠିରୁ ଦୁଇଜଣଙ୍କୁ ମୋଟ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ।

## ବାଙ୍କୋଇ ଜୋନ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ବୈଠକ

ବୋଲଗଡ଼,୨୩।୩ (ସମିସ): ବୋଲଗଡ଼ ବ୍ଲକ ବାଙ୍କୋଇ ଜୋନ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମନ୍ୱୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ବାଙ୍କୋଇ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ସଭାପତି କୁଳମଣି ହୋତା ପୌରୋହିତ୍ୟ କରିଥିଲେ। ସମ୍ପାଦକ ଶ୍ରୀ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଡାକ୍ତର ସଦାନନ୍ଦ ମିଶ୍ର, ଉପଦେଷ୍ଟା କାଳିଚରଣ ଜୟସିଂହ, ସୁମନ୍ତ ଛୋଟରାୟ ସମିତିର ଆଗାମୀ କାର୍ଯ୍ୟପନ୍ଥା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଦୁଇଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ସଦସ୍ୟ ଜୟକୃଷ୍ଣ ଫତେସିଂହ, ଗୁଣନିଧି ପାଇକରାୟ, ଲକ୍ଷ୍ମୀଧର ମହାପାତ୍ର, ଭବାନୀ ଶଙ୍କର ସାହୁ, କୃଷ୍ଣଚନ୍ଦ୍ର ବଳିୟାରସିଂହ ଓ ନନ୍ଦ କିଶୋର ନାୟକ ପ୍ରମୁଖ ସଙ୍ଘର ସଦସ୍ୟ ଥିବା ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବା ପାଇଁ ପ୍ରଶାସନିକ ସହଯୋଗ ପାଇଁ ମତପ୍ରକାଶ କରିଥିଲେ । ପରିଶେଷରେ ଜୟକୃଷ୍ଣ ଫତେସିଂହ ଧନ୍ୟବାଦ ଦେଇଥିଲେ।

## ଛୟାନବେ ସାହି ସାଧବ ସମାଜର ବାର୍ଷିକ ସଭା



ବେଗୁନିଆ,୨୩।୩ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମରେ ଛୟାନବେ ସାହି ସାଧବସମାଜର ୫୪ତମ ବାର୍ଷିକ ସାଧାରଣସଭା ବାଘମାରୀ ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଉପେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ଓ ସମାଜର ସଭାପତି ତଥା ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି ସମୂହ ସ୍ତରରେ କାର୍ଯ୍ୟ କଲେ ଜାତିର ଉନ୍ନତି ହୋଇ ପାରିବ ବୋଲି ମତ ପ୍ରକାଶ କରିବା ସହ ତୈଳିକ ସମାଜର ଅନଗ୍ରସର ବ୍ୟକ୍ତି ବିଶେଷଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ପରେ ଭୁବନେଶ୍ୱର ସନ୍ ସାଇନ୍ ଚିକିତ୍ସାଳୟର ମୁଖ୍ୟ ଡ଼ାକ୍ତର ପ୍ରଫୁଲ୍ଲ କୁମାର ସାହୁଙ୍କ ନେତୃତ୍ୱରେ ୫ ଟି ବିଭାଗର ଅଭିଜ୍ଞ ଡ଼ାକ୍ତର ଯୋଗଦେଇ ମୁକ୍ତ ଚିକିତ୍ସା ସଚେତନତା ଓ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ସାହୁ କ୍ୟାମ୍ପ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଦେବାଶିଷ ସାହୁ ଓ ସମ୍ପାଦକ ଯୋଗିନାଥ ସାହୁ ସହଯୋଗ କରିଥିଲେ।

# ବାଲୁଗାଁ ଓ ବାଣପୁରରେ ରନ୍ଧନ ଗ୍ୟାସ୍ ସଙ୍କଟ

> ଗ୍ୟାସ ଅଭାବରୁ ବନ୍ଦ ହେଲାଣି ହୋଟେଲ
> ଘର ହାଣ୍ଡିଶାଳରେ ପଡ଼ିଛି ଭାଳେଣୀ

ବାଲୁଗାଁ,୨୩।୩ (ସମିସ): ଆମେରିକା ଓ ଇସ୍ରାଇଲ୍ ସହ ଇରାନ ଦେଶ ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିବା ସ୍ଥଳେ ଏହି ଯୁଦ୍ଧରେ ୮ରୁ ଉର୍ଦ୍ଧ ମଧ୍ୟପ୍ରାଚ୍ୟ ଦେଶ ସାମିଲ ହୋଇଛନ୍ତି। ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ପରିସ୍ଥିତିର ପ୍ରଭାବ ବିଭିନ୍ନ ଦେଶ ଉପରେ ପଡିଛି। ବିଶେଷ କରି ଭାରତ ଇରାନରୁ ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଆମଦାନୀ କରୁଥିବାରୁ ଯୁଦ୍ଧ ଯୋଗୁଁ ଏହାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିଛି। ଫଳରେ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପାଇଥିବା ସ୍ଥଳେ ରାଜ୍ୟର ବିଭିନ୍ନ ସହରରେ ରନ୍ଧନ ଗ୍ୟାସ ଅଭାବ ଦେଖା ଦେଇଛି। ଗ୍ୟାସ କମ୍ପାନୀ ଗୁଡିକ ପ୍ରଥମେ ଗ୍ୟାସ ସିଲିଣ୍ଡର ପାଇବାର ୨୫ ଦିନ ଅବଧି ପରେ ଯାଇ ପୁଣିଥରେ ବୁକିଙ୍ଗ୍ କରି ପାରିବ ର ଧାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ଉକ୍ତ ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ହେଲେ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଅନଲାଇନରେ ଗ୍ୟାସ ବୁକିଙ୍ଗ ହୋଇପାରୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଥିବା ଜଣାଯାଇଛି। ଏହାର ସୁଯୋଗ ନେଇ ରାଜ୍ୟର ବିଭିନ୍ନ ସହରରେ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାର ଚାଲିଛି। ବାଲୁଗାଁ ବାଣପୁର ତଥା ସମଗ୍ର ଚିଲିକା ଅଞ୍ଚଳରେ ରନ୍ଧନ ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଅଞ୍ଚଳରେ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାରୀ ଚାଲିଥିବା ଖାଉଟି ଅଭିଯୋଗ କରିଛନ୍ତି। ଏପରିକି ଘରୋଇ ଗ୍ୟାସ ସିଲିଣ୍ଡର ପିଛା ବର୍ତ୍ତମାନର ବର୍ଦ୍ଧିତ ମୂଲ୍ୟ ଅନୁଯାୟୀ ୯୪୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ସାଧାରଣ ଲୋକେ ରନ୍ଧନ ଗ୍ୟାସ ନପାଇ କଳାବଜାରର ଶିକାର ହୋଇ ୨ ହଜାରରୁ ଉର୍ଦ୍ଧ ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି। ବାଲୁଗାଁ ବାଣପୁର ଅଞ୍ଚଳରେ ଘରୋଇ ଗ୍ରାହକ ମାନଙ୍କର ରନ୍ଧନ ଗ୍ୟାସର ଅନଲାଇନ ବୁକିଙ୍ଗ ହୋଇପାରୁ ନଥିବା ବେଳେ ଯାହାର ବୁକିଂ ହେଉଛି ବୁକିଂ କରିବାର ପ୍ରାୟ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ରନ୍ଧନ ଗ୍ୟାସ ମିଳୁନଥିବାରୁ ଗ୍ରାହକମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ବାଲୁଗାଁ ସହରରେ ଏଚପି କମ୍ପାନୀର ଗ୍ୟାସ ବିତରକ ଥିବା ସ୍ଥଳେ ବାଣପୁରରେ ଇଣ୍ଡିଆନ କମ୍ପାନୀର ଗ୍ୟାସ ବିତରକ ରହିଛନ୍ତି। ହେଲେ ବାଲୁଗାଁ ବାଣପୁର ଅଞ୍ଚଳରେ ରନ୍ଧନ ଗ୍ୟାସ ଅଭାବ ଯୋଗୁଁ ଲୋକେ ଗ୍ୟାସ ସିଲିଣ୍ଡର ଟିଏ ପାଇବା ପାଇଁ ଗ୍ୟାସ ବିତରକ କାର୍ଯ୍ୟାଳୟ ସମ୍ମୁଖରେ ଧାଡି ବାନ୍ଧି ଖରାତରାରେ ଛିଡା ହୋଇ ନାହି ନଥିବା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି। ଗ୍ୟାସ ଅଭାବ ଯୋଗୁଁ ଅଞ୍ଚଳରେ ଥିବା ଅନେକ ଛୋଟ ବଡ ହୋଟେଲ, ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ହୋଟେଲ କଳାବଜାରୀରେ ଅଧିକ ଦରରେ ରନ୍ଧନ ଗ୍ୟାସ ଆଣି ସମସ୍ତ ଖାଦ୍ୟର ଦରଦାମ ବୃଦ୍ଧି କରିଦେଇଥିବା ଜଣାଯାଇଛି। ଘରୋଇ ଗ୍ୟାସ ଉପଭୋକ୍ତାମାନେ ରନ୍ଧନ ଗ୍ୟାସ ପାଇ ପାରୁ ନଥିବାରୁ କିପରି ରୋଷେଇ କରିବେ ସେ ନେଇ ହାଣ୍ଡିଶାଳରେ ଭାଳେଣୀ ପଡିଛି। ଏପରି ସ୍ଥଳେ ଗ୍ରାମାଞ୍ଚଳର ଲୋକେ କାଠ ଆଦି ବିଭିନ୍ନ ଜାଳେଣୀ ବ୍ୟବାହାର କରି ଚୁଲିରେ ରୋଷେଇ କରି ଖାଦ୍ୟ ପ୍ରସ୍ତୁତ କରିପାରୁ ଥିବା ବେଳେ ସହରାଞ୍ଚଳରେ ବହୁ ଦିନ ହେବ ଲୋପ ପାଇ ଯାଇଥିବା ଚୁଲି ଏବେ ପୁଣି ଥରେ ଦେଖା ଦେଇଛି। ବିଭାଗୀୟ ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ରନ୍ଧନ ଗ୍ୟାସ କଳାବଜାରକୁ ରୋକିବା ସହ ଜନସାଧାରଣଙ୍କୁ ଆବଶ୍ୟକୀୟ ରନ୍ଧନ ଗ୍ୟାସ ଯୋଗାଇ ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ସାତକୋଶିଆ ଗଣ୍ଡକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଜନ ଆନ୍ଦୋଳନ




**ଅନୁଗୋଳ,୨୩।୩(ସମିସ):** ସାତକୋଶିଆ ଗଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବବିବିଧତା ପ୍ରତି ବିପଦ ସାଜିଥିବା ପ୍ଲାଷ୍ଟିକ ଆବର୍ଜନା ଦୂର କରିବା ପାଇଁ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ପ୍ଲାଷ୍ଟିକର ଅନିୟନ୍ତ୍ରିତ ବ୍ୟବହାର ଯୋଗୁଁ ବିଶେଷ କରି ବନିକେୟୀ ପୀଠ ଓ ଟିକରପଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ପ୍ରଦୂଷିତ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ସାମାଜିକ ଅନୁଷ୍ଠାନ ''ସାଥୀ ପରିବାର', ଆଠମଲ୍ଲିକର ''ସମାଧାନ ଶିକ୍ଷାନିକେତନ' ଏବଂ ''ସେକେଣ୍ଡ ଲାଇଟ୍ ୟୁଥ୍ ଆସୋସିଏସନ' ପକ୍ଷରୁ 'ପ୍ଲାଷ୍ଟିକମୁକ୍ତ ସାତକୋଶିଆ ରାମସର୍ ସାଇଟ୍' କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ବିଶ୍ୱ ଜଳ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରାୟ ୧ କୁଇଣ୍ଟାଲ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ ପୁନଃଚକ୍ରଣ ପାଇଁ ଆଠମଲ୍ଲିକସ୍ଥିତ କବାଡ଼ି କେନ୍ଦ୍ରକୁ ପଠାଯାଇଛି। ସାଥୀ ପରିବାରର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଲିପି ସାହୁ, ବିନୟ କୁମାର ପଟ୍ଟନାୟକ, ନରହରି ପ୍ରଧାନ, ପ୍ରଭାତ ନଳିନୀ କ୍ଷେତୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେକେଣ୍ଡ ଲାଇଟ୍ ୟୁଥର ସଭାପତି ପ୍ରଦୀପ କୁମାର ସାହୁ, ସୌଭାଗ୍ୟ ସାହୁ ଏବଂ ସାଥୀ ପରିବାରର ଗୁରୁଦେବ ସାହୁଙ୍କ ସମେତ ସୌମ୍ୟରଞ୍ଜନ ଥମ୍ବ ଓ ସ୍ୱରୂପଦୀପ୍ ସିହ୍ନା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନର ରୂପ ଦିଆଯିବ ବୋଲି ସାଥୀ ପରିବାରର ସମ୍ପାଦକ ସୁବ୍ରତ କୁମାର ସୂଚନା ଦେଇଛନ୍ତି।

## ଆନନ୍ଦ ଉଲ୍ଲାସରେ ଇଦ୍ ଉତ୍ସବ ପାଳିତ



**କଣିହାଁ,୨୩।୩(ସମିସ):** କଣିହାଁ ବ୍ଲକ୍ ଏନଟିପିସି ବିଦ୍ୟୁତ ପ୍ରକଳ୍ପ ଅସ୍ଥାୟୀ ଟାଉନସିପ୍‌ସ୍ଥିତ ମସଜିଦରେ ଇଦ୍ ପର୍ବ ପାଳିତ ହୋଇଛି। ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ଓ ଠିକାସଂସ୍ଥାରେ କାର୍ଯ୍ୟରତ ମୁସଲିମ ସମ୍ପ୍ରଦାୟର କର୍ମଚାରୀମାନେ ସାମୂହିକ ନମାଜ ପାଠ କରିଥିଲେ। ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍‌ର ଶୁଭକାମନା ଜଣାଇଥିଲେ। ଶେଖ ମୁଦାସିର (ହାଫିଜ୍) ନମାଜ ପାଠ କରାଇଥିଲେ। ଉତ୍ସବରେ ଏନଟିପିସିର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ପ୍ରଥମ ବାର୍ଷିକ ପାଲା କଳାକାର ସମ୍ମିଳନୀ

**କଣିହାଁ,୨୩।୩(ସମିସ):** ଅନୁଗୋଳ ଜିଲ୍ଲା ମା' ହିଙ୍ଗୁଳା ପାଲା ପରିଷଦ କଣିହାଁ ମଣ୍ଡଳ ପକ୍ଷରୁ ପ୍ରଥମ ବାର୍ଷିକ ପାଲା କଳାକାର ସମ୍ମିଳନୀ ଓ ମହୋତ୍ସବ ରବିବାର ବଜ୍ରକୋଟରେ ଅନୁଷ୍ଠିତ ହୋଇଛି।



ମୁଖ୍ୟଅତିଥି ଭାବେ ନବଘନ ବିଶି, ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଫକୀର ମୋହନ ସାମଲ ଓ ଅନ୍ୟତମ ଅତିଥି ଭାବେ ଜୟକୃଷ୍ଣ ଧୀର ଏବଂ କୃଷ୍ଣଚନ୍ଦ୍ର ସାମଲଙ୍କ ସମେତ ଜିଲ୍ଲା ପାଲା ଗାୟକ ସଂଘ ସଭାପତି ଧ୍ରୁବଚରଣ ସାହୁ ଓ ସମ୍ପାଦକ ପ୍ରକାଶ ପାଗଳ ଉପସ୍ଥିତ ଥିଲେ। କଣିହାଁ ମଣ୍ଡଳର ଶତାଧିକ ପାଲା କଳାକାର ସାମିଲ ହୋଇଥିଲେ। ପୂର୍ଣ୍ଣଚନ୍ଦ୍ର ରଥ, ଦାଶରଥି ମହାନ୍ତି, ବିଭୂତି ଭୂଷଣ ନାଥ, କୁମାରୀ ସାହୁ ଓ ବରୁଣାବନ୍ତ ବାଘଙ୍କ ଦଳ ମଞ୍ଚରେ ପାଲା ପରିବେଷଣ କରିଥିଲେ। ଅତିଥିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ସମ୍ପାଦକ ଦାଶରଥି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭାପତି ବରୁଣାବନ୍ତ ବାଘ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ସମସ୍ତ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ବ୍ରାଉନସୁଗର ଜବତ; ଜଣେ ଗିରଫ

**ଅନୁଗୋଳ,୨୩।୩(ସମିସ):** ସୋମବାର ସକାଳେ ଅନୁଗୋଳ ଅବକାରୀ ବିଭାଗ ଚଢ଼ଉ କରି ଜଣେ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୯ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଅନୁଗୋଳ ଅବକାରୀ ବିଭାଗ ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ଟାଉନ ଥାନା ହାତୀଶାଳପଡ଼ାସ୍ଥିତ ବିକ୍ରମ ଲଜ୍ ନିକଟରେ ଜଣେ ବ୍ରାଉନସୁଗର ବେପାରୀ ଗ୍ରାହକ ଅପେକ୍ଷାରେ ଠିଆ ହେଇଛି। ଅଧିକାରୀମାନେ ସଦଳବଳେ ସେଠାରେ ଚଢ଼ାଉକରି ବ୍ରାଉନସୁଗର ବେପାରୀ କାଣ୍ଡସର ଗ୍ରାମର ନାରାୟଣ ମୁଦୁଲି (୪୫)ଙ୍କୁ ଗିରଫ କରିବାସହ ତାଙ୍କଠାରୁ ୨୯ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ୍ୟ ୯୦ହଜାର ଟଙ୍କା ହେବ।

## ପ୍ରତିମୂର୍ତ୍ତି ନିର୍ମାଣ ସ୍ଥାନକୁ ବିରୋଧ

### ● ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

**ପାଲଲହଡ଼ା,୨୩।୩(ସମିସ):** ପାଲଲହଡ଼ା ଉପଖଣ୍ଡ ଉଦିତନଗର ଓଭରବ୍ରିଜ ତଳେ ଜଣେ ରାଜନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ବିରୋଧ କରିଛନ୍ତି ସାହି ବାସିନ୍ଦା। ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପ୍ରତିମୂର୍ତ୍ତି ନିର୍ମାଣ ସ୍ଥାନ ୪୯ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ତଳେ ହୋଇଥିବା ବେଳେ ଏହା ଏକ ଚାରି ଛକ। ଦେବଗଡ଼, କେନ୍ଦୁଝର ଅଞ୍ଚଳରୁ ପାଲଲହଡ଼ାକୁ ସମସ୍ତ ଗାଡ଼ି ଏହି ଛକ ଦେଇ ଆସୁଥିବା ବେଳେ ରାସ୍ତା ମଝିରେ ପ୍ରତିମୂର୍ତ୍ତି ସ୍ଥାପନ ଦୁର୍ଘଟଣାକୁ ନିମନ୍ତ୍ରଣ ଦେବ। ଏହି ସ୍ଥାନରେ ପ୍ରତିମୂର୍ତ୍ତି ନିର୍ମାଣ ବନ୍ଦ ନ କଲେ ଆଗାମୀ ଦିନରେ ଯାହା ଅସୁବିଧା ହେବ ସେଥି ପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ମିଥ୍ୟା ବିଲ୍ କରି ଟଙ୍କା ଉଠାଇବା ମସୁଧା

# ରେକର୍ଡ ଧରି ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବ୍ଲକ ଅଧକ୍ଷା

**ପାଲଲହଡ଼ା,୨୩।୩(ସମିସ):**

ପାଲଲହଡ଼ା ବ୍ଲକର ପିଛା ଛାଡୁନି ଦୁର୍ନୀତି। କିଛିଦିନ ତଳେ ପାଲଲହଡ଼ା ବ୍ଲକ ପରିସରରେ ଯନ୍ତ୍ରୀ ଏବଂ ସହକାରୀ

### ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା

ଯନ୍ତ୍ରୀଙ୍କ ନୂତନ ଚାମ୍ବର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରିବାକୁ ମସୁଧା କରୁଥିବା ବେଳେ ବ୍ଲକ ଅଧକ୍ଷା ରୀନାରାଣୀ ନାଏକ ଏହାର ସମସ୍ତ ରେକର୍ଡ ଜବତ କରି ତଦନ୍ତ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ସୋମବାର ପୁଣି ପାଲଲହଡ଼ାଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବ୍ଲକ ଅଧକ୍ଷା ନାଏକଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ସାବିତ୍ରୀ ମାଝୀ, ବରଡିହ ସରପଞ୍ଚ କପି ଦେହୁରୀ, ସମିତି ସଭ୍ୟ ମଦନ ଦେହୁରୀ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବରଡିହ ପଞ୍ଚାୟତ ବରୁଣଡିହ ଗାଁରେ ଖେଳ ପଡ଼ିଆର କୌଣସି ଉନ୍ନତି ହେଇନାହିଁ ମାତ୍ର ୨ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରି ଉଠାଯାଇଛି। ସେହିପରି ଖଡ଼କା କୁମ୍ଭାରମାଟି ଅଙ୍ଗନବାଡ଼ି କେନ୍ଦ୍ରର କେସ ରେକର୍ଡ ନମ୍ବର ୪୨୯/୨୦୨୩-୨୪ରେ କୌଣସି ମରାମତି କାର୍ଯ୍ୟ ହେଇ ନ ଥିବାବେଳେ ଏକ ଲକ୍ଷ ଟଙ୍କା ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇଛି। ଜିଲ୍ଲା ପରିଷଦ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନରେ କେସ ରେକର୍ଡ ନମ୍ବର ୬୫/୨୦୨୪-୨୫ରେ ଖଡ଼କାଠାରୁ ଓଉତଳ ଘାଟି ପର୍ଯ୍ୟନ୍ତ ରାସ୍ତାର କୌଣସି ମରାମତି କାମ ହେଇନାହିଁ କିନ୍ତୁ ମିଥ୍ୟା ବିଲ୍ କରାଯାଇଛି। ଏହି ସବୁ ମିଥ୍ୟା ବିଲ୍ ପ୍ରସ୍ତୁତିରେ ବିଡିଓ ନିଶାନ ମିଶ୍ର, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ ଏବଂ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ମହାନ୍ତ ସାମିଲ ଥିବା ଅଭିଯୋଗ କରି ଏହି କାମର ନିରପେକ୍ଷ ତଦନ୍ତ କରିବାକୁ ଦାବି କରାଯାଇଛି। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମସ୍ତ ଜିଲ୍ଲା ପରିଷଦ, ସମିତି ସଭ୍ୟ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ନାହିଁ। ଅନ୍ୟପଟେ ମୋ ପାଖରେ ଅଭିଯୋଗର ଖବର ନାହିଁ, ତେବେ ଅଭିଯୋଗ କରିବାରେ କୌଣସି ଅସୁବିଧା ନାହିଁ। ତଦନ୍ତ ହେଲେ ଉତ୍ତର ରଖିବି ବୋଲି ବ୍ଲକ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି। କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ମହାନ୍ତଙ୍କ ସହ ଯୋଗାଯୋଗ କରିବାରୁ କହିଲେ, ମୋ ସମୟରେ କାମ ହେଇଥିଲା। ଘଟଣାସ୍ଥଳରୁ ଯାଇ ଗ୍ରାମବାସୀଙ୍କୁ ପଚାରିଲେ ସମସ୍ତ ସତ୍ୟ ଜଣାପଡ଼ିବ ଏବଂ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

## ଗୋପାଳପ୍ରସାଦରେ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

**ତାଳଚେର,୨୩।୩(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା' କୁଟେଇଶୁଣୀ ପୀଠରେ ଅନୁଷ୍ଠିତ ହୋଇଛି। ମା'ଙ୍କ ମୁଖ୍ୟ ପୂଜକ ଦିଅଁଘରୁ ଦିବା ୧୨ଟା ୪୫ରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଭବ୍ୟ ଶୋଭାଯାତ୍ରାରେ କୁଟେଇଶୁଣୀ ମଣ୍ଡପକୁ ଆଣିଥିଲେ। ସେଠାରେ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ରୀତିନୀତି ଅନୁଯାୟୀ ମାର୍ଜନା ଓ ସ୍ନାନ ପରେ ଶାବର ମତରେ ପୂଜାର୍ଚ୍ଚନା କରିଥିଲେ। ପରେ ଦୁଇଜଣ ପାଇକ ଠାକୁରାଣୀଙ୍କ ପାଟଖଣ୍ଡା ଓ ଆଜ୍ଞାମାଳ ନେଇ ଗୋପାଳପ୍ରସାଦ ଗ୍ରାମସ୍ଥିତ ପାଟଣା ସାହିରେ ଥିବା ପତିଆରଙ୍କ ବାସଗୃହକୁ ଡାକି ଯାଇଥିଲେ। ବିଧି ଅନୁଯାୟୀ ପାଇକମାନେ ତିନିଥର ଡାକିଲା ପରେ ପତିଆର ସ୍ନାନାଦି କର୍ମ ସମାପନ କରି କୁଟେଇଶୁଣୀ ମଣ୍ଡପକୁ ବିଜେ କରିଥିଲେ। ମୁଖ୍ୟ ଦେହୁରୀଙ୍କ ହସ୍ତରୁ ପାଣି ନେଇ ପତିଆର ପଞ୍ଚାଙ୍ଗ ଧୌତ ହେଲା ପରେ ପୂଜା ପିଢ଼ ସମ୍ମୁଖରେ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପରିଧାନ





କରି ଆସନ ଗ୍ରହଣ କରିଥିଲେ। ପରେ ଦେହୁରୀ ପତିଆରଙ୍କୁ ଦେବୀ ରୂପରେ ଷୋଡ଼ଶ ଉପଚାରରେ ପୂଜା କରିଥିଲେ। ପାରମ୍ପରିକ ଢୋଲ, ନିଶାଣ, ମହୁରୀ ଆଦି ବାଦ୍ୟ ନାଦ ମଧ୍ୟରେ ପତିଆରଙ୍କ ମସ୍ତକରେ ଗୁଡ଼ର ସହସ୍ରଧାର ଢଳାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାକୁ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ କୁହାଯାଏ। ପତିଆରଙ୍କଠାରେ ମା' ହିଙ୍ଗୁଳା ଆବିଷ୍ଟ ହୋଇ ଆବିର୍ଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେଇଥାନ୍ତି। ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରରେ ଏକାକୀ ଯାଇ ମା'ଙ୍କ ଆବିର୍ଭାବସ୍ଥଳୀ ବା ଉଭାସ୍ଥଳୀକୁ ଚିହ୍ନଟ କରିଥାନ୍ତି। ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ସହ ଜୟ ମା' ହିଙ୍ଗୁଳା ଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିଲା।

## ମା' ଗ୍ରାମେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ



**ତାଳଚେର,୨୩।୩(ସମିସ):** ତାଳଚେର ବ୍ଲକ ବଡ଼ଯୋରଡ଼ା ଗ୍ରାମର ଇଷ୍ଟଦେବୀ ମା' ଗ୍ରାମେଶ୍ୱରୀଙ୍କ ମନ୍ଦିରର ପ୍ରତିଷ୍ଠା ପାଳନ କରାଯାଇଛି। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ସୁଖଶାନ୍ତି ଓ ସମୃଦ୍ଧି ପାଇଁ ମା'ଙ୍କ ନିକଟରେ କାମନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଅମିୟ ପ୍ରଧାନ, ବଡ଼ଯୋରଡା ସରପଞ୍ଚ ଜିତେନ୍ କୁମାର ବେହେରା, ସମିତି ସଭ୍ୟ ବିକ୍ରମ ଭୋଇଙ୍କ ସତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨ବର୍ଷ ପୂର୍ବେ ସେହି ଗ୍ରାମର ବିଦେଶୀ ଦେହୁରୀ ନିଜ ଘରଡିହ ଜମିକୁ ତାଳଚେର ତହସିଲଦାର ଓ ବିଡିଓଙ୍କ ଜରିଆରେ ଗ୍ରାମ୍ୟ କମିଟିକୁ ୮୧ ଡିସିମିଲ ଜାଗା ପ୍ରଦାନ କରିଥିଲେ। ନିଜ ଭିଟାମାଟିରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ସେ ବେଶ୍ ଖୁସି ପ୍ରକାଶ କରିବା ସହ ଭାବୁକ ହୋଇପଡ଼ିଥିଲେ।

## ଝରାବେରଣୀ ପଞ୍ଚାୟତରେ ଜନଶୁଣାଣି

**କିଶୋରନଗର,୨୩।୩(ସମିସ):** କିଶୋରନଗର ବ୍ଲକ ଝରାବେରଣୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର



ସମାଧାନ କରିଥିଲେ। ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଏସଏସଓ ଝସକେତନ ସାହୁ, ଡିଇଓ (ଆରସିଏମ) ସରୋଜ ପ୍ରଧାନ, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ତୁକୁଡ଼ାରେ ଭଗତ ସିଂଙ୍କ ସହିଦ ଦିବସ ପାଳିତ



**ଅନୁଗୋଳ,୨୩।୩(ସମିସ):** ସହିଦ-ଏ-ଆଜମ୍ ଭଗତସିଂଙ୍କ ସହିଦ ଦିବସ ଉପଲକ୍ଷେ ତୁକୁଡ଼ା ରାଜସଂସ୍କାର କମିଟି ଏବଂ ଡିୱାଇଓ ଉଦ୍ୟୋଗରେ ଏକ ସଭା ଅନୁଷ୍ଠିତ ହୋଇଛି। ଯୁବ ସଂଗଠକ ସୁମନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିଭାବେ ଡିୱାଇଓ ଜିଲ୍ଲା ସଭାପତି ନିରଞ୍ଜନ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଯୋଗଦେଇ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂଙ୍କ ବୈପ୍ଳବିକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେଇ ଛାତ୍ର-ଯୁବକମାନେ ପ୍ରଚଳିତ ସମାଜ ବ୍ୟବସ୍ଥାରେ ପ୍ରତିଦିନ ଘଟୁଥିବା ଅନ୍ୟାୟ, ଶୋଷଣ, ସାମ୍ପ୍ରଦାୟିକତା ଚିନ୍ତାଧାରା ଓ ଯୁବସମାଜକୁ ବିଭ୍ରାନ୍ତ କରୁଥିବା ମଦ ମାଦକଦ୍ରବ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସଂସ୍କାର କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ବ୍ୟାସଦେବ ମହାପାତ୍ର, ରାକେଶ ସାହୁ, ସାଗର ସାହୁ, ଚନ୍ଦନ କୁମାର ସାହୁ, ହରିଶ୍ଚନ୍ଦ୍ର ସାହୁ, ସୁଜିତ୍ ସାହୁ, କିଶୋର ଚନ୍ଦ୍ର ସାହୁ, ପ୍ରବୀର ବେହେରା, ରୁଦ୍ରପ୍ରତାପ ସାହୁ, ଯୁବ ସଂଗଠକ ଭରତ କୁମାର ନାଏକ, ଦୁଃଖବନ୍ଧୁ ବେହେରାଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

### ● ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚିହ୍ନଟ

## ମନ୍ଦିର ପଛ ପାଖରେ ଉଭାହେଲେ ଅଗ୍ନିରୂପା

**ତାଳଚେର,୨୩।୩(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ସୋମବାର ଚିହ୍ନଟ ହୋଇଛି। ଚଳିତ ବର୍ଷ ମା' ଅଗ୍ନିସ୍ୱରୂପିଣୀ ଗୋପାଳାପ୍ରସାଦସ୍ଥିତ ମା'ଙ୍କ ମନ୍ଦିରର ପୂର୍ବ ପାଖେ ଥିବା ପଡ଼ିଆ ନିକଟରେ ଆବିର୍ଭାବ ହୋଇଛନ୍ତି। ଏ ଉପଲକ୍ଷେ ଗତକାଲି ହିଙ୍ଗୁଳା ମନ୍ଦିରରେ ପାରମ୍ପରିକ ଜନ୍ତାଳ ପୂଜା ପରେ ପୂଜକ ଦିଅଁଘରେ ଅଧିଆ ପଡ଼ିଥିଲେ। ବିଳମ୍ବିତ ରାତିରେ ମା'ଙ୍କ ଉଭାସ୍ଥଳୀ ସମ୍ପର୍କରେ ପୂଜକଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ସ୍ୱପ୍ନାଦେଶ ଅନୁଯାୟୀ ମନ୍ଦିର ପୂର୍ବ ଦିଗରେ ମା'ଙ୍କ ଉଭାସ୍ଥଳୀ ଚିହ୍ନଟ ହୋଇଛି। ଉଭାସ୍ଥଳୀ ଚିହ୍ନଟ ପରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଆସନ୍ତା ୩୧ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଶ୍ୱ ଜଳ ଦିବସରେ ସଚେତନତା କାର୍ଯ୍ୟକ୍ରମ



**କିଶୋରନଗର,୨୩।୩(ସମିସ):** ବିଶ୍ୱ ଯୁବକେନ୍ଦ୍ର, ବଣିନାଳୀର ୪୦ବର୍ଷ ପୂର୍ତ୍ତି ଓ ବିଶ୍ୱ ଜଳ ଦିବସ ଅବସରରେ କିଶୋରନଗର ବ୍ଲକ କ୍ଷେତ୍ରପାଳ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର କର୍ମୀ ଓ କ୍ଷେତ୍ରପାଳ ଗ୍ରାମବାସୀ ଯୋଗଦେଇଥିଲେ। ଜଳର ସର୍ବୋତ୍ତମ ବ୍ୟବହାର, ସଂରକ୍ଷଣ, ପରିମଳ, ଆଦି ବିଷୟରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଆଲୋଚନା କରିଥିଲେ। ବର୍ତ୍ତମାନ ଭୂତଳ ଜଳସ୍ତର କମିବାକୁ ଲାଗିଲାଣି। ଯଦି ସମସ୍ତେ ଏବେଠୁ ଜଳ ସଂରକ୍ଷଣ ଉପରେ ଧ୍ୟାନ ନ ଦେବା ତେବେ ପରବର୍ତ୍ତୀ ପିଢ଼ି ପାଇଁ ଏହା ଉତ୍କଟ ସମସ୍ୟା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ବଳ ବ୍ୟକ୍ତି ଭାବେ ସମାଜସେବୀ ଗୋବିନ୍ଦ ଶଙ୍ଖାରି ଯୋଗଦେଇ ବ୍ୟବହୃତ ଜଳର ପୁନଃ ବ୍ୟବହାର, ପ୍ରତି ଘରେ ବଗିଚା ଓ ପନିପରିବା ଚାଷ, ପାନୀୟ ଜଳର ଉତ୍ତମ ବ୍ୟବହାର, ପରିଷ୍କାର ପରିବେଶ ଓ କିଶୋରୀମାନଙ୍କ ପରିଚ୍ଛନ୍ନତା ଆଦି ଉପରେ ଆଲୋକପାତ କରିଥିଲେ। ସମସ୍ତ ଗ୍ରାମବାସୀ ଜଳ ସଂରକ୍ଷଣ ଓ ସୁପରିଚାଳନା କରିବାକୁ ଶପଥ କରିଥିଲେ। ଗ୍ରାମ ସଭାପତି ଅନନ୍ତ ବେହେରା, ସଂଗଠିକା ଚନ୍ଦ୍ରାବତୀ ପ୍ରଧାନ, ଯୁବସାଥୀ ଯଶୋବନ୍ତ ଭୋଇ ଓ ବିଶ୍ୱ ଯୁବକେନ୍ଦ୍ରର ପ୍ରୋଗ୍ରାମ ଅଫିସର ଅଭିଷେକ ମହାପାତ୍ର ସହଯୋଗ କରିଥିଲେ। ଅଭୟ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମନବମୀ ପାଇଁ ଗାଁରେ ଉତ୍ତେଜନା

**ଅନୁଗୋଳ,୨୩।୩(ସମିସ):** ରାମନବମୀ ଯାତ୍ରାକୁ ନେଇ ଛେଣ୍ଡିପଦା ବ୍ଲକ ଆମ୍ବପାଳ ଗାଁରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ଏ ନେଇ ଅସବର୍ଣ୍ଣ ଗୋଷ୍ଠୀ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୦୬ରେ ଏହି ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଭଙ୍ଗାରୁଜା ଓ ଜଳାପୋଡ଼ା ମଧ୍ୟ ହୋଇଥିଲା। ପ୍ରଶାସନ ହସ୍ତକ୍ଷେପ କରି ସମାଧାନ କରିଥିଲା। କିନ୍ତୁ ସେବେଠାରୁ ପ୍ରଶାସନ ଯାତ୍ରା ବନ୍ଦ କରିଦେଇଥିଲା। କିନ୍ତୁ ଚଳିତ ବର୍ଷ ଗାଁର ସବର୍ଣ୍ଣ ଗୋଷ୍ଠୀ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ବୈଠକ କରି ପ୍ରସ୍ତୁତ ହେଉଥିବା ଖବର



ପାଇ ଅସବର୍ଣ୍ଣ ଗୋଷ୍ଠୀ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଗତ ୧୯ ତାରିଖ ଅନୁଗୋଳ ଉପଜିଲ୍ଲାପାଳ ଉଭୟ ଗୋଷ୍ଠୀଙ୍କୁ ଡକାଇ ଆଲୋଚନା କରିଥିଲେ। ଉଭୟ ମିଳିମିଶି ଯାତ୍ରା କରିବାକୁ ପରାମର୍ଶ ଦେଇଥିଲେ। କୌଣସି ଗୋଟିଏ ଗୋଷ୍ଠୀ ଏକାକୀ ଯାତ୍ରା କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସବର୍ଣ୍ଣ ଗୋଷ୍ଠୀ ଏହାକୁ କର୍ଣ୍ଣପାତ ନ କରି ଏକାକୀ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଯାତ୍ରା ପଡ଼ିଆରେ ଅସବର୍ଣ୍ଣ ପ୍ରବେଶ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଯାତ୍ରାକୁ ଆସିଲେ ସେମାନଙ୍କୁ ମାଡ଼ ମରାଯିବା ସହ ଘର ଜାଳିଦେବାକୁ ଧମକ ଦେଇଛନ୍ତି ବୋଲି ଅସବର୍ଣ୍ଣ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କର ମାନବାଧିକାର କ୍ଷୁଣ୍ଣ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଶାସନ ଆଗୁଆ ପଦକ୍ଷେପ ଗ୍ରହଣ ନ କଲେ ୨୦୦୬ ଘଟଣାର ପୁନରାବୃତ୍ତି ହେବା ଆଶଙ୍କା ରହିଛି।

## କାର ଧକ୍କାରେ ଦୋକାନ ନଷ୍ଟ: ମହିଳା ଗୁରୁତର

**ତାଳଚେର,୨୩।୩(ସମିସ):** ତାଳଚେର ଥାନା ଅନ୍ତର୍ଗତ ରାଣୀପାର୍କ ବସଷ୍ଟାଣ୍ଡ ନିକଟରେ ଥିବା ଫଳ ଦୋକାନକୁ ଏକ କାର ଧକ୍କା ଦେଇଥିଲା। ଫଳରେ ଦୋକାନ କ୍ଷତିଗ୍ରସ୍ତ ହେବା ସହ ଫଳ କିଣୁଥିବା ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ କାରକୁ ଅଟକ ରଖିବା ସହ ଗୁରୁତର ମହିଳାଙ୍କୁ ସ୍ଥାନୀୟ ମଣ୍ଡାପାଳ ସରକାରୀ ଡାକ୍ତରଖାନା ପଠାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ କାର ଚାଳକ ଚମ୍ପଟ ମାରିଥିବା ଜଣାପଡ଼ିଛି।

## ଟ୍ରକ ଧକ୍କାରେ ଠିକା ଶ୍ରମିକ ମୃତ

**କଣିହାଁ,୨୩।୩(ସମିସ):** ରବିବାର ରାତି ସାଢ଼େ ୧୧ଟାରେ ୫୩ ନମ୍ବର ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗି 'ବି' କଲୋନୀଠାରେ ଟ୍ରକ ଧକ୍କାରେ ଏନଟିପିସି ରେଲୱେ ଲାଇନରେ ଠିକାସଂସ୍ଥାରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଣିହାଁ ଥାନା ଟେଣ୍ଟେଇବେରେଣୀ ଗାଁର ଦିବାକର ଭୂତିଆଙ୍କ ପୁଅ ସୁମନ୍ତ ଭୂତିଆ (୩୮)। କ୍ଷତିପୂରଣ ଦାବିରେ ଅଞ୍ଚଳର ଜନସାଧାରଣ ଓ ସୁମନ୍ତଙ୍କ ପରିବାର ଲୋକେ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଜେଆଇପିଏଲକୁ କୋଇଲା ପରିବହନ କରୁଥିବା ଟ୍ରକ ଧକ୍କାରେ ସୁମନ୍ତଙ୍କ ମୃତ୍ୟୁ ହୋଇଥିବା ଓ ଏନଟିପିସିରେ ଡ୍ୟୁଟି କରୁଥିବା ସମୟରେ ମୃତ୍ୟୁ ହୋଇଥିବା ନେଇ ଉଭୟ କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଥିଲେ।

ପୁଲିସ, ଜିନ୍ଦଲ ପାୱାର ପ୍ଲାଣ୍ଟ କର୍ତ୍ତୃପକ୍ଷ, ଏନଟିପିସି କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଜିନ୍ଦଲ ପାୱାର ପ୍ଲାଣ୍ଟ ପକ୍ଷରୁ ପରିବାରକୁ ୧୫ ଲକ୍ଷ ଟଙ୍କା, ଶୁଦ୍ଧିକ୍ରିୟା ପାଇଁ ୩ ଲକ୍ଷ ଟଙ୍କା, ପରିବାର ଭରଣପୋଷଣ ବାବଦ ମାସକୁ ୧୫ ହଜାର ଟଙ୍କା ଓ ଏନଟିପିସି ପକ୍ଷରୁ ୧୪ଲକ୍ଷ ଟଙ୍କା କ୍ଷତିପୂରଣ, ଶୁଦ୍ଧିକ୍ରିୟା ପାଇଁ ୧ଲକ୍ଷ ଟଙ୍କା ସହ ପରିବାରର ଜଣକୁ ଠିକାସଂସ୍ଥାରେ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ପରେ ସୋମବାର ମଧ୍ୟାହ୍ନରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ କରି ତଦନ୍ତ ଚଳାଇଛି।

## ବିଶ୍ୱ ଜଳ ଦିବସରେ କୁମ୍ଭୀର କାନ୍ଦଣା

# ଜଳସଙ୍କଟ ସହ ବ୍ରାହ୍ମଣୀ ପାଣି ପାଲଟିଛି ଜହର

**ତାଳଚେର,୨୩।୩(ସମିସ):**

ଗ୍ରୀଷ୍ମ ଆଗମନ ପୂର୍ବରୁ ତାଳଚେରରେ ଜଳସଙ୍କଟ ଉତ୍କଟ ହେବା କଥା କାହାକୁ ବି ଅଛପା ନାହିଁ। ପିଇବା ପାଣି ଟୋପେ ପାଇଁ ତାଳଚେରବାସୀ ୮ମାସ କାଳ ତହକବିକଳ ହେବା ଛଡ଼ା ଆଉ କିଛି ଉପାୟ ନ ଥାଏ। ଏ ନେଇ ଅଞ୍ଚଳବାସୀଙ୍କ କ୍ଷୋଭ ଓ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ତାଳଚେର ଅଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥାଗୁଡ଼ିକ ନଦୀକୂଳରେ ପମ୍ପହାଉସ୍ ନିର୍ମାଣ କରି ଅନବରତ ବ୍ରାହ୍ମଣୀ ନଦୀରୁ ପାଣି ଶୋଷି ନେଉଥିବା ବେଳେ ଜନସାଧାରଣ ପାଣି ପାଇଁ ହାହାକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ପାଳନ କରାଯାଇଛି ବିଶ୍ୱ ଜଳ ଦିବସ। ଏହି ଦିବସ



ପାଳନ ଅବସରରେ ସଭାସମିତି ମାଧ୍ୟମରେ କେବଳ କୁମ୍ଭୀରକାନ୍ଦଣା ସାର ହୋଇଥିବା ବେଳେ ବ୍ରାହ୍ମଣୀ ଜଳ କେତେ ପ୍ରଦୂଷିତ ଓ କିପରି ଜଳସଙ୍କଟ ହେଉଛି ତାହା ଭୁକ୍ତଭୋଗୀ ହିଁ କହିବ।

ତାଳଚେର ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଅଞ୍ଚଳବାସୀଙ୍କ ପାଇଁ ବରଦାନ ସାଜିଥିବା ବେଳେ ଆଜି ଅଭିଶାପ ପାଲଟିଛି। ବ୍ରାହ୍ମଣୀ ନଦୀଜଳକୁ ସେବନ କଲେ ପେଟରୋଗ ଭଲ ହୋଇଥାଏ ବୋଲି କୁହାଯାଏ। ଆଜି ମଧ୍ୟ ସଭାସମିତିରେ ଏହି ମତ ପ୍ରକାଶ ପାଉଛି। କିନ୍ତୁ ଏହି ଜଳ ଏବେ ଲୋକଙ୍କ ପାଇଁ ସାଜିଛି ଜହର। କାରଣ ନଦୀର ଅବବାହିକାରେ ଖୋଲିଥିବା ମାଳମାଳ କଳକାରଖାନାଗୁଡ଼ିକର ବିଷାକ୍ତ ବର୍ଜ୍ୟ ନଦୀରେ ଛାଡ଼ି ଦିଆଯାଉଥିବା ବେଳେ ଲୋକଙ୍କ ମନରେ ରହିଥିବା କୁସଂସ୍କାର ତଥା ପୂଜାପାଠ, ଶ୍ରାଦ୍ଧ, ଶବଦାହର ଆବର୍ଜନାକୁ ନଦୀକୁ ଫୋପାଡ଼ି ଦେଉଥିବାରୁ ନଦୀଜଳ ପ୍ରଦୂଷିତ ହେଉଛି। ତେଣୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳରେ ସଭାସମିତି, ପଥପ୍ରାନ୍ତ ସଭା, ନାଟକ ଆୟୋଜନ କରାଯାଇ ଯଦି ଲୋକଙ୍କୁ ଏ ଦିଗରେ ସଚେତନ କରାଯାଏ ଓ ବିଭିନ୍ନ କର୍ପୋରେଟ୍ ଅଧିକାରୀମାନଙ୍କୁ ମୋବାଇଲରେ ଯୋଡ଼ାଯାଇ ଏହା ଉପରେ ହ୍ୱାଟ୍ସଆପ୍ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ନଦୀଜଳ କିପରି କଳକାରଖାନା ଯୋଗୁଁ ବିଷାକ୍ତ ହେଉଛି ତା' ଉପରେ ସଚେତନ କରାଯାଏ ତେବେ କିଛିକାଂଶରେ ଏଥିରେ ସୁଧାର ଆସିପାରନ୍ତା ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ତେବେ ଏଥିପ୍ରତି ଜନସାଧାରଣ ଓ ସରକାର ସଚେତନ ନ ହେଲେ ଏହି ବିଷୋକ୍ତ ଜଳ ଯୋଗୁଁ ତାଳଚେର ଅଞ୍ଚଳରେ ବିଭିନ୍ନ ମାରାତ୍ମକ ରୋଗ ଲୋକଙ୍କ ମୃତ୍ୟୁର କାରଣ ହେବ ବୋଲି କୁହାଯାଇଛି। ତେଣୁ ସରକାର, ଲୋକପ୍ରତିନିଧି, ଜନସାଧାରଣ ନଦୀକୂଳ ଏବଂ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ଔଷଧୀୟ ବୃକ୍ଷରୋପଣ କରିବା ସହ କୁମ୍ଭୀରକାନ୍ଦଣା ବନ୍ଦ କରି ଉଦ୍ୟମ ଜାରି ରଖିବାକୁ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି।

## ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ' ଉଦ୍‌ଯାପିତ

# ଭାବବିହ୍ୱଳ କଲା ସମ୍ବଲପୁରୀ ନାଟକ 'ଦାମୁର୍'

**ସମ୍ବଲପୁର, ୨୩।୩ (ସମିସ)**

ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଶ୍ରୀକଲଚରାଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ତିନିଦିନିଆ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ' ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଅତିଥିଭାବେ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପ୍ରଫୁଲ୍ଲ ହୋତା, ସୁଶାନ୍ତ ପୁରୋହିତ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ପ୍ରମୁଖ ଯୋଗଦେଇ ସମ୍ବଲପୁରରେ ଭୁବନେଶ୍ୱର ଭଳି ଏକ ନାଟ୍ୟ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଆଜି ଶେଷ ରଜନୀରେ ପରିବେଷଣ କରାଯାଇଥିଲା ସମ୍ବଲପୁରୀ ନାଟକ 'ଦାମୁର୍'। ଜୀବନର ସର୍ବସ୍ୱ ତ୍ୟାଗ କରି ବାପା ମା'ମାନେ ନିଜ ସନ୍ତାନମାନଙ୍କୁ ପାଳିଥାନ୍ତି। ହେଲେ ଦିନଆସେ ସେହି ସନ୍ତାନମାନେ ନିଜ ନିଜ ରାସ୍ତାରେ ଚାଲିଯାଆନ୍ତି। ଆଜିର ବସ୍ତୁବାଦୀ ସମାଜରେ ମଣିଷ ମାନବିକତାର ମୂଲ୍ୟବୋଧକୁ




ହରାଇବସୁଛି। ବାପା ମା'ଙ୍କ ସ୍ନେହଶ୍ରଦ୍ଧା ତା'ପାଇଁ ମୂଲ୍ୟହୀନ। ମଙ୍ଗଲୁ ଓ ଯଶୋଦା ଏକ ନିଃସନ୍ତାନ ଦମ୍ପତି। ଏଣୁ ଘରେ ପାଳିଥିବା ଗାଈ ଗୌରୀ ଓ ତା'ର ବାଛୁରୀ (ଦାମୁର୍) ମନୁକୁ ସେମାନେ ଜନ୍ମିତ ସନ୍ତାନ ପରି ସ୍ନେହ ଶ୍ରଦ୍ଧାରେ ପାଳନ କରିଥାନ୍ତି। ପରେ ସେମାନେ ଗୋଟିଏ ପୁଅ 'କାହ୍ନୁ'କୁ ପାଆନ୍ତି। କାହ୍ନୁ ଓ ମନୁ ସେମାନଙ୍କ ପୁଅ ପରି ଏକାସାଥୀରେ ବଡ଼ ହୁଅନ୍ତି। ସମୟ ଗଡ଼ିଚାଲେ, କାହ୍ନୁର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ମଙ୍ଗଲୁ ଓ ଯଶୋଦାଙ୍କୁ ଅନେକ ତ୍ୟାଗ ସ୍ୱୀକାର କରିବାକୁ ପଡ଼େ। ଏପରିକି କାହ୍ନୁର ଭବିଷ୍ୟତ ପାଇଁ ଦିନେ ବିକ୍ରି ହୋଇଯାଏ ମନୁ। ଦିନଆସେ କାହ୍ନୁ ତା'ର ପାଳିତ ପିତାମାତାଙ୍କୁ ଭୁଲି ଯାଏ ଏବଂ ତା'ବାଟରେ ଚାଲି ଯାଏ ବୃଦ୍ଧ ପିତାମାତାଙ୍କୁ ଏକା ଛାଡ଼ିଦେଇ। ହେଲେ ରାସ୍ତାରେ ଦେଖି ମନୁ ମଙ୍ଗଲୁ ପାଖକୁ ଦୌଡ଼ିଆସେ। ଚିହ୍ନିପାରେ ତା'ପୁରୁଣା ମାଲିକକୁ, ଚିହ୍ନିପାରେ ସ୍ନେହ ଶ୍ରଦ୍ଧାର ସମ୍ପର୍କକୁ। ଏଭଳି ଏକ କଥାବସ୍ତୁକୁ ନେଇ ପରିବେଷଣ କରାଯାଇଥିଲା ସମ୍ବଲପୁରୀ ନାଟକ 'ଦାମୁର୍'। ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକଟିକୁ ପରିବେଷଣ କରିଥିଲେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ। ଏହି ନାଟକ ସମସ୍ତ ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ଶେଷରେ ଗୁରୁ ରଞ୍ଜନ ସାହୁ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦୁର୍ଦ୍ଦାନ୍ତ ଅପରାଧୀ ଟିମା ଝାଙ୍କରଙ୍କୁ କୋର୍ଟ ଚାଲାଣ

**ରେଢ଼ାଖୋଲ, ୨୩।୩ (ସମିସ):** ଗତ ବୁଧବାର ସକାଳୁ ପୁଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଦୁର୍ଦ୍ଦାନ୍ତ ଅପରାଧୀ ଧନେଶ୍ୱର ଝାଙ୍କର ଓରଫ ଟିମା ଆହତ ହୋଇଥିଲେ। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଥାନା ଡୁମଛାଲି ଜଙ୍ଗଲ ଅଞ୍ଚଳରେ ଧନେଶ୍ୱର ଝାଙ୍କର(ଟିମା) ଓ ତାଙ୍କର ୩ ଜଣ ସହଯୋଗୀ ସତ୍ୟଜିତ ପ୍ରଧାନ, ଦିଲ୍ଲୀପ ରାୟ ଓ ପ୍ରଶାନ୍ତ ମିର୍ଦ୍ଧା ଲୁଚି ରହିଥିବା ନେଇ ପୁଲିସ ଖବର ପାଇଥିଲା। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ପୁଲିସ



ସଦଳବଳେ ସେଠାରେ ପହଞ୍ଚି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବା ବେଳେ ଅଭିଯୁକ୍ତ ଟିମା ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ଅନ୍ୟ ଅଭିଯୁକ୍ତମାନେ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇ ଖସିଯିବାକୁ ପ୍ରୟାସ କରିଥିଲେ। ପୁଲିସ ପକ୍ଷରୁ ଆତ୍ମରକ୍ଷା ପାଇଁ ୨ ରାଉଣ୍ଡ ଗୁଳି ଚଳାଯାଇଥିଲା। ପୁଲିସର ଗୁଳି ଟିମା ଡାହାଣ ଗୋଡ଼ରେ ବାଜିଥିଲା। ଘଟଣା ସ୍ଥଳରୁ ପୁଲିସ ଟିମାଙ୍କ ସହ ତାଙ୍କର ୩ ଜଣ ସହଯୋଗୀଙ୍କୁ ଗିରଫ କରିଥିଲେ। ଗୁରୁତର ଟିମାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମସାର ରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଅପରାଧୀମାନଙ୍କ ନିକଟରୁ ଏକ ପିସ୍ତଲ, ଗୁଳି, ଏକ ବୋଲେରୋ ଗାଡ଼ି, ତାର କଟା ଯନ୍ତ୍ର ସମେତ ଦୁଇ ବଣ୍ଡଲ ବିଦ୍ୟୁତ୍ ତାର, ଚୋରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ପୂର୍ବରୁ ଅପରାଧୀ ଟିମା ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି, ରାହାଜାନି, ଆର୍ମସ ଆକ୍ଟ ଏବଂ ଆଲୁମିନିୟମ ତାର ଚୋରି ଭଳି ପ୍ରାୟ ୪୧ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି। ପୂର୍ବରୁ ଉକ୍ତ ତିନି ସହଯୋଗୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋମବାର ଦିନ ଧନେଶ୍ୱର ଝାଙ୍କର(ଟିମା) ଙ୍କୁ ଭୀମସାର ରୁ ସୁସ୍ଥ ହେବା ପରେ ରେଢ଼ାଖୋଲ ପୁଲିସ ଆଣି କେସ ନଂ ୪୭/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ରାମ ନବମୀ ଓ ହନୁମାନ ଜୟନ୍ତୀ ଶାନ୍ତି କମିଟି ବୈଠକ

**ସମ୍ବଲପୁର, ୨୩।୩ (ସମିସ) :** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅପରାହ୍ଣରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଉତ୍ତରାଞ୍ଚଳ ରେଞ୍ଜ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ଶାନ୍ତି ଓ ସମନ୍ୱୟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲ୍ଲାରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ ସେନେଇ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ପାନୀୟ ଜଳ, ଆଲୋକୀକରଣ, ପରିମଳ ବ୍ୟବସ୍ଥା, ରାସ୍ତା ମରାମତି ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡ୍ରୋନ ଓ ସିସିଟିଭି ମାଧ୍ୟମରେ ସହରର ବିଭିନ୍ନ ସ୍ଥାନର ଗତିବିଧି ନିୟନ୍ତ୍ରଣ କରାଯିବ। ପୁଲିସ ଅଧିକାରୀଙ୍କ ସହ ପ୍ରାୟ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାସହ ଶୋଭାଯାତ୍ରା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଶୋଭାଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣପାଇଁ ଟିପିଡବ୍ଲୁଓଡିଏଲ୍‌କୁ କୁହାଯାଇଛି। ଶୋଭାଯାତ୍ରା ଯିବାକୁ ଥିବା ରାସ୍ତାରେ ଖାଲଖମାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇଜି ହିମାଂଶୁ ଲାଲ ଗତବର୍ଷଠାରୁ ଚଳିତବର୍ଷ ଅଧିକ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ସମସ୍ତେ ମିଳିତ ଉଦ୍ୟମ କରିବାକୁ କମିଟି ସଦସ୍ୟ ମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ପରିମଳ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକରିବା ସହିତ ଗ୍ରୀଷ୍ମପ୍ରବାହକୁ ଧ୍ୟାନରେ ରଖି ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରିବାକୁ କହିଥିଲେ। ସମ୍ପୃକ୍ତ ଅଧିକାରୀ ନିଜ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେବାସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଶାନ୍ତି ଓ ଶୃଙ୍ଖଳାର ସହ ପାଳନ କରିବାକୁ ଅନୁରୋଧ କରିବାସହ ପୁଲିସ ବିଭାଗ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ପୋଖରୀରେ ଉଦ୍ଧାର ମୃତ ମହିଳାଙ୍କ ପରିଚୟ ମିଳିଲା

**କୁଚିଣ୍ଡା, ୨୩।୩(ସମିସ):** ଗତ ଶୁକ୍ରବାର ଦିନ ଠାରୁ ନିଖୋଜ ଥିବା କୁଚିଣ୍ଡା ୱାର୍ଡ ନଂ୪ନର୍ସରୀପଡ଼ାର, ଏନ୍‌ଏସିର ସଫେଇ କର୍ମଚାରୀ ଅମର ସୁନାନୀଙ୍କ ପତ୍ନୀ ପ୍ରମୋଦିନୀ ସୁନାନୀ(୩୮)ଙ୍କୁ ବୋଲି ଚିହ୍ନଟ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ମହିଳାଙ୍କ ସ୍ୱାମୀ ଅମର ସୋମବାର ଡାକ୍ତରଖାନାରେ ପହଞ୍ଚି ମୃତ୍ୟୁବରଣ କରିଥିବା ମହିଳା ମୋର ସ୍ତ୍ରୀର ବୋଲି କହିବା ସହ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ କୁଚିଣ୍ଡା ଏନ୍‌ଏସିର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଶବ ସତ୍କାର କରିବାର ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶବ ସତ୍କାର ଲଗି ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଇଓ ମନୋରଞ୍ଜନ ସୁନା ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ଏନ୍‌ଏସି ପକ୍ଷରୁ ପ୍ରଦାନ କରିଥିଲେ।

## ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ୩୮ ମହିଳାଙ୍କୁ ସମ୍ମାନିତ

**ସମ୍ବଲପୁର, ୨୩।୩(ସମିସ):** ଜେଏସଡବ୍ଲୁ ସମ୍ବଲପୁର ଷ୍ଟିଲର ସିଏସଆର ଶାଖା ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଠେଲକୋଲିସ୍ଥିତ ନୂତନ ନିର୍ମିତ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆକ୍ସେସ୍ ଡେଭଲପମେଣ୍ଟ ସର୍ଭିସେସ୍, ଫିଡବ୍ୟାକ୍ ଫାଉଣ୍ଡେସନ ଚାରିଟେବୁଲ୍ ଟ୍ରଷ୍ଟ, ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍, ହେଲ୍ପଏଜ୍ ଇଣ୍ଡିଆ, ଏଚ୍‌ଏଲଏଫପିପିଟି, ପ୍ରଥମ ଏଜୁକେସନ ଫାଉଣ୍ଡେସନ ଏବଂ ଆପାରେଲ ଟ୍ରେନିଂ ଆଣ୍ଡ ଡିଜାଇନ ସେଣ୍ଟର ସହଭାଗିତାରେ ଆୟୋଜିତ ହୋଇଥିଲା। ଆକାଂକ୍ଷା ଲେଡିଜ୍ କ୍ଲବ୍ (ଜେଏଲଡବ୍ଲୁ ବିପିଏସଏଲ)ର ସଭାପତି ନୀଲମ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଖିଣ୍ଡା ବିଡିଏସଏସ



ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ବକ୍ତା ଡ.ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଲି ଏବିଡିଓ ମୋନିକା ବୋହିଦାର, ଏନଏସସିବି କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପିକା ମିଲି ସାହୁ, ସୁଶୀଲ ମିଶ୍ର, ପୁଷ୍ପଶ୍ରୀ ନାୟକ, ସରିତା ସେଠୀ, ଆନନ୍ଦିନୀ ପାଢ଼ୀ, ଅନୁପ୍ରିୟା ମିଶ୍ର, ଠେଲକୋଲି ସରପଞ୍ଚ ଅବନ୍ତୀ ନାୟକ ଓ ଘିଚାମୁରା ସରପଞ୍ଚ ରାଜୀବ କିଶାନ ଯୋଗ ଦେଇଥିଲେ। ଜେଏସଡବ୍ଲୁ ଫାଉଣ୍ଡେସନର ମୁଖ୍ୟ ବିଶାଳ ରାଜ, ତୃଣମୂଳସ୍ତରରେ ମହିଳାଙ୍କୁ ସଶକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପାଞ୍ଚଟି ପଞ୍ଚାୟତର ୨୬୦ ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ସମାଜ ପ୍ରତି ଅତୁଳନୀୟ ଅବଦାନ ପାଇଁ ମୋଟ ୩୮ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ସମ୍ବଲପୁର, ୨୩।୩ (ସମିସ):** ସମ୍ବଲପୁର ସଦର ଥାନା ଜାତୀୟ ରାଜପଥ ୫୩ କେନଘାଟିରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ଜୟନ୍ତପୁରରୁ ସମ୍ବଲପୁର ଆଡକୁ ବାଇକ୍ ନଂଓଡି୧୫ଏଡି-୭୯୫୨ ଆସୁଥିଲା। ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରେ ବୁର୍ଲାରେ ଚିକିତ୍ସାଧିନ ଅବସ୍ଥାରେ ସିନ୍ଦୁରପଙ୍କ ରେଲଲାଇନ ପଡ଼ାର ମଣ୍ଟୁ ମାଝୀଙ୍କ ମୃତ୍ୟୁ ହୋଇଥିବା ବେଳେ, ମେଘପାଳର ବିଜୁ ମିର୍ଦ୍ଧା ଗୁରୁତର ଅଛନ୍ତି।

## ଗ୍ୟାସ୍ ସଂକଟ ନେଇ ନାଗରିକ ପରିଷଦର ଉଦ୍‌ବେଗ

**ସମ୍ବଲପୁର, ୨୩।୩ (ସମିସ) :** ହୀରାଖଣ୍ଡ ନାଗରିକ ପରିଷଦର ସାଧାରଣ ବୈଠକରେ ରନ୍ଧନ ଗ୍ୟାସ୍ ସଂକଟ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜନସାଧାରଣଙ୍କୁ ଗ୍ୟାସ ସୁନିଶ୍ଚିତ କରିବାସହ ଗ୍ୟାସ୍ ବୁକିଂ ଅବଧିକୁ କମ୍ କରିବାକୁ ସଭାରେ ମତପ୍ରକାଶ ପାଇଥିଲା। ଆହାର କେନ୍ଦ୍ର ଗୁଡ଼ିକ ଦ୍ୱାରା ଖଟିଖିଆ ଶ୍ରମିକ, ଗରିବ ଛାତ୍ରଛାତ୍ରୀ, ଯାତ୍ରୀମାନେ ଉପକୃତ ହେଉଥିବାରୁ ଗ୍ୟାସ ସଂକଟ ପରିପ୍ରେକ୍ଷୀରେ କେନ୍ଦ୍ରର କୋଟା ବୃଦ୍ଧିକରି ଅଧିକରୁ ଅଧିକ ଲୋକଙ୍କୁ ପରିସରଭୁକ୍ତ କରାଯାଉ ବୋଲି ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଡା. ପ୍ରଭାସ ଦେବତା ବାର୍ଦ୍ଧକ୍ୟରେ ଯତ୍ନ ଏବଂ ଆଇସିୟୁରେ କିପରି ଭର୍ତ୍ତି ଓ ଚିକିତ୍ସାର ପଦ୍ଧତି ହେବା କଥା ସେନେଇ ପ୍ରାଞ୍ଜଳ ଭାବେ ମତ ରଖିଥିଲେ। ଜଣେ ବରିଷ୍ଠ ସଦସ୍ୟ କିପରି ବାର୍ଦ୍ଧକ୍ୟ ଜନିତ ରୋଗ ଯନ୍ତ୍ରଣାରୁ ଉପଶମ ଲାଭ କରିପାରିବେ ତାହା କହିଥିଲେ। ଡ. ଲକ୍ଷ୍ମୀନାରାୟଣ ରଥ ଓ ଡ. ଜୟଦେବ ମେହେର ବାର୍ଦ୍ଧକ୍ୟରେ ଯତ୍ନ ବିଷୟରେ ଆଲୋକପାତ କରିଥିଲେ। ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରବୀନ୍ଦ୍ର କୁମାର ପଣ୍ଡା, ଯଶୋବନ୍ତ ପରିଡ଼ା, ସବିତା ନନ୍ଦନ ପଣ୍ଡା, ସୁରେନ୍ଦ୍ର କୁମାର ପୁରୋହିତ ପ୍ରମୁଖ ମତାମତ ଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ସୀତାଂଶୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୈରେନ୍ଦ୍ରୀ ବୈଠାରୁଙ୍କ ପରଲୋକ

**ସମ୍ବଲପୁର, ୨୩।୩ (ସମିସ):** ସମ୍ବଲପୁରର ବରିଷ୍ଠ ବିଜ୍ଞାପନ ଅଧିକାରୀ ପ୍ରଭଞ୍ଜନ ବୈଠାରୁଙ୍କ ମା' ସୈରେନ୍ଦ୍ରୀ ବୈଠାରୁ (୮୧)ଙ୍କ ଆଜି ଅପରାହ୍ଣରେ ଫାଟକ ମାଲିପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି।



ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପରାୟଣ ମହିଳା ଥିଲେ। ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୨ ତାରିଖ ତାଙ୍କ ବାପା କୃଷ୍ଣଚନ୍ଦ୍ର ବୈଠାରୁଙ୍କ ବିୟୋଗ ହୋଇଥିଲା। ମାତ୍ର ୨୦ ଦିନ ବ୍ୟବଧାନରେ ବାପାଙ୍କ ପରେପରେ ହଠାତ୍ ମା' ଚାଲିଯିବା ଘଟଣାରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଆତ୍ମୀୟ ସ୍ୱଜନ ଓ ବନ୍ଧୁପରିଜନ ତାଙ୍କ ଶେଷଦର୍ଶନ କରିବାସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ସ୍ଥାନୀୟ ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ପୁଅ ପ୍ରଭଞ୍ଜନ ମୁଖାଗ୍ନି ଦେଇଥିଲେ।

## ହାତୀବାରିରେ କୃଷକ ସମ୍ମିଳନୀ

**ସମ୍ବଲପୁର, ୨୩।୩(ସମିସ):** ଅଭିନବ କୃଷି ରିସର୍ଚ୍ଚ ଅର୍ଗାନାଇଜେସନ୍ ଦ୍ୱାରା ସମ୍ବଲପୁରର ହାତିବାରୀ ନିକଟସ୍ଥ ଗୋବର୍ଦ୍ଧନ ବଡମାଲ ରୋଡ୍‌ରେ ଅବସ୍ଥିତ ଉତ୍କର୍ଷ ନେଚର ଭିଲେଜ ପ୍ରାଙ୍ଗଣରେ କୃଷକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଆଦି ଅଞ୍ଚଳର କୃଷକ ଏବଂ କୃଷି ଉଦ୍ୟମୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟରାଜ ବେରିହା ସଞ୍ଚାଳନ କରିଥିବାବେଳେ ଅଭିଷେକ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ଜୈବିକ କୃଷି ଉପରେ ଜୋର ଦେବାସହ ରାସାୟନିକ ସାରର ଅତ୍ୟଧିକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ସତର୍କ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରଦୋଷ ଆଚାର୍ଯ୍ୟ ଆଧୁନିକ କୃଷିରେ ବାୟୋ-ଟେକ୍ନୋଲୋଜିର ଭୂମିକା ଉପରେ ଆଲୋକପାତ କରିଥିଲେ। ସଂସ୍ଥାର ଅଧ୍ୟକ୍ଷ କୈବଲ୍ୟ ପ୍ରଧାନ ସ୍ୱାଗତ ଭାଷଣ ଏବଂ ବରିଷ୍ଠ ଟ୍ରଷ୍ଟି ଜଟାଭୂଷଣ ସାହୁ ସଂସ୍ଥାର ଦୃଷ୍ଟିକୋଣ, ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସୀତାକାନ୍ତ ବେହେରା ଇଣ୍ଟିଗ୍ରେଟେଡ୍ ଫାର୍ମି ବିଷୟରେ କହିଥିଲେ। ଏହି ଅବସରରେ 'ଶ୍ରେଷ୍ଠ କୃଷି ଉଦ୍ୟମୀ ପୁରସ୍କାର ୨୦୨୬' ବୌଦ୍ଧ ଜିଲ୍ଲା ପୁରୁଣାକଟକର ଆମ୍ବ ଚାଷୀ ସଂଗ୍ରାମ ପ୍ରଧାନ ଏବଂ ଉତ୍କର୍ଷ ନେଚର୍ ଭିଲେଜର ଦୀପମାଳା ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ସୁକାନ୍ତି ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୋକ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ



**ସମ୍ବଲପୁର, ୨୩।୩ (ସମିସ):** ବୁର୍ଲାସ୍ଥିତ ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଓରାମ ପଡ଼ା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଜ୍ୟୋତି ବିହାରସ୍ଥିତ ଓରାମପଡ଼ାରେ ପଖାଳ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କ ପାଇଁ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପଖାଳ ଭାତର ମହତ୍ତ୍ୱ ବିଷୟରେ ଶିଶୁମାନେ ବକ୍ତୃତା ଦେଇଥିଲେ। ସମ୍ବଲପୁର ଜିଏସଟି ବିଭାଗର ଯୁଗ୍ମ କମିଶନର ଆଶିଷ କୁମାର ସାହୁ, ସମାଜସେବୀ ରାମଦାସ ପଣ୍ଡା, ଅଶ୍ୱିନୀ ସାହୁ, ଅବିନାଶ ମିଶ୍ର, ରମାକାନ୍ତ ସାହୁ ଓ ଅନୁଶ୍ରୀ କଲେତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଶିଶୁଙ୍କ ଗହଣରେ ପଖାଳ ଖାଇଥିଲେ। ସ୍ୱୀକୃତି ପାଣିଗ୍ରାହୀ, ଦଶରଥ ଓରାମ, ରଥ ଓରାମ, ରାଜାରାମ ସାହୁ ଏବଂ ଓରାମପଡ଼ାର ସମସ୍ତ ଅଧିବାସୀ ସହଯୋଗ କରିଥଲେ।

# ତିନିଦିନରେ କଟିଲା ୩୩ ଲକ୍ଷର ଚାଲାଣ

### ୨୧ରୁ ୩୧ ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ ଓ ସଚେତନତା ଅଭିଯାନ

**ସମ୍ବଲପୁର, ୨୩।୩ (ସମିସ)**

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ), ଓଡ଼ିଶାର ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଶନିବାରଠାରୁ ଆରମ୍ଭ ହୋଇଛି ୧୦ଦିନିଆ ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ (ଏନ୍‌ଫୋର୍ସମେଣ୍ଟ) ତଥା ସଡ଼କ ସୁରକ୍ଷା ସଚେତନତା ଅଭିଯାନ। ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁର ଜିଲ୍ଲାର ବିଭିନ୍ନ ମୁଖ୍ୟରାସ୍ତା ଓ ସ୍ଥାନ ମାନଙ୍କରେ ପରିବହନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଗାଡ଼ି କାଗଜାତ ଯାଞ୍ଚ କରିବାସହ ଜନସାଧାରଣଙ୍କୁ ସଚେତନ କରିବେ। ଚଢ଼ଉ ସମୟରେ ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତ ଗାଡ଼ିଚାଳନା, ହେଲମେଟ୍ ନପିନ୍ଧିବା, ଦି'ଚକିଆରେ ତିନିଜଣ ବସିବା, ଭୁଲ ରାସ୍ତାରେ ଗାଡ଼ିଚାଳନା, ମାଲବାହୀ ଗାଡ଼ିରେ ଓଭରଲୋଡିଂ, ଯାତ୍ରୀବାହୀ ଗାଡ଼ିରେ ଓଭରଲୋଡିଂ, ଅନୁମତି ନନେଇ ବଡ଼ ଆକାରର ମାଲ ପରିବହନ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ିଚାଳନା ତଥା ଅନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦି ଯାଞ୍ଚ କରାଯାଉଛି। ଆଞ୍ଚଳିକ ପରିବହନ ବିଭାଗର ସୂଚନା ଅନୁଯାୟୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ତିନିଦିନରେ ୪୮୨ଟି ଚଲାନ କଟିଥିବାବେଳେ ୩୩, ୦୬, ୭୩୮ ଟଙ୍କା ଜୋରିମାନା କରାଯାଇଛି। ଏଥିସହ ୯୧, ୭୬୦ ଟଙ୍କା ଜୋରିମାନା ସଂଗ୍ରହ କରାଯାଇଛି। ସମ୍ବଲପୁର ଜିଲ୍ଲାର ଜନସାଧାରଣ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାସହ ନିଜ ଏବଂ ଅନ୍ୟର ସୁରକ୍ଷା ଉପରେ ଧ୍ୟାନ ଦେବାକୁ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଅନୁରୋଧ କରିଛନ୍ତି।



ଏହି ଅଭିଯାନର ପ୍ରଥମ ଦିନ ୨୧ ତାରିଖ ବିଭିନ୍ନ ମୁଖ୍ୟ ରାସ୍ତାରେ ଯାଞ୍ଚ ସମୟରେ ମୋଟ ୧୫୪ଟି ଚଲାନ ଇସ୍ୟୁ ହୋଇଥିବାବେଳେ ୧୧, ୪୭, ୨୨୮ ଟଙ୍କା ଜୋରିମାନା କରାଯାଇଥିଲା। ତନ୍ମଧ୍ୟରେ ଡ୍ରାଇଭିଂ ଲାଇସେନ୍ସ ନଥିବା ୮ଟି ମାମଲା ସହ ଦ୍ରୁତ ଗାଡ଼ିଚାଳନା (୨୦), ନିଶାସକ୍ତ ଗାଡ଼ି ଚାଳନା (୧୪), ରୋଡ୍ ପର୍ମିଟ୍ ନଥିବା (୫), ସିଟ୍ ବେଲ୍ଟ ବାନ୍ଧିନଥିବା (୧୩), ହେଲମେଟ୍ (୬୨), ଓଭରଲୋଡିଂ (୬) ଆଦି ରହିଛି। ସେହିପରି ୨୨ ତାରିଖ ମୋଟ ୧୮୨ଟି ଚଲାନ ଇସ୍ୟୁ ହୋଇଥିବାବେଳେ ୧୧, ୩୩, ୧୫୦ ଟଙ୍କା ଜୋରିମାନା କରାଯାଇଥିଲା। ତନ୍ମଧ୍ୟରେ ଡ୍ରାଇଭିଂ ଲାଇସେନ୍ସ ନଥିବା ୨୦ଟି ମାମଲା ସହ ନିଶାସକ୍ତ ଗାଡ଼ି ଚାଳନା (୨୫), ରୋଡ୍ ପର୍ମିଟ୍ ନଥିବା (୫), ସିଟ୍ ବେଲ୍ଟ ବାନ୍ଧିନଥିବା (୧୩), ହେଲମେଟ୍ (୭୮), ଓଭରଲୋଡିଂ (୩) ମାମଲା ରହିଥିଲା। ଆଜି ତୃତୀୟ ଦିନ ୨୩ ତାରିଖ ସମ୍ପୂର୍ଣ୍ଣ ବିବରଣୀ ମିଳିପାରିନାହିଁ। ତେବେ, ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମୋଟ ୧୪୬ଟି ଚଲାନ ଇସ୍ୟୁ ହୋଇଥିବାବେଳେ ୧୦, ୨୬, ୩୬୦ ଟଙ୍କା ଜୋରିମାନା କରାଯାଇଥିବା ସୂଚନା ମିଳିଛି।

ସମ୍ବଲପୁର ଜିଲ୍ଲାର ବିଭିନ୍ନ ମୁଖ୍ୟ ଛକ ଏବଂ ସହରାଞ୍ଚଳ ସହ ସିନ୍ଦୂରପଙ୍କ ରୁ ରେଢ଼ାଖୋଲ (ଏନ୍‌ଏଚ୍-୫୫); ଏନ୍‌ଏଚ୍-୫୩ ଓ ଗୋଡ଼ଭଗାରୁ ଟୋଲ ପ୍ଲାଜା ନୀଳଡୁଙ୍ଗୁରୀ; ଏସଏଚ୍-୧୦, ରେଙ୍ଗାଲି, ପରମାଣପୁର ଓ ଠେଲକୋଲୋଇ; ଧନୁପାଲି ରୁ ଧମା; ଏନ୍‌ଏଚ୍-୫୩, ଜମନକିରା-କୁଚିଣ୍ଡା, ବାମରା, ବଡ଼ରମା ଘାଟ ଅଂଶ ଆଦିରେ ଦି'ଚକିଆ, ଚାରିଚକିଆ, ଭାରୀଯାନ ଆଦି ଯାଞ୍ଚ କରାଯାଉଛି।

## ରେଳବାଇ କର୍ମଚାରୀ ପୁରସ୍କୃତ



**ସମ୍ବଲପୁର, ୨୩।୩ (ସମିସ):** ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସୁରକ୍ଷିତ ଟ୍ରେନ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଦକ୍ଷତା ଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଏନ୍‌ସାହୁ, ଲୋକୋ ପାଇଲଟ୍ (ମେଲ୍ ଏକ୍ସପ୍ରେସ୍)/ଟିଟଲାଗଡ଼, ଏବଂ ପିସ୍ତମ ବାଗ୍ ସିନିୟର ଟେକ୍ନିସିଆନ୍/ସି ଆଣ୍ଡ ଡବ୍ଲୁ/ଟିଟଲାଗଡ଼ଙ୍କୁ ପୁରସ୍କୃତ କରାଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ମନଜିତ ସିଂହ ସନସନୱାଲ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପରିଚାଳନା) ଧିରେନ୍ଦ୍ର ସିଂ, ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ଗାଡ଼ି ଛାଡିଦେଲା ପୁଲିସ



**ରେଢ଼ାଖୋଲ, ୨୩।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରର ଭୀମଭୋଇ ଛକ ଦେଇ ସୋମବାର ପୂର୍ବାହ୍ନରେ ଦୁଇଟି ଆଇଛର ଗାଡ଼ିରେ ଗୋରୁଗାଈ ବୋଝେଇ ହୋଇ ଯାଉଥିଲା। ସ୍ଥାନୀୟଲୋକେ ଗାଡି ଦୁଇଟିକୁ ଅଟକାଇଥିଲେ। ଖବର ପାଇ ରେଢ଼ାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଗାଈ ବୋଝେଇ ଦୁଇ ଗାଡ଼ିକୁ ସ୍ଥାନୀୟ କଦମ୍ବ ପଡ଼ିଆକୁ ଆଣି କାଗଜପତ୍ର ଯାଞ୍ଚ କରିଥିଲେ। ସୂଚନା ଯୋଗ୍ୟ ଯେ ଗୋରୁଗାଈ ବୋଝେଇ ଦୁଇ ଗାଡି ନଂ- ଟିଏସ୍୦୮ ୟୁଜି-୧୫୫୫ ଏବଂ ଟିଏସ୍୧୨ ୟୁଇ-୩୫୧୫ ନମ୍ବର ବିଶିଷ୍ଟ ଗାଡ଼ି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରୁ ୧୮ଟି ଗୋରୁଗାଈ ବୋଝେଇ କରି ସମ୍ବଲପୁର ଜିଲ୍ଲା ସ୍ଥିତ ଚିପିଲିମାର ଗୋଶାଳାକୁ କାମଧେନୁ ଯୋଜନାରେ ଅଣାଯାଉଥିଲା। ସ୍ଥାନୀୟ ଲୋକେ ଭୀମଭୋଇ ଛକ ନିକଟରେ ଦୁଇ ଗାଡିରେ ଗୋରୁ ଚାଲାଣ ହେଉଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ପୁଲିସ ପହଞ୍ଚି ଦୁଇ ଗାଡ଼ିର ଚାଳକ ଏବଂ ଅନ୍ୟମାନଙ୍କୁ ପଚରାଉଚରା କରିବା ସହିତ କାଗଜପତ୍ର ଯାଞ୍ଚ କରିଥିଲେ। ସରକାରୀ ସ୍ୱୀକୃତିରେ ଗାଡ଼ି ୨ଟିରେ ଗୋରୁ ବୋଝେଇ ହୋଇ ଯାଉଥିବା ଯାଞ୍ଚରୁ ଜଣାପଡ଼ିବା ପରେ ପୁଲିସ ଛାଡି ଦେଇଛି।

## ଭିସୁଟ୍ ଓ ଅଲ୍ଟ୍ରାଟେକ ସିମେଣ୍ଟ ପକ୍ଷରୁ ଶିକ୍ଷାଗତ ଅନୁଭବ ପରିଦର୍ଶନ

**ସମ୍ବଲପୁର, ୨୩।୩ (ସମିସ) :** ଭିସୁଟ୍ ଏବଂ ଅଲ୍ଟ୍ରାଟେକ ସିମେଣ୍ଟ ତରଫରୁ ଏକ ଶିକ୍ଷାଗତ ଅନୁଭବ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ରାଜମିସ୍ତ୍ରୀ, ଠିକାଦାର ଓ ତାଙ୍କ ପିଲାମାନେ ଯୋଗ ଦେଇଥିଲେ। ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ଡିନ ସିଡିସିଇ ପ୍ରଫେସର ଗଣେଶ୍ୱର ନାଥ, ଡିନ ଷ୍ଟୁଡେଣ୍ଟ ୱେଲ୍‌ଫେଆର୍ ପ୍ରଫେସର ଆର.ଆର. ଦାଶ, ଭିପି ଟେକ୍ନିକାଲ ସୋସାଇଟି ଡ. ତୃପ୍ତିରଞ୍ଜନ ମହାପାତ୍ର ଏବଂ ଅଲ୍ଟ୍ରାଟେକ ପକ୍ଷରୁ ପଶ୍ଚିମ ଓଡ଼ିଶା ମୁଖ୍ୟ ସୌମେନ୍ଦୁ ମହାପାତ୍ର, ଏଚ୍‌ଆର ମୁଖ୍ୟ ଫୁରକନ ଅଲି, ପଶ୍ଚିମ ଓଡ଼ିଶା ବୈଷୟିକ ମୁଖ୍ୟ ଇଂ ପ୍ରବୀଣ କୁମାର, ସମ୍ବଲପୁର ସେଲ୍‌ସ ମୁଖ୍ୟ ଯଯାତି ପଟ୍ଟନାୟକ ଏବଂ ଇଂ ପ୍ରଭାସ ବିଶ୍ୱାଳ ଯୋଗଦେଇ ପିଲାମାନଙ୍କର ଭବିଷ୍ୟତ କେମିତି ଉଜ୍ଜ୍ୱଳ ହେବ ତାହା ଉପରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରମାନେ ଭିସୁଟର ସମସ୍ତ ବୈଷୟିକ ବିଭାଗ ପରିଦର୍ଶନ କରି ବୈଷୟିକ ଶିକ୍ଷା ବାବଦରେ ଅବଗତ ହୋଇଥିଲେ, ଯାହାକି ସେମାନଙ୍କର ଆଗାମୀ ଶିକ୍ଷା ବୃତ୍ତିରେ ସହାୟକ ହେବ।

## ଦୁର୍ଗାପ୍ରସାଦ ଦେହେରୀଙ୍କ ବିୟୋଗରେ ଶୋକସଭା



**ସମ୍ବଲପୁର, ୨୩।୩ (ସମିସ) :** ବଡ଼ବଜାର ଏକତା ଗ୍ରୁପ୍ ତଥା ରାଧାମାଧବ ମଣ୍ଡପର ସଭାପତି ଦୁର୍ଗାପ୍ରସାଦ ଦେହେରୀଙ୍କ ଗତ ୨୦ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ରାଧାମାଧବ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସଭାରେ ବରିଷ୍ଠ ସଦସ୍ୟ ଗଜରାଜ ବେରିହା, ଜୟରାମ ବଣିଆ, ଶ୍ରୀମଳ ବିଶ୍ୱାସ, ରଜନୀକାନ୍ତ ମେହେର, ରାମଚନ୍ଦ୍ର ବେରିହା, ମହେନ୍ଦ୍ର ମେହେର, ଛେଦିଲାଲ ଅଗ୍ରୱାଲ, ଲୋକନାଥ ରାଉତ, ରମେଶ ଚୋକ୍‌ସେ, ନେପାଳ ନାଏକ, ପ୍ରଭାକର ପଟ୍ଟନାୟକ, ମହେନ୍ଦ୍ର ଅଗ୍ରୱାଲ, ବିକାଶ କୁଣ୍ଡା, ଜନ୍ମେଜୟ ପାଣ୍ଡେ, ନିଲୁ ସାହୁ, ଟଙ୍କଧର ବଛା, ଦାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ବନ ବିଭାଗର ହସ୍ତକ୍ଷେପ ଦାବି

# ଜଳୁଛି ଗନ୍ଧମାର୍ଦ୍ଦନ

**ପାଇକମାଳ, ୨୩।୩(ସମିସ):** ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ ଜଳୁଛି। ଅଗ୍ନିର କାରଣ ଜଣାପଡ଼ି ନଥିବା ବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏପରି ହୋଇଥିବା ଅନୁମାନ ହେଉଛି। ବରଗଡ଼ ଜିଲ୍ଲାର ନୃସିଂହନାଥ ଓ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ଅଞ୍ଚଳକୁ ଗନ୍ଧମାର୍ଦ୍ଦନ ଘେରି ରହିଛି। ପଦ୍ମପୁରରୁ ଲଖନା ୯୭ କିମି ବ୍ୟାପୀ ଗନ୍ଧମାର୍ଦ୍ଦନ ପର୍ବତରେ ଅନେକ ପ୍ରକାର ଔଷଧୀୟ ଗୁଳ୍ମ, ବନ୍ୟଜନ୍ତୁ, ସରୀସୃପ, ମୂଲ୍ୟବାନ ବୃକ୍ଷଲତା ରହିଛି। ଏହି ପର୍ବତମାଳାରୁ ଉପାର୍ଜିତ ଲଘୁବନ ଜାତ ଦ୍ରବ୍ୟ ଚାର, କେନ୍ଦୁ, ମହୁଲ, ଟୋଲ ଆଦି ସଂଗ୍ରହ କରି ପ୍ରାୟତଃ ୫୦ ହଜାର ଆଦିବାସୀ ଜନଜାତି ଜୀବିକା ନିର୍ବାହ କରୁଛନ୍ତି। ପର୍ବତରୁ ନିର୍ଗତ ୨୨ଟି ଚିରସ୍ରୋତା ଝରଣାର ପାଣିରୁ ଫସଲ ହୋଇ ମରୁଡ଼ି ଦାଉରୁ ଲୋକଙ୍କୁ ସୁରକ୍ଷା ମିଳି ଆସୁଛି। ପର୍ବତମାଳା ସୁରକ୍ଷା ନିମିତ୍ତ ଜଙ୍ଗଲ ଓ ପରିବେଶ ବିଭାଗର ବ୍ୟାପକ ଭାବେ କର୍ମଚାରୀ ନିଯୁକ୍ତ ରହିଛନ୍ତି। ଏହାସତ୍ତ୍ୱେ ଗନ୍ଧମାର୍ଦ୍ଦନର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରୀଷ୍ମ ଋତୁରେ ନିଆଁର ତାଣ୍ଡବ ଦେଖିବାକୁ ମିଳିଛି। ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରି ଜଙ୍ଗଲ ବିଭାଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ସତ୍ତ୍ୱେ ନିଆଁ କିପରି ଜଙ୍ଗଲରେ ଜଳୁଛି ବୋଲି ଆଲୋଚନା ହେଉଛି। ଏ ମଧ୍ୟରେ ଗନ୍ଧମାର୍ଦ୍ଦନ ପାହାଡର ପାଦଦେଶରେ ଥିବା ଗାଁ ଗୁଡିକ ଟେମିରିମାଲ, ଡୁଡୁକିଝରିଆ, ଖରାମାଳ, ଭୁଇଁଖାର, ମର୍ଯ୍ୟାଦାପାଲି, ମୋତିପାଲି, ନୃସିଂହନାଥ ଆଦି ପାହାଡ ଅଞ୍ଚଳରେ ଜଙ୍ଗଲ ଜଳୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା, ସରପଞ୍ଚ ଦିଲ୍ଲୀପ ବେହେର, ପୂର୍ବତନ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ରାହାସ ବିହାରୀ ସାହୁ ପ୍ରମୁଖ ଏହି ଐତିହାସିକ ପର୍ବତର ସୁରକ୍ଷା ଦାବି କରିଛନ୍ତି।



### ୧୫ ଦିନର ଧାରଣା ସତ୍ତ୍ୱେ ଅଣଦେଖା

# ଧାନ ବିକ୍ରି ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ଚିଠି

**ବରଗଡ଼, ୨୩।୩(ସମିସ)**

ଧାନ ବିକ୍ରି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀ ଚିଠି ଲେଖି ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାନ ପକାଇ ଦୀର୍ଘ ୧୫ ଦିନ ଆନ୍ଦୋଳନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଧାନ ବିକ୍ରି ସମସ୍ୟାର ସମାଧାନ ପାଇଁ ପୋଷ୍ଟକାର୍ଡରେ ଲେଖି ଜଣାଇଛନ୍ତି। ଖରିଫ ଋତୁରେ ଧାନ ପଞ୍ଜୀକରଣ ପାଇଁ ବଞ୍ଚିତ ଚାଷୀ ଠିକ ସମୟରେ କାଗଜପାତ୍ର ଦେଇ ପଞ୍ଜୀକରଣ କରିବାକୁ ସୋସାଇଟିରେ ଦେଇଥିଲେ। ହେଲେ ଜିଲ୍ଲାରେ ୪୮୦୪ ଜଣ ଚାଷୀ ପଞ୍ଜିକୃତ ହୋଇ ପାରି ନ ଥିଲେ। ଏହି ବିଷୟରେ ବିଧାୟକ, ଯୋଗାଣ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସମାଧାନ ନ ହେବାରୁ ନଭେମ୍ବର ୧୦ରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଧାୟକ ନିହାର ମହାନନ୍ଦ ସମସ୍ତ ଚାଷୀଙ୍କ ଟୋକନ ଆସିବ ଏବଂ ଧାନ ବିକ୍ରି କରିପାରିବେ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। କିଛି ଚାଷୀଙ୍କ ଟୋକନ ଆସିଛି ଏବଂ ଅନେକ ଚାଷୀଙ୍କ ଟୋକନ ନ ଆସିବାରୁ ପୁଣି ଚାଷୀ ମାର୍ଚ୍ଚ ୧୦ରୁ ଆନ୍ଦୋଳନରେ ବସିଛନ୍ତି। ଯେହେତୁ ଲୋକଙ୍କ ସରକାର କହୁଛନ୍ତି କଷ୍ଟ ଉପାର୍ଜିତ ପ୍ରକୃତ ଚାଷୀଙ୍କ ସମସ୍ତ ଧାନ ସରକାର କିଣିବେ ସେଥିପାଇଁ ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ହେଲା ଯେ ଆମ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉନାହିଁ। ଏଣୁ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଚାଷୀ ଚିଠି ମାଧ୍ୟମରେ ଜଣାଇବା ନିଷ୍ପତ୍ତି କରି ଆଜି ଆନ୍ଦୋଳନ ସ୍ଥଳରୁ ବାହାରି ମୁଖ୍ୟ ପୋଷ୍ଟ ଅଫିସରେ ଲାଇନ ହୋଇ ଶହଶହ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଟୋକନ ଦେଇ ଧାନ କିଣିବାକୁ ଅନୁରୋଧ କରିଛନ୍ତି। ପରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଭେଟିଛନ୍ତି। ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପ୍ରସଙ୍ଗରେ ଅବଗତ କରିଛନ୍ତି। ଯଦି ଧାନ କିଣା ନ ଯାଏ ତାହାହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।



# ଜାତୀୟ ଖେଲୋ ମାଷ୍ଟର୍ସରେ ପୁଣି ଚମକିଲେ ସନ୍ତୋଷ

**ବରଗଡ଼, ୨୩।୩(ସମିସ):** ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼ ଠାରେ ଗତ ମାର୍ଚ୍ଚ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସେକ୍ଟର ୭ରେ ଅନୁଷ୍ଠିତ ହୋଇଥିବା ପଞ୍ଚମ ଖେଲୋ ମାଷ୍ଟର୍ସ ନ୍ୟାସନାଲ ଗେମ୍ସ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ କ୍ରୀଡାବିତ୍ ଡ.ସନ୍ତୋଷ ପଧାନ ପୁଣି ହାଟ୍ରିକ ପଦକ ହାସଲ କରି ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ବ୍ୟକ୍ତିଗତ ଇଭେଣ୍ଟରୁ ଯଥା ଟ୍ରିପଲ ଜମ୍ପ, ଲମ୍ବ ଡିଆଁ ଏବଂ ୧୦୦ ମିଟର ବାଧାପ୍ରାପ୍ତ ଦୌଡରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ଖେଲୋ ମାଷ୍ଟର୍ସ ନ୍ୟାସନାଲ ଗେମ୍ସ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ୮ ଜଣ ପ୍ରତିଯୋଗୀ ଆଥଲେଟ୍ ଅଂଶଗ୍ରହଣ କରି ସର୍ବମୋଟ ୧୧ଟି ପଦକ ହାସଲ କରିଛନ୍ତି। ଚଣ୍ଡୀଗଡ଼ର ସେକ୍ଟର ୭ ଖେଳପଡ଼ିଆ ଠାରେ ଆରମ୍ଭରୁ ପ୍ରବଳ ବର୍ଷା ହେବା ସତ୍ତ୍ୱେ ଫୁଟବଲ୍, ହକି, ଭଲିବଲ୍, କବାଡି, ବ୍ୟାଡ୍‌ମିଣ୍ଟନ୍, ସୁଇମିଂ, ବାସ୍କେଟବଲ ଏବଂ ଆଥଲେଟିକ୍ସ ପ୍ରଭୃତି ଖେଳ ଗୁଡିକରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୨ ହଜାର ୭ ଶହ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରକାଶ ଥାଉକି କି ଡ.ସନ୍ତୋଷ ପୂର୍ବରୁ ଚଳିତ ବର୍ଷ ଫାଷ୍ଟ ଅଲ୍ଇଣ୍ଡିଆ ମାଷ୍ଟର ଟ୍ରାକ ଆଣ୍ଡ ଫିଲ୍ଡ ଚାମ୍ପିଅନସିପ ଏବଂ ୪୫ ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପରେ ମଧ୍ୟ ହାଟ୍ରିକ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ ଜିଲ୍ଲା ଏବଂ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଏକ ନୂତନ ରେକର୍ଡ ସୃଷ୍ଟି କରିବା ସହିତ ଜାପାନ ଠାରେ ଅନୁଷ୍ଠିତ ହେଉଥିବା ଆଗାମୀବର୍ଷ ବିଶ୍ୱ ମାଷ୍ଟର୍ସ ଗେମ୍ସ ପ୍ରତିଯୋଗିତାରେ ନିଜ ଦେଶ ତରଫରୁ ଅଂଶଗ୍ରହଣ କରି ପୁଣି ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ତଥା ପ୍ରୋତ୍ସାହନ ମିଳିଲେ ଆହୁରି ପଦକ ହାସଲ କରି ନିଜ ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗୌରବାନ୍ୱିତ କରିବେ ବୋଲି ଜଣାଇଛନ୍ତି।



# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

### ଅଧ୍ୟାପିକାଙ୍କୁ ନିର୍ଯାତନା ଅଭିଯୁକ୍ତଙ୍କୁ ଗିରଫ ଦାବି

**ବରଗଡ଼, ୨୩।୩(ସମିସ):** ବରଗଡ଼ ଜିଲ୍ଲାର ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଲୋକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଲୋକ ମାନଙ୍କ ଅଭିଯୋଗକୁ ଶୁଣିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଝାରବନ୍ଧର ଘଟଣା ଉପରେ ଗାଁ କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା। ମହିଳା ଅଧ୍ୟାପିକାଙ୍କୁ ଜାତିଆଣ ଆକ୍ଷେପ ଓ ନିର୍ଯାତନା ଦିଆଯାଇଥିବା ଘଟଣାରେ ଜଡିତ ଅଧ୍ୟକ୍ଷ, ଲାଇବ୍ରେରିଆନ୍ ଓ ଅନ୍ୟ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ସହିତ ଗିରଫ ଦାବି କରାଯାଇଛି। ଏହା ସହିତ ପୂର୍ବରୁ ଘଟିଥିବା ଦୁର୍ନୀତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନହେଲେ ଆଗାମୀ ଦିନରେ ଜନଆନ୍ଦୋଳନର ଚେତାବନୀ ମଧ୍ୟ ଦିଆଯାଇଛି। ଏହା ସହିତ ଡଭା ପାକ୍ସ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ ଆସିଛି। ଅନ୍ୟଙ୍କ ଜମିରେ ଧାନ କାର୍ଡ ତିଆରି, ଋଣୀ ଚାଷୀଙ୍କ ବ୍ୟାଙ୍କ ଖାତାରୁ ବେଆଇନ ଟଙ୍କା କର୍ମଚାରୀଙ୍କ ଆକାଉଣ୍ଟକୁ ହସ୍ତାନ୍ତର ଭଳି ଅଭିଯୋଗ ଲୋକମାନେ ଉଠାଇଥିଲେ। ଲେରଗାଁରେ ସାଧାରଣରାସ୍ତା ଅବରୋଧ, ସିମୁଳିଖୋଲ ଡୁଡୁକିଦାଦର ରାସ୍ତା ନିର୍ମାଣ, କୁମୀର ବାଲିଘାଟରେ ବେଆଇନ ବାଲି ଉଠାଣ, ବାଲି ଉଠାଣ ପାଇଁ ଜଙ୍ଗଲ ଜମିର ଅବୈଧ ବ୍ୟବହାର, ଦୀର୍ଘଦିନ ଧରି ପଞ୍ଚାୟତ ସମିତି ବୈଠକ ନ ହେବା, ଲୌଡୀଦରହା ପୋଖରୀ ଉନ୍ନତି, ପାନୀୟ ଜଳ, ରାସନ କାର୍ଡ ଓ ରାସ୍ତା ଉନ୍ନୟନ ଭଳି ଅନେକ ଜନସମସ୍ୟା ମଧ୍ୟ ଉଠିଥିଲା। ଆଜି ପଦ୍ମପୁର ଉପ ଜିଲ୍ଲାପାଳ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ନ ଥିବା ଦେଖା ଯାଇଥିଲା। ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ସିଡିଏମଓକୁବେର ମହନ୍ତ, ଏସ୍‌ଡିପିଓ ପାଣ୍ଡବ ଶବର, ବିଡିଓ ପର୍ଶୁରାମ ପଣ୍ଡା ଓ ତହସିଲଦାର ଅଲେଖ ଘୁଟା ଉପସ୍ଥିତ ଥିଲେ। ମୋଟ ୮୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୪୮ଟି ବ୍ୟକ୍ତିଗତ ଓ ୩୫ଟି ଗୋଷ୍ଠୀଗତ ଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଥିଲେ ଯେ, ଡଭା ପାକ୍ସ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝାରବନ୍ଧ ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କଡା କାର୍ଯାନୁଷ୍ଠାନ ହେବ। ତଦ ସହିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବସଷ୍ଟାଣ୍ଡ ଅଛି; ଡଙ୍ଗାଘାଟ ଗାଁକୁ ଯାଉନି ଲକ୍ଷ୍ମୀ ବସ୍




**ପଦ୍ମପୁର, ୨୩।୩ (ସମିସ):** ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ସହରାଞ୍ଚଳକୁ ଯିବା ଆସିବା ପାଇଁ ସରକାର ଲକ୍ଷ୍ମୀ ବସ ଚଳାଚଳର ବ୍ୟବସ୍ଥା କରିଛନ୍ତି। ମାତ୍ର ବିଡମ୍ବନା ଯେ, ପଦ୍ମପୁର ବ୍ଲକର ଡଙ୍ଗାଘାଟ ପଞ୍ଚାୟତ ହେଡକ୍ୱାର୍ଟରକୁ ଏହି ବସ ଯାଉନାହିଁ। ଏହି ପଞ୍ଚାୟତରେ ଲକ୍ଷ୍ମୀ ବସ ପାଇଁ ବସଷ୍ଟାଣ୍ଡ ମଧ୍ୟ ନିର୍ମିତ ହୋଇଛି। ମାତ୍ର ବସ ଆସୁନାହିଁ। ଯାହାଫଳରେ ଗାଁର ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଠାରୁ ଆରମ୍ଭ କରି ଡଙ୍ଗାଘାଟ ସରପଞ୍ଚ ଶଙ୍କର୍ଷଣ ନାଗ ମଧ୍ୟ ପଦ୍ମପୁର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପ୍ରତିକାର କାର୍ଯ୍ୟକାରୀ ହେଉନାହିଁ। ପ୍ରଶାସନ ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପୂର୍ତ୍ତ ବିଭାଗର ଉଦାସୀନତା, ଦୁର୍ଦ୍ଦଶା ଭୋଗୁଛନ୍ତି ଜନତା

**ପଦ୍ମପୁର, ୨୩।୩(ସମିସ):** ପଦ୍ମପୁର ପୂର୍ତ୍ତ ବିଭାଗ ପକ୍ଷରୁ ସହର ମୁଖ୍ୟ ରାସ୍ତାରେ ଉନ୍ନୟନମୂଳକ ରାସ୍ତା କାମ ଚାଲିଛି। ଏହାସହିତ ଡ୍ରେନ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିଛି। ଏହା ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟିଛି। ରାସ୍ତା ଓ ଡ୍ରେନ ନିର୍ମାଣ କରି ମଝିରେ ମାଟି ଖୋଲି ଠିକାଦାର ଚାଲିଯାଇଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତାରେ ଅନେକ ବ୍ୟକ୍ତି ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ସାଧାରଣ ଜନତା ଓ ବ୍ୟବସାୟୀ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନଥିବା କହିଛନ୍ତି। ଏହି ଅଧପନ୍ତରିଆ କାମ ଯୋଗୁଁ ଦୁଇଚକିଆ ଯାନ ଚାଳକ ମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ପଥଚାରୀଙ୍କ ମଧ୍ୟ ଅସୁବିଧା ହେଉଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହିକାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ

**ବରପାଲି, ୨୩।୩(ସମିସ):** ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ପ୍ରତିଷ୍ଠାତା ଡ.ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୩ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଦିବସ ଅବସରରେ ରକ୍ତଦାନ ଶିବିର ଓ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ପ୍ରତିଷ୍ଠାତା ସ୍ୱର୍ଗତ ଡ.ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିଠାରେ ବିଦ୍ୟାଳୟ ସଭାପତି ଡ. ସୁବ୍ରତ ମୁଣ୍ଡ ଓ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ମାଲ୍ୟାର୍ପଣ କରିଥିଲେ। ରକ୍ତଦାନ ଶିବିରରେ ବିଦ୍ୟାଳୟ ଉପାଧ୍ୟକ୍ଷ ସୁଶୀଳ ରଥ ରକ୍ତଦାନ କରି ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରେଡକ୍ରସ ରକ୍ତଭଣ୍ଡାର ସଂସ୍ଥାକୁ ରକ୍ତଥୈଳି ମାନ ପ୍ରଦାନ କରାଯାଇଥିଲା। ରକ୍ତଭଣ୍ଡାର ପ୍ରତିନିଧି ମାନସରଞ୍ଜନ ବିଶି, ବୈଶାଖୁ ସୁନା, ରାକେଶ ରଣା, କୃଷ୍ଣ ଚନ୍ଦ୍ର ସାହୁ, ସୁଜିତ ସାହୁ ଓ ଭୁବନେଶ୍ୱର ସାହୁଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ମାନଙ୍କୁ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାହୋଇଥିଲା। ୨୫ ବର୍ଷ ପୂର୍ତ୍ତିରେ ବିଦ୍ୟାଳୟର ମୁଖପତ୍ର ଆଞ୍ଜେଲିକାକୁ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଉନ୍ମୋଚନ କରିଥିଲେ। ପରେ ଅଷ୍ଟପ୍ରହରୀ ନାମଯଜ୍ଞରେ ପୁରୋହିତ ଭାବେ ପଣ୍ଡିତ ସାହେବ ଦାଶ, ପ୍ରଦୀପ ଦାଶ, ବଳରାମ ଦାଶ ଓ ଜଗନ୍ନାଥ ଦାଶ ପ୍ରମୁଖଙ୍କ ଦ୍ୱାରା ପୂଜନ କାର୍ଯ୍ୟ କରାଯାଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଭିନ୍ନ ଅଞ୍ଚଳରୁ ସଙ୍କୀର୍ତ୍ତନ ଦଳ ମାନ ଯୋଗ ଦେଇଥିଲେ। ସମାରୋହରେ ପୂର୍ଣ୍ଣାହୁତି ପରେ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଡୁଙ୍ଗୁରିପାଲି ବିଦ୍ୟାଳୟର ଅଧ୍ୟକ୍ଷ ଶିଶୁପାଳ କଲେତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଗଣ ସହଯୋଗ କରିଥିଲେ।



# ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା ଅଗ୍ରଗତି କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ବରଗଡ଼, ୨୩।୩(ସମିସ):** ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓ ସେପା, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଭୁବନେଶ୍ୱର ଓ ଜିଲ୍ଲା ଶିକ୍ଷା ବିଭାଗ ବରଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା ଅଗ୍ରଗତି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଓ ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା ତଥା ଅଭିଷେକ ବାରିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦୀପ ରଥ, ଅଭିନବ ବିନ୍ଦ୍ରା ଫାଉଣ୍ଡେସନର ପ୍ରଶିକ୍ଷକ ଦେବାଶିଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ତାଲିମ ଶିବିରରେ ସୋହେଲା ଓ ବରଗଡ଼ ବ୍ଲକର ୨୦ ବିଦ୍ୟାଳୟରୁ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଡାଲ୍‌ଖାଇ ମହୋତ୍ସବ ଆରମ୍ଭ

**ପଦ୍ମପୁର, ୨୩।୩(ସମିସ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ପଦ୍ମପୁରର ସଙ୍ଗୀତ ସମିତି ଆନୁକୂଲ୍ୟରେ ଡାଲଖାଇ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳ ବେଳା, ବଡ ବନ୍ଧ ପୋଖରୀରେ ବାଲିକଢ଼ା, ଘାଟରେ ପୂଜା ଓ ଅନ୍ୟାନ୍ୟ ରୀତିନୀତି ପାରମ୍ପାରିକ ଡାଲଖାଇ ନୃତ୍ୟଶିଳ୍ପୀ ଓ ମଞ୍ଚ ଶିଳ୍ପୀ ମାନଙ୍କ ଦ୍ୱାରା ମିଳିତ ଭାବେ ଅନୁଷ୍ଠିତ ହୋଇଥିଲା। ପରେ ପୁତୁଲାପୂଜା, ଶିବ ପାର୍ବତୀଙ୍କ ସାତଘର ଭ୍ରମଣ ଓ ପାଦଧୂଆ ପରେ ଏକ ଶୋଭାଯାତ୍ରା ସହରର ବିଭିନ୍ନ ରାସ୍ତା ଅତିକ୍ରମ କରି ରାଜାଜୀ ଟାଉନ୍ ହଲ୍‌କୁ ପହଞ୍ଚି ଥିଲା। ପାରମ୍ପାରିକ ତଥା ମଞ୍ଚ ନୃତ୍ୟଶିଳ୍ପୀ ମାନଙ୍କର ଗଁଣାବଜାର ତାଳେ ତାଳେ ଡାଲଖାଇ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଟାଉନ୍ ହଲ୍ ପ୍ରାଙ୍ଗଣରେ ନିର୍ମିତ ଡାଲଖାଇକୁଠିକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଥିଲେ। ଡାଲଖାଇର ଉତ୍ପତ୍ତି ବୋଡାସମ୍ବର୍ ଡାଲଖାଇ ଏକାଡେମୀ ଏବଂ ଗଁଡାବଜାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ତାଲିକାଭୁକ୍ତ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରିବାକୁ ଘୋଷଣା କରିଥିଲେ। ଡାଲଖାଇ କୋଠିରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହିତ ଧୂନଖେଳ ବାଦ୍ୟର ଆଧାରରେ ଡାଲଖାଇ ଗାଥା ପରିବେଷିତ ହେବା ସହିତ କୁଠି ଡାଲଖାଇ ନୃତ୍ୟ ପରିବେଷିତ ହୋଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ଓ ନାଟ୍ୟକାର ଅଶୋକ ବହିଦାରଙ୍କ ସଂଯୋଜନାରେ ଡାଲଖାଇର ସାମ୍ପ୍ରତିକ ପ୍ରାସଙ୍ଗିକତା ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ସମିତିର ସଭାପତି ରାଜେଶ ଗୁର୍ଲା ସ୍ୱାଗତ ଭାଷଣ ଦେଇଥିଲେ। ଡ.ଦୁର୍ଗାଶିଷ ପଟ୍ଟନାୟକ ଓ ଲାଇବ୍ରେରୀଆନ୍ ମନୋଜ ସାହୁ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଡ.ପ୍ରମୋଦ ପାଢ଼ୀ, ଆସୋସିଏଟ ପ୍ରଫେସର ରାଧାକାନ୍ତ ସୁନା ଓ ଯୁବ ଗବେଷକ ସୁନୀଲ ମହାନନ୍ଦ ଉପସ୍ଥିତ ଥିଲେ। ଅନେକ ଗବେଷକ, ଗବେଷିକା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଦର୍ଶନ ବିଭାଗର ପ୍ରାକ୍ତନ ଓ ନୂତନ ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ରମେଶ ଗୁର୍ଲା ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଖରାମାଲ, ଭେଉଁରିଆ, ବେନ୍ଦ୍ରାରପୂର୍, ଧାଉଁରଭଟା ଓ ଅନ୍ୟାନ୍ୟ ଗାଁରୁ ଆସିଥିବା ବରିଷ୍ଠ ଡାଲଖାଇ କଳାକାର, ସୁହଲ କୁଠୀର, ଚିତ୍ରକର ନୁକଳ ଗୀଙ୍ଗିରା, ମୀନାକ୍ଷୀ ଭୋଇ ଓ ବରିଷ୍ଠ ଧୁନ୍ ଖେଳ ବାଦକ ମକରଧ୍ୱଜ କଅଁରଙ୍କୁ ସମ୍ବର୍ଦ୍ଧନା ଓ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସମ୍ମାନିତ ଅତିଥି ଟଙ୍କଧର ସାହୁ, ଆଇନଜୀବୀ ଅଜିତ୍ ଶତପଥୀ ଓ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସଞ୍ଜୀବ ବହିଦାର, ଗୋପବନ୍ଧୁ ସିକା, ଦୀନବନ୍ଧୁ ବାରିକ, ଆଶିଷ ବୈକର, ଟେନେଶ ପଣ୍ଡା, ଅଜିତ୍ ବିଶ୍ୱାସ, ଅଶ୍ୱନୀ ପଟେଲ, ଅନୀଲ ଗୁର୍ଲା, ଅଞ୍ଜଳି ପରିଡ଼ା, ପୂଜା ପୂରବୀ ବୋହିଦାର, ସୋନାଲିକା ଶବର, ଲିଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





### ଟାଙ୍ଗୁରୁପଦରରେ ଡାଲ୍‌ଖାଇ ମହୋତ୍ସବ

**ବିଜେପୁର:** ଜିଲ୍ଲାର ବିଜେପୁର ବ୍ଲକ ଲାଉମୁଣ୍ଡା ନିକଟସ୍ଥ ଟାଙ୍ଗୁରୁପଦର ଠାରେ ସ୍ଥାନୀୟ ସୁର ଝଙ୍କାର ସାଂସ୍କୃତିକ ଅନୁଷ୍ଠାନ ଆୟୋଜନରେ ତିନି ଦିନ ଧରି ଡାଲଖାଇ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉଦ୍ୟୋକ୍ତା ନାଟ୍ୟଶ୍ରୀ ଦେବରାଜ ଛତ୍ରିଆଙ୍କ ଅଧ୍ୟକ୍ଷତା ଓ କଳାକାର ନୀଳିମା ଛତ୍ରିଆଙ୍କ ପରିଚାଳନାରେ ମହୋତ୍ସବ ଅୟୋଜିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାର ଦଳ ଗୁଡିକ ଗୀତ ନୃତ୍ୟ ପରିବେଷଣ କରିଥିଲେ। ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା, ସମିତି ସଦସ୍ୟ ଫକୀରମୋହନ ମହାନନ୍ଦ, ସାମାଜିକ କର୍ମୀ ଆଶୁତୋଷ ମେହେର, ସ୍ଥାନୀୟ ବ୍ୟାଙ୍କ୍ ମ୍ୟାନେଜର ରମାକାନ୍ତ ମେହେର, ଡା.ଅରୂପା ସାହୁ ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କଳାକାର ତଥା ଅତିଥିବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମ, ଗଣେଶ, ଉପେନ୍ଦ୍ର, ବଳରାମ, ଶୁକ୍ରୁ, ଦେବରାଜ, ପୁରୁଷୋତ୍ତମ, ପ୍ରହଲ୍ଲାଦ, ଖୁଟି, ଉଜ୍ଜଳଙ୍କ ସମେତ କମିଟିର ସଦସ୍ୟ ବୃନ୍ଦ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫୦୦୦ ମେଟ୍ରିକ ଟନ୍ କ୍ଷମତାର ଶୀତଳଭଣ୍ଡାର ଲୋକାର୍ପିତ

**ବରଗଡ଼, ୨୩।୩(ସମିସ):** ବରଗଡ଼ ବ୍ଲକ ଅଧୀନ କୁରୁଆଁ ଠାରେ ନିର୍ମିତ ୫୦୦୦ ମେଟ୍ରିକ ଟନ ବିଶିଷ୍ଟ ଏମ/ଏସ ଶ୍ରୀ ସାଇ କୋଲ୍ଡଷ୍ଟୋର ସୋମବାର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ତଥା ଜଳ ସମ୍ପଦ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଅଶ୍ୱିନୀ ଷଡଙ୍ଗୀ ଏହାକୁ ଲୋକାର୍ପଣ କରିଛନ୍ତି। ଜାତୀୟ ଉଦ୍ୟାନ କୃଷି ମିଶନ ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ପ୍ରମୁଖ କେନ୍ଦ୍ରୀୟ ଯୋଜନା ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନର ସହାୟତା ଏବଂ ଆନ୍ଧ୍ର ବ୍ୟାଙ୍କ ତଥା ବର୍ତ୍ତମାନର ୟୁନିୟନ ବ୍ୟାଙ୍କର ସହାୟତାରେ ଶୀତଳଭଣ୍ଡାରଟି ସ୍ଥାପିତ ହୋଇଛି। ୨୦୨୦-୨୧ରେ କୁରୁଆଁ ଗାଁ ନିବାସୀ ଆର.ଶ୍ରୀଧର ବାବୁ ପ୍ରଥମେ ୨୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏହି ଶୀତଳଭଣ୍ଡାରକୁ ୨୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଥିଲେ। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁଗ୍ମ ସହାୟତାରେ ୧୧୦ ଲକ୍ଷ ଟଙ୍କାର ସବସିଡି ପାଇଥିଲେ। ୨୦୨୦-୨୧ରେ ନିର୍ମାଣ ସମାପ୍ତ ହୋଇଥିଲେ ମଧ୍ୟ କରୋନା ମହାମାରୀ କାରଣରୁ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଥିଲା। ପରେ ୨୦୨୧-୨୨ରେ ଏହା କାର୍ଯ୍ୟକ୍ଷମ ହେବା ସହ ଆଳୁ, ଧାନ ଓ ବୀଜ ଭଳି କୃଷି ଉତ୍ପାଦ ସଂରକ୍ଷଣରେ ବ୍ୟବହୃତ ହେଉଛି। ତେବେ ବର୍ତ୍ତମାନ ଏହି ୟୁନିଟ୍‌ର ଆଉ ୨୫୦୦ ମେଟ୍ରିକ ଟନ୍ କ୍ଷମତା ବୃଦ୍ଧି କରାଯାଇଛି। ଏଥିପାଇଁ ୧୧୦ ଲକ୍ଷ ଟଙ୍କା ସବସିଡି ମିଳିଛି। ସୂଚନାଯୋଗ, ଗତ ଦୁଇ ବର୍ଷରେ ପ୍ରାୟ ୧୩୦୦ ମେଟ୍ରିକ ଟନ୍ ଆଳୁ ଏଠାରେ ସଂରକ୍ଷିତ ହୋଇଛି। ଜିଲ୍ଲାର କୃଷକମାନଙ୍କ ପାଇଁ ଏହି ଶୀତଳଭଣ୍ଡାର ବେଶ ଗୁରୁତ୍ୱ ବହନ କରୁଛି। ବରଗଡ଼ ବିଧାୟକ ଶ୍ରୀ ଷଡଙ୍ଗୀ ଆୟୋଜିତ ଉଦ୍ୟାନକୃଷି ଦକ୍ଷତା ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ଏହି ଶୀତଳଭଣ୍ଡାର ବରଗଡ଼ ଜିଲ୍ଲାର କୃଷି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କୃଷକମାନଙ୍କ ଆୟ ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଅତିରିକ୍ତ ଉଦ୍ୟାନକୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଅତିରିକ୍ତ କୃଷି ଅଧିକାରୀ ଅଞ୍ଜନ ନାୟକ, କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଏବଂ ଉଦ୍ୟାନ କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।







# ଗାନ୍ଧୀମାର୍ଗରେ ଗର୍ଜନ

## ବିଧାନସଭା ଆଗରେ ଉଦ୍ୟାନ ସାଥୀଙ୍କ ବିକ୍ଷୋଭ




ଭୁବନେଶ୍ୱର, ୨୩।୩(ସମିସ): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ତରଫରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଉଦ୍ୟାନ ସାଥୀ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ଜ୍ଞାନଚାନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା ତାଙ୍କ ବକ୍ତବ୍ୟରେ ଚଳିତ ଆର୍ଥିକ ବର୍ଷରେ ଉକ୍ତ କାର୍ଯ୍ୟ ପାଇଁ ଅନୁଦାନ ବନ୍ଦ ଫଳରେ ବିଭିନ୍ନ ପ୍ରକଳ୍ପରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଏଥିରେ କାର୍ଯ୍ୟରତ ଉଦ୍ୟାନ ସାଥୀ ଓ ଦୈନିକ କାର୍ଯ୍ୟ କରୁଥିବା ଶ୍ରମିକମାନେ କାମ ହରାଇଛନ୍ତି। ତୁରନ୍ତ ବଜେଟ ପ୍ରଦାନ କରି ଉଦ୍ୟାନ ସାଥୀଙ୍କୁ କାମ ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ବିଭାଗରେ କୃଷକର ସ୍ୱାର୍ଥ ପାଇଁ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିବା, ଚାଷୀଙ୍କ ବିଭିନ୍ନ ପ୍ରମାଣ ପତ୍ର ସଂଗ୍ରହ କରିବା, ଫର୍ମ ପୂରଣ କରିବା ଏପରିକି ଅନ୍‌ଲାଇନ୍ କାମ ସହ ସମସ୍ତ କାର୍ଯ୍ୟ କରିଆସୁଥିଲେ। ଉକ୍ତ ପ୍ରକଳ୍ପ ଗୁଡ଼ିକ ବିଶେଷକରି ଦାଦନ ପ୍ରବଣ ଅଞ୍ଚଳରେ କାର୍ଯ୍ୟକ୍ଷମ ଥିଲାବେଳେ ବହୁଲୋକ ଏଥିରେ କାମ କରି ପରିବାର ଚଳାଉଛନ୍ତି। ଏହି ସଭାରେ ଏଆଇଟିୟୁସି ନେତା ସୁର ଜେନା, ସଂଘର ସାଧାରଣ ସମ୍ପାଦକ ବିରଜା ମହାକୁଡ଼, ଉଦୟ ସାହୁ, ପଙ୍କଜ ପଣ୍ଡା, ବିଷ୍ଣୁଚରଣ ଦାସ, ଦିବାକର ମୁଦୁଲି, ହୃଦାନନ୍ଦ ମେହେର, ସୁଧାକର ପ୍ରଧାନ, ସୁଶାନ୍ତ ବଳିୟାରସିଂହ ପ୍ରମୁଖ ବକ୍ତବ୍ୟ ଦେଇ ଉଦ୍ୟାନ ସାଥୀଙ୍କ ନ୍ୟାୟୋଚିତ ଦାବି ମାନିନେବାକୁ ଦାବି କରିଥିଲେ। ପରେ ଏକ ପ୍ରତିନିଧିମଣ୍ଡଳି ବିଜୟ ଜେନାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମାସିକ ପ୍ରୋତ୍ସାହନ ଦାବିରେ ଗାଁ ସାଥୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୩।୩ (ସମିସ): ଓଡ଼ିଶାର ସମସ୍ତ ନ୍ୟାୟ ଆଶାୟୀ ଗାଁ ସାଥୀ(ମେଟ୍)ଙ୍କୁ ୧୨ ହଜାରରୁ ଊର୍ଦ୍ଧ୍ୱ ମାସିକ ପ୍ରୋତ୍ସାହନ ସମେତ ୨ ଦଫା ଦାବିରେ ବିଧାନସଭା ଆଗରେ ନିଆରା ଶୈଳୀରେ ଗର୍ଜିଲେ ଗାଁ ସାଥୀ। ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସାରା ଓଡ଼ିଶାରୁ ଆସିଥିବା ହଜାର ହଜାର ଗାଁ ସାଥୀ ଲୋୟର ପିଏମ୍‌ଜିରେ ଏକ ଘୃତଯଜ୍ଞ ଓ ସାଷ୍ଟାଙ୍ଗ ପ୍ରଣିପାତ ସହିତ ଭିନ୍ନ ଏକ ଧାରାରେ ସରକାରଙ୍କ ନିକଟରେ ତାଙ୍କର ଦାବି ଉପସ୍ଥାପନ କରିଛନ୍ତି। ଏହି ଆନ୍ଦୋଳନର ଦାବି ପୂରଣର ସହାୟକ ହେବା ପାଇଁ ମୁଖ୍ୟମନ୍ତ୍ରୀ, ସମସ୍ତ ମନ୍ତ୍ରୀ, ବାଚସ୍ପତି, ବିଜେପି ରାଜ୍ୟସଭାପତି ଓ ବିଧାନସଭାର ସମସ୍ତ ବିଧାୟକଙ୍କୁ ସେମାନେ ନିବେଦନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର, ଉପସଭାନେତ୍ରୀ ନୟନା ନାୟକ, ସୁରେଖା ପାଇଟାଲ, ସବିତା ଭୋଇ, ଶୁଶୀଳା ନାଏକ, ରେବତୀ ନାଏକ ଓ ସାରା ଓଡ଼ିଶାରୁ ଆସିଥିବା ହଜାର ହଜାର ଗାଁସାଥୀ(ମେଟ୍) ପ୍ରମୁଖ ଉପସ୍ଥିତ ଥିଲେ।



## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୩।୩(ସମିସ): ସମୟ ସହ ଭୁବନେଶ୍ୱରରେ ଅନେକ ପରିବର୍ତ୍ତନ ଆସିଛି। ସହରର ଉନ୍ନତିକରଣ ସଙ୍ଗେ ସଙ୍ଗେ ଗାଡି ମଟର ସଂଖ୍ୟା ମଧ୍ୟ ବଢ଼ିଛି। ଅନେକ ବର୍ଷ ପୂର୍ବରୁ ସହରରେ ଯାତାୟତର ମାଧ୍ୟମ ଭାବେ ଲୋକ ଶଗଡ଼, ରିକ୍ସା ହିଁ ବ୍ୟବହାର କରୁଥିଲେ। ଷ୍ଟେସନ ଓ ବସ୍ ଷ୍ଟାଣ୍ଡଠାରୁ ଆରମ୍ଭକରି ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପହଁଚାଉଥିଲେ ରିକ୍ସା ବାଲା। ଭାର କାନ୍ଧେଇ ଚକ ଗଡୁଥିଲା। ବର୍ଷା, ଖରା, ଶୀତ ସହି ଏଭଳି ରିକ୍ସା ଗଡୁଥାଏ। ହେଲେ ବିତୁଥିବା ସମୟ ସହ ରାସ୍ତାରୁ ରିକ୍ସା ଏବେ ହଜିଗଲାଣି।

ସାମାଜିକ ଗଣମାଧ୍ୟମରେ ଆଜି ସେହିପରି ଏକ ଦୃଶ୍ୟ ପୁରୁଣା ସ୍ମୃତିକୁ ପୁଣି ମନେ ପକାଇ ଦେଇଥିଲା। ପାଖାପାଖି ୨୫ ବର୍ଷରୁ ଅଧିକ ପୁରୁଣା ଏକ ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ ଜଣେ ରିକ୍ସା ଚାଳକ ବିନ୍ଦୁସାଗର ନିକଟରେ ନିଜ ରିକ୍ସା ଉପରେ ବସି ଖବରକାଗଜ ପଢୁଥିବାର ଦୃଶ୍ୟ ପରିଲକ୍ଷିତ ହେଉଛି। ଯେଉଁଥିରୁ ଅନୁମାନ କରି ହେଉଛି ସେ ସମୟରେ ପର୍ଯ୍ୟଟକଙ୍କୁ ଲିଙ୍ଗରାଜ ମନ୍ଦିର ଏବଂ ତାର ଆଖପାଖ ସ୍ଥାନ ବୁଲେଇବା ପାଇଁ ସେତେବେଳେ ରିକ୍ସା ଅଧିକ ବ୍ୟବହାର ହେଉଥିଲା।

## ଇକୋସେଭର୍ସ: ୟୁଥ୍ ନେଟୱାର୍କ ପକ୍ଷରୁ ୩ ଦିନିଆ ଅଭିଯାନ

ଭୁବନେଶ୍ୱର, ୨୩।୩(ସମିସ): ପିକକ୍ ଦ୍ୱାରା ଗଠିତ ଇକୋସେଭର୍ସ: ୟୁଥ୍ ନେଟୱାର୍କ ପକ୍ଷରୁ ଜଳ ଦିବସ ଉପଲକ୍ଷେ ୩ ଦିନିଆ ଅଭିଯାନ କରାଯାଇଛି। ଏହି ଅଭିଯାନରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ବାଲିଆନ୍ତାର ଇକୋସେଭର୍ସ ଯୁବ ସଦସ୍ୟା ତପସ୍ୱିନୀ ଦାସ ଯୋଗ ଦେଇ ଜଳ ସୁରକ୍ଷା ଏବଂ ଜଳ ସମ୍ପଦର ଉପଯୁକ୍ତ ବିନିଯୋଗ ଉପରେ ଆଲୋଚନା କରିଥିଲେ।

## ସ୍ୱୟଂ ସଙ୍ଗୀତ ଗ୍ରୁପ୍ ପକ୍ଷରୁ 'ଅଭୁଲା ଅତୀତ'



ଭୁବନେଶ୍ୱର, ୨୩।୩(ସମିସ): ସ୍ୱୟଂ ସଙ୍ଗୀତ ମ୍ୟୁଜିକାଲ ଗ୍ରୁପ୍ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ 'ଅଭୁଲା ଅତୀତ' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର କମିସନର ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅଭିନେତ୍ରୀ ସୋଫିଆ ଆଲମ୍, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଚ୍ଛାୟତ, ମତ୍ସ୍ୟ ବିଭାଗର ପୂର୍ବତନ ସହ ନିର୍ଦ୍ଦେଶିକା ଡ. ପ୍ରଭାତ ନଳିନୀ ପଟ୍ଟନାୟକ ପ୍ରମୁଖ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଜଣାଣ ମୋତେ ଭାରି ଲାଜ ଲାଗେ, ସପନ ବିଳାସୀ, ଏ ମୋର ମାନସି, କେତେ ବଜାଉ ବଇଁଶୀ ରେ, ବଧୂ ହସେ ମଧୁ, ସମୀରେ ଶୁରେ ଆଦି ମନଛୁଆଁ ସଙ୍ଗୀତ ଶ୍ରୋତାଙ୍କୁ ଶେଷ ଯା ବାନ୍ଧି ରଖିଥିଲା। ଏହି ଅବସରରେ ମମତା ରାଉତରାୟ, ବିଷ୍ଣୁ ଚରଣ ନାୟକ, ରଜନି ଶତପଥି ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱୟଂ ସଙ୍ଗୀତ ଗ୍ରୁପର ଆୟୋଜକ ଅଜୟ ରଥ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଉପସ୍ଥାପିକା ଅନୁସୂୟା ସାହୁ ସଂଯୋଜନା କରିଥିଲେ।

## ଆରୋଗ୍ୟ ପରେ କରୁଛନ୍ତି ଯକ୍ଷ୍ମା ସଚେତନତା



ଭୁବନେଶ୍ୱର, ୨୩।୩(ସମିସ): ଦିନ ଥିଲା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେ ମଧ୍ୟ ବ୍ୟକ୍ତିଗତ ବାସନ୍ଦ (ସେଲଫ୍ ଷ୍ଟିଗ୍ମା)ର ଶିକାର ହୋଇଥିଲେ। ଯାହା ପରିବାର ଓ ତାଙ୍କ ମଧ୍ୟରେ ପ୍ରତିବନ୍ଧକ ପାଲଟିଥିଲା। ଟାହିଟାପରା ତାଙ୍କୁ ବି ମାନସିକ ଭାବେ ବେଶ୍ ଆଘାତ ଦେଇଥିଲା। କାରଣ ସେ ଯକ୍ଷ୍ମାରେ ପୀଡ଼ିତ ଥିଲେ। ପରିବାର ଲୋକଙ୍କୁ ବି ନିଜ ରୋଗ ବିଷୟରେ କହିବାର ସାହସ ହରାଇ ବସିଲେ। ଯାହାର ପରିଣାମ ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ପରିବାର ଲୋକେ ମଧ୍ୟ ଉକ୍ତ ରୋଗରେ ଆକ୍ରାନ୍ତ ହେବାକୁ ଲାଗିଲେ। କିନ୍ତୁ ଏହି ପ୍ରତିବନ୍ଧକକୁ ଅତିକ୍ରମ କରି ବର୍ତ୍ତମାନ ଅନ୍ୟ ଯକ୍ଷ୍ମା ରୋଗୀଙ୍କ ପାଇଁ ରୋଲ ମଡେଲ୍ ପାଲଟିଛନ୍ତି ଏସ୍ ପୂଜା।

ପୁରୁଣା ଷ୍ଟେସନ୍ ବୁଦ୍ଧେଶ୍ୱରୀ ଲେନ୍-୧ରେ ପରିବାର ସହ ରୁହନ୍ତି ଏସ୍ ପୂଜା। ୨୦୨୦ ମସିହାରେ ମହାମାରୀ କରୋନା ସାରା ବିଶ୍ୱକୁ ଗ୍ରାସ କରିଥିବା ବେଳେ ସେ ଯକ୍ଷ୍ମାର ଶିକାର ହୋଇଥିଲେ। କାଶରେ ରକ୍ତ ପଡ଼ିବାରୁ ପରୀକ୍ଷା କରି ଜାଣିବାକୁ ପାଇଥିଲେ ଯେ ସେ ଯକ୍ଷ୍ମା(ପଲମ୍ୟୁନାରୀ) ରୋଗରେ ଆକ୍ରାନ୍ତ। ତାଙ୍କୁ ସାମାଜିକ କଟକଣାର ସାମ୍ନା କରିଥିଲେ ପୂଜା। ପରେ ସେ ବୁଝିପାରିଥିଲେ ଯେ, ଏହି ରୋଗର ଏକମାତ୍ର ଔଷଧ ନୁହେଁ ତା ସହ ମାନସିକ ସ୍ଥିତିକୁ ସୁଦୃଢ଼ କରିବ। ଯାହକୁ ସେ ପାଳନ କରିଥିଲେ ଏବଂ ସମ୍ପୂର୍ଣ୍ଣ ଭାବେ ରୋଗମୁକ୍ତ ହୋଇଥିଲେ। ସେହି ସମୟରେ ସେ ଅନ୍ୟ ରୋଗୀଙ୍କୁ ମଧ୍ୟ ସଚେତନ କରିବା ଆରମ୍ଭ କରିଥିଲେ। ରିଚ୍ ଫାଉଣ୍ଡେସନ୍ ସହ ଯୋଡ଼ି ହୋଇ ନିଜ ଅଞ୍ଚଳରେ ଯକ୍ଷ୍ମା ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କ ମନୋବଳ ଦୃଢ଼ କରିଥିଲେ। ନିଜ ଅଞ୍ଚଳର ବସ୍ତି ଏବଂ ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଉଛନ୍ତି। ଏପର୍ଯ୍ୟନ୍ତ ୭୦ରୁ ଊର୍ଦ୍ଧ୍ୱ ଯକ୍ଷ୍ମା ଆକ୍ରାନ୍ତଙ୍କୁ ସାହସ ଜୁଟାଇ ସାମାଜିକ କଟକଣାରୁ ବାହାରି ପରିବାର ସହାୟକ ହୋଇଛନ୍ତି। ରୋଗ ସମୟରେ ଦେଖାଉଥିବା ଲକ୍ଷଣ, ଏହାର ଉପଚାର, ଏଥିପାଇଁ ରହିଥିବା ସରକାରଙ୍କ ଗାଇଡଲାଇନ୍, ଚିକିତ୍ସା ବ୍ୟବସ୍ଥା ଆଦି ବିଷୟରେ ସଚେତନତା କରି ପୂଜା ପାଲଟିଛନ୍ତି ଟିବି ଚାମ୍ପିୟନ୍। ଯକ୍ଷ୍ମା ରୋଗ ଯଦିଓ କ୍ୟୁରେବୁଲ୍ ଡିଜିଜ୍ କିନ୍ତୁ ଏହାକୁ ଅଣଦେଖା କରିବା ଦ୍ୱାରା ମୂଲ୍ୟବାନ ଜୀବନ ହରାଇବାର ସମ୍ଭାବନା ରହିଥିବା ବୋଲି ସେ କହିଛନ୍ତି।

## ନେତାଜୀ ସୁଭାଷ ବୋଷ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୩।୩(ସମିସ): ନୂଆପଲ୍ଲୀସ୍ଥିତ ନେତାଜୀ ସୁଭାଷ ବୋଷ ପବ୍ଲିକ ସ୍କୁଲ୍‌ର ୨୩ତମ ବାର୍ଷିକ ଉତ୍ସବ ସଏଦ ମମତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନଗରବନ୍ଧୁ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ନଗରବନ୍ଧୁ ଇଞ୍ଜିନିୟର ଗିରିଜାନନ୍ଦନ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ନୂଆପଲ୍ଲୀ ଗ୍ରାମ ଉନ୍ନୟନ କମିଟିର ସମ୍ପାଦକ ବରିଷ୍ଠ ନାଗରିକ ନଟବର ସାମନ୍ତରାୟ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଗୌତମ ବେହେରା ଏବଂ ଅନ୍ୟତମ ଅତିଥି ଭାବେ ଉତ୍କଳ ଜ୍ୟୋତି ଫାଉଣ୍ଡେସନର ଅଧ୍ୟକ୍ଷା କୁମାରୀ ରଶ୍ମୀରାଣୀ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଧନୁର୍ଜୟ ମାହାର ସ୍ୱାଗତ ଭାଷଣ ଦେବା ସହ ବାସନ୍ତୀ ମାହାର ବାର୍ଷିକ ବିବରଣୀ ପାଠ କରିଥିଲେ। ମାଷ୍ଟର ଅରିନ୍ଦମ ମାହାର ପୂର୍ବତନ ଛାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବ୍ୟା ତନୁଶ୍ରୀ ଦାସ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ବିଷ୍ଣୁପ୍ରିୟା ଜେନାଙ୍କ ପରିଚାଳନାରେ ପୁରସ୍କୃତ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭର ପୂର୍ବରୁ ଏବଂ ପରେ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ ଓ କସ୍ତୁରୀ ମାଳିନୀ ସାହୁ, ନିବେଦିତା ଜେନାଙ୍କ ପରିଚାଳନାରେ ନୃତ୍ୟଗୁରୁ ଆଶୁତୋଷ ସାମନ୍ତରାୟଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାପସ କୁମାର ଦାସଙ୍କ ତତ୍ତ୍ୱାବଧାନରେ କ୍ରିଷ୍ଣା ହରିଚନ୍ଦନ, ସିମାଞ୍ଚଳ ବେହେରା, କୃପାସିନ୍ଧୁ ପରିଡ଼ା, ପ୍ରଶାନ୍ତ ଜେନା (କାଳିଆ ବାବା), ତିଲୋତ୍ତମା ସାହୁ, ନମିତା ପାତ୍ର, ନିବେଦିତା ଡ଼ୋରା ପ୍ରମୁଖଙ୍କ ସହଯୋଗ କରିଥିଲେ।

● ମାଫିଆଙ୍କ ଟାର୍ଗେଟରେ ସିଜୁପୁଟର ଅନାବାଦୀ

## ୫ ଏକର ଜମିରେ ମୋରମ୍ ଖଣି



ଭୁବନେଶ୍ୱର, ୨୩।୩ (ସମିସ): ଧୀରେ ଧୀରେ ରାଜଧାନୀ ମୁହାଁ ହେଉଛି ମୋରମ୍ ଖଣି। ପୂର୍ବରୁ ମଦନପୁର, ଛତାବର, ଯାଆଁଳା ପଞ୍ଚାୟତରେ ବେଆଇନ ମୋରମ୍ ଖନନ ହେଉଥିବା ବେଳେ ଏବେ ତାହା ତମାଣ୍ଡୋକୁ ବ୍ୟାପିଛି। ପଞ୍ଚାୟତ ଅଧୀନସ୍ଥ ସିଜୁପୁଟକୁ ଟାର୍ଗେଟ କରିଛନ୍ତି ମୋରମ୍ ମାଫିଆ। କ୍ରିକେଟ୍ ପଡ଼ିଆକୁ ଲାଗି ରହିଥିବା ଜମି ଉପରେ ନଜର ପକାଇଛନ୍ତି।

ତମାଣ୍ଡୋ ପଞ୍ଚାୟତର ସିଜୁପୁଟ ଗାଁରେ ରହିଛି ମଙ୍ଗଳା ମନ୍ଦିର ଓ କ୍ରିକେଟ୍ ପଡ଼ିଆ। ସିଜୁପୁଟ ମୌଜାର ପ୍ଲଟ୍ ନଂ - ୪୮୧ ରେ ପ୍ରାୟ ୧୬ ଏକର ପରିମିତ ଅନାବାଦି ଜମି ରହିଥିବା ବେଳେ ସେଥିରେ ମନ୍ଦିର ଓ ଖେଳପଡ଼ିଆ ରହିଛି। କ୍ରିକେଟ୍ ପଡ଼ିଆ ଓ ଟାଉନ୍ ପ୍ଲାନିଙ୍ଗ୍ ପ୍ରକଳ୍ପ ମଝିରେ ଥିବା ଅନାବାଦୀ ଜମି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଅନ୍ଧକାରର ସୁଯୋଗ ନେଇ ଶହ ଶହ ଗଛକୁ କାଟି ସଫା କରି ଦେଇଛନ୍ତି।

ପ୍ରାୟ ୫ ଏକର ଅନାବାଦୀ ଜମିରୁ ଗଛର ଚିହ୍ନବର୍ଣ୍ଣ ଲିଭାଇ ଦେଇଛନ୍ତି ମାଫିଆ। ପ୍ରତିଦିନ ରାତିରେ ଜେସିବି ମେସିନ୍ ଲଗାଇ ମୋରମ୍ ଖୋଳିବା ସହ ରାତାରାତି ଶହ ଶହ ହାଇୱା (ଟ୍ରକ୍)

■ କାଟି ଦେଇଛନ୍ତି ମୂଲ୍ୟବାନ ଗଛ
■ ରାତିରେ ରେସିଂ କରୁଛି ହାଇୱା

ମୋରମ୍ ଚାଲାଣ ହେଉଛି। ସାରାରାତି ମୋରମ୍ ଚାଲାଣ ହେଉଥିବାରୁ ରାସ୍ତା ଘାଟ ଅବସ୍ଥା ନ କହିବା ଭଲ। ମୋରମ୍ ବୋଝେଇ ଟ୍ରକ୍ ଯାତାୟତ କରି ପିଚୁ ରାସ୍ତା ଉପରେ ମୋରମ୍ ଆସ୍ତରଣ କରିସାରିଲାଣି। ଲଗାତାର ମୋରମ୍ ଚାଲାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଧୂଳି ଉଡ଼ିବା ସହ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ହରାଇଲାଣି। ସଞ୍ଜ ନଇଁବା ଠାରୁ ରାତି ପାହିବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣ ସୀମା ଲଙ୍ଘୁଛି। କୋମଳମତି ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାତଃ ଭ୍ରମଣରେ ଯାଉଥିବା ବୟସ୍କଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହାର ଶିକାର ହେଉଛନ୍ତି। ମାଫିଆମାନେ ସରକାରୀ ଜମିରୁ ମୋରମ୍ ତାଡ଼ି ମାଲେମାଲ ହେଉଥିବା ବେଳେ ସାଧାରଣ ଲୋକ ଧୂଳିରେ ଅସ୍ତବ୍ୟସ୍ତ ହେଉଛନ୍ତି। ଏକମାସ ଧରି ଏଭଳି ମୋରମ୍ ଚାଲାଣ ହେଉଥିବାବେଳେ ଖଣି ବିଭାଗ ଠାରୁ ଆରମ୍ଭ କରି ପୁଲିସ ଯାଏଁ ସମସ୍ତେ ଚୁପ୍ ବସିଛନ୍ତି।

# ମଧ୍ୟବିତ୍ତଙ୍କୁ ସୁହାଉଛି 'ଶସ୍ତା' ସହର ଭୁବନେଶ୍ୱର

ଭୁବନେଶ୍ୱର, ୨୩।୩(ସମିସ): ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ହେଉ କି ପ୍ରଯୁକ୍ତି। ସବୁରି ପାଇଁ ଦରକାର ଏକ ମନ ପସନ୍ଦର ଭିତ୍ତିଭୂମି। ତାହା ପୁଣି ସୁଲଭ ଆଉ ଚାହିଦା ମୁତାବକ ହେବା ଦରକାର। ମହଙ୍ଗା ସମୟରେ ସବୁକିଛିର ଦରଦାମ ଆକାଶ ଛୁଆଁ ହେଉଥିବା ବେଳେ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ଓ ଆକର୍ଷଣ ସାଜିଛି ଭୁବନେଶ୍ୱର। ଜୀବନଧାରଣର ଖର୍ଚ୍ଚ ସବୁ ସହର ପାଇଁ ଯେତିକି ରହିଛି ତା ଠାରୁ କେଇଗୁଣା ଶସ୍ତା ଭୁବନେଶ୍ୱର। ଅର୍ଥାତ୍ ସମସ୍ତଙ୍କୁ ସୁହାଉଛି ଭୁବନେଶ୍ୱର।

ସୂଚନା ଅନୁଯାୟୀ, ଦେଶର ବିଭିନ୍ନ ସହରରେ 'ନୁମ୍ବେଓ' ନାମକ ଏକ ସଂସ୍ଥା ସର୍ଭେକରି ଯେଉଁ ତଥ୍ୟ ଦେଇଛି, ସେଥିରୁ ଜଣାପଡୁଛି ଯେ ବିଭିନ୍ନ ବିଭିନ୍ନ ସହରରେ ଜୀବନଧାରଣର ଖର୍ଚ୍ଚ ଅଲଗା ଅଲଗା ରହିଛି। ତେବେ ବଡ଼ ବଡ଼ ମେଟ୍ରୋ ସହର ମହଙ୍ଗା ହେବାକୁ ଲାଗିଛି। ଅନ୍ୟପକ୍ଷରେ ଜୀବନ ଧାରଣ ଖର୍ଚ୍ଚ ଦୃଷ୍ଟିରୁ କୋଲକାତା, ଚେନ୍ନାଇ ଏବଂ ଭୁବନେଶ୍ୱର ମଧ୍ୟବିତ୍ତ ଓ ଗରିବଙ୍କ ପାଇଁ ବାସୋପଯୋଗୀ ବୋଲି କୁହାଯାଇଛି। ଦେଶରେ ହାରାହାରି ଜଣେ ବ୍ୟକ୍ତିର ମାସିକ ଖର୍ଚ୍ଚ ୨୭ ହଜାର ୩୦୦ ଟଙ୍କା ରହିଥିବାବେଳେ ୪ ଜଣିଆ ପରିବାର ମାସିକ ଖର୍ଚ୍ଚ ୯୮ ହଜାର ଟଙ୍କା ରହିଛି। ଏଥିରେ ଘର ଭଡା ସାମିଲ କରାଯାଇ ନାହିଁ। କେବଳ ଖାଇବା, ଯାତାୟତ, ଆଉକିଛି ଅତ୍ୟାବଶ୍ୟକ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। 'ନୁମ୍ବେଓ' ରିପୋର୍ଟ ଅନୁଯାୟୀ ରହିବା ପାଇଁ ମୁମ୍ବାଇ ଏବଂ ଦିଲ୍ଲୀ ତୁଳନାରେ ଭୁବନେଶ୍ୱର ହେଉଛି ଶସ୍ତା ସହର।

### କାହା ମୁହଁରେ କେଉଁ କଥା



ମୋ ମତରେ ଭୁବନେଶ୍ୱର ଭଳି ସହର ରହିବା ପାଇଁ ଛାତ୍ର ଓ କର୍ମଜୀବୀଙ୍କ ପାଇଁ ଅଧିକ ସହଜ ଓ ଶସ୍ତା ଅଟେ। ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ତୁଳନାରେ ଏଠାରେ ଘର ଭଡା ଓ ଦୈନିକ ଖର୍ଚ୍ଚ ଅନେକ କମ୍। ଛାତ୍ର ହିସାବରେ ହଷ୍ଟେଲ, ପିଜି ଓ ଖାଦ୍ୟ ମୂଲ୍ୟ ନିୟନ୍ତ୍ରଣ ଭିତରେ ଥିବାରୁ ଅର୍ଥନୈତିକ ଚାପ କମ୍ ଲାଗେ। କର୍ମଜୀବୀଙ୍କ ପାଇଁ ଟ୍ରାଫିକ କମ୍, ଯାତାୟାତ ସହଜ ଓ କାର୍ଯ୍ୟସ୍ଥଳ ପହଞ୍ଚିବାରେ ସମୟ ବଞ୍ଚିଥାଏ। ସୁବିଧା ଭାବେ ସ୍ୱଚ୍ଛ ପରିବେଶ, ସୁରକ୍ଷିତ ଜୀବନଶୈଳୀ ଓ ଶାନ୍ତ ମାହୋଲ ମିଳିଥାଏ। ତଥାପି କିଛି ଅସୁବିଧା ଭାବେ ଭଲ ଚାକିରି ସୁଯୋଗ ଓ ନାଇଟଲାଇଫ ସୀମିତ ଥିବା ଅନୁଭବ ହୁଏ। ସଂକ୍ଷେପରେ କହିବାକୁ ଗଲେ, ଭୁବନେଶ୍ୱର ଛାତ୍ର ଓ କର୍ମଜୀବୀଙ୍କ ପାଇଁ ଶସ୍ତା ଓ ସୁବିଧାଜନକ।

-ଅବିନାଶ ସେନାପତି, ସିଏମ୍‌ଏ ଛାତ୍ର

- ଆଜିକାଲି ଜୀବନ ଜୀବିକାର ଖର୍ଚ୍ଚ ଦିନକୁ ଦିନ ବଢୁଛି। ଏହି ପରିସ୍ଥିତିରେ ଦେଶର ଅନେକ ମେଟ୍ରୋ ସହର ଯଥା ଦିଲ୍ଲୀ, ମୁମ୍ବାଇ ଓ ବ୍ୟାଙ୍ଗଲୋରରେ ରହିବା ଖୁବ ମହଙ୍ଗା। ସେ ତୁଳନାରେ ଭୁବନେଶ୍ୱର ଏକ ଶସ୍ତା, ସୁରକ୍ଷିତ ଓ ଶାନ୍ତ ସହର ଯାହା ଛାତ୍ର ଓ କର୍ମଜୀବୀ ଦୁହେଁ ପାଇଁ ଉପଯୁକ୍ତ। ଯଦି ଏଠାରେ ଅଧିକ ଚାକିରି ସୁଯୋଗ ଓ ଉନ୍ନତ ସୁବିଧା ବିକାଶ ହୁଏ, ତେବେ ଏହା ଭବିଷ୍ୟତରେ ଏକ ମୁଖ୍ୟ ମେଟ୍ରୋ ସହର ଭାବେ ଗଢ଼ିଉଠିବ। ସରକାର ଫାଇନାନ୍ସ ଓ ଟେକୋଲୋଜି ବ୍ୟବସାୟ ଉପରେ ଧ୍ୟାନ ଦେଲେ ଯୁବ ପିଢ଼ି ଓ କର୍ମଜୀବି ଉପକୃତ ହେବେ।



-ସୁଜିତ୍ କୁମାର ବେହେରା, କଷ୍ଟ୍ ଆକାଉଣ୍ଟାଣ୍ଟ



ମୋ ମତରେ ଭୁବନେଶ୍ୱର କେବେ ଶସ୍ତା ନୁହଁ। ଭୁବନେଶ୍ୱର ଉପକଣ୍ଠରେ ବିଭିନ୍ନ ପର୍ଯ୍ୟାୟରେ ନିଜର ବୃତ୍ତି ହେଉ ବା ଶିକ୍ଷା ହେଉ, ଅଧ୍ୟୟନ କରୁଥିବା ପିଲାଟି ବହୁତ ସଂଘର୍ଷ କରିବାକୁ ପଡ଼େ। ଅନ୍ୟ ରାଜ୍ୟର ସହର ଅପେକ୍ଷା ଭୁବନେଶ୍ୱର କଥା କହିବି, ଭୁବନେଶ୍ୱର କାହାକୁ ନିରାଶ କରେନି। କାରଣ ସବୁ ଲୋକଙ୍କର ଏବଂ ସବୁ ପ୍ରକାରର ଲୋକଙ୍କର କର୍ମ ନିଯୁକ୍ତି, କର୍ମର ବ୍ୟବସ୍ଥା ଏ ସହରରେ ରହିଛି। ହେଲେ ଭୁବନେଶ୍ୱର କେବେ ହେଲେ ଶସ୍ତା ବୋଲି ମୁଁ କହିପାରିବିନି। କାରଣ ଏଠାରେ ଖାଇବା, ରହିବା ଏବଂ ପାଣି ପର୍ଯ୍ୟନ୍ତ ଯଥେଷ୍ଟ ଅଧିକ ଟଙ୍କା ଦେଇ ଜଣେ ମଧ୍ୟବିତ୍ତ ପରିବାର ବସବାସ କରୁଛି। ଆମ ରାଜ୍ୟର ଅନ୍ୟ ସହରଗୁଡିକ ଅପେକ୍ଷା ଏଠି ସବୁ ଜିନିଷର ମୂଲ୍ୟ ଅଧିକ ଦେବାକୁ ପଡ଼ିଥାଏ। କିନ୍ତୁ ଏତିକି କହିବି କର୍ମ କ୍ଷେତ୍ରରେ ରାଜାଧାନୀ ଭୁବନେଶ୍ୱର କେବେ କାହାରିକୁ ନିରାଶ କରିନାହିଁ।

-ଚିନ୍ତାମଣି ବିଶ୍ୱାଳ, ଚିତ୍ରଶିଳ୍ପୀ



ଏ ସହରରେ ବିଭିନ୍ନ ସ୍ଥାନରୁ ବିଭିନ୍ନ ରାଜ୍ୟରୁ ଲୋକ ଆସି ବସବାସ କରନ୍ତି। ଏହି ସହରଟି ଶସ୍ତା ବୋଲି ଏଥିପାଇଁ କହିପାରିବା କାରଣ, ଏଠି ଜଣେ ଦିନ ମଜୁରିଆ ବା ଶ୍ରମିକ ଶ୍ରେଣୀର ଲୋକଙ୍କଠାରୁ ଆରମ୍ଭ କରି ଧନୀକ ଶ୍ରେଣୀର ଲୋକ ମଧ୍ୟ ବସବାସ କରିଥାନ୍ତି। ଅନ୍ୟ ରାଜ୍ୟ ବା ମେଟ୍ରୋ ସହରର ତୁଳନାରେ ଏହି ସହରଟି ସବୁ ପ୍ରକାରର ସୁବିଧା ଯୋଗାଇବା ସହ ସବୁ ବର୍ଗର ଲୋକଙ୍କୁ କର୍ମ ନିଯୁକ୍ତି ଦେଇ ପାରିଛି। ଆହୁରି ସୁବିଧା ଯୋଗାଇଛି ସରକାରଙ୍କ ଆହାର କେନ୍ଦ୍ରର ୫ ଟଙ୍କାରେ ଭାତ ଡାଲମାଠାରୁ ଆମ ବସର ସୁବିଧା ଲୋକ ଏଠାରେ ଉଠାଇ ପାରୁଛି। ତେଣୁ ଏ ସହଟି ଅନ୍ୟ ସ୍ଥାନ ଅପେକ୍ଷା ଶସ୍ତା ବୋଲି କହିବି।

-ସରୋଜ ଚୌଧୁରୀ, ଅଧ୍ୟକ୍ଷ, ରାଜଧାନୀ ମହାବିଦ୍ୟାଳୟ



## ସାମ୍ରାଜ୍ୟବାଦ ବିରୁଦ୍ଧରେ

# 'ଯୁଦ୍ଧ ନୁହେଁ-ଶାନ୍ତି ଚାହୁଁ' ଆଲୋଚନା




ଭୁବନେଶ୍ୱର, ୨୩।୩(ସମିସ): ସହିଦ ଭଗତ ସିଂଙ୍କ ସହିଦ ଦିବସକୁ ଦେଶବ୍ୟାପୀ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ପାଳନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ପରିଷଦର ଆହ୍ୱାନରେ, ସୋମବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ବିଶ୍ୱର ପ୍ରାକୃତିକ ସମ୍ପଦ ଉପରେ ସାମ୍ରାଜ୍ୟବାଦୀ ଆମେରିକାର ଜବରଦଖଲ ଓ ଯୁଦ୍ଧ ନାମରେ ନରସଂହାର ବନ୍ଦ କରିବା ଦାବିରେ 'ଯୁଦ୍ଧ ନୁହେଁ - ଶାନ୍ତି ଚାହୁଁ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଯୋଗଦେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଆମେରିକାର ଏକଛତ୍ରବାଦୀ ଯୁଦ୍ଧଖୋର ମନୋବୃତ୍ତି ସମଗ୍ର ବିଶ୍ୱକୁ ଧ୍ୱଂସ ଆଡ଼କୁ ଠେଲି ଦେଉଛି ବୋଲି ମତବ୍ୟକ୍ତ କରିଥିଲେ। ଯୁଦ୍ଧ ଅବିଳମ୍ବେ ବନ୍ଦ କରିବା ପାଇଁ ମିଳିତ ଜାତିସଂଘ ଦୃଢ଼ ପଦକ୍ଷେପ ନେବା ସହ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା, ଇରାନ, ଭେନେଜୁଏଲା ଭଳି ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ ବନ୍ଦ କରିବା, ଜନବିରୋଧୀ ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ କରିବାକୁ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ଦାବି କରିଥିଲେ। ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇର ବରିଷ୍ଠ ନେତା, ପ୍ରାକ୍ତନ ରାଜ୍ୟ ସମ୍ପାଦକ ସାଥୀ ଆଶିଷ କାନୁନ୍‌ଗୋ, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଅମିୟ କୁମାର ମହାନ୍ତି ପ୍ରମୁଖ ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଜନଗଣଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଜୋନ କମିଟି ସମ୍ପାଦକ କୈଳାସ ପୁହାଣ, ଅଧ୍ୟାପକ ଆଭାଷ ବରାଳ, ପ୍ରଫୁଲ୍ଲ ତ୍ରିପାଠୀ, ରମେଶ ପ୍ରଧାନ, ନମିତା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍କୁଲ୍‌ରେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର

ବାଲିପାଟଣା, ୨୩।୩(ସମିସ): ଚଳିତ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟଗୁଡ଼ିକରେଆଗାମୀଏପ୍ରିଲ୨ତାରିଖରେଖଡ଼ିଛୁଆଁଓପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସ ସ୍କୁଲ ଯିବା ଅଭିଯାନରେ ମଧ୍ୟ ବିଦ୍ୟାଳୟ ବାହାରେ ଥିବା ୫ ରୁ ୧୮ ବର୍ଷର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ। ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମସ୍ତ ଅଭିଭାବକମାନଙ୍କୁ ଏକ ପତ୍ରଲେଖି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।



ସୋମବାର ବାଲିପାଟଣା ବ୍ଲକସ୍ତରରେ ଏହି ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ତରଡ଼ାପଡ଼ା ଉପ୍ରା ବିଦ୍ୟାଳୟ ଅଞ୍ଚଳରେ ଶୁଭାରମ୍ଭ ହୋଇଥିଲା। ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ବିଇଓ ଡ଼ ପ୍ରଭାତ କୁମାର ରଥ ଉପସ୍ଥିତ ରହି ନାମ ଲେଖାଇବାକୁ ଥିବା ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସି ମମିତା ଦଳାଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାସ ସହଯୋଗ କରିଥିଲେ। ବିଇଓଙ୍କ ସହିତ ସିଆର୍‌ସିସି ଝୁନୀ ଦେଇ, ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ରତ୍ନାକର ବେହେରା, ବଳରାମ ପଣ୍ଡା ଓ ସମଗ୍ର ବ୍ଲକ ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ ଏବିଇଓ ଯଶୋଦା ସାହୁ, ବିଜୟ କୁମାର ବେହେରା ସେହି କ୍ଲଷ୍ଟରର ସିଆର୍‌ସିସି ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ନେଇ ଗାଁଆ ଗାଁଆ ବୁଲି ପତ୍ର ବଣ୍ଟନ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର




ଭୁବନେଶ୍ୱର, ୨୩।୩(ସମିସ): 'ଏକୀକୃତ ଭାରତୀୟ ଜ୍ଞାନ ପରମ୍ପରା ଓ ଓଡ଼ିଶା ଅଧ୍ୟାୟ' ସମ୍ପର୍କିତ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜଗନ୍ନେଶ୍ୱର ଦଣ୍ଡପାଟ ଉଦ୍‌ଘାଟନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଓ ଆନ୍ତର୍ଜାତୀୟ ସମ୍ମାନର ନିର୍ଦ୍ଦେଶିକା ପ୍ରଫେସର ଜୟନ୍ତୀ ଦୋରା ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ଏକ୍ସୁଡ଼ିଶାଳ ବୋଲି ପ୍ରଫେସର ଦୋରା ଉପସ୍ଥାପନା କରିଥିଲେ। ଡ. ପାରେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ବିଭାଗ ପ୍ରାକ୍ତନ ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ, ଡ. ଉଦିଆ ଜିନା ଦାସ, ପ୍ରଫେସର ସଦାଶିବ ପ୍ରଧାନ, ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ପ୍ରଫେସର ଏଚ୍ ସୁଧିର କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ 'ସଦାଶିବ' ଉନ୍ମୋଚନ ହୋଇଥିଲା। ଶେଷରେ ଡ. ଅଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କିମ୍‌ସରେ ପେଡ଼ିଆଟ୍ରିକ୍ସ ଅପଡେଟ୍ ୨.୦

ଭୁବନେଶ୍ୱର, ୨୩।୩(ସମିସ):ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ୍ ଅଭ୍ୟାସ ବିନିମୟ ପାଇଁ କିମ୍‌ସ ଶିଶୁ ରୋଗ ବିଭାଗ ପକ୍ଷରୁ 'କିମ୍‌ସ ପେଡ଼ିଆଟ୍ରିକ୍ସ ଅପଡେଟ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦ୍‌ରୋଗ ଓ ଟିକା ସମ୍ବନ୍ଧୀୟ ଅପଡେଟ୍ ସମ୍ପର୍କରେ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କିମ୍‌ସ ଶିଶୁ ରୋଗ ବିଭାଗ ମୁଖ୍ୟ ଡ. ସେବାରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡ. ଆର. ସି. ଦାସ ଯୋଗଦେଇ କିମ୍‌ସରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡିକୁ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡ. ପ୍ରମୋଦ ଯୋଗ ଚିକିତ୍ସା ଅଭ୍ୟାସରେ କରୁଣା ଓ ମାନବିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



କିମ୍‌ସ ମେଡିକାଲ ଅଧୀକ୍ଷକ ଡ. ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡ. ନିର୍ମଳ ମହାକୁଡ଼ଙ୍କ ସମେତ ବହୁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# 'ଭାରତ ଏକ ସାଥ' ୱାକାଥନ୍




ଭୁବନେଶ୍ୱର, ୨୩।୩(ସମିସ): ଟାଟା ଗ୍ରୁପର ଇଣ୍ଡିଆନ୍ ହୋଟେଲସ୍ କମ୍ପାନୀ ଲିମିଟେଡ୍ (ଆଇଏଚ୍‌ସିଏଲ) ମାଧ୍ୟମରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ 'ଭାରତ ଏକ ସାଥ' ୱାକାଥନର ଆୟୋଜନ ହୋଇଯାଇଛି। ହୋଟେଲ୍ ତାଜ, ସେଲେକ୍ସନ୍ସ, ଭିଭାନ୍ତା ଏବଂ ଜିଞ୍ଜର ଭଳି ବ୍ରାଣ୍ଡ ସମେତ ବିଶ୍ୱବ୍ୟାପୀ ୬୧୫ ରୁ ଅଧିକ ହୋଟେଲ ସହିତ, ଆଇଏଚ୍ ସିଏଲର ସହଭାଗିତାରେ ସାମାଜିକ ପରିବର୍ତ୍ତନକୁ ସହଜ କରିବା ପାଇଁ ଏହି ଶିଳ୍ପ ଏପରି ପ୍ରୟାସର ନେତୃତ୍ୱ ନେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ଦି କ୍ରାଉନ୍ ଆଇଏଚ୍ ସିଏଲ ସିଲେକ୍ସନ୍ସର ମହାପ୍ରବନ୍ଧକ ରଞ୍ଜନ ଦାସ ଯୋଗ ଦେଇଥିଲେ।

# କବି ମନମୋହନ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର, ୨୩।୩(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମନମୋହନ ମିଶ୍ର ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କବି ମନମୋହନ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହୋଇଛି। ବିଶିଷ୍ଟ କଥାକାର, ସାହିତ୍ୟିକ ଓ ସ୍ତମ୍ଭକାର ଡକ୍ଟର ଗୌରହରି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା ଯୋଗଦାନ କରି କବି ମନମୋହନ ମିଶ୍ର କିପରି ଓଡ଼ିଆ ଜନମାନସରେ ତଥା ଓଡ଼ିଆ ସମାଜରେ ଜଣେ ସମାଜବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରଗତିଧର୍ମୀ ଭାବେ ସୁପରିଚିତ ହୋଇପାରିଥିଲେ ଏ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ସାହିତ୍ୟିକ ଡକ୍ଟର ଫଣୀନ୍ଦ୍ର କୁମାର ନନ୍ଦ ମୁଖ୍ୟବକ୍ତା ଭାବେ, ସାହିତ୍ୟିକ, କବି ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଅମରେଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନମୋହନ ମିଶ୍ରଙ୍କ ପରିବାର ତରଫରୁ ଶାନ୍ତି ମିଶ୍ର ଉପସ୍ଥିତ ହୋଇ କବିଙ୍କ ସ୍ମୃତିଚାରଣ କରିଥିଲେ।

# ଆଇନ ଓ ସଂକ୍ରାନ୍ତରେ ସୋଆ ପକ୍ଷରୁ ବକ୍ତୃତାମାଳା

ଭୁବନେଶ୍ୱର, ୨୩।୩(ସମିସ): ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ମୂରହରୀ ଶ୍ରୀ ରମଣ ଯୋଗ ଦେଇ କହିଛନ୍ତି, ଜଣେ ଆଇନଜୀବୀଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ବିଶ୍ୱସ୍ତ ରହିବା ସହ ନିର୍ଭୀକ ତଥା ସ୍ୱାଧୀନ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ହେବା ଆବଶ୍ୟକ। ଜଣେ ଆଇନ ଶିକ୍ଷାର ବିଦ୍ୟାର୍ଥୀ ସାରା ଜୀବନ ଆଇନକୁ ଅଧ୍ୟୟନ କରିବା ଆବଶ୍ୟକ ଏବଂ ଆଇନଜୀବୀମାନେ ନିଜର ବୁଦ୍ଧିମତା ଉପରେ ଅଧିକ ନିର୍ଭର କରିବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ବରିଷ୍ଠ ପ୍ରଫେସର ମଧୁସୂଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୩।୩(ସମିସ): ଗଣ୍ଡମୁଣ୍ଡାଠାସ୍ଥିତ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'ର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ହସ୍ତତନ୍ତ ଓ ବୟନ ନିର୍ଦ୍ଦେଶକ ସୋମେଶ କୁମାର ଉପାଧାୟ ଏବଂ ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଦର୍ଶକମାନଙ୍କ ପାଇଁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିଲା। ଏହାସହ ମନୋରଞ୍ଜନ ନିମନ୍ତେ ସିତାର, ତବଲା ବାଦନ ସହ ଓଡ଼ିଶୀ ଓ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଂଗ୍ରହାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ



ଭୁବନେଶ୍ୱର, ୨୩।୩(ସମିସ): ବିଜେବି ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ ଏବଂ ଶପଥ ପାଠ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଜେବି ଫ୍ରେଣ୍ଡସ୍‌ର ବିଶ୍ୱପ୍ରକାଶ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ରୁଦ୍ର ନାରାୟଣ ସାମନ୍ତରାୟ ସାଧାରଣ ସମ୍ପାଦକ, ମିହିର କାନ୍ତ ପ୍ରହରାଜ କୋଷାଦକ୍ଷଙ୍କ ସହିତ ୧୨ ଜଣ ସଭ୍ୟ ଯଥା କ୍ରମେ ବିଶ୍ୱରଞ୍ଜନ ସାହୁ, ଅରବିନ୍ଦ ପ୍ରସାଦ ବଳ, ଦିଲ୍ଲୀପ କୁମାର ସେନାପତି, ତିରୁପତି ପ୍ରସାଦ ପଣ୍ଡା, ଅମର ମହାପାତ୍ର, ସୁଚିତ୍ରା ସାହୁ, ବିଶ୍ୱ ବିଜୟ ବକ୍ସି ଆଚାର୍ଯ୍ୟ, କଳ୍ପତରୁ ଓଝା ପ୍ରମୁଖ କାର୍ଯ୍ୟକାରୀ କମିଟି ଭାବରେ ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତି କ୍ରମେ ମହାବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଶପଥ ନେବା ସହିତ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ମଧ୍ୟ ଚେଷ୍ଟା କରିବେ ବୋଲି କହିଥିଲେ।

# ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ବୈଠକ

ଭୁବନେଶ୍ୱର, ୨୩।୩(ସମିସ):ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ସମିତିର ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ରଙ୍କ ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପକ୍ଷରୁ ସାଂସଦ ପାଣ୍ଠିରୁ ପ୍ରତ୍ୟେକ ଦୁର୍ଗାପୂଜା ମଣ୍ଡପକୁ ୧ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ସମ୍ପର୍କରେ ପୂର୍ବ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ଔପଚାରିକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମିତିର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ ବୈଠକକୁ ସଂଯୋଜନା କରିଥିବା ବେଳେ ବୈଠକରେ ଡମଣା ଦୁର୍ଗାପୂଜା କମିଟି ପ୍ରତିଷ୍ଠାତା ସଭାପତି ନିଶାକର ସାହୁ, ହାଉସିଂ ବୋର୍ଡ ଦୁର୍ଗାପୂଜା କମିଟି ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




# ଶ୍ରୀମଦ୍ ଭଗବତ୍‌ଗୀତା ସଂକ୍ରାନ୍ତରେ ଆଲୋଚନା

ଭୁବନେଶ୍ୱର, ୨୩।୩(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ, କାଉନସେଲିଂ ଓ ୱେଲନେସ ସେଣ୍ଟର୍ ସହ ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଯୁବସମାଜର ସମସ୍ୟା ଓ ସମାଧାନ ଦିଗରେ ଶ୍ରୀମଦ୍ ଭଗବତ୍‌ଗୀତାର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ରରେ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, କୁଳସଚିବ ମନସ୍ୱିନୀ ସାହୁ, ସଂସ୍କୃତ ବିଭାଗର ଡ. ଅଖିଳ ରଞ୍ଜନ ପାର୍ହି ପ୍ରମୁଖ ଛାତ୍ରୀମାନଙ୍କୁ ଗୀତାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ସମ୍ପାଦକ ସୁଯୋଗ୍ୟ ମିଶ୍ର ଟ୍ରଷ୍ଟର ବିଷୟରେ ଆଲୋଚନା କରିଥିଲେ। ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ସାୟନ୍ତନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ଡ. ନୀଳମାଧବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# 'ମହିଳା ଉଦ୍ୟମିତା: ସୁଯୋଗ ଏବଂ ଆହ୍ୱାନ' ଶୀର୍ଷକ ସେମିନାର୍

ଭୁବନେଶ୍ୱର, ୨୩।୩(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ 'ମହିଳା ଉଦ୍ୟମିତା: ସୁଯୋଗ ଏବଂ ଆହ୍ୱାନ' ଶୀର୍ଷକରେ ଏକ ସେମିନାର ଆଜି ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ଜ୍ୟୋତିର୍ମୟୀ ଉଦଗାତା ସ୍ୱାଗତ ଭାଷଣ ପ୍ରଦାନ କରି ସେମିନାରର ବିଷୟ ଓ ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳସଚିବ ମନସ୍ୱିନୀ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଉଦ୍ୟୋଗର କାର୍ଯ୍ୟକାରିତା ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କୃଷିରେ ମହିଳାଙ୍କ ନିମନ୍ତେ କେନ୍ଦ୍ରୀୟ ଗବେଷଣା ସଂସ୍ଥାର ବୈଜ୍ଞାନିକ ଡ. ଗାୟତ୍ରୀ ମହାରଣା ଯୋଗଦେଇ ମହିଳା ଉଦ୍ୟମିତାର ସୁଯୋଗ ଏବଂ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ସ୍ନାତକ ଛାତ୍ରୀ ମୋନାଲିସା ସାହୁଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଡ. ସୂର୍ଯ୍ୟମଣି ପାତ୍ରଙ୍କ ସମେତ ଡ. ସରିତା ମିଶ୍ର, ଡ. ଅନୁଶ୍ରୀୟା ସାହୁ, ହେଲିନା ତି, ମୋନାଲିସା ମୁଣ୍ଡା, ଡ. ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ସହଯୋଗ କରିଥିବାବେଳେ ସହକାରୀ ପ୍ରାଧ୍ୟାପିକା ବିଆର୍. ଆଭା ଆୟୁଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଓୟୁଟିଆର୍‌ରେ 'ଏମର୍ଜିଙ୍ଗ ଟ୍ରେଣ୍ଡସ୍ ଇନ୍ କେମିକାଲ୍ ସାଇନ୍ସେସ୍' ସେମିନାର

ଭୁବନେଶ୍ୱର, ୨୩।୩(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସେସ୍ ଏଣ୍ଡ ହ୍ୟୁମାନିଟିଜ୍ (ରସାୟନ ବିଜ୍ଞାନ ବିଭାଗ) ପକ୍ଷରୁ 'ଏମର୍ଜିଙ୍ଗ ଟ୍ରେଣ୍ଡସ୍ ଇନ୍ କେମିକାଲ୍ ସାଇନ୍ସେସ୍' ଶୀର୍ଷକ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ସହଭାଗିତା ମାଧ୍ୟମରେ ଗବେଷଣା କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଆଧୁନିକ ଶିକ୍ଷା ପ୍ରଣାଳୀରେ ଗବେଷଣାକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ସହର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସଂଯୁକ୍ତ ପ୍ରୟାସ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ମଣିଷର ଜୀବନ ପ୍ରଣାଳୀକୁ ଅଧିକ ସହଜ ଓ ସରଳ କରିବା ପାଇଁ ନୂତନ ଉଦ୍‌ଭାବନ କରିବାକୁ ଛାତ୍ରଛାତ୍ରୀ ଏବଂ ଗବେଷକଙ୍କୁ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀର ସଂଯୋଜକ ଭାବେ ପ୍ରଫେସର ବିଜ୍ଞାନ ରଞ୍ଜନ ଦାସ, ସହ-ସଂଯୋଜକ ଭାବେ ଡ. ଆଲଫା ଶର୍ମା ଓ ଡ. ବିଶ୍ୱଜିତ ସାମନ୍ତରାୟ କାର୍ଯ୍ୟରେ ସହଯୋଗ କରିଛନ୍ତି। ସେହିପରି ବିଭିନ୍ନ ବୈଷୟିକ ସତ୍ରରେ ପ୍ରସିଦ୍ଧ ବୈଜ୍ଞାନିକ ଓ ଶିକ୍ଷାବିତମାନେ ଯୋଗଦେଇ ଗବେଷଣା ଓ ଅଭିଜ୍ଞତା ବାଣ୍ଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି। ପ୍ରଫେସର କେକେ. ନନ୍ଦ, ପ୍ରଫେସର ଦେବବ୍ରତ ପ୍ରଧାନ, ଡ. ମଳୟ କୁମାର ରଣା, ଡ. ରତି ରଞ୍ଜନ ନାୟକ, ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ, ପ୍ରଫେସର ଉମାପ୍ରସନ୍ନ ଓଝା ଓ ଡ. ନିମାଇ ମିଶ୍ର ପ୍ରମୁଖ ବିଭିନ୍ନ ଶିର୍ଷକରେ ନିଜର ରିଜର୍ଚ୍ଚ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକ ଓ ଶିକ୍ଷାବିତଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନୂତନ ଉଦ୍ଭାବନର ପଥ ପ୍ରସ୍ତୁତ କରିଛନ୍ତି।

